ପୃଷ୍ଠା–୧୨+୮

49

# ଧରିତ୍ରୀ
DHARITRI

୪୯

ଭୁବନେଶ୍ୱର, ରବିବାର, ଡିସେମ୍ବର ୪/୨୦୨୨ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 4/2022 Page 20 ₹ 7.00 | ★★★★★★

୪୯ଶ ଭାଗ ୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 11 ମୂଲ୍ୟ₹୭/-

DSPL-346

ODISHA
NEW OPPORTUNITIES

# LAST DAY

# OPEN FOR PUBLIC

MAKE IN
ODISHA
CONCLAVE'22
BHUBANESWAR | 30 NOV-04 DEC | 2022



**Shri Naveen Patnaik**
Hon'ble Chief Minister, Odisha

**04th DEC. 2022 | JANATA MAIDAN | BHUBANESWAR**

**Exhibition**
(11.00 am onwards)

**Food Court**

**Mega Cultural Program**
(5.30 pm onwards)

**COME, JOIN THE JUGGERNAUT**

**No pass required for visitors | Entry: From Gate 1 & Gate 2**

Industry Partner FICCI

Investment Promotion Advisor pwc

Country Partners: Germany, Japan, Norway




OIPR-14005/13/0049/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୪ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ୫ରୁ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି

**ନୂଆଦିଲ୍ଲୀ,୩।୧୨(ପି.ଟି.):** ୨୪ତମ ପର୍ଯ୍ୟାୟ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ପ୍ରସ୍ତାବକୁ କେନ୍ଦ୍ର ସରକାର ଶନିବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆସନ୍ତା ୫ ତାରିଖରୁ ଏହି ବଣ୍ଡ୍ ବିକ୍ରି ଆରମ୍ଭ ହେବ। ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ କରାଯାଇଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏହାର ୨୯ଟି ଶାଖା ଜରିଆରେ ୨୪ତମ ପର୍ଯ୍ୟାୟ ଇଲେକ୍ଟୋରାଲ ବଣ୍ଡ୍ ଇସ୍ୟୁ କରିବା ସହ ଏହାକୁ ଏନ୍‌କ୍ୟାଶ କରିବା ଲାଗି ଅନୁମତି ମିଳିଛି। ଡିସେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ବଣ୍ଡ୍ ବିକ୍ରି ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୨୩ତମ ପର୍ଯ୍ୟାୟ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ନଭେମ୍ବର ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

### ରାଜ୍ୟପାଳ ନିଯୁକ୍ତି ଲାଗି ମାପଦଣ୍ଡ ରହୁ: ଉଦ୍ଧବ



**ମୁମ୍ବାଇ,୩।୧୨:** ରାଜ୍ୟପାଳ ପଦବୀ ଲାଗି କୌଣସି ବ୍ୟକ୍ତିଙ୍କୁ ଚୟନ କଲାବେଳେ ଏଥିପାଇଁ କେତେକ ମାପଦଣ୍ଡ ରହିବା ଆବଶ୍ୟକ ବୋଲି ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ଅଧକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି। ଛତ୍ରପତି ଶିବାଜୀ ମହାରାଜ, ସମାଜ ସଂସ୍କାରକ ଜ୍ୟୋତିବା ଫୁଲେ ଏବଂ ସାବିତ୍ରୀବାଈ ଫୁଲେଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶ୍ୟାରି ଅସମ୍ମାନିତ କରିଆସୁଛନ୍ତି। ରାଜ୍ୟପାଳ ହେଉଛନ୍ତି ଭାରତର ରାଷ୍ଟ୍ରପତିଙ୍କ ପ୍ରତିନିଧି। ଏଭଳି ପଦବୀରେ କେଉଁମାନେ ନିଯୁକ୍ତ ହୋଇପାରିବେ ସେଥିପାଇଁ ମାପଦଣ୍ଡ ରହିବା ଉଚିତ। ଏଭଳି ନିୟମାବଳୀ ପ୍ରଣୟନ ଲାଗି ଉଦ୍ଧବ ଦାବି କରିଛନ୍ତି।

### ହସ୍ପିଟାଲରୁ ୧.୫ ଲକ୍ଷ ରୋଗୀଙ୍କ ତଥ୍ୟ ବିକ୍ରି

**ନୂଆଦିଲ୍ଲୀ,୩।୧୨:** ତାମିଲନାଡୁର ଶ୍ରୀ ସରନ ମେଡିକାଲ ସେଣ୍ଟରରୁ ୧.୫ ଲକ୍ଷ ରୋଗୀଙ୍କ ବ୍ୟକ୍ତିଗତ ତଥ୍ୟକୁ ହ୍ୟାକରମାନେ ଅନ୍‌ଲାଇନରେ ବିକ୍ରି କରିଦେଇଛନ୍ତି। କ୍ଲାଉଡ୍‌ସେକ୍ ନାମକ ସଂସ୍ଥା ଏହି ଡାଟା ଚୋରିକୁ ଧରିଛି। ତୃତୀୟ ପକ୍ଷ ଭେଣ୍ଡର ଏବଂ ୩ କ୍ୟୁବ୍ ଆଇଟି ଲାବ୍ ମାଧ୍ୟମରେ ୨୦୦୭ରୁ ୨୦୧୧ ମଧ୍ୟରେ ରୋଗୀମାନଙ୍କ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରାଯାଇ ସାଇବର କ୍ରାଇମ୍ ଫୋରମ୍ ଏବଂ ଏକ ଟେଲିଗ୍ରାମ ଚ୍ୟାନେଲ ଜରିଆରେ ବିକ୍ରି କରାଯାଇଛି।

### ଗ୍ୟାଙ୍ଗଷ୍ଟର ରାଜୁ ଥେଠ୍ ନିହତ



**ଜୟପୁର,୩।୧୨:** ଗ୍ୟାଙ୍ଗଷ୍ଟର ରାଜୁ ଥେଠ୍ ଏକ ଗ୍ୟାଙ୍ଗୱାରରେ ନିହତ ହୋଇଛନ୍ତି। ଶନିବାର ସକାଳେ ରାଜସ୍ଥାନର ଶେଖୱତି ଅନ୍ତର୍ଗତ ପିପ୍ରାଲି ରୋଡ ଅଞ୍ଚଳରେ ଥିବା ନିଜ ଘର ସମ୍ମୁଖରେ ରାଜୁଙ୍କୁ ୪ ଜଣ ଗୁଳିକରି ହତ୍ୟା କରିଛନ୍ତି। ଆକ୍ରମଣ ସମୟର ଭିଡିଓ କରୁଥିବା ଅନ୍ୟ ଜଣକୁ ମଧ ଆକ୍ରମଣକାରୀ ମାରି ଦେଇଛନ୍ତି। ୧୯୯୫ରୁ ରାଜୁ ଅପରାଧ ଦୁନିଆରେ ପ୍ରବେଶ କରିଥିଲେ। ତାଙ୍କ ନାଁରେ ବହୁ ଅପରାଧ ମାମଲା ରହିଛି। ସେ ୩ ମାସ ହେଲା ଜାମିନରେ ବାହାରିଥିଲେ।

### ମନିଲଣ୍ଡରିଂ ମାମଲାରେ ୨୮୯ ଟନ୍ ଗୁଆ ଜବତ କଲା ଇଡି

**ନୂଆଦିଲ୍ଲୀ,୩।୧୨(ପି.ଟି.):** ଏକ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନାଗପୁର ଓ ମୁମ୍ବାଇର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୮୯ ଟନ୍‌ରୁ ଊର୍ଦ୍ଧ୍ୱ ଇଣ୍ଡୋନେସିଆ ଗୁଆ ଜବତ କରିଛି। ଏହି ଗୁଆ ଦାମ୍ ୧୧.୫ କୋଟି ଟଙ୍କା ହେବ। ଇଣ୍ଡୋନେସିଆରୁ ଏହାକୁ ଚୋରାଚାଲାଣ କରାଯାଇଥିବା ଇଡି କହିଛି। ନାଗପୁରର ବ୍ୟବସାୟୀମାନେ କେତେଜଣ ସରକାରୀ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା କରି ଇଣ୍ଡୋନେସିଆରୁ ନିମ୍ନ ମାନର ଗୁଆ ଚୋରାଚାଲାଣ କରୁଥିବା ନେଇ ଗତବର୍ଷ ମାର୍ଚ୍ଚରେ ସିବିଆଇ ଏତଲା ଦାଏର କରିଥିଲା। ଜାଲ୍ କାଗଜପତ୍ର ଜରିଆରେ ଏହାକୁ ଦକ୍ଷିଣ ଏସୀୟ ପ୍ରିଫରେନ୍ସିଆଲ୍ ଟ୍ରେଡିଂ ରାଜିନାମା ଏବଂ ଦକ୍ଷିଣ ଏସୀୟ ମୁକ୍ତ ବାଣିଜ୍ୟ ରାଜିନାମା ଦେଶଗୁଡ଼ିକରୁ ଅଣାଯାଇଥିବା ଦର୍ଶାଇ ଉଚ୍ଚ ଦରରେ ବିକ୍ରି କରାଯାଉଥିଲା। ଏହା ପଛରେ ଏକ ସୁସଂଗଠିତ ର୍ୟାକେଟ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି। ଗୁଆ ବ୍ୟତୀତ ଇଡି ୧୬.୫ ଲକ୍ଷ ନଗଦ ଟଙ୍କା ଜବତ କରିଛି।

## ଜିରୋ-କୋଭିଡ୍ ନୀତି ହଟିଲେ
# ୨୦ ଲକ୍ଷଙ୍କ ମୃତ୍ୟୁ ଘଟିପାରେ
## ଚାଇନାରେ ବଢୁଛି ସଂକ୍ରମଣ




**ବେଜିଂ,୩।୧୨**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଜିରୋ-କୋଭିଡ୍ ନୀତିକୁ ବିରୋଧକରି ସପ୍ତାହେ ହେଲା ଦେଶରେ ବିକ୍ଷୋଭ ଜାରି ରହିଛି। ୧୯୮୯ ଟିଆନାନ୍‌ମେନ୍ ସ୍କୋୟାର ବିକ୍ଷୋଭ ପରେ ଗତ ୩୩ ବର୍ଷ ମଧ୍ୟରେ ଚାଇନାରେ ଏଭଳି ବିକ୍ଷୋଭ କେବେ ଦେଖାଯାଇ ନ ଥିଲା। ସାରା ବିଶ୍ୱରେ କୋଭିଡ୍ କଟକଣା ଉଠାଇ ଦିଆଯାଇଥିବାବେଳେ ଚାଇନାରେ ଜିରୋ-କୋଭିଡ୍ ନୀତିକୁ ନେଇ ଦେଶବାସୀ ଅତିଷ୍ଠ ହୋଇପଡ଼ିଲେଣି। ଯଦିଓ ଚାଇନାରେ ଦୈନିକ ସଂକ୍ରମଣ ଏବେ ସର୍ବାଧିକ ରହିଛି, ତଥାପି ଲକ୍‌ଡାଉନ୍ ଏବଂ ପରୀକ୍ଷା ସର୍ତ୍ତାବଳୀ କୋହଳ କରିବାକୁ ଦାବି ହେଉଛି।

ଅନ୍ୟପକ୍ଷରେ ଜୀବନ ବଞ୍ଚାଇବା ଏବଂ ହସ୍ପିଟାଲଗୁଡ଼ିକରେ ରୋଗୀ ସଂଖ୍ୟା କମାଇବାକୁ ହେଲେ କଠୋର କୋଭିଡ୍ କଟକଣା ମାନିବାକୁ ପଡ଼ିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ଏବେ ସରକାର କୋଭିଡ୍ ନୀତିରେ ସାମାନ୍ୟ କୋହଳ କରିଛନ୍ତି। ଏଥିରେ ଲୋକେ ଆଶ୍ୱସ୍ତ ହୋଇଥିଲେ ହେଁ ସ୍ୱାସ୍ଥ୍ୟଜନିତ ପରିଣାମକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଦେଶର ଅଧିକାଂଶ ଅଞ୍ଚଳରେ ଟିକାଦାନ ହାର୍ ଯଥେଷ୍ଟ କମ୍ ରହିଛି। ସଂକ୍ରମଣ ବିପଦ ଥିବା ଅଞ୍ଚଳରେ ଗୋଷ୍ଠୀ ରୋଗ ପ୍ରତିରୋଧ ଶକ୍ତିର ଅଭାବ ରହିଥିବାରୁ ବର୍ତ୍ତମାନ ସ୍ଥିତିରେ ଲକ୍‌ଡାଉନ୍ କଟକଣା ସମ୍ପୂର୍ଣ୍ଣ ଉଠାଇ ଦିଆଗଲେ ୨୦ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଇପାରେ ବୋଲି ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ମୁଖ୍ୟ ଝୋଉ ଜିଆଟୋଙ୍ଗ୍ କହିଛନ୍ତି। ସାଙ୍ଘାଇ ଜର୍ନାଲ ଅଫ୍ ପ୍ରିଭେଣ୍ଟିଭ୍ ମେଡିସିନ୍‌ରେ ପ୍ରକାଶିତ ସନ୍ଦର୍ଭରେ ଏହା କୁହାଯାଇଛି। ସେହିପରି ସଂକ୍ରମଣ ୨୩.୩ କୋଟିକୁ ବୃଦ୍ଧି ପାଇପାରେ ବୋଲି ଏଥିରେ କୁହାଯାଇଛି।

ଚାଇନା ଯଦି ଟିକାକରଣ ଓ ଚିକିତ୍ସା ସୁବିଧା ନ ବଢ଼ାଇ କଠୋର କୋଭିଡ୍ ନୀତିକୁ ହଟାଇଦିଏ ତେବେ ୧୫ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ଗତ ମେ' ମାସରେ ଚାଇନା ଓ ଆମେରିକାର ବୈଜ୍ଞାନିକମାନେ ଆକଳନ କରିଥିଲେ। ନେଚର ମେଡିସିନ୍‌ରେ ଏହି ଗବେଷଣା ପ୍ରକାଶ ପାଇଥିଲା। ତେବେ ଟିକାକରଣ ବଢ଼ାଇଲେ ମୃତ୍ୟୁସଂଖ୍ୟା ଯଥେଷ୍ଟ ହ୍ରାସ ପାଇପାରେ ବୋଲି ଏଥିରେ କୁହାଯାଇଥିଲା। ସେହିପରି ବ୍ରିଟିଶ ବିଜ୍ଞାନସମ୍ମତ ସୂଚନା ଓ ବିଶ୍ଳେଷଣ କମ୍ପାନୀ ଏୟାରଫିନିଟି କହିବା ଅନୁଯାୟୀ, ଯଦି ଜିରୋ-କୋଭିଡ୍ ନୀତି ହଟାଇ ଦିଆଯାଏ, ତେବେ ୧୩ରୁ ୨୧ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇପାରେ। ଫେବୃୟାରୀରେ ହଂକଂରେ ବ୍ୟାପିଥିବା ବିଏ.୧ ଭାରିଆଣ୍ଟ ସଂକ୍ରମଣ ତଥ୍ୟକୁ ଆଧାରକରି ଏହି ଆକଳନ କରାଯାଇଛି।

### ଦିଲ୍ଲୀ ଦଙ୍ଗା ମାମଲାରେ ଉମର ଖଲିଦ ଦୋଷମୁକ୍ତ



**ନୂଆଦିଲ୍ଲୀ,୩।୧୨(ପି.ଟି.)**

୨୦୨୦ ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ସହ ସମ୍ପୃକ୍ତି ମାମଲାରେ ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ) ଛାତ୍ର ନେତା ଉମର ଖଲିଦଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ଦୋଷମୁକ୍ତ କରିଛନ୍ତି। ଅନ୍ୟତମ ଛାତ୍ର ନେତା ଖଲିଦ ସୈଫିଙ୍କୁ ଦିଲ୍ଲୀର କର୍କରଡୁମା କୋର୍ଟ ମୁକ୍ତ କରିଦେଇଛନ୍ତି। ଚାନ୍ଦବାଗ୍‌ରେ ପଥର ଫିଙ୍ଗା ମାମଲାରେ ଉଭୟଙ୍କୁ ପୂର୍ବରୁ ଜାମିନ ମିଳିଥିଲା। ତେବେ ସେମାନେ ଭିନ୍ନ ମାମଲାରେ ଜେଲ ଯାଇଥିଲେ। ସେମାନଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏ ଲଗାଯାଇଥିଲା। ଟେକାମାଡ଼ ଘଟଣାରେ ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ଅଭାବରୁ ସେମାନଙ୍କୁ ଦୋଷମୁକ୍ତ କରାଯାଇଛି। ଦଙ୍ଗାବେଳେ ଉତ୍ତ୍ୟକ୍ତ ଜନତା ଟେକାମାଡ଼ କରି ପାର୍କିଂ ସ୍ଥଳର ଅନେକ ଗାଡ଼ିରେ ନିଆଁ ଲଗାଇଦେଇଥିବା କନ୍‌ଷ୍ଟେବଲ ସଂଗ୍ରାମ ସିଂଙ୍କ ବୟାନ ଆଧାରରେ ମାମଲା ହୋଇଥିଲା।

## ବିଦେଶୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା: ପ୍ରଫେସର ନିଲମ୍ବିତ

**ହାଇଦ୍ରାବାଦ,୩।୧୨(ଆଇଏଏନ୍‌ଏସ୍)**

ବିଦେଶୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଉଦ୍ୟମ ଅଭିଯୋଗରେ ହାଇଦ୍ରାବାଦ ୟୁନିଭର୍ସିଟିର ପ୍ରଫେସର ରବି ରଞ୍ଜନଙ୍କୁ ପୋଲିସ ଗିରଫ କରିବା ପରେ ଶନିବାର ତାଙ୍କୁ ନିଲମ୍ବନ କରାଯାଇଛି। ହିନ୍ଦୀ ବିଭାଗର ଏହି ପ୍ରଫେସରଙ୍କ କାର୍ଯ୍ୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିନ୍ଦା କରାଯାଇଛି। ଥାଇଲାଣ୍ଡର ଏହି ଛାତ୍ରୀ ଜଣଙ୍କ ଶୁକ୍ରବାର ପ୍ରଫେସର ରବି ରଞ୍ଜନଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଅଭିଯୋଗ ଅନୁଯାୟୀ ପ୍ରଫେସର ଛାତ୍ରୀ ଜଣଙ୍କୁ ଶୁକ୍ରବାର ସନ୍ଧ୍ୟାରେ ହିନ୍ଦୀ ପଢ଼ାଇଦେବାକୁ ଡାକି ମଦ ପିଆଇ ଯୌନ ଶୋଷଣ କରିବାକୁ ଉଦ୍ୟମ କରିଥିଲେ। ଅନ୍ୟ ଛାତ୍ରୀମାନେ ତାଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗାଚିବୋଲି ଥାନା ପୋଲିସ ପ୍ରଫେସରଙ୍କ ବିରୋଧରେ ଅସଦାଚରଣ ମାମଲା ରୁଜୁ କରିଛି। କାର୍ଯ୍ୟାନୁଷ୍ଠାନ ଦାବିରେ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ଅଭିଷେକ ବାନାର୍ଜୀଙ୍କ ରାଲି ସ୍ଥଳରେ ବିସ୍ଫୋରଣ: ୩ ମୃତ

**କୋଲକାତା,୩।୧୨**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବରିଷ୍ଠ ନେତା ଅଭିଷେକ ବାନାର୍ଜୀଙ୍କ ରାଲି ସ୍ଥଳ ନିକଟରେ ବିସ୍ଫୋରଣ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। ପଶ୍ଚିମବଙ୍ଗ ପୂର୍ବ ମେଦିନିପୁର ଜିଲାର ଅର୍ଜୁନନଗର ବ୍ଲକ୍-୨ ଅଞ୍ଚଳରେ ଏହି ବିସ୍ଫୋରଣ ହୋଇଛି। ଟିଏମ୍‌ସି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଭିଷେକ ସେଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ଥିଲା। ଶୁକ୍ରବାର ରାତି ୧୧ଟା ୧୫ ମିନିଟ ସମୟରେ ସେଠାରେ ଥିବା ଏକ ଘରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଛି। ବିସ୍ଫୋରଣରେ ଘରଟି ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯାଇଛି। ମୃତକଙ୍କ ମଧ୍ୟରେ ଟିଏମ୍‌ସି କର୍ମୀ ରାଜକୁମାର ମାନ୍ନା ଅଛନ୍ତି।

## ପାର୍ଲାମେଣ୍ଟ ପ୍ରଣୀତ ଆଇନକୁ ସୁପ୍ରିମକୋର୍ଟ ରଦ୍ଦ କରିବା ବିଶ୍ୱରେ ବିରଳ: ଉପରାଷ୍ଟ୍ରପତି

**ନୂଆଦିଲ୍ଲୀ,୩।୧୨**

ପାର୍ଲାମେଣ୍ଟ ପ୍ରଣିତ ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ ଆଇନ (ଏନ୍‌ଜେଏସି)କୁ ସୁପ୍ରିମକୋର୍ଟ ରଦ୍ଦ କରିଦେବା ବିଶ୍ୱରେ ବିରଳ ଉଦାହରଣ ବୋଲି ଉପରାଷ୍ଟ୍ରପତି ଜଗଦୀପ୍ ଧନକର କହିଛନ୍ତି। ଏନେଇ ପାର୍ଲାମେଣ୍ଟରେ ଆଲୋଚନା ନ ହେବା ଗୁରୁତର ପ୍ରସଙ୍ଗ ବୋଲି ସେ ମତ ଦେଇଛନ୍ତି।

ସଂସଦରେ ଗୃହୀତ ହେଉଥିବା ଆଇନ ଜନସାଧାରଣଙ୍କ ଇଚ୍ଛାକୁ ପ୍ରତିଫଳିତ କରିଥାଏ। ସୁପ୍ରିମକୋର୍ଟ ଏହାକୁ ରଦ୍ଦ କରିଦେବା ଭଳି ଦୃଷ୍ଟାନ୍ତ ବିଶ୍ୱ ଜାଣେନାହିଁ। ସାମ୍ବିଧାନିକ ବ୍ୟବସ୍ଥା ଉପରେ ଉପରାଷ୍ଟ୍ରପତି କହିଥିଲେ, ଆଇନକୁ ନେଇ କୌଣସି ପ୍ରଶ୍ନ ଉଠିଲେ, ଅଦାଲତ ଏହାକୁ ଅନୁଧ୍ୟାନ କରିଥାନ୍ତି। ତେବେ ଆଇନକୁ ରଦ୍ଦ କରିଦେବା କଥା କେଉଁଠି କୁହାଯାଇ ନାହିଁ ବୋଲି ଉପରାଷ୍ଟ୍ରପତି ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଉପସ୍ଥିତିରେ କହିଥିଲେ। ଦିଲ୍ଲୀରେ ଏଲ୍.ଏମ୍. ସିଂଘଭି ସ୍ମାରକୀ ବକ୍ତୃତାରେ ଉଦ୍‌ବୋଧନ ଦେଇ ଉପରାଷ୍ଟ୍ରପତି ସମ୍ବିଧାନର ପ୍ରସ୍ତାବନାରେ 'ଆମେ ଜନସାଧାରଣ' ଏବଂ ପାର୍ଲାମେଣ୍ଟ ଜନସାଧାରଣଙ୍କ ଇଚ୍ଛାର ପ୍ରତିଫଳନ ବୋଲି ଉଲ୍ଲେଖ ଥିବା କହିଥିଲେ।



ଜଗଦୀପ୍ ଧନକର

ଏହାର ଅର୍ଥ କ୍ଷମତା ଲୋକଙ୍କ ହାତରେ, ସେମାନଙ୍କ ଜନାଦେଶ ଓ ବୁଦ୍ଧିରେ ରହିଛି। ୨୦୧୫-୧୬ରେ ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବଳରେ ଏନ୍‌ଜେଏସି ଆଇନ ଅଣାଯାଇଥିଲା। ସମ୍ପୂର୍ଣ୍ଣ ଲୋକ ସଭା ସର୍ବସମ୍ମତିକ୍ରମେ ଏହା ସପକ୍ଷରେ ଭୋଟ ଦେଇଥିଲେ, ଯାହା ଏକ ରେକର୍ଡ। ସେହିପରି ରାଜ୍ୟ ସଭାରେ ଜଣେ ସଦସ୍ୟ ଉପସ୍ଥିତ ଥାଇ ଅନ୍ୟମାନେ ସର୍ବସମ୍ମତ ସମର୍ଥନ ଜଣାଇଥିଲେ। ଲୋକଙ୍କ କ୍ଷମତା ଯାହା ଏକ ବୈଧ ମଞ୍ଚ ଜରିଆରେ ଉପସ୍ଥାପନ କରାଯାଇଥିଲା ଏହାକୁ ରଦ୍ଦ କରିଦିଆଗଲା, ଯାହା ବିଶ୍ୱରେ କେବେ ହୋଇନାହିଁ ବୋଲି ଧନକର କହିଛନ୍ତି। କଲେଜିୟମ ବ୍ୟବସ୍ଥାକୁ ବଦଳାଇବା କ୍ଷମତା ଏନ୍‌ଜେଏସିରେ ରହିଥିଲା। ସର୍ବୋଚ୍ଚ ଅଦାଲତ ଏହାକୁ ଅସାମ୍ବିଧାନିକ କହି ରଦ୍ଦ କରିଦେଇଥିଲେ।

## ଗୁଜରାଟ ନିର୍ବାଚନ ପ୍ରଚାର ଶେଷ

**ଅହମଦାବାଦ,୩।୧୨**

ଦ୍ୱିତୀୟ ପର୍ଯ୍ୟାୟ ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ଚାଲିଥିବା ହାଇଭୋଲ୍ଟେଜ୍ ପ୍ରଚାର ଶନିବାର ଅପରାହ୍ନ ୫ଟାରେ ଶେଷ ହୋଇଛି। ୫ ତାରିଖରେ ୯୩ ଆସନ ଲାଗି ଦ୍ୱିତୀୟ ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବାବେଳେ ପ୍ରଚାର ଶେଷ ଦିନରେ ବିଭିନ୍ନ ଦଳର ତୁଙ୍ଗ ନେତାମାନେ ରାଲିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଭାଜପାରୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଅଭିନେତା ମନୋଜ ଜୋଷୀ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଗୁଜରାଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଇସୁଦାଦ ଗଢ୍‌ଭି, ଗୋପାଳ ଇଟାଲିଆ ପ୍ରମୁଖ। କଂଗ୍ରେସ ଏମ୍‌ପି ଶକ୍ତିସିଂ ଗୋହିଲଙ୍କ ସମେତ ରାଜ୍ୟର ଅନ୍ୟ ନେତାମାନେ ଶେଷଦିନରେ ପ୍ରଚାର କରିଥିଲେ। ଭାଜପାର ଷ୍ଟାର ପ୍ରଚାରକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ତାଙ୍କ ପ୍ରଚାର ଶେଷ କରିଥିଲେ। ସେ ମୋଟ ୩୧ଟି ରାଲି ଏବଂ ୩ଟି ବିଶାଳ ରୋଡ୍ ଶୋ'ର ନେତୃତ୍ୱ ନେଇଥିଲେ। ଏହି ପର୍ଯ୍ୟାୟରେ ୮୩୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ।

## ପାର୍ଟନରଙ୍କୁ ୭୦ ଖଣ୍ଡ କରିବାକୁ ଧମକ

**ମୁମ୍ବାଇ,୩।୧୨:** ଦିଲ୍ଲୀରେ ଶ୍ରଦ୍ଧା ୱାଲ୍‌କରଙ୍କୁ ତାଙ୍କ ଲିଭ୍-ଇନ୍ ପାର୍ଟନର ଆଫତାବ ଅମିନ୍ ପୁନାୱାଲା ୩୫ ଖଣ୍ଡ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିବାବେଳେ ମହାରାଷ୍ଟ୍ରର ଧୁଲେ ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ଲିଭ୍-ଇନ୍ ପାର୍ଟନରଙ୍କୁ ଅନୁରୂପ ଧମକ ଦେଇଛନ୍ତି। ଆଫତାବ ଶ୍ରଦ୍ଧାଙ୍କୁ ୩୫ ଖଣ୍ଡ କରିଥିଲେ। ଅର୍ଶଦ ତାଙ୍କ ପାର୍ଟନରଙ୍କୁ ୭୦ ଖଣ୍ଡ କରିଦେବେ ବୋଲି କହିଛନ୍ତି। ଏନେଇ ନଭେମ୍ବର ୨୯ରେ ଥାନାରେ ଏତଲା ଦାଏର ହୋଇଛି। ମହିଳାଙ୍କ କହିବା ଅନୁଯାୟୀ ସେମାନେ ଲିଭ୍-ଇନ୍ ପାର୍ଟନରରେ ରହିବା ପୂର୍ବରୁ ଅର୍ଶଦ ତାଙ୍କୁ ବଳାତ୍କାର କରିବା ସହ ଉକ୍ତ ସମୟର ଭିଡିଓ କ୍ଲିପ୍ କରିଥିଲେ। ମହିଳା ଜଣକ ପୂର୍ବରୁ ଅନ୍ୟ ଜଣକୁ ବିବାହ କରିଥିଲେ। ୨୦୧୯ରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ୨୦୨୧ ଜୁଲାଇରୁ ଅର୍ଶଦଙ୍କ ସହ ଏକାଠି ରହୁଥିଲେ। ଅର୍ଶଦ ଉକ୍ତ ମହିଳା ଓ ତାଙ୍କର ପୂର୍ବ ସ୍ୱାମୀଙ୍କଠାରୁ ଥିବା ପୁଅଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ ବାଧ କରୁଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ସାଇଲେନ୍ସର ଲଗାଇ ପାର୍ଟନରଙ୍କ ଚର୍ମ ପୋଡ଼ିଦେଇଥିଲେ ଏବଂ ତାଙ୍କୁ ୭୦ ଖଣ୍ଡ କରିଦେବେ ବୋଲି ଧମକ ଦେଇଥିଲେ।



ଝାଡ଼ଖଣ୍ଡର ହଜାରିବାଗ ଜିଲାରେ ଥିବା ଛଡ଼ୱା ଡ୍ୟାମ୍‌ରେ ଶନିବାର ବିଦେଶାଗତ ପକ୍ଷୀ ସନ୍ତରଣ କରୁଛନ୍ତି।

# ହଣ୍ଟର ବାଇଡେନ୍‌ଙ୍କ ଲାପ୍‌ଟପ୍ ଷ୍ଟୋରି
## ପ୍ରଘଟ କଲେ ଏଲନ୍ ମସ୍କ

**ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱିତୀୟ ପୁଅ ହଣ୍ଟର ବାଇଡେନ୍‌ଙ୍କ ସହ ଜଡ଼ିତ 'ଲାପ୍‌ଟପ୍ ଷ୍ଟୋରି' ପୁଣି ଚର୍ଚ୍ଚାରେ। ଏଥର ଏହି ପ୍ରସଙ୍ଗ ଉଠାଇଛନ୍ତି ଟୁଇଟରର ନୂଆ ମାଲିକ ଏଲନ୍ ମସ୍କ। ୨୦୨୦ରେ ହଣ୍ଟରଙ୍କ କାରନାମା ସମ୍ବଳିତ ମିଡିଆ ରିପୋର୍ଟ ଉପରେ ଟୁଇଟର ପକ୍ଷରୁ ସେନ୍‌ସର କରାଯାଇଥିଲା। ମସ୍କ ଏଥିରେ ତତ୍କାଳୀନ ସିଇଓ ଜ୍ୟାକ୍ ଡୋର୍ସିଙ୍କୁ କ୍ଲିନ୍‌ଚିଟ୍ ଦେଇଥିବାବେଳେ ଭାରତୀୟ ବଂଶୋଦ୍ଭବ ଲିଗାଲ୍ ହେଡ୍ ବିଜୟା ଗଡ୍ଡେଙ୍କ ବିବାଦୀୟ ଭୂମିକାକୁ ସମାଲୋଚନା କରିଛନ୍ତି। ମସ୍କ ନିଜ ଟୁଇଟ୍‌ରେ ଏକ ପପ୍‌କର୍ନ ଇମୋଜିକୁ ସଂଲଗ୍ନ କରିବା ସହ ଏହି କାହାଣୀ ଉପରୁ ପୂରା ପରଦା ହଟାଇବେ ବୋଲି କହିଛନ୍ତି।**



ହଣ୍ଟର ବାଇଡେନ୍

**ସାନ୍ ଫ୍ରାନ୍ସିସ୍କୋ, ୩।୧୨(ପି.ଟି./ଆଇଏଏନ୍‌ଏସ୍)**

ବିଶ୍ୱର ସବୁଠୁ ଧନୀ ତଥା ଟୁଇଟର ସିଇଓ ଏଲନ୍ ମସ୍କ ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟ୍ ରୋ ଖାନ୍ନାଙ୍କୁ ପ୍ରଶଂସା କରି ସୋସିଆଲ ମିଡିଆ ସାଇଟ୍‌ର କେତେକ ଭିତିରି ଫାଇଲକୁ ଜାରି କରିଛନ୍ତି। ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଅବ୍ୟବହିତ ପୂର୍ବରୁ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ଜୋ ବାଇଡେନ୍ ଏବଂ ତାଙ୍କ ପ୍ରଥମ ସ୍ତ୍ରୀ ନେଲ୍ଲିଆ ହଣ୍ଟରଙ୍କ ପୁଅ ହଣ୍ଟର ବାଇଡେନ୍‌ଙ୍କ ଲାପ୍‌ଟପ୍ ଷ୍ଟୋରିର ସେନ୍‌ସରଶିପ୍ ସମ୍ପର୍କରେ ଅକ୍ଟୋବର ୧୪ରେ 'ନ୍ୟୁୟର୍କ ପୋଷ୍ଟ'ରେ 'ବାଇଡେନ୍ ସିକ୍ରେଟ୍ ଇମେଲ୍ସ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ସାମ୍ବାଦିକ ତଥା ଲେଖକ ମାଟ୍ଟ ତଇବି ଟୁଇଟର ଫାଇଲ୍ସ ଉପରୁ ପରଦା ହଟାଇବାକୁ ଯାଇ ଶୁକ୍ରବାର ରାତିରେ ଟୁଇଟରରେ ଅନେକ ପୋଷ୍ଟ ଶେୟାର କରିଛନ୍ତି। ମସ୍କ ତଇବିଙ୍କ ଆକାଉଣ୍ଟର ଏକ ଲିଙ୍କ୍‌କୁ ଟୁଇଟ୍ କରିଛନ୍ତି। ଏହି ଷ୍ଟୋରିକୁ ଚପାଇବା ପାଇଁ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଜୋ ବାଇଡେନ୍‌ଙ୍କ ଟିମ୍‌ଠାରୁ କିପରି ଅର୍ଡର ନେଇଥିଲା ତାହା ଉକ୍ତ ଫାଇଲଗୁଡ଼ିକ ଜରିଆରେ ମସ୍କ ପ୍ରଘଟ କରିଛନ୍ତି।

ତଇବି ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ପୂର୍ବ ପ୍ରକାଶିତ ରିପୋର୍ଟ ହଣ୍ଟରଙ୍କ ପରିତ୍ୟକ୍ତ ଲାପ୍‌ଟପ୍ ଉପରେ ପର୍ଯ୍ୟବସିତ। ଏହାକୁ ଚପାଇଦେବା ପାଇଁ ଟୁଇଟର ଅସାଧାରଣ ପଦକ୍ଷେପ ନେଇଥିଲା। ଏଥିସହ ଏସମ୍ପର୍କିତ ଲିଙ୍କ୍ ଓ ପୋଷ୍ଟିଂଗୁଡ଼ିକୁ ଅସୁରକ୍ଷିତ କହି ହଟାଇଦେଇଥିଲା। ଏପରି କି ଡାଇରେକ୍ଟ ମେସେଜ୍ ଜରିଆରେ ଏହାର ଟ୍ରାନ୍ସମିଶନକୁ ମଧ ବ୍ଲକ୍ କରିଦେଇଥିଲା। ଚାଇଲ୍ଡ ପର୍ନୋଗ୍ରାଫି ଭଳି ଅତି ସମ୍ବେଦନଶୀଳ ମାମଲାରେ ଏହି ଟୁଲ୍ ବ୍ୟବହୃତ ହୋଇଥାଏ। ଟୁଇଟର ମ୍ୟାନେଜ୍‌ମେଣ୍ଟ ଏପରି କରିବା ଯୋଗୁ ପବ୍ଲିକ୍ ପଲିସି ଏକ୍‌ଜିକ୍ୟୁଟିଭ୍ କ୍ୟାରୋଲିନ୍ ଷ୍ଟ୍ରୋମ୍ ଡବ୍ଲ୍ୟୁଟିଏଫ୍ କ୍ୱେରି ପଠାଇଥିଲେ। ଏହାକୁ ନେଇ କମ୍ପାନୀର ଅନେକ କର୍ମଚାରୀ ଚିନ୍ତିତ ହୋଇପଡ଼ିଥିଲେ। ଷ୍ଟ୍ରୋମ୍‌ଙ୍କ ପ୍ରଶ୍ନର ଉତ୍ତର ଆସିଥିଲା, ଲାପ୍‌ଟପ୍ ଷ୍ଟୋରି କମ୍ପାନୀର 'ହ୍ୟାକ୍‌ଡ ମ୍ୟାଟେରିଆଲ୍ସ' ପଲିସିକୁ ଉଲ୍ଲଂଘନ କରୁଥିବାରୁ ତାକୁ ହଟାଇଦିଆଯାଇଛି। ତଇବିଙ୍କ ମତରେ ତତ୍କାଳୀନ ସିଇଓ ଜ୍ୟାକ୍ ଡୋର୍ସିଙ୍କ ଅଜ୍ଞାତରେ ଏହି ନିଷ୍ପତ୍ତି ଟୁଇଟରର ଉଚ୍ଚ ପଦାଧିକାରୀମାନେ ନେଇଥିଲେ। ସେହି ପଦାଧିକାରୀମାନଙ୍କୁ ସହଯୋଗ କରିବାରେ ଭାରତୀୟ ବଂଶୋଦ୍ଭବ ହେଡ୍ ଅଫ୍ ଲିଗାଲ, ପଲିସି ଆଣ୍ଡ ଟ୍ରଷ୍ଟ ବିଜୟା ଗଡ୍ଡେ ବଡ଼ ଭୂମିକା ନେଇଥିଲେ। ସେତେବେଳେ ଟୁଇଟର ହ୍ୟାକ୍ ହୋଇଯାଇଥିବାରୁ ଏପରି ଘଟିଥିବା ମ୍ୟାନେଜ୍‌ମେଣ୍ଟ ସଫେଇ ଦେଇଥିଲା। ତଇବିଙ୍କ ମତରେ ସିଲିକନ୍ ଭ୍ୟାଲିରୁ ପ୍ରତିନିଧିକୁ ଯାଇଥିବା ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟିକ୍ କଂଗ୍ରେସମ୍ୟାନ୍ ରୋ ଖାନ୍ନା ବିଜୟାଙ୍କୁ ଏହି ବିଭ୍ରାଟ ଉପରେ ତାଗିଦ କରିଥିଲେ। ଏହା ଉପରେ ମସ୍କ ଟୁଇଟ୍ କରିଛନ୍ତି, 'ରୋ ଖାନ୍ନା ମହାନ୍'। ଟୁଇଟର ଫାଇଲ୍ସର ଦ୍ୱିତୀୟ ଏପିସୋଡ୍ ଆସନ୍ତାକାଲି ପ୍ରକାଶ ପାଇବ ବୋଲି ମସ୍କ ପୋଷ୍ଟ କରିଛନ୍ତି।

### ଚର୍ଚ୍ଚାରେ ୨ ଭାରତୀୟ ବଂଶୋଦ୍ଭବ



ରୋ ଖାନ୍ନା



ବିଜୟା ଗଡ୍ଡେ

# ଧରିତ୍ରୀ DHARITRI

49 ୪୯

ଭୁବନେଶ୍ୱର, ରବିବାର, ଡିସେମ୍ବର ୪/୨୦୨୨ | Bhubaneswar, Sunday, December 4/2022 | ପୃଷ୍ଠା-୧


**ଆଗରୁ ଜଣାଥାଏ ପରିଣାମ**

ଫିଲ୍ମ ରିଲିଜ୍ ହେବା ପୂର୍ବରୁ ବକ୍ସ ଅଫିସରେ ଚଳଚ୍ଚିତ୍ରଟି ହିଟ୍ ହେବ କି ନାହିଁ ତାହା ଆଗରୁ ଜାଣିଦେଉଥିବା ବଲିଉଡ୍ ନାୟିକା ୟାମି ଗୌତମ କହିଛନ୍ତି। ୦୯

୧୦ **ଅବୁବକରଙ୍କୁ ପ୍ରଥମ ରେଡକାର୍ଡ**

ଚଳିତ ଫିଫା ଫୁଟ୍‌ବଲ ବିଶ୍ୱକପରେ ପ୍ରଥମ ରେଡ୍ କାର୍ଡ ପାଇଛନ୍ତି କାମେରୁନର ଭିନସେଣ୍ଟ ଅବୁବକର।

# ‘ସ୍ଲୋଗାନ ନୁହେଁ, ପ୍ରତିବଦ୍ଧତା’

## ମହିଳା ସଶକ୍ତୀକରଣ ପାଇଁ ସରକାର କାର୍ଯ୍ୟ କରୁଛି: ମୁଖ୍ୟମନ୍ତ୍ରୀ




ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ମହିଳା ଉଦ୍ୟୋଗୀ ଅଧିବେଶନରେ ମିଶନ ଶକ୍ତି କଫି ଟେବୁଲ ବୁକ୍‌କୁ ଉନ୍ମୋଚନ କରାଯାଉଛି। (ଫଟୋ-ବିକାଶ) **(ଅଧିକ ଫଟୋ: ପୃଷ୍ଠା-୫)**

**ମହିଳା ଉଦ୍ୟୋଗୀ ଅଧିବେଶନରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ମିଶନ ଶକ୍ତି ଜିଲାସ୍ତରୀୟ ମହାସଂଘ ପାଇଁ ୧ କୋଟି, ବ୍ଲକସ୍ତରରେ ୫୦ଲକ୍ଷ ପାଣ୍ଠି
- ପଞ୍ଚାୟତସ୍ତରରେ ଫେଡେରେଶନ ପାଇଁ ମାର୍କେଟ କମ୍ପ୍ଲେକ୍ସ, ଅଫିସ ଘର
- ୩୦ ଜିଲାରେ ହେବ ଛୋଟ ଶିଳ୍ପ ପାର୍କ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ମିଶନ ଶକ୍ତି ମହାସଂଘ(ଫେଡେରେଶନ)କୁ ଆହୁରି ମଜଭୁତ କରିବା ସହ ସେମାନଙ୍କୁ ସକ୍ରିୟ ଆର୍ଥିକ କେନ୍ଦ୍ରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ପ୍ରତି ଜିଲାସ୍ତରୀୟ ମହାସଂଘକୁ ୧କୋଟି ଏବଂ ପ୍ରତ୍ୟେକ ବ୍ଲକସ୍ତରରେ ମହାସଂଘକୁ ୫୦ଲକ୍ଷ ଟଙ୍କାର ରିଭଲଭିଂ ପାଣ୍ଠି ଦିଆଯିବ ବୋଲି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ମହିଳା ଉଦ୍ୟୋଗୀ ଅଧିବେଶନରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ସେହିପରି ପଞ୍ଚାୟତସ୍ତରରେ ଥିବା ମହାସଂଘ ପାଇଁ ମାର୍କେଟ କମ୍ପ୍ଲେକ୍ସ ସହ ସ୍ୱତନ୍ତ୍ର ଅଫିସ ଘର କରାଯିବ। ଏଥିସହିତ ମହିଳାମାନଙ୍କୁ ଉଦ୍ୟୋଗୀ କରିବା ଲକ୍ଷ୍ୟକୁ ସାକାର କରିବା ପାଇଁ ୩୦ ଜିଲାରେ ମାଇକ୍ରୋ, ମିନି ଶିଳ୍ପ ପାର୍କ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଭୁବନେଶ୍ୱରରେ ☞ପୃଷ୍ଠା-୨

## ୧୦.୫ ଲକ୍ଷ କୋଟିର ପ୍ରସ୍ତାବ

**ମେକ୍ ଇନ ଓଡିଶା କନ୍‌କ୍ଲେଭ-୨୦୨୨**

- ମିନେରାଲ, ମେଟାଲ ଶିଳ୍ପ କ୍ଷେତ୍ର ପାଇଁ ୫ ଲକ୍ଷ ୪୯ ହଜାର ୭୬୪ କୋଟି
- କନକ୍ଲେଭ ବୃହତ୍ ସଫଳତା ହାସଲ କରିଛି: ନବୀନ

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

କୋଭିଡ୍ ପରେ ରାଜ୍ୟକୁ ଏକ ବଡ଼ ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି ହୋଇଛି। ରାଜ୍ୟରେ ୬ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସୃଷ୍ଟି ହେବାର ଲକ୍ଷ୍ୟ ନେଇ ନଭେମ୍ବର ୩୦ରୁ ଆୟୋଜିତ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ୧୦.୫୦ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଛି। କେବଳ ସେତିକି ନୁହେଁ, ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୦ ଲକ୍ଷ ୩୭ ହଜାର ୭୦୧ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି। ବିଶେଷ କରି ମିନେରାଲ, ମେଟାଲ ଓ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ୫ଲକ୍ଷ ୪୯ହଜାର ୭୬୪ କୋଟି ଟଙ୍କାର ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି ହୋଇଥିବାବେଳେ ଶକ୍ତି, ଅକ୍ଷୟଶକ୍ତି ଓ ସବୁଜ ଶକ୍ତି କ୍ଷେତ୍ରରେ ୨ ଲକ୍ଷ ୩୮ ହଜାର ୪୫୫ କୋଟି, ଲଜିଷ୍ଟିକ୍ ଓ ମାନୁଫାକ୍ଚରିଂ କ୍ଷେତ୍ରରେ ୧ ଲକ୍ଷ ୧୯ ହଜାର, ୧୯୭ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିଛି। ସେହିପରି କୃଷି, ପର୍ଯ୍ୟଟନ, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ, ସିମେଣ୍ଟ, ହେଲ୍‌ଥ କେୟାର ଓ ଫାର୍ମାସ୍ୟୁଟିକାଲ, ☞ପୃଷ୍ଠା-୨

## ହାତୀଙ୍କ ତାପମାତ୍ରା ରେକର୍ଡ କରିବ ‘ଥର୍ମାଲ ଡ୍ରୋନ୍’

- ପରୀକ୍ଷଣ ଭାବେ ୩ ରେଞ୍ଜରେ ଉଡ଼ିଲା
- ଓଡ଼ିଶାରେ ପ୍ରଥମ

**କେନ୍ଦୁଝର,୩।୧୨(ସ୍ୱ.ପ୍ର.)**

କେନ୍ଦୁଝର ବନଖଣ୍ଡରେ ହାତୀମାନଙ୍କ ଚଳପ୍ରଚଳ ଉପରେ ନଜର ରଖିବା ପାଇଁ ଡ୍ରୋନ୍ କ୍ୟାମେରା ବ୍ୟବହାର ହୋଇଛି। ବ୍ୟବହୃତ ଥର୍ମାଲ ଡ୍ରୋନ୍ କ୍ୟାମେରା ରାତିରେ ମଧ୍ୟ ହାତୀମାନଙ୍କ ଗତିବିଧି ନିରୀକ୍ଷଣ କରିବ। ୧୦୦ମିଟର ଉଚ୍ଚତାରୁ ହାତୀମାନଙ୍କ ଶରୀର ତାପମାତ୍ରା ରେକର୍ଡ କରି ସୂଚନା ଦେବ। ଚମ୍ପୁଆ, ପାଟଣା ଓ ଘଟଗାଁ ରେଞ୍ଜରେ ପରୀକ୍ଷାମୂଳକଭାବେ ୩ ଟି ଡ୍ରୋନ୍ କ୍ୟାମେରା ବ୍ୟବହାର ହୋଇଥିବା ବେଳେ ସେଥିରୁ ଗୋଟିଏ ଥର୍ମାଲ ଡ୍ରୋନ୍ ରହିଛି। ଆଗକୁ ସମସ୍ତ ରେଞ୍ଜରେ ବ୍ୟବହାର କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଭଳି ଥର୍ମାଲ ବ୍ୟବହାର ଓଡ଼ିଶାରେ ପ୍ରଥମ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଡ୍ରୋନ୍ କ୍ୟାମେରା ବ୍ୟବହାର କରି ହାତୀମାନଙ୍କ ସଂଖ୍ୟା ଠିକ୍ ଭାବରେ ଗଣନା କରାଯାଇପାରୁଛି। ଗତ ୨୬ ତାରିଖରେ ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ ଗୁମୁରା ବିଟ୍ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ନେହେରୁ ବନାମ ପଟେଲ

**ଆଜିର ମନ୍ତବ୍ୟ**

“ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷାଦାନରେ ଭାଷା ସମ୍ପର୍କିତ ପ୍ରତିବନ୍ଧକ ଦୂରକରିବା ପାଇଁ କାରିଗରିର ସର୍ବାଧିକ ବ୍ୟବହାର କରାଯାଉ।
-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି













## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚି କଲ୍ୟାଣ
ମାଗି ଓଳଗି ।**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥା'ନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଓଳଗି ମାଗିବା ଭଳି ବାଚଳତା ଜନ୍ମେ। ସାଧାରଣତଃ ଗୁଣୀ ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାଙ୍କୁ ସମ୍ମାନ ମାଗିବାକୁ ପଡ଼େନାହିଁ। ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ, କଲ୍ୟାଣ ଯାଚିବାକୁ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯୋର ଯା'ର
ମୂଲକ ତା'ର।**

ଶକ୍ତିମାନ ସର୍ବତ୍ର ପାରଙ୍ଗମ। ଯାହା ପାଖରେ ବାହୁବଳ, ଅର୍ଥବଳ ଅଛି ତା' ପକ୍ଷେ କିଛି ବି ଅସମ୍ଭବ ନ ଥାଏ। ଏଭଳି ବ୍ୟକ୍ତି ଧରାକୁ ସରା ମଣିବା ସହ ଅନାୟାସରେ ସବୁ କିଛି ଅକ୍ତିଆର ବା ହାସଲ କରିନେଇଥା'ନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଗଛକୁ ପିଟିଲା କାର୍, ଚାଲିଗଲା ୪ ଜଣଙ୍କ ଜୀବନ: ଜଣେ ଗୁରୁତର

**ଡାବୁଗାଁ, ୩।୧୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ସରାଗୁଡା ଛକ ନିକଟ ୩୯ନଂ. ରାଜ୍ୟ ରାଜପଥରେ ଶୁକ୍ରବାର ମଧ୍ୟରାତ୍ରିରେ ଏକ ଦୁର୍ଘଟଣା ଘଟି ୪ ଜଣଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ ଗାଦବାଗୁଡା ଗ୍ରାମର ଶେଖ୍ ସଦ୍ଦାମ(୨୮), ରବୀନ ସେନ ହିଆଲ (୨୮), ସେନାପତି ସାହିର ସାଇଦାନ ବେନିଆ (୨୮), ପାପଡ଼ାହାଣ୍ଡି ବ୍ଲକ ପ୍ରଧାନିଗୁଡା ଗ୍ରାମର ଅନଶ୍ୱର ଖାନ (୨୭)। ଦୁର୍ଘଟଣାରେ ପାପଡ଼ାହାଣ୍ଡିର ଶକ୍ତି ଖାନ (୨୫) ଗୁରୁତର ଥିବାରୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ତାଙ୍କ ଚିକିତ୍ସା ଚାଲିଛି।

କୌଣସି କାର୍ଯ୍ୟ ଲାଗି ଏକ କାର୍ (ଓଡି-୧୦କେ-୭୮୬) ଯୋଗେ ନବରଙ୍ଗପୁରରୁ ଉମରକୋଟ ଅଭିମୁଖେ ଯାଉଥିଲେ। ଡାବୁଗାଁ ଥାନା ଅଧୀନ ସରାଗୁଡା ଛକ ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ସଦ୍ଦାମ, ରବୀନ ଓ ସାଇଦାନଙ୍କ ମୃତ୍ୟୁ ହୋଇଯାଇଥିଲା। ଅନଶ୍ୱର ଓ ଶକ୍ତିଙ୍କୁ ଗୁରୁତର ଅବସ୍ଥାରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅନଶ୍ୱରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏନେଇ ଡାବୁଗାଁ ଥାନା ପୋଲିସ କେସ୍ ନଂ. ୧୮୮/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ଡାବୁଗାଁ ଥାନାଧିକାରୀ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି।

# ଦୋଷୀଙ୍କୁ ଆଜୀବନ ଜେଲ

## ଜମିବାଡ଼ି ବିବାଦରୁ ହତ୍ୟା

**ରାଇରଙ୍ଗପୁର, ୩।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଏକ ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ବିଚାରପତି ଦିପକ କୁମାର ମାମଲାର ବିଚାର କରି ଅଭିଯୁକ୍ତ ସୁନାରାମ ଟୁଡୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଜରିମାନା କରିଛନ୍ତି ଓ ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ବିଶୋଇ ଥାନା ଅଧୀନ ଅନ୍ଧାରଝେରୀ ଗ୍ରାମର ଛୋଟରାୟ ଟୁଡୁ ଓ ସୁନାରାମ ଟୁଡୁଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ୨୦୨୦ ମେ' ୧୫ ରାତିରେ ଛୋଟରାୟ ଘରେ ଶୋଇଥିବା ବେଳେ ସୁନାରାମ ତାଙ୍କ ଘରେ ପଶି ଏକ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ. ୪୦/୨୦୨୦) ରୁଜୁ କରି ସୁନାରାମଙ୍କୁ କୋର୍ଟଚାଲାଣ କରିଥିଲା। ୧୭ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାର କରି ଜଜ୍ ଉକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନ୍‌ଜୀବୀ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

## ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ (ଚୂଡ଼ାନ୍ତ ଘୋଷଣା)

| ବିଭାଗ | ପୁଞ୍ଜି ରାଶି (କୋଟିରେ) | ନିଯୁକ୍ତି କ୍ଷମତା | ପ୍ରସ୍ତାବ ସଂଖ୍ୟା |
|---|---|---|---|
| ମିନେରାଲ୍ସ, ମେଟାଲ୍ସ ଆଣ୍ଡ ମେଟାଲ ଆନ୍ସିଲାରି ଆଣ୍ଡ ଡାଉନ୍‌ଷ୍ଟ୍ରିମ୍ | ୫,୪୯,୭୬୪ | ୩,୫୫,୬୧୫ | ୧୪୫ |
| ପାୱାର, ରିନ୍ୟୁଏବଲ୍ସ ଆଣ୍ଡ ଗ୍ରିନ୍ ଏନର୍ଜି | ୨,୩୮,୪୫୫ | ୭୨,୦୭୪ | ୩୨ |
| ଲଜିଷ୍ଟିକ୍ସ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର୍ | ୧,୧୯,୧୯୭ | ୧,୮୯,୦୩୯ | ୮୭ |
| ଫର୍ଟିଲାଇଜର୍, ପେଟ୍ରୋକେମିକାଲ୍, କେମିକାଲ୍ ଆଣ୍ଡ ପ୍ଲାଷ୍ଟିକ୍ସ | ୭୬,୦୮୦ | ୬୪,୭୬୦ | ୯୩ |
| ମାନୁଫାକ୍ଚରିଂ | ୨୧,୬୩୪ | ୨୮,୫୪୫ | ୬୪ |
| ଟୁରିଜିମ୍ | ୮,୨୩୫ | ୩୭,୯୪୩ | ୪୧ |
| ଆଇଟି ଆଣ୍ଡ ଇଏସ୍‌ଡିଏମ୍ | ୭,୭୪୦ | ୫୪,୩୯୨ | ୩୭ |
| ଏଗ୍ରିକଲ୍‌ଚର ଆଣ୍ଡ ଫୁଡ୍ ପ୍ରୋସେସିଂ | ୭,୨୪୯ | ୧,୪୪,୬୫୫ | ୧୦୨ |
| ପେପର୍, ଉଡ୍ ଆଣ୍ଡ ଫରେଷ୍ଟ ବେସ୍‌ଡ୍ | ୫,୩୦୬ | ୧୩,୭୮୩ | ୨୮ |
| ସିମେଣ୍ଟ | ୫,୦୧୨ | ୧୭୯ | ୭ |
| ହେଲ୍‌ଥ କେୟାର ଆଣ୍ଡ ଫାର୍ମାସ୍ୟୁଟିକାଲ୍ | ୩,୯୩୫ | ୧୧,୨୭୬ | ୨୨ |
| ଟେକ୍ସଟାଇଲ୍, ଆପାରେଲ୍ ଆଣ୍ଡ ଟେକ୍ନିକାଲ୍ ଟେକ୍ସଟାଇଲ | ୨,୬୪୦ | ୩୩,୫୮୭ | ୨୦ |
| ଏରୋସ୍ପେସ୍ ଆଣ୍ଡ ଡିଫେନ୍ସ | ୨,୦୫୫ | ୨,୬୭୪ | ୧୦ |
| ଇଲେକ୍ଟ୍ରିକ୍ ଭେହିକଲ୍ | ୫୦୦ | ୨୭,୦୦୦ | ୧ |
| ଷ୍ଟାର୍ଟଅପ୍ | ୨୮୦ | ୪୦୦୦ | ୫ |
| ସେରାମିକ୍ସ, ଗ୍ଲାସ୍, ମାର୍ବଲ ଆଣ୍ଡ ଗ୍ରାନାଇଟ୍ | ୨୦୦ | ୧,୨୭୦ | ୨ |
| ୱେଷ୍ଟ ମ୍ୟାନେଜ୍‌ମେଣ୍ଟ | ୧୬୯ | ୧୮୭୦ | ୧୦ |
| ଏଗ୍ରି ମାର୍କେଟିଂ | ୧୨୧ | ୧,୭୫୬ | ୬ |
| ଏଗ୍ରି ବିଜ୍‌ନେସ୍ | ୯୪ | ୬୨୦ | ୧୪ |
| ଏଜୁକେଶନ୍ | ୬୬ | ୨୪୦ | ୨ |
| ଅନ୍ୟାନ୍ୟ ସେକ୍ଟର | ୬୧ | ୨୮୩ | ୧୨ |
| ଫିଲ୍ମ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ | ୧୫ | ୭୫ | ୧ |
| ସମୁଦାୟ | ୧୦,୪୮,୮୦୭ | ୧୦,୩୭,୭୦୧ | ୭୪୧ |

# ୧୫ଦିନର ଶିଶୁ ୩୦ହଜାର ଟଙ୍କାରେ ବିକ୍ରି

## ଅଭିଯୋଗ ପରେ ଉଦ୍ଧାର କଲା ଚାଇଲ୍ଡ ଲାଇନ୍

**ସୋର,୩।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅଞ୍ଚଳରେ ୩୦ହଜାର ଟଙ୍କାରେ ଏକ ନବଜାତ ଶିଶୁ ବିକ୍ରି ନେଇ ଅଭିଯୋଗ ହୋଇଛି। ଖବରପାଇ ଚାଇଲ୍ଡଲାଇନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ହେଲେ ମହିଳା ଜଣକ କୋଳରେ ଧରିଥିବା ୧୫ ଦିନର ନବଜାତ ଶିଶୁ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଚାଇଲ୍ଡ ଲାଇନ କର୍ମକର୍ତ୍ତାଙ୍କ ସନ୍ଦେହ ହୋଇଥିଲା। ସେମାନେ ଉକ୍ତ ଶିଶୁକୁ ଉଦ୍ଧାର କରି ସାଙ୍ଗରେ ନେଇଯାଇଥିଲେ। ବାଗୁଡି ଅଞ୍ଚଳର ଏହି ଦମ୍ପତି ଲିଙ୍ଗପଡ଼ା ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ଆର୍ଥିକ ଦୁର୍ବଳ ଶ୍ରେଣୀର ଏକ ଦମ୍ପତି ୩୦ ହଜାର ଟଙ୍କାରେ ଏହି ଶିଶୁପୁତ୍ରକୁ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ଖଇରା ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ମଦନ ମୋହନ ବେହେରାଙ୍କ ପରାମର୍ଶକ୍ରମେ ତପସ୍ୱିନୀ ରାଉତ ଓ ପଞ୍ଚାନନ ତ୍ରିପାଠୀ ଲିଙ୍ଗପଡ଼ା ଅଞ୍ଚଳରେ ପହଞ୍ଚିଥିଲେ। ସେଠାରେ ତାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ମହିଳା ଜଣକ କୋଳରେ ଏକ ୧୫ ଦିନର ଶିଶୁକୁ ଧରିଥିବା ସେମାନେ ଦେଖିଥିଲେ। ଚାଇଲ୍ଡଲାଇନ କର୍ମକର୍ତ୍ତା ଶିଶୁଙ୍କ ଜନ୍ମ ସଂକ୍ରାନ୍ତୀୟ କାଗଜପତ୍ର ତାଙ୍କୁ ମାଗିଥିଲେ। ହେଲେ ସେ କିଛି କାଗଜପତ୍ର ଦେଖାଇ ପାରି ନ ଥିଲେ। ପୋଲିସ ସହାୟତାରେ ଏହି ଶିଶୁପୁତ୍ରକୁ ଉଦ୍ଧାର କରାଯାଇ ବାଲେଶ୍ୱର ସିଡବ୍ଲ୍ୟୁସିରେ ପହଞ୍ଚାଇବା ପରେ ସେଠାରୁ କୁରୁଡାସ୍ଥିତ ନିର୍ମଳା ଶିଶୁଭବନକୁ ହସ୍ତାନ୍ତର କରାଯାଇଛି।



୪ ଦଫା ଦାବି ନେଇ ଦିବ୍ୟାଙ୍ଗଙ୍କ ପାଇଁ ଓଡ଼ିଶା ସ୍ୱତନ୍ତ୍ର ଶିକ୍ଷକ ମହାସଂଘ ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। **(ଫଟୋ–ମନୋରଞ୍ଜନ)**

# ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି ରୂପାନ୍ତରଣ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ସମସ୍ତଙ୍କ ପାଇଁ ଶିକ୍ଷା ନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ। ଶିକ୍ଷା କ୍ଷେତ୍ରରେ ଆମେ ପୁଞ୍ଜି ବିନିଯୋଗ କରୁଛୁ। ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତରଣ ଏବେ କେବଳ ଏକ ସ୍ୱପ୍ନହୋଇ ରହିନାହିଁ, ଏହାକୁ ବାସ୍ତବତାରେ ପରିଣତ କରାଯାଇଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୬ଟି ନୂଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ୨୯ଟି ନୂଆ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଓ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ସବୁ ଜିଲାରେ ଗୋଟିଏ ଲେଖାଏ ସାଧନ କେନ୍ଦ୍ରର ଲୋକାର୍ପଣ କରିଛନ୍ତି। ସ୍କୁଲସ୍ତରରେ ୫-ଟି ଆଧାରରେ ରୂପାନ୍ତରଣ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବା ସହ ସରକାରୀ ସ୍କୁଲ ପ୍ରତି ଧୀରେ ଧୀରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି କରିଛି। ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି, ଅତ୍ୟାଧୁନିକ ଲାବ୍ ଓ କ୍ରୀଡ଼ା ଭିତ୍ତିଭୂମି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ନାମଲେଖା ହାର ବୃଦ୍ଧି କରିଛି। ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ମୋ ସ୍କୁଲ ଅଭିଯାନ ଇତିହାସ ସୃଷ୍ଟି କରିଛି। ରାଜ୍ୟ ଓ ରାଜ୍ୟ ବାହାରେ ରହୁଥିବା ପ୍ରାୟ ୩୦ ଲକ୍ଷ ପୁରାତନ ଛାତ୍ର ସ୍କୁଲ ଶିକ୍ଷା ସହ ଯୋଡ଼ି ହୋଇଛନ୍ତି। ରାଜ୍ୟର ସବୁ ବ୍ଲକରେ ଗୋଟିଏ ଗୋଟିଏ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବା ସହ ଗୋଟିଏ ଆଇକନିକ୍ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବାକୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରୁଛନ୍ତି। ଦକ୍ଷ ଓ କୁଶଳୀ ଶିକ୍ଷକଙ୍କ ସହଯୋଗରେ ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତରଣ ସମ୍ଭବ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### 'ସ୍ଲୋଗାନ ନୁହେଁ, ...

ଚାଲିଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଶନିବାର ମହିଳା ଉଦ୍ୟୋଗୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ଯୋଗଦେଇ, ୨୦୦୧ରେ ଆରମ୍ଭ ହୋଇଥିବା ମିଶନ ଶକ୍ତି, ଆଜି ଓଡ଼ିଶାର ୭୦ ଲକ୍ଷ ସଶକ୍ତ ମା'ମାନଙ୍କ ଏକ ମହାଶକ୍ତିରେ ପରିଣତ ହୋଇଛି ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଅଣ ଆଲୋଚିତ କୋଡ୍। ଏହା ଏକ ପ୍ରତିବଦ୍ଧତା। ମୋର ଦୃଢ଼ ବିଶ୍ୱାସ, ମା'ମାନଙ୍କୁ ସଶକ୍ତ ନ କରି, କୌଣସି ପରିବାର, କୌଣସି ସମାଜ, କୌଣସି ରାଜ୍ୟ ବା କୌଣସି ଦେଶ ଆଗକୁ ବଢ଼ିପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) କାମ କରୁଛନ୍ତି। ଏସ୍‌ଏଚ୍‌ଜିଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ)ରେ ରୂପାନ୍ତର କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହା ସମ୍ଭବ କରିବାକୁ ଅତିରିକ୍ତ ମାଇଲ ଅତିକ୍ରମ କରିବାକୁ ଆମେ ପ୍ରସ୍ତୁତ (We are prepared to run the extra mile to make this happen)। ଏଥିପାଇଁ ଆମେ ସବୁ କିଛି କରିବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମିଶନ ଶକ୍ତି ସଦସ୍ୟମାନଙ୍କୁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ମା' ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୫ ବର୍ଷରେ ୫ ହଜାର କୋଟି ଟଙ୍କାର କାମ ମିଶନ ଶକ୍ତି ସଦସ୍ୟମାନଙ୍କୁ ଦେବା ପାଇଁ ଓଡ଼ିଶା କ୍ୟାବିନେଟ ନିଷ୍ପତ୍ତି ନେଇଥିଲା। ଏହାଦ୍ୱାରା ପ୍ରାୟ ୧ ଲକ୍ଷ ଏସ୍‌ଏଚ୍‌ଜି ଉପକାର ପାଉଛନ୍ତି। ଓଡ଼ିଶାର ରୂପାନ୍ତରଣରେ ମା'ମାନଙ୍କ ବଡ଼ ଭୂମିକା ରହିଛି। ସେମାନଙ୍କ ସାମଗ୍ରିକ ସଶକ୍ତୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ବିଭାଗର ଏକ କଫି ଟେବୁଲ ବୁକ୍, ମିଶନ ଶକ୍ତି ସ୍କେଲିଂ ଅପ୍ ଉନ୍ମୋଚନ କରିଥିଲେ। ଏପରି କି ଏସ୍‌ଏସ୍‌ଜି ମହିଳାମାନଙ୍କ ବିକାଶ ପାଇଁ ସରକାର ବିଭିନ୍ନ ସଂସ୍ଥା ସହ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଥିଲେ। କଟକ ମା' ତାରିଣୀ ଏସ୍‌ଏଚ୍‌ଜିର କବିତା ସାହୁ, ସୁନ୍ଦରଗଡ଼ ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜିର ପ୍ରେମା ଦାସ ଓ ନୂଆପଡ଼ା ବନଦୁର୍ଗା ଏସ୍‌ଏଚ୍‌ଜିର ଗାୟତ୍ରୀ ସୁନାଇଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ସେହିପରି ଏସ୍‌ଏଚ୍‌ଜିମାନଙ୍କୁ ଋଣ ଦେବାରେ ଭଲ କାମ କରିଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ୟୁକୋ ବ୍ୟାଙ୍କକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ମିଶନ ଶକ୍ତି ବିଭାଗର ସଚିବ ସୁଜାତା ଆର୍. କାର୍ତ୍ତିକେୟନ ଅତିଥି ପରିଚୟ ସାଙ୍ଗକୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମିଶନ ଶକ୍ତିର ଆଭିମୁଖ୍ୟ ଓ ସଫଳତା ପଛରେ ଏସ୍‌ଏସ୍‌ଜି ସଦସ୍ୟଙ୍କ ଅଗ୍ରଣୀ ଭୂମିକା ରହିଛି। ଉଭୟ ସରକାର ଓ ବିଭାଗର ସହଯୋଗରେ ମହିଳାମାନେ ଅନେକ ସଫଳତା ପାଇଛନ୍ତି ବୋଲି ସୁଜାତା କହିଥିଲେ। ସେହିପରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ, ସରକାର ଓ ସମାଜ ମଧ୍ୟରେ ଏସ୍‌ଏସ୍‌ଜି ମହିଳାଙ୍କ ଯୋଗଦାନ ଓ ଯୋଗସୂତ୍ର ସବୁ ସ୍ତରରେ ରହିଛି। ଯେତେବେଳ ପର୍ଯ୍ୟନ୍ତ ମହିଳାମାନେ ଘରୁ ଗୋଡ଼ କାଢ଼ି ସମାଜ ସହ ସାମିଲ ହୋଇନାହାନ୍ତି ସେତେବେଳେ ପର୍ଯ୍ୟନ୍ତ ସେ ରାଜ୍ୟରେ ବିକାଶ ହୋଇପାରିବ ନାହିଁ, ଯାହା ଆମ ରାଜ୍ୟର ମହିଳାମାନେ କରି ଦେଖାଇଛନ୍ତି ତାହା ଅନ୍ୟ ରାଜ୍ୟର ମହିଳାଙ୍କ ପାଇଁ ଉଦାହରଣ ପାଲଟିଛି। ସେହିପରି ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଥିଲେ, ମିଶନ ଶକ୍ତି ହେଉଛି ମୁଖ୍ୟମନ୍ତ୍ରୀଙ୍କ ମାନସ ସନ୍ତାନ, ଆଜି ଆମ ରାଜ୍ୟର ମହିଳା ଘର ସହ ଦେଶ ମଧ୍ୟ ଚଳାଉଛନ୍ତି। ଆମ ରାଜ୍ୟର ମହିଳାମାନେ ଦେଶ ବିଦେଶରେ ସେମାନଙ୍କ ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ଏହାପଛରେ ସରକାର ଓ ବିଭାଗର ଯେତିକି ହାତ ରହିଛି ତା'ଠାରୁ ବେଶି ହାତ ଏସ୍‌ଏସ୍‌ଜି ମହିଳାଙ୍କ ଉତ୍ସାହ ଓ ଆତ୍ମବିଶ୍ୱାସ ଯୋଗୁ ହୋଇପାରିଛି ବୋଲି ହେମ୍ବ୍ରମ୍ କହିଥିଲେ। ଏହି ଅଧିବେଶନରେ ୧୫୦୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ମହିଳା ଓ ବିଭିନ୍ନ ମହାସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ବିଭାଗୀୟ ନିର୍ଦ୍ଦେଶିକା ମାନସୀ ନିମ୍ଭାଲ ଧନ୍ୟବାଦ ଦେଇଥିଲେ।

### ୧୦.୫ ଲକ୍ଷ କୋଟିର ...

ମହାକାଶ ଓ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ପୁଞ୍ଜିନିବେଶ ପାଇଁ ପଥ ପ୍ରଶସ୍ତ ହୋଇଛି। କୋଭିଡ୍ ମହାମାରୀ ପରେ ଏହା ହେଉଛି ସବୁଠାରୁ ବଡ଼ ପୁଞ୍ଜିନିବେଶ ଆଗ୍ରହ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ଶେଷ ଅଧିବେଶନରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ ଏକ ନୂତନ ଯୁଗ ଆଡ଼କୁ ନେବା ଲାଗି ଏହି ବୃହତ୍ ପୁଞ୍ଜିନିବେଶକୁ କିପରି ଉପଯୋଗ କରାଯାଇପାରିବ ସେ ନେଇ ସମସ୍ତେ ମିଳିମିଶି ଉଦ୍ୟମ କରିବାକୁ ହେବ। ନିବେଶକାରୀଙ୍କ ସହ ଅଧିକ ମାଇଲ ଚାଲିବାକୁ ପ୍ରସ୍ତୁତ ଥିବା ଦୃଢ଼ ପ୍ରତିଶ୍ରୁତି ଓ ଭରସା ଦିଆଯାଇଛି। ଆମେ ଚାଲିବୁ ଏବଂ ଜିତିବୁ। ଆଶାଠାରୁ ଅଧିକ ପୁଞ୍ଜି ନିବେଶ ପ୍ରସ୍ତାବ ଆସିଥିବାରୁ ମୁଖ୍ୟମନ୍ତ୍ରୀ ଆୟୋଜକ ଫିକିର ସମସ୍ତ ଟିମ୍‌କୁ ବିଶେଷ ଧନ୍ୟବାଦ ଦେଇଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ସହଯୋଗ କରିଥିବା ଜାପାନ, ନରୱେ ଏବଂ ଜର୍ମାନୀ ଭଳି ବିଦେଶୀ ଅଂଶୀଦାରଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧନ୍ୟବାଦ ଦେଇଛନ୍ତି। ଏଥିସହିତ ଏହା ମିଳିତ ବ୍ୟବସାୟ, ବାଣିଜ୍ୟ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

### ହାତୀଙ୍କ ତାପମାତ୍ରା ...



ଚମକପୁରରେ ବନ ବିଭାଗ ପକ୍ଷରୁ ୧୦ଟି ହାତୀ ଥିବା ରିପୋର୍ଟ କରାଯାଇଥିଲା। ପରେ ସନ୍ଦେହ ହେବାରୁ ହାତୀ ସଂଖ୍ୟା ଡ୍ରୋନ୍ କ୍ୟାମେରାରେ ଗଣନା ପରେ ୧୮ ଟି ହାତୀ ଥିବା ସ୍ପଷ୍ଟ ହୋଇଥିଲା। ଏଥିସହ ଡ୍ରୋନ୍ କ୍ୟାମେରା ଦ୍ୱାରା ଜଙ୍ଗଲରେ ବୁଲୁଥିବା ଶିକାରୀ ତଥା ଅନ୍ୟ ବନ୍ୟଜନ୍ତୁଙ୍କ ସ୍ଥିତି ମଧ୍ୟ ଜାଣି ହେବ। ଏହା ଦ୍ୱାରା ଠିକ୍ ସୂଚନା ମିଳିବ ଏବଂ ହାତୀମାନଙ୍କ ଗତିବିଧି ଠିକ୍ ନିରୂପଣ କରି ଲୋକଙ୍କୁ ସଚେତନ କରିବା ସହ ହାତୀ ଘଉଡ଼ାଇବା ପାଇଁ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ପାରିବ ବୋଲି ଡିଏଫ୍‌ଓ ଏଚ୍.ଡି. ଧନରାଜ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅନୁକୂଳ ଗ୍ରହସ୍ଥିତି କାରଣରୁ ଦିନଟି ପ୍ରାୟତଃ ଭଲରେ ଯିବ। ଦୂରଯାତ୍ରାରେ କେତୁ ପ୍ରଭାବରୁ ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ଆଜିହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ବୃଷ** ଶୁକ୍ରଙ୍କ ଦୃଷ୍ଟିରୁ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହିବ। ଏହା ସାଙ୍ଗକୁ ଅର୍ଥ ପ୍ରାପ୍ତି ସହ ଭୋଗ ବିଳାସ ମଧ୍ୟରେ ସମୟଟି ଭଲରେ କଟିବ। ପାରିବାରିକ କ୍ଷେତ୍ରରେ ସୁଯୋଗ ପାଇବା ସାଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମନସ୍ଥ କରିପାରନ୍ତି।

**ମିଥୁନ** ଅଷ୍ଟମସ୍ଥ ଶନି ହେତୁ ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ । ବନ୍ଧୁମାନଙ୍କ ପ୍ରେରଣା ଓ ପରାମର୍ଶରେ ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଅର୍ଥର ଅଭାବ ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**କର୍କଟ** ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାଇ ବୁଲିବେ। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବିବାଦୀୟ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ନୀରବ ରହିବାକୁ ବାଧ୍ୟ ହେବେ। ବୁଝାମଣା ଠିକ୍ ରହୁନଥିବାରୁ ପରିବାରରେ ଡରିମରି ଚଳିବାକୁ ବାଧ୍ୟ ହୋଇପାରନ୍ତି।

**ସିଂହ** ଅତୀତର ଘଟଣାଗୁଡ଼ିକର ସମୀକ୍ଷା କରି ମନଟି ଭଲ ଲାଗିବ ନାହିଁ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣସୂତ୍ରରେ ଅର୍ଥଲାଭ କରିବେ ଏବଂ ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କୋର୍ଟରେ ପଡ଼ିରହିଥିବା ମାମଲାର ଫଇସଲା ଆଶା।

**କନ୍ୟା** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। କ୍ରୀଡ଼ା, କଳା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ଥିବା ସମସ୍ୟାସୁଧୁରି ଯିବ। ପରୋକ୍ଷ ଶତ୍ରୁତା କାରଣରୁ ବିବାଦ ଭିତରକୁ ଟାଣି ହେବେ। ସମ୍ପର୍କୀୟ ବନ୍ଧୁଙ୍କ ଆଗମନ ସମ୍ଭାବନା।

**ତୁଳା** ପାପଗ୍ରହ ପ୍ରଭାବରୁ ସମ୍ପର୍କୀୟଙ୍କ ଶତ୍ରୁତା ଯୋଗୁ ବିଚଳିତ ବୋଧ କରିବେ। ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ, ମାତ୍ର ନିଜକୁ ଟିକିଏ ନରମି କହିବାକୁ ପଡ଼ିପାରେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମରେ ସହଯୋଗ ମଧ୍ୟ କରିବେ। ନିର୍ମାଣ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ପରିସ୍ଥିତି ଗମ୍ଭୀର ରହିବ।

**ବିଛା** ଲୋକ ସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକମାନେହିଁ ପ୍ରତିବନ୍ଧକ ସୃଷ୍ଟି କରିବେ। ଅଫିସ୍‌ରେ ଥିବା ସମୟରେ ବନ୍ଧୁମାନଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ମାତ୍ର କର୍ମକ୍ଷେତ୍ରରେ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ କମିଯାଇପାରେ। ସନ୍ତାନଙ୍କ କୃତିତ୍ୱରେ ଖୁସି ହେବେ।

**ଧନୁ** ବନ୍ଧୁମାନଙ୍କ ଆହ୍ୱାନକ୍ରମେ କୌଣସି ଶୁଭକାର୍ଯ୍ୟରେ ଯୋଗ ଦେଇପାରନ୍ତି। ଆଜିର ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ । ରାଜନୀତି, ପ୍ରକାଶନ, ପ୍ରଶାସନ, ଗବେଷଣା ଓ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଦିନଟି ବହୁତ ଭଲ। ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ ସଭା ସମିତିରେ ସୁନାମ ଅର୍ଜନ କରିବାର ପରିବେଶ ସୃଷ୍ଟି ହେବ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ନିଜ ଜିଦ୍‌ରେ ଅଟଳ ରହିବେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ। ସଭାସମିତିରେ, ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ପରିବାରରେ ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି ପାଇବା କାରଣରୁ ବିଶୃଙ୍ଖଳା ଦେଖାଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ଅଦଳବଦଳ ହୋଇଯାଇପାରେ। ଆଶା ଅନୁସାରେ କାମ ହୋଇଯିବାରୁ ଖୁସି ରହିବେ। ଅନ୍ୟାନ୍ୟ ପ୍ରତ୍ୟେକ କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବା ସମ୍ଭାବନା ବେଶି।

**ମୀନ** ସ୍ୱାର୍ଥ ସାଧନର ମସୁଧା କରି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ସମସ୍ୟା ଲାଗି ରହୁଥିବାରୁ ଅଧିକାଂଶ ସମୟରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। କଳା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କେତେକ ଘଟଣାକୁ ନେଇ ମନ କଥା ମନ ଭିତରେ ଲୁଚାଇ ରଖି କାନ୍ଦିବାକୁ ପଡ଼ିପାରେ।

ଆଜି ଡିସେମ୍ବର ୪ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ ରବିବାର, ଭାରତୀୟ ନୌସେନା ଦିବସ, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୩ ମି. ଗତେ ଘ.୦୯।୦୪ ମି. ମଧ୍ୟେ, ଘ.୧୨।୫୮ ମି. ଗତେ ଘ.୦୨।୫୨ ମଧ୍ୟେ ଶୁଦ୍ଧଶୁଭ ବେଳା। ଅପରାହ୍ନ ଘ. ୦୩।୪୧ ମି. ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।

# ଓଟିଏମ୍‌କୁ ନିଜ ଅକ୍ତିଆରକୁ ନେଲେ ସରକାର

## ହାଇକୋର୍ଟଙ୍କ ନିର୍ଦ୍ଦେଶର ୨୪ ଘଣ୍ଟା ନ ପୂରୁଣୁ ପଦକ୍ଷେପ

ମଙ୍ଗୁଳି–ଜଗତପୁର/ଚୌଦ୍ୱାର, ୩।୧୨(ଡି.ଏନ୍.ଏ)

କଟକ ଜିଲା ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ ମିଲ୍‌ସ(ଓଟିଏମ୍) ପୁନରୁଦ୍ଧାର ପ୍ରସଙ୍ଗରେ ହାଇକୋର୍ଟ ଆସନ୍ତା ୫ତାରିଖ ଅପରାହ୍ନ ୪ଟା ସୁଦ୍ଧା ରାଜ୍ୟ ସରକାର ନିଜ ଅକ୍ତିଆରକୁ ନେବା ପାଇଁ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ତେବେ ୨୪ଘଣ୍ଟା ନ ପୂରୁଣୁ ଶନିବାର ଅପରାହ୍ନରେ କମ୍ପାନୀର ସ୍ଥାବର ୫୨୨ଏକର ଓ ଅସ୍ଥାବର ସମ୍ପତ୍ତିକୁ ରାଜ୍ୟ ସରକାର ତାଙ୍କ ପ୍ରତିନିଧି ତହସିଲଦାରଙ୍କ ଜରିଆରେ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ନିଜ ଅକ୍ତିଆରକୁ ନେଇଛନ୍ତି। ଏହି ହସ୍ତାନ୍ତର ପ୍ରକ୍ରିୟା ବେଳେ ଲିକ୍ୟୁଡେଟରଙ୍କ ପ୍ରତିନିଧି ଦଳ, ରାଜ୍ୟ ବୟନ ଶିଳ୍ପ ବିଭାଗର ପ୍ରତିନିଧି ଦଳ, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଇଡ୍‌କୋ ଜଗତପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ହେଡ୍ ପରୀକ୍ଷିତ ମହାଳିକ ଓ ଚୌଦ୍ୱାର ପୋଲିସ କମ୍ପାନୀ ପରିସରରେ ଉପସ୍ଥିତ ଥିଲେ । ଏହାର ସମସ୍ତ ଦାୟିତ୍ୱ ରାଜ୍ୟ ସରକାର ନେବେ ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ କର୍ପୋରେଶନ ଓଡ଼ିଶା (ଇଡ୍‌କୋ)ପକ୍ଷରୁ କମ୍ପାନୀ ପରିସରରେ ସୁରକ୍ଷାକୁ ଆଖି ଆଗରେ ରଖି ସିସିଟିଭି ଲଗାଯିବା ସହ ଆଲୋକୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଓଟିଏମ୍ ପରିସରରେ ଥିବା ବିଭିନ୍ନ ଘଞ୍ଚ ଜଙ୍ଗଲ ସଫା ସହ ଏହାର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମକୁ ଜୋରଦାର କରାଯିବ ବୋଲି ଇଡ୍‌କୋ ଅଧିକାରୀ ମହାଳିକ କହିଛନ୍ତି । ଲୋକଙ୍କ ବକେୟା ପ୍ରାପ୍ୟ ଦେବା ପାଇଁ ଏକ ସ୍ପେଶାଲ କମିଟି କରାଯାଇ ପ୍ରାପ୍ୟ ଯଥାଶୀଘ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ରାଜ୍ୟ ସରକାର ନିଜ ଅକ୍ତିଆରକୁ ନେବାବେଳେ ଓଟିଏମ୍‌କୁ ନେଇ ୧୮ବର୍ଷ ଧରି ସଂଗ୍ରାମ ଜାରି ରଖିଥିବା ଓଟିଏମ୍ ବଞ୍ଚାଅ ସଂଗଠନ ଓ ବିରାଟ ଜନକଲ୍ୟାଣ ସମିତିର ଏକ ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଥିଲେ । ଓଟିଏମ୍ ଗେଟ ସମ୍ମୁଖରେ ଧାରଣାରେ ବସିଥିବା ଶ୍ରମିକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଉଭୟ ସଂଗଠନର ଆବାହକ ଦୀପକ କୁମାର ବାରିକ କହିଛନ୍ତି, ନିଃସ୍ୱାର୍ଥପର, ଗଠନମୂଳକ, ନିଷ୍ଠାପର ଲଢ଼େଇ କେବେ ବ୍ୟର୍ଥ ଯାଏ ନାହିଁ। ସୂଚନାଯୋଗ୍ୟ, ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍) ପୁନରୁଦ୍ଧାର ପ୍ରସଙ୍ଗରେ ହାଇକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ। ଆସନ୍ତା ୫ ତାରିଖ ଅପରାହ୍ନ ୪ଟା ସୁଦ୍ଧା ରାଜ୍ୟ ସରକାର ଓଟିଏମ୍‌କୁ ନିଜ ଅକ୍ତିଆରକୁ ନେବେ। କମ୍ପାନୀର ସମସ୍ତ ସମ୍ପତ୍ତିକୁ ରାଜ୍ୟ ସରକାର ତାଙ୍କ ପ୍ରତିନିଧିଙ୍କ ଜରିଆରେ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ଗ୍ରହଣ କରିବେ। ଏହି ସମୟ ମଧ୍ୟରେ ସରକାର ଯଦି ହସ୍ତାନ୍ତର କାର୍ଯ୍ୟ କରି ନ ପାରନ୍ତି ତେବେ ମାସକୁ ୬ ଲକ୍ଷ ଟଙ୍କା ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ଜମା କରିବେ। ଆସନ୍ତା ୬ ତାରିଖ ପରବର୍ତ୍ତୀ ଶୁଣାଣିବେଳେ ଏ ସମ୍ପର୍କିତ ତଥ୍ୟ ସତ୍ୟପାଠ ଆକାରରେ ଅଦାଲତଙ୍କୁ ଅବଗତ କରାଇବାକୁ ବିଚାରପତି ଅରିନ୍ଦମ ସିହ୍ନାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

# ଜିଲାପାଳଙ୍କ ଅଫିସ୍ ଫାଟକରେ ତାଲା ପକାଇ ପଳାଇଲେ ଯୁବକ

ବାଲେଶ୍ୱର ଅଫିସ, ୩।୧୨

ବାଲେଶ୍ୱର ଜିଲାପାଳଙ୍କ ଅଫିସ୍‌ର ଦୁଇଟିଯାକ ମୁଖ୍ୟ ଫାଟକରେ ଜଣେ ଯୁବକ ଶନିବାର ଅପରାହ୍ନ ୨ଟାରେ ହଠାତ୍ ତାଲା ପକାଇଦେଇଥିଲେ। ଲୋକମାନେ ତାହା ଦେଖିଥିଲେ ମଧ୍ୟ କିଛି ବୁଝିବା ପୂର୍ବରୁ ସେ ସେଠାରୁ ପଳାଇଯାଇଥିଲେ। ଲୋକେ ତାଙ୍କୁ ଅଟକାଇ କାରଣ ପଚାରିବାରୁ ଖାରସାହାପୁର ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ନ ଥିବାରୁ କାହାରିକୁ ଜିଲାପାଳଙ୍କ ଅଫିସ୍ ବାହାରୁ ବାହାରିବାକୁ ଦେବେ ନାହିଁ ବୋଲି ପ୍ରକାଶ କରିଥିଲେ। ଲୋକେ ତାଙ୍କୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ସେ ନିଜ ସାଇକେଲ ଛାଡ଼ି ଦୌଡ଼ି ପଳାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଜିଲା ଶିକ୍ଷାଧିକାରୀଙ୍କ ଅଫିସ୍, ପରିସଂଖ୍ୟାନ, ଟ୍ରେଜେରୀ, ଡିସିପିଓ, ଜରୁରୀକାଳୀନ ଅଫିସ୍ ଓ ଦୁଇଟି ଅତିରିକ୍ତ ଜିଲାପାଳଙ୍କ ଅଫିସ୍ ସହିତ ପରିବାର ଅଦାଲତର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଉକ୍ତ ଅଫିସଗୁଡ଼ିକୁ ଆସିଥିବା ସାଧାରଣ ଲୋକମାନେ ପ୍ରାୟ ୧ଘଣ୍ଟା ଧରି ଅଟକି ରହିଥିଲେ। ଫାଟକରେ ତାଲା ପଡ଼ିବା ଯୋଗୁ କେହି ବାହାରକୁ ଯାଇପାରି ନ ଥିଲେ। ଉକ୍ତ ସମୟରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମଧ୍ୟାହ୍ନଭୋଜନ ପାଇଁ ବାସଭବନକୁ ଯାଉଥିବା ବେଳେ ଗେଟ୍‌ରେ ତାଲା ପଡ଼ିଥିବା ଦେଖି ସହଦେବଖୁଣ୍ଟା ପୋଲିସକୁ ଖବର ଦେଇଥିଲେ। ସମସ୍ତ ଅଫିସ୍‌ର କର୍ମଚାରୀ ଉଭୟ ଗେଟ୍ ନିକଟରେ ପହଞ୍ଚିଥିଲେ। ପରେ ଅତିରିକ୍ତ ଜିଲାପାଳଙ୍କ ପିଅନ ମୁଖ୍ୟ ଫାଟକରେ ତାଲା ଭାଙ୍ଗି ଫାଟକ ଖୋଲିଥିଲେ। ସହଦେବଖୁଣ୍ଟା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ଯୁବକ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଏଭଳି କାଣ୍ଡ ଘଟାଇଥିବା ଲୋକେ କହିଛନ୍ତି।




# ଦେଢ଼ କୋଟିରୁ ଊର୍ଦ୍ଧ୍ୱ ହଡ଼ପ: ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଗିରଫ

ରଘୁନାଥପୁର,୩।୧୨(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକରେ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାରେ ୧ କୋଟି ୬୨ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ନେଇ ସେପ୍ଟେମ୍ବର ୫ରେ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ନଭେମ୍ବର ୩୦ରେ ଅବସର ନେଇଥିବା ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମିୟ ମଲ୍ଲିକଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ରାଜକିଶୋର ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଏହି ଯୋଜନା ସମ୍ପର୍କରେ ରେଡୁଆ ଅଞ୍ଚଳର ସାମାଜିକ କର୍ମୀ ଗୋବିନ୍ଦ ଓଝା ସୂଚନା ଆଧାର ଆଇନ ଜରିଆରେ ତଥ୍ୟ ମଗାଇଥିଲେ। ଉକ୍ତ ତଥ୍ୟରୁ ଜଣାପଡ଼ିଥିଲା ଯେ,୨୦୧୮–୧୯ରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ମାତ୍ର ଏସବୁ କାର୍ଯ୍ୟରେ ବ୍ୟବହୃତ କିଛି ସାମଗ୍ରୀ ଉପରେ ନକଲି ରସିଦ ଦିଆଯାଇ ଜିଏସ୍‌ଟି ଠକେଇ କରାଯାଇଛି। ଏହାପରେ ସମ୍ପୃକ୍ତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମଲ୍ଲିକଙ୍କ ସମେତ ବିଡିଓ ଏବଂ ଅନ୍ୟ ଯନ୍ତ୍ରୀଙ୍କ ବିରୋଧରେ ଓଝା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୧୬୬/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗିରଫ ଭୟରେ ମଲ୍ଲିକ ଫେରାର ହୋଇଯାଇଥିଲେ। ଏସ୍‌ଆଇ ଅନିଲ କୁମାର ସାହୁ ଏନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅପରାହ୍ନରେ ଉକ୍ତ ଥାନା ଅନ୍ତର୍ଗତ ଗୁଆଳିପୁର ରେଳ ଷ୍ଟେଶନ ନିକଟରୁ ତାଙ୍କୁ ଗିରଫ କରିଛନ୍ତି। ଏହାପରେ କାହାର ପାଳି ପଡ଼ିବ ସେନେଇ ଚର୍ଚ୍ଚା ଜୋର ଧରିଛି।


ଅମିୟ ମଲ୍ଲିକ









ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହଁ।) –ଶ୍ରୀମା



# ନେହେରୁ ବନାମ ପଟେଲ



ଆକାର ପଟେଲ

ଆମେ ଆଉ ଏକ ନିର୍ବାଚନ ପ୍ରକ୍ରିୟାର ମଝିରେ ରହିଛୁ ଏବଂ ଏହା ମଧ୍ୟକୁ ନେହେରୁ ବାନମ ପଟେଲ ପ୍ରସଙ୍ଗ ଫେରିଛି। କିଛି ସପ୍ତାହ ପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଏକ ଭାଷଣ ଖବରର ଶୀର୍ଷକ ଭାବେ ପ୍ରକାଶ ପାଇଥିଲା। ଶୀର୍ଷକର ଭାବାର୍ଥ ଥିଲା ଏହିପରି–ସର୍ଦ୍ଦାର ପଟେଲ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ଅନେକ ସମସ୍ୟା ଉପୁଜି ନ ଥାନ୍ତା ବୋଲି ଶାହା କହିଥିଲେ। ଏହିପରି ଭାବେ ସର୍ଦ୍ଦାର ପଟେଲ ଓ ସୁଭାଷ ବୋଷ କଂଗ୍ରେସଠାରୁ ଭିନ୍ନ ବୋଲି ଦର୍ଶାଇବା ସହ କଂଗ୍ରେସ ପ୍ରତି ଘୃଣା ମନୋଭାବର ଏକ ପିଢି ସୃଷ୍ଟି କରିବା ପାଇଁ ଶାସକ ଦଳ ପ୍ରୟାସ ଜାରି ରଖିଛି। ଜବାହରଲାଲ ନେହେରୁଙ୍କ ପରିବର୍ତ୍ତେ ପଟେଲ ପ୍ରଧାନମନ୍ତ୍ରୀ ହୋଇଥିଲେ କ'ଣ ହୋଇଥାନ୍ତା ? ବିଶେଷକରି ଗୁଜରାଟରେ ଏହି ପ୍ରତିତଥ୍ୟାତ୍ମକ ଭାବନା କେବେ ବି ହଟିବ ନାହିଁ। ଗୁଜରାଟରେ ନେହେରୁଙ୍କ ତୁଳନାରେ ପଟେଲଙ୍କୁ ଜଣେ ଅଧିକ ସମର୍ଥ, ଜାତୀୟତାବାଦୀ ନେତା ଭାବେ ବିବେଚନା କରାଯାଏ। ନେହେରୁ ନୁହନ୍ତି, ପଟେଲ ହିଁ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ ଭଲ ହୋଇଥାଆନ୍ତା– ଏଭଳି ଦୃଷ୍ଟିକୋଣ ପଛରେ ତିନୋଟି ଅବଧାରଣାକୁ ବିଚାରକୁ ନିଆଯାଉ। ପ୍ରଥମରେ ପଟେଲ ଏଭଳି ବ୍ୟବସ୍ଥାକୁ ନାପସନ୍ଦ କରିଥିଲେ। ଦ୍ୱିତୀୟରେ ନେହେରୁ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ଗାନ୍ଧିଜୀ ଜିଦି ଧରି ପଟେଲଙ୍କୁ ନିରାଶ କରିଥିଲେ। ତୃତୀୟରେ ପଟେଲ ବାସ୍ତବରେ ସ୍ୱାଧୀନ ଭାରତର ପ୍ରାଥମିକ ପର୍ଯ୍ୟାୟରେ ନେତୃତ୍ୱ ନେଇଥିଲେ ଅନେକ କିଛି ଭିନ୍ନ ହୋଇପାରିଥାଆନ୍ତା। କିନ୍ତୁ କେମିତି ଏହା ହୋଇଥାଆନ୍ତା ତାହା ଅସ୍ପଷ୍ଟ ରହିଛି। ବିଶ୍ୱାସ ରହିଛି ଯେ, ପଟେଲ ପାକିସ୍ତାନ ସହ ସମସ୍ୟା ସମାଧାନର ବାଟ ବାହାର କରିପାରିଥାଆନ୍ତେ ଏବଂ କଶ୍ମୀର ସମସ୍ୟା ରହି ନ ଥାନ୍ତା। କିନ୍ତୁ ଏଭଳି ଧାରଣା ଭୁଲ୍। ଜାଣିବା ଦରକାର, କଶ୍ମୀର ସମସ୍ୟା ଇସ୍‌ଲାମବାଦରେ ହିଁ ରହିଛି, ଶ୍ରୀନଗରରେ ନୁହେଁ। ଆମେ ପାକିସ୍ତାନ ସହ ଯେକୌଣସି ଉପାଦେୟ ବୁଝାମଣାରେ ପହଞ୍ଚିପାରିଥିଲୁ ଏପରି କି ୧୯୭୨ ଶିମ୍‌ଲା ରାଜିନାମା କରିଥିଲୁ, ତଥାପି ଶ୍ରୀନଗରରେ ସମସ୍ୟା ରହିଗଲା। ପଟେଲଙ୍କୁ ନେଇ ଉଠୁଥିବା ପ୍ରଶ୍ନ ମୂଲ୍ୟହୀନ। ନେହେରୁ ବନାମ ପଟେଲ ବିତର୍କ ଏବଂ ସର୍ଦ୍ଦାର ପ୍ରଧାନମନ୍ତ୍ରୀ ହୋଇଥିଲେ କ'ଣ ହୋଇଥାଆନ୍ତା ଭଳି ପ୍ରଶ୍ନର ବାସ୍ତବତା କେତେ ତାହା ବିଚାର କରିବା। ଭାରତର ପ୍ରଥମ ସାଧାରଣ ନିର୍ବାଚନ ପୂର୍ବରୁ ଡିସେମ୍ବର ୧୯୫୦ରେ ପଟେଲଙ୍କ ଦେହାନ୍ତ ଘଟିଲା। ଯଦି ସେ ପ୍ରଧାନମନ୍ତ୍ରୀ ହୋଇଥା'ନ୍ତେ କୌଣସି ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣରୁ ଅଧିକ ଦିନ ଦେଶକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇ ନ ଥାନ୍ତେ। ସେତେବେଳକୁ ପଟେଲଙ୍କ ବୟସ ୭୫ ଏବଂ ନେହେରୁ ତାଙ୍କଠାରୁ ୧୫ ବର୍ଷ ସାନ ଥିଲେ। ଜିନ୍ନା ଏବଂ ଗାନ୍ଧିଜୀଙ୍କ ତୁଳନାରେ ପଟେଲ ଥିଲେ ତାଙ୍କ ପୂର୍ବପିଢିର ନେତା। ହେଲେ ଜିନ୍ନା ଓ ଗାନ୍ଧିଜୀଙ୍କ ସହ ସେ ସ୍ୱାଧୀନତା ପ୍ରାପ୍ତି ପରେ ପରେ ଦେହତ୍ୟାଗ କରିଥିଲେ। ଗାନ୍ଧିଜୀଙ୍କର ଜାନୁୟାରୀ ୧୯୪୮ରେ ଏବଂ ଜିନ୍ନାଙ୍କର ସେହି ବର୍ଷ ସେପ୍ଟେମ୍ବରରେ ମୃତ୍ୟୁ ହୋଇଥିଲା। ପଟେଲଙ୍କ ମୃତ୍ୟୁ ହଠାତ୍ ହୋଇ ନ ଥିଲା। ମୃତ୍ୟୁ ପୂର୍ବରୁ କିଛି ଦିନ ତାଙ୍କ ଦେହ ଖରାପ ରହିଥିଲା। ସ୍ୱାଧୀନତାର ୭ ମାସ ଏବଂ ଗାନ୍ଧିଜୀଙ୍କ ହତ୍ୟାର ୨ ମାସ ପରେ ମାର୍ଚ୍ଚ ୧୯୪୮ରେ ପଟେଲ ହୃଦ୍‌ଘାତରେ ଆକ୍ରାନ୍ତ ହୋଇଥିଲେ ଓ ତା'ପରଠାରୁ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିଥିଲା।

ଗଡ଼ଜାତ ରାଜ୍ୟଗୁଡ଼ିକୁ କେନ୍ଦ୍ର ସହ ମିଶାଇବା ଥିଲା ପଟେଲଙ୍କ ଶ୍ରେଷ୍ଠ ସଫଳତା। ବାସ୍ତବରେ ସ୍ୱାଧୀନତା ପୂର୍ବରୁ ଏବଂ ୧୯୪୭ ପର୍ଯ୍ୟନ୍ତ ମାସଗୁଡ଼ିକରେ ଅଧିକାଂଶ ଗଡ଼ଜାତ ରାଜ୍ୟ ମିଶ୍ରଣ ହୋଇଥିଲା। କିନ୍ତୁ ଇଂରେଜ ଦେଶ ଛାଡ଼ିଗଲାପରେ ଜୁନାଗଡ଼, ହାଇଦ୍ରାବାଦ ଏବଂ ଜମ୍ମୁ–କଶ୍ମୀର ବାହାରେ ରହିଗଲା। ସ୍ୱାଧୀନତା ପୂର୍ବରୁ ଅନେକାଂଶରେ ପଟେଲ ବହୁତ ଭଲ କାମ କରିଥିଲେ। ଏଣୁ ସ୍ୱାଧୀନତା ପ୍ରାପ୍ତି ପରେ ତାଙ୍କୁ କୌଣସି ସ୍ଥିତିରେ କାଳ୍ପନିକ ଭାବେ ସ୍ଥାନିତ କରିବାର ମାନେ କିଛି ନାହିଁ। ପଟେଲ କିଛି ନିଆରା କାର୍ଯ୍ୟ କରିଥାଆନ୍ତେ ଯାହା ପୂର୍ବରୁ ଗାନ୍ଧିଜୀ ଏବଂ ନେହେରୁ କରିପାରି ନ ଥିଲେ ବୋଲି ଦାବି କରାଯାଉଛି। ଏଥିରୁ କ'ଣ ବୁଝାପଡୁଛି ? ମୋ ମତରେ, ଏଭଳି ମାନସିକତା ଏବେ ଦେଶରେ ପ୍ରତୀୟମାନ ଏକ ଦୃଢ ହିନ୍ଦୁତ୍ୱ, ଅଧିକ ମୁସଲମାନ ବିରୋଧୀ ଜାତୀୟତାବାଦ ଭାବନାର ପ୍ରତ୍ୟାଶାକୁ ସୂଚାଉଛି। ଦେଶ ଏହି ପ୍ରକାର ହେବା ଉଚିତ ବୋଲି କେତେଜଣ ପଟେଲଙ୍କ ଦୃଷ୍ଟିକୋଣକୁ ପରିବର୍ତ୍ତନ କରୁଛନ୍ତି। ପ୍ରକୃତରେ ସେମାନେ ପଟେଲଙ୍କୁ ଭୁଲ୍ ବୁଝିଛନ୍ତି। ରଫିକ୍ ଜାକାରିଆ ତାଙ୍କ ପୁସ୍ତକ 'ସର୍ଦ୍ଦାର ପଟେଲ ଆଣ୍ଡ୍ ଇଣ୍ଡିଆନ୍ ମୁସଲିମ୍‌ସ'ରେ ପଟେଲଙ୍କ ସାର୍ବଭୌମବାଦ ବିଷୟରେ ଦର୍ଶାଇଛନ୍ତି। ବ୍ୟବସ୍ଥାପକ ସଭାରେ ହିନ୍ଦୁଙ୍କ ପ୍ରତି ପଟେଲଙ୍କ ବାର୍ତ୍ତା ଥିଲା, 'ସଂଖ୍ୟାଧିକ ଭାବେ ଆମକୁ ଭାବିବାକୁ ହେବ ଯେ ସଂଖ୍ୟାଲଘୁମାନେ କ'ଣ ଅନୁଭବ କରୁଛନ୍ତି ଏବଂ ଚିନ୍ତା କରିବାକୁ ପଡ଼ିବ ଯେ, ସେମାନଙ୍କୁ ଯେଭଳି ବ୍ୟବହାର କରାଯାଉଛି ଯଦି ସେଭଳି ଆମକୁ କରାଯାଆନ୍ତା ତେବେ ଆମେ କିଭଳି ଅନୁଭବ କରିଥାଆନ୍ତେ।' ଜାକାରିଆଙ୍କ ଅନୁଯାୟୀ ସଂଖ୍ୟାଲଘୁଙ୍କୁ ପ୍ରଚାର ପାଇଁ ଓ ସେମାନଙ୍କ ସଂସ୍ଥା ଚଳାଇବା ଲାଗି ଅଧିକାର ପ୍ରଦାନ କରିବା ଥିଲା ପଟେଲଙ୍କର ପ୍ରଭାବଶାଳୀ କାର୍ଯ୍ୟ। କିନ୍ତୁ ତାଙ୍କର ଏପ୍ରକାର କାର୍ଯ୍ୟକୁ ବିଚାରକୁ ନେଉନାହୁଁ। ଏହା ସତ୍ୟ ଯେ, ବିଭାଜନ ପରେ ମୁସଲିମାନଙ୍କ ପ୍ରତି ପଟେଲଙ୍କ ଏଭଳି ମନୋଭାବ ସନ୍ଦେହ ଦୃଷ୍ଟିରେ ଥିଲେ ବି ସେ ଏଭଳି ଭାବାବେଗରୁ ଊର୍ଦ୍ଧ୍ୱରେ ନିଜକୁ ରଖିବାକୁ ସକ୍ଷମ ହୋଇଥିଲେ। ବି.ଆର୍. ଆମ୍ବେଡକରଙ୍କ ଇଚ୍ଛା ବିରୋଧରେ ସେ ବ୍ୟବସ୍ଥାପକ ସଭାରେ ଭାରତରେ ପୃଥକ୍ ନିର୍ବାଚନ କ୍ଷେତ୍ର ଦାବିକୁ ପ୍ରତ୍ୟାହର କରିବା ଲାଗି ମୁସଲମାନ ନେତାମାନଙ୍କୁ ସୁଯୋଗ ଦେଇଥିଲେ। ପଟେଲଙ୍କ ଏଭଳି ପ୍ରସ୍ତାବ ମୁସଲମାନମାନଙ୍କୁ ବିଚ୍ଛିନ୍ନତାବାଦ ଅଭିଯୋଗରୁ ମୁକ୍ତ କରିଥିଲା।

ପଟେଲଙ୍କ ସମ୍ପର୍କରେ ଗାନ୍ଧିଜୀ କହିଛନ୍ତି ଯେ, 'ମୁଁ ସର୍ଦ୍ଦାରଙ୍କୁ ଜାଣେ... ତାଙ୍କ କାର୍ଯ୍ୟ ପଦ୍ଧତି ଏବଂ ହିନ୍ଦୁ–ମୁସଲମାନଙ୍କ ମୂଳ ସମସ୍ୟା ସହ ଅନ୍ୟ ସମସ୍ୟାଗୁଡ଼ିକ ପ୍ରତି ତାଙ୍କ ଦୃଷ୍ଟିକୋଣ ଓ ସମାଧାନ କରିବାର ମନୋଭାବକୁ ବି ଜାଣେ; ଯାହା ପଣ୍ଡିତ ଓ ମୋ ଠାରୁ ନିଆରା। କିନ୍ତୁ ଏହାକୁ ମୁସଲମାନ ବିରୋଧୀ ଭାବେ ବର୍ଣ୍ଣନା କରିବା ହିଁ ସତ୍ୟର ଉପହାସ। ସମସ୍ତଙ୍କୁ ଧରି ରଖିବାରେ ସର୍ଦ୍ଦାରଙ୍କ ହୃଦୟ ଖୁବ୍ ବ୍ୟାପକ।' ଏହା ସତ୍ୟ ଏବଂ ପ୍ରଚାରରେ ବାରମ୍ବାର ଦୋହରାଯିବା ଉଚିତ।

Email:aakar.patel@gmail.com

# ବିଶ୍ୱାସ ମୂଳେ ଏ ଜଗତ



ଡ.ପ୍ରଫୁଲ୍ଲ କୁମାର ସାହୁ

ଆହାର ସଂସ୍ଥାନଠାରୁ ଆରମ୍ଭକରି ମାଟି, ପାଣି, ପବନ, ଗଛବୃଛ, ନଦନଦୀ, ବଣପାହାଡ଼, କୀଟପତଙ୍ଗ, ଜୀବଜନ୍ତୁ ଆଦି ନାନାପ୍ରକାର ଆବଶ୍ୟକ ଉପାଦାନ ସଜଡ଼ା ହୋଇ ରହିଛି ଏକ ବ୍ୟବସ୍ଥିତ ଢଙ୍ଗରେ। କିଏ ସଜାଡ଼ି ରଖିଛି ଏତେସବୁ ଉପାଦାନ ? ଏସବୁ ତିଆରି କରିବା କ'ଣ ମଣିଷ ପକ୍ଷରେ ସମ୍ଭବ। ଯୁଗଯୁଗର ସାଧନା ପରେ ମଣିଷ ତାକୁ ବୁଝିବାକୁ ସକ୍ଷମ ହୋଇପାରୁନି ଅର୍ଥ ଏହାର ସୃଷ୍ଟି ପଛରେ ରହିଛି କେଉଁ ଏକ ଅଦୃଶ୍ୟ ଶକ୍ତିର ହାତ। ଏହି ଭାବ ଓ ଭାବନା ହିଁ ଆଧ୍ୟାତ୍ମିକତା, ଯେଉଁଠୁ ଜନ୍ମନେଲା ଈଶ୍ୱର ବିଶ୍ୱାସ। ଏହାକୁ ଅଧିକ ପରିପୁଷ୍ଟ କଲା ବିଭୀଷିକାମୟ ପ୍ରକୃତିର ପ୍ରକୋପ ପ୍ରତି ଭୟ ଓ ସମର୍ପଣ ଭାବ। ଈଶ୍ୱରଙ୍କୁ ପୂଜାକଲେ ସୁଫଳ ନଚେତ କୁଫଳ ପ୍ରାପ୍ତିର ଧାରଣା ଈଶ୍ୱରବାଦକୁ ଉଜ୍ଜୀବିତ କରି ରଖିଲା ଏବଂ ଈଶ୍ୱର ପାଲଟିଗଲେ ମଣିଷର ଆଶା ଭରସାର ପ୍ରତୀକ। ଏ ସବୁ ସତ୍ତ୍ୱେ ବି ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ ହୋଇପାରୁନି ମଣିଷର ମନ। ଶାସ୍ତ୍ର କହେ ଈଶ୍ୱର ସର୍ବଶକ୍ତିମାନ ଓ ସକଳ କ୍ରିୟାର କାରକ। ଏହି ଆଧ୍ୟାତ୍ମିକ ବିଶ୍ୱାସକୁ ନେଇ ସେ ମନ୍ଦିର ଯାଉଛି ଏବଂ ଭଲରେ ମନ୍ଦରେ ଈଶ୍ୱରଙ୍କୁ ଡାକୁଛି, ହେଲେ ବେଳେବେଳେ ତା ଭାବ ରାଜ୍ୟକୁ ବିଭ୍ରାନ୍ତ କରି ଦେଉଛି ଅନେକ ଅସମାହିତ ପ୍ରଶ୍ନ। ଏହି ମର୍ମରେ ଖୁବ୍ ପ୍ରାସଙ୍ଗିକ ମନେହୁଏ ନିମ୍ନୋକ୍ତ ରୋଚକ କାହାଣୀ।

ତୀର୍ଥାଟନରେ ବାହାରିଥିବା ଜଣେ ସନ୍ନ୍ୟାସୀ ତଥା ଶାସ୍ତ୍ରଜ୍ଞ ପଣ୍ଡିତ ବାଟରେ କିଛିଦିନ ପାଇଁ ଅଟକିଗଲେ ଗୋଟିଏ ଗାଁ ମନ୍ଦିର ପରିସରରେ। ଦିନେ ସେ ଗାଁର ଅନେକ ଲୋକ ଏକତ୍ରିତ ହୋଇ ମନ୍ଦିର ପରିସରରେ ପହଞ୍ଚିଲେ ଏବଂ ଜାଣିବାକୁ ଚାହିଁଲେ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ। ଉତ୍ତର ଦେବା ପରିବର୍ତ୍ତେ ସନ୍ନ୍ୟାସୀ ସେମାନଙ୍କୁ ପ୍ରଶ୍ନକଲେ– ଈଶ୍ୱରଙ୍କ ପାଖରେ ତୁମର କାମ କ'ଣ ? ତମେମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ଏତେ ବ୍ୟାକୁଳ କାହିଁକି। ମଣିଷ ଯଦି ନିଷ୍ଠାର ସହ ଈଶ୍ୱରଙ୍କୁ ଖୋଜୁଥାଆନ୍ତା, ତେବେ ଆଜି ଏମିତି ନ ଥାନ୍ତା ଦୁନିଆର ରୂପ। ତେଣୁ ତୁମେମାନେ ଈଶ୍ୱରଙ୍କୁ ଖୋଜିବା ପରିବର୍ତ୍ତେ ନିଜ କାମ ଉପରେ ଧ୍ୟାନ ଦେବା ଉଚିତ। ସନ୍ନ୍ୟାସୀଙ୍କର ଏଭଳି ଉତ୍ତରରେ ଆଦୌ ସନ୍ତୁଷ୍ଟ ହୋଇପାରିଲେନି ଲୋକେ। ସେମାନେ ଉତ୍ତର ପାଇଁ ବାରମ୍ବାର ଅନୁରୋଧ କଲେ। ଏହାସତ୍ତ୍ୱେ ସନ୍ନ୍ୟାସୀ ଏଣେତେଣେ କଥା ବୁଲେଇବାରୁ ଜଣେ କହିଲେ–ଆପଣ ଉତ୍ତର ଦେବାରେ ଯେତେ ବିଳମ୍ବ କଲେ ବି ଆମେ ଏଠି ବସିରହିବାକୁ ପ୍ରସ୍ତୁତ। କାରଣ ଆଜି ରବିବାର ହୋଇଥିବାରୁ ଆମ ହାତରେ ପ୍ରଚୁର ସମୟ ଅଛି। ତେଣୁ ଆମେ ଧୈର୍ଯ୍ୟର ସହ ଅପେକ୍ଷା କରି ରହିବୁ ଆପଣଙ୍କଠାରୁ ଉତ୍ତର ପାଇବା ପର୍ଯ୍ୟନ୍ତ। ସାଧୁ କହିଲେ ଆଜି ହାତରେ ସମୟ ଥିବାରୁ ଈଶ୍ୱରଙ୍କ କଥା ଶୁଣିବା ପାଇଁ ବ୍ୟଗ୍ରତା ବଢ଼ିଛି। ମୁଁ ଜାଣେ ମଣିଷ ଫାଙ୍କା ସମୟ ପାଇଲେ ଈଶ୍ୱରଙ୍କୁ ଖୋଜେ। ଠିକ୍ ଅଛି ଈଶ୍ୱରଙ୍କ ବିଷୟରେ ଜାଣିବା ପାଇଁ ଯଦି ଏତେ ଆଗ୍ରହୀ, ତେବେ କହିଲ ଦେଖି– ତମେ ଈଶ୍ୱରଙ୍କୁ ମାନ କି ନାହିଁ? ସମ୍ମିଳିତ ସ୍ୱରରେ ଉତ୍ତର ଆସିଲା– ହଁ। ସାଧୁ କହିଲେ, ତେବେ କଥା ସରିଲା। ତମେ ଈଶ୍ୱରଙ୍କ ସମ୍ବନ୍ଧରେ ଜାଣିଛ ବୋଲି ତ ତାଙ୍କୁ ମାନୁଛ। ମୁଁ ଆଉ ସେ ସମ୍ପର୍କରେ ଅଧିକ କ'ଣ କହିବି! ଏତକ କହି ସେଦିନର ଚର୍ଚ୍ଚାକୁ ବିରାମ ଦେଲେ ସନ୍ନ୍ୟାସୀ। ଲୋକେ ଫେରିଗଲେ ନିରାଶହୋଇ। ହେଲେ ଗଲାବେଳେ କୁହାକୁହି ହେଲେ ସାଧୁଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେମାନେ ଈଶ୍ୱରଙ୍କୁ ଜାଣିଛନ୍ତି ବୋଲି କହିବା ହୁଏତ ଠିକ୍ ହେଲାନି। କିନ୍ତୁ ଜାଣିବା ଓ ବିଶ୍ୱାସ କରିବା ଭିତରେ ଅନେକ ପାର୍ଥକ୍ୟ ରହିଛି। ତେଣୁ ସେମାନେ ଆଉ ଥରେ ସାଧୁଙ୍କୁ ଭେଟିବା ପାଇଁ ନିଷ୍ପତ୍ତି ନେଲେ।



କିଛିଦିନ ପରେ ସେଇ ଏକା ପ୍ରଶ୍ନ ନେଇ ପୁଣି ଏକାଠି ହେଲେ ମନ୍ଦିର ପ୍ରାଙ୍ଗଣରେ। ସନ୍ନ୍ୟାସୀ କହିଲେ, ତମେମାନେ ତ ଈଶ୍ୱରଙ୍କୁ ଜାଣିଛ ବୋଲି କହି ସାରିଛ। ଆଜି ପୁଣି କାହିଁକି ସେ ପ୍ରଶ୍ନ ? ଲୋକେ କହିଲେ, ଆମେ ନୁହେଁ ଆଜ୍ଞା, ଯିଏ ଜାଣିଛନ୍ତି ବୋଲି ସେଦିନ କହିଥିଲେ, ସେମାନେ ସବୁ ଆରସାହି ଲୋକ। ସନ୍ନ୍ୟାସୀ ହସିଲେ ଓ ଭାବିଲେ ଈଶ୍ୱରଙ୍କୁ ଖୋଜୁଥିବା ଲୋକ ବି ମିଛ କହିପାରେ ଏବଂ ନିଜ କଥାକୁ ବି ସେ ବଦଳାଇପାରେ। ତଥାପି ମନକଥା ମନରେ ରଖି ସାଧୁ ପଚାରିଲେ, ଈଶ୍ୱର କ'ଣ ସତରେ ଅଛନ୍ତି? ଲୋକେ ଚଟାପଟ ଉତ୍ତର ଦେଲେ ନା। ଆମେ ଈଶ୍ୱରଙ୍କୁ ଜାଣୁନା କି ମାନୁନା। ସାଧୁ କହିଲେ, କଥା ଏଇଠୁ ସରିଲା। ତମେମାନେ ଯାହାକୁ ମାନୁନାହଁ, ତାଙ୍କ ବିଷୟରେ ମୁଁ କ'ଣ କହିବି? ବିଶେଷକରି ଯାହାକୁ ତୁମେ ଜାଣିନାହଁ, ତାକୁ ଖୋଜିବାର କୌଣସି ଆବଶ୍ୟକତା ନାହିଁ? ପୁଣି ଥରେ ଅଡୁଆରେ ପଡ଼ିଲେ ଗ୍ରାମବାସୀ। ସେଦିନ ବି ସାଧୁଙ୍କ ପାଖରୁ ଉତ୍ତର ନ ପାଇ ଫେରିଲେ ଉଦାସ ମନରେ। କିଛି ଦିନ ଅନ୍ତରରେ ଏକ ପୂର୍ବ ପ୍ରସ୍ତୁତି ନେଇ ସେମାନେ ପୁଣି ଥରେ ମନ୍ଦିରରେ ଏକାଠି ହେଲେ ଉତ୍ତର ପ୍ରତ୍ୟାଶାରେ। ସେମାନଙ୍କୁ ଦେଖି ସନ୍ନ୍ୟାସୀ କହିଲେ –ମୁଁ ଭାବୁଛି ଇତିମଧ୍ୟରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ତମେମାନେ ଠିକ୍ ଉତ୍ତର ପାଇସାରିଛ ଏବଂ ତମ ଚେତନା ସ୍ତରରେ ଆସିସାରିଛି ଅନେକ କିଛି ପରିବର୍ତ୍ତନ। ଏଥର କୁହ ତମେମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ମାନୁଛ କି ନାହିଁ? ଯୋଜନା ଅନୁସାରେ ଅଧାଲୋକ କହିଲେ– ହଁ, ଈଶ୍ୱର ଅଛନ୍ତି ଏବଂ ଆମେ ତାଙ୍କୁ ମାନୁଛୁ। ଆଉ ଅଧାଲୋକ କହିଲେ– ଆମେ ଈଶ୍ୱରଙ୍କୁ ଜାଣିନାହୁଁ। ମାନିବୁ କେମିତି ? ଉଭୟ ପକ୍ଷର କଥା ଶୁଣି ସାଧୁ କହିଲେ, ମୋର ଦାୟିତ୍ୱ ଏବେ ସରିଲା। ଭାବୁଥିଲି କ'ଣ କହି ତମମାନଙ୍କ ସନ୍ଦେହ ଦୂର କରିବି। ଯାହାହେଉ ସେହିମାନେ ମୋର ଚିନ୍ତା ଦୂରକଲେ, ଯେଉଁମାନେ ଈଶ୍ୱରଙ୍କୁ ଜାଣିଛନ୍ତି ବୋଲି କହିଲେ। ଅର୍ଥାତ୍ ତମମାନଙ୍କ ଭିତରୁ ପ୍ରାୟତଃ ଅର୍ଦ୍ଧାଧିକ ଲୋକ ଈଶ୍ୱରଙ୍କୁ ଜାଣିଥିବାରୁ ସେମାନେ ସହଜରେ ଦୂର କରିପାରିବେ ଅନ୍ୟମାନଙ୍କ ସନ୍ଦେହ। ସାଧୁଙ୍କ କଥାଶୁଣି ବିଷଣ୍ଣ ହୋଇଗଲା ଲୋକଙ୍କ ମୁହଁ। ଅର୍ଥାତ୍ ସେମାନେ ପୁଣିଥରେ ଛନ୍ଦି ହୋଇ ପଡ଼ିଲେ ନିଜ ଜାଲରେ। ସେମାନେ ପରସ୍ପରର ମୁହଁକୁ ଅନାଅନି ହୋଇ ମନ୍ଦିର ଛାଡ଼ିବା ପୂର୍ବରୁ ମହାଭାରତର ଏକ ପ୍ରସଙ୍ଗ ଅବତାରଣା କଲେ ସାଧୁ।

କୁରୁକ୍ଷେତ୍ରରେ କୌରବ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧର ଅଷ୍ଟମ ଦିବସ। ଆଗାମୀ କାଲିର ଯୁଦ୍ଧରେ ପାଣ୍ଡବ ପାଞ୍ଚଭାଇଙ୍କୁ ବିନାଶ କରିବାକୁ ପ୍ରତିଜ୍ଞା କଲେ ପିତାମହ ଭୀଷ୍ମ। ଶ୍ରୀକୃଷ୍ଣ ଜାଣିଥିଲେ ଭୀଷ୍ମଙ୍କ ପାଖରେ ଅଛି ପାଣ୍ଡବଙ୍କୁ ନିଧନ କରିବାର ଅମୋଘ ଅସ୍ତ୍ର। ତେଣୁ ତାଙ୍କ ମନକୁ ଆଚ୍ଛନ୍ନ କଲା ପାଣ୍ଡବଙ୍କ ସୁରକ୍ଷା ଚିନ୍ତା। ରାତି ଅଧରେ ଭାବିଲେ ପିତାମହଙ୍କ ପ୍ରତିଜ୍ଞାକୁ ନେଇ ନିଶ୍ଚୟ ଦୁଶ୍ଚିନ୍ତାରେ ଥିବେ ନିଜର ପ୍ରିୟସଖା ଅର୍ଜୁନ। ଏହି ସମୟରେ ସଖା ପାଖରେ ପହଞ୍ଚି ଧୈର୍ଯ୍ୟ ଓ ଆଶ୍ୱାସନା ଦେବା ତାଙ୍କର କର୍ତ୍ତବ୍ୟ। ତେଣୁ ସେହି ନିଶାର୍ଦ୍ଧରେ ସେ ପହଞ୍ଚିଗଲେ ପାଣ୍ଡବ ଶିବିରରେ। ସେତେବେଳକୁ ଗଭୀର ନିଦ୍ରାମଗ୍ନ ଥିଲେ ସଖା ଅର୍ଜୁନ। ତାଙ୍କ ନିଦ୍ରାଭଗ୍ନ କରି ପଚାରିଲେ, ଭୀଷ୍ମଙ୍କ ପ୍ରତିଜ୍ଞା କଥା ଜାଣି ସୁଦ୍ଧା ଏଭଳି ଦୁଃସମୟରେ ତମେ ନିଶ୍ଚିନ୍ତରେ ନିଦ୍ରା ଯାଇପାରିଲେ କିପରି? ଅର୍ଜୁନ ଉତ୍ତର ଦେଲେ– ଆମ ପାଇଁ ଅହରହ ଚିନ୍ତା କରୁଥିବା ଚିନ୍ତାମଣି ପରା ଜାଗ୍ରତ। ମୋର ଆଉ ଚିନ୍ତା କରିବାର କ'ଣ କାରଣ?

ସୁତରାଂ ଅର୍ଜୁନଙ୍କର ଏହି ଆସ୍ଥାରେ ଆଶ୍ରିତ ଈଶ୍ୱରଙ୍କ ଅସ୍ତିତ୍ୱ। ଯେଉଁଠି ଦୁର୍ବଳ ପଡ଼ିଯାଏ ଆସ୍ଥା, ସେଇଠି ଉଠେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ପ୍ରଶ୍ନ। ମାତ୍ର ଖୋଜିବାର ବ୍ୟାକୁଳତା ନ ଥିଲେ ମିଳେନି ଜିଜ୍ଞାସାର ଯଥାର୍ଥ ଉତ୍ତର।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# 'ଦି ଚିପ୍‌କୋ ମୁଭମେଣ୍ଟ' ଲେଖକ

ଦ୍ରୁତ ଜଙ୍ଗଲକ୍ଷୟ ରୋକିବା ଓ ପରିବେଶ ସଚେତନତା ଦିଗରେ ଉତ୍ତରାଖଣ୍ଡ (ଉତ୍ତରପ୍ରଦେଶର ଏକ ଅଂଶ ଥିଲା)ରେ ୧୯୭୩ରେ ଆରମ୍ଭ ହୋଇଥିବା 'ଚିପ୍‌କୋ ମୁଭମେଣ୍ଟ' ବା 'ଚିପ୍‌କୋ ଆନ୍ଦୋଳନ' ସେତେବେଳେ ବିଶ୍ୱକୁ ନୂଆ ଦିଗ ଦେଖାଇଥିଲା। ବୃକ୍ଷକୁ ବଞ୍ଚାଇବା ସକାଶେ ଯେଉଁ ଅହିଂସା ଅଭିଯାନ ହୋଇଥିଲା, ତାହାର ପୁରୋଧା ଥିଲେ ଗାନ୍ଧୀ ଆଦର୍ଶବାଦୀ ବିଶିଷ୍ଟ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣା। ଏବର ପିଢ଼ି ଯଦି ଚିପ୍‌କୋ ଆନ୍ଦୋଳନର ସେହି ସମୟର ଚିତ୍ରକୁ ଖୋଜିବେ ସେମାନେ ଦେଖିବାକୁ ପାଇବେ ମହିଳାମାନେ କିଭଳି ଗଛକୁ ବଞ୍ଚାଇବା ପାଇଁ ତାହାକୁ ଜାବୁଡ଼ି ଧରିଥିଲେ। ଏ ବିଷୟରେ ଆଲୋଚନା ହେଲା ବେଳେ ସୁନ୍ଦରଲାଲ ବହୁଗୁଣା ଓ ରମଣ ମାଗସେସେ ପୁରସ୍କାର ବିଜେତା ଚଣ୍ଡିପ୍ରସାଦ ଭଟ୍ଟଙ୍କ ସହ ଅନେକ ପରିବେଶବିତ୍‌ଙ୍କ କଥା ଉଠିଥାଏ। କିନ୍ତୁ ଯେଉଁ ସାଧାରଣ ମହିଳା ଓ ପୁରୁଷ ଏହାକୁ ଏକ ମିଶନ ଭାବେ ନେଇ ଜଙ୍ଗଲ ସୁରକ୍ଷା ଓ ହିମାଳୟ ଜୈବବିବିଧତାକୁ ବଜାୟ ରଖିବା ଦିଗରେ ନିଜକୁ ନିୟୋଜିତ କରି ଆନ୍ଦୋଳନକୁ ସଫଳ କରିଥିଲେ, ସେହିମାନଙ୍କ କଥା କ୍ୱଚିତ ଶୁଣିବାକୁ ମିଳେ। ହେଲେ ଏବେ ସେହି ଗଛ ଆଢୁଆଳରେ ରହିଯାଇଥିବା ବ୍ୟକ୍ତିଙ୍କ କାହାଣୀ ଓ ଅବଦାନକୁ ଉତ୍ତରାଖଣ୍ଡର ଐତିହାସିକ, ଲେଖକ ତଥା ଶିକ୍ଷାବିତ୍ ଶେଖର ପାଠକ ତାଙ୍କ ପୁସ୍ତକ 'ଦି ଚିପ୍‌କୋ ମୁଭମେଣ୍ଟ'ରେ ସ୍ଥାନ ଦେଇଛନ୍ତି। ତାଙ୍କ ବର୍ଣ୍ଣନା ଅତି ଜୀବନ୍ତ ହୋଇଥିବାରୁ ସେ 'କମଳାଦେବୀ ଚଟ୍ଟୋପାଧ୍ୟାୟ ଏନ୍‌ଆଇଏଫ୍ ବୁକ୍ ପ୍ରାଇଜ୍ ୨୦୨୨' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ନ୍ୟୁ ଇଣ୍ଡିଆ ଫାଉଣ୍ଡେଶନ (ଏନ୍‌ଆଇଏଫ୍) ପକ୍ଷରୁ ନିକଟରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଏହି ପୁରସ୍କାର ୨୦୧୮ରେ ପ୍ରତିଷ୍ଠା କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମରେ ମହିଳା ଆନ୍ଦୋଳନ, ଶରଣାର୍ଥୀ ଥଇଥାନ ଓ ହସ୍ତଶିଳ୍ପ ପ୍ରସାର ଦିଗରେ କମଳାଦେବୀଙ୍କ ଭୂମିକା ଥିଲା ଅନନ୍ୟ। ତେବେ ଆଧୁନିକ ଓ ସମକାଳୀନ ଭାରତ ଉପରେ ବାସ୍ତବଧର୍ମୀ ଲେଖାକୁ ମାନ୍ୟତା ଦେବା ଲାଗି ଏହାର ଲେଖକଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ଦିଆଯାଇଆସୁଛି। ଶେଖର ପାଠକଙ୍କୁ ୨୦୨୨ ସମ୍ମାନ ଦିଆଯିବାର ବିଶେଷତ୍ୱ ବହନ କରୁଥିବା ମୁଖ୍ୟ କାରକ ହେଲା ଚିପ୍‌କୋ ମୁଭମେଣ୍ଟ ଉପରେ ତାଙ୍କର ଗଭୀର ଅନ୍ତର୍ଦୃଷ୍ଟି। ସାମୂହିକ ପଦକ୍ଷେପର ରୂପାନ୍ତରଣ ଶକ୍ତି କିଭଳି ପ୍ରାମାଣିକ ଅନୁସ୍ମାରକ ବହନ କରିଥାଏ, ତାହା ଏହି ପୁସ୍ତକରୁ ସ୍ପଷ୍ଟ ପ୍ରତୀତ ହୋଇଛି ବୋଲି ବିଚାରକମଣ୍ଡଳୀ ମତବ୍ୟକ୍ତ କରିଛନ୍ତି। ସେମାନଙ୍କ ମତରେ ଏହା କେବଳ ଏକ ସମୟର ଇତିହାସକୁ ସୂଚାଉ ନାହିଁ, ବରଂ ପରିବେଶ ଓ ଗଣତନ୍ତ୍ର ସମ୍ମୁଖୀନ ହେଉଥିବା ସଙ୍କଟକୁ ଦର୍ଶାଇଛି। ଏଭଳି ଅନୁଶୀଳନ କରିଥିବା ଚଳିତବର୍ଷର ୬ ବିଚାରକମଣ୍ଡଳୀ ହେଲେ–ରାଜନୀତି ବିଜ୍ଞାନୀ ତଥା ଲେଖକ ନିର୍ଜା ଗୋପାଳ ଜୟାଲ, ଉଦ୍ୟୋଗୀ ମନୀଷ ସଭରୱାଲ, ଐତିହାସିକ–ଲେଖକ ଶ୍ରୀନାଥ ରାଘବନ, ଐତିହାସିକ–ଲେଖକ ନୟନଜ୍ୟୋତ୍ ଲାହିରି, ପୂର୍ବତନ କୂଟନୀତିଜ୍ଞ–ଲେଖକ ନଭ୍‌ତେଜ୍ ସର୍‌ନା ଏବଂ ଆର୍ଟିଷ୍ଟ–ଲେଖକ ରାହୁଲ ମଇହାନ୍।



ବ୍ୟକ୍ତିତ୍ୱ

ଶେଖର ପାଠକ

ଦୀର୍ଘବର୍ଷ ପରେ ଚିପ୍‌କୋ ଆନ୍ଦୋଳନ ବିଷୟରେ ପୁନଶ୍ଚ ଚର୍ଚ୍ଚା କରିବା ଲାଗି ଅବସର ସୃଷ୍ଟି କରିଥିବା ଶେଖର ପାଠକଙ୍କ ଜନ୍ମ ଡେରାଡୁନ୍‌ରେ ୧୯୪୮ରେ ହୋଇଥିବା ଜଣାପଡ଼େ। ସେ ନୈନିତାଲସ୍ଥିତ କୁମାୟୁନ୍ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଥିଲେ। କିନ୍ତୁ ୧୯୭୪, ୧୯୮୪, ୧୯୯୪ ଓ ୨୦୦୪ ଯାଏ ପ୍ରତି ୧୦ ବର୍ଷରେ ଥରେ ହିମାଳୟ ପରିରକ୍ଷଣ ଦିଗରେ ପଦଯାତ୍ରାରେ ଯାଇଥାଆନ୍ତି। ତାହା ଅସକଟ୍–ଅରାକଟ୍‌ରୁ ଆରମ୍ଭ ହୋଇଥାଏ। ସୂଚନା ଦିଆଯାଇପାରେ ଯେ, ୧୯୭୪ରେ କେତେଜଣ ଯୁବକ ପ୍ରକୃତି ଓ ପର୍ବତ ସୁରକ୍ଷା ଦିଗରେ ଏହି ପଦଯାତ୍ରା ଆରମ୍ଭ କରିଥିଲେ। ଏହା ଏବେ ୫ ଦଶନ୍ଧି ଦେଖି ଏକ ଅଭିଯାନରେ ପରିଣତ ହୋଇଯାଇଛି। ଶିକ୍ଷାଦାନ ସହ ପରିବେଶ ପ୍ରତି ତାଙ୍କ ପ୍ରତିବଦ୍ଧତା ଶେଖରଙ୍କୁ ଏକ ସଙ୍ଗଠନ ଗଢ଼ିବାକୁ ପ୍ରେରଣା ଦେଇଥିଲା। ହିମାଳୟ ଲୋକଙ୍କ ଉପରେ ଗବେଷଣା କରିବା ଲାଗି ୧୯୮୩ରେ ଗଢ଼ାଯାଇଥିବା ନୈନିତାଲଭିତ୍ତିକ ଅଣଲାଭଦାୟକ ସଂସ୍ଥା ପିପୁଲ୍ସ ଆସୋସିଏସନ୍ ଫର୍ ହିମାଳୟ ଏରିଆ ରିସର୍ଚ୍ଚ (ପାହାର)ର ସେ ପ୍ରତିଷ୍ଠାତା ସମ୍ପାଦକ ଥିଲେ। ତାଙ୍କ କାର୍ଯ୍ୟ ବିଶ୍ୱସ୍ତରୀୟ ସଙ୍ଗଠନକୁ ଆକର୍ଷିତ କରିଛି। ୨୦୦୨ ଏପ୍ରିଲରେ ସିକ୍କିମ୍‌ର ୟୁକ୍‌ସୋମଠାରେ ଅନୁଷ୍ଠିତ ୱାର୍ଲଡ ମାଉଣ୍ଟେନ୍ ପିପୁଲ ଆସୋସିଏସନ୍‌ର ଏସିଆ ବୈଠକରେ ଶେଖର ଭାରତୀୟ ଚାପ୍ଟରର ଜାତୀୟ ସଂଯୋଜକ ଦାୟିତ୍ୱ ନେବା ଲାଗି ବଛାଯାଇଥିଲେ। ରମଣ ମାଗ୍‌ସେସେ ପୁରସ୍କାର ବିଜେତା ଚଣ୍ଡିପ୍ରସାଦ ଭଟ୍ଟଙ୍କ ସହ ମିଶି ହିମାଳୟ ଲୋକଙ୍କ ଉପରେ ଗବେଷଣା କରିବା ଲାଗି ୩ ବର୍ଷିଆ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଶେଖର ଲେହରୁ ଅରୁଣାଚଳ ପ୍ରଦେଶ ଯାତ୍ରା କରିଥିଲେ। ୨୦୦୭ରେ ଭାରତ ସରକାରଙ୍କ 'ପଦ୍ମଶ୍ରୀ' ସମ୍ମାନ ସହ ଅନେକ ପୁରସ୍କାର ପାଇଥିବା ଶେଖର ପ୍ରକୃତି, ପରିବେଶ, ପାହାଡ଼ ଓ ଏହା କଡ଼େ କଡ଼େ ବାସ କରୁଥିବା ଲୋକଙ୍କ ଉପରେ ଅନବରତ କାର୍ଯ୍ୟ କରି ସମାଜ ଆଗରେ ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବର୍ଜ୍ୟ କାଗଜର ପୁନଃ ଉପଯୋଗ କରି କଶ୍ମୀର ହସ୍ତକଳାକୁ ଏକ ନୂଆ ମୋଡ଼ ଦେବାରେ ଲାଗିଛନ୍ତି ଡିଜାଇନର ବୁର୍‌ହାନ ଖାଦିବ୍। ସେ ବର୍ଜ୍ୟ କାଗଜରୁ ପରିବେଶ ଉପଯୋଗୀ ଲୁଗୁଥ ସ୍ପିକର, କୁକୁଡ଼ା ଘର, ବ୍ୟାଗ୍ ଏବଂ ଅନ୍ୟ ଘର ଉପକରଣ ଜିନିଷ ତିଆରି କରୁଛନ୍ତି। ୩୦ ବର୍ଷୀୟ ବୁର୍‌ହାନ ଅହମ୍ମଦାବାଦସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡିଜାଇନରୁ ଡିଗ୍ରୀ ହାସଲ କରିଛନ୍ତି। ସେ ଶ୍ରୀନଗରରେ ଷ୍ଟୁଡିଓ କିଲାବ୍ ଆରମ୍ଭ କରି ଏହା ମାଧ୍ୟମରେ ଉକ୍ତ କାର୍ଯ୍ୟ କରୁଛନ୍ତି। ଏହି ଜିନିଷ ତିଆରି କରିବାରେ ବୁର୍‌ହାନ ବର୍ଜ୍ୟ କାଗଜ ଓ ଅଠା ମିଶ୍ରଣରୁ ପ୍ରସ୍ତୁତ ଦ୍ରବ୍ୟ ବ୍ୟବହାର କରୁଛନ୍ତି। ଏଥିରେ ବି ସେ ପାଇନ୍ ଓ ୱାଲନଟ୍ କାଠ ଲଗାଉଛନ୍ତି। ଏହି ପଦ୍ଧତିରେ ଜିନିଷ ତିଆରି କରିବାରେ କାର୍ବନ ନିର୍ଗମନ ବି ହେଉନାହିଁ। ସେ ଏହିସବୁ ଜିନିଷରେ ଗ୍ରାମୀଣ ହସ୍ତକଳାର ଛାପ ରଖୁଛନ୍ତି ଓ ଏଥିପାଇଁ ୧୦୦ ଜଣ କରିଗରଙ୍କୁ ନିଯୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଡିସେମ୍ବର ୧୯୯୭

- ଆଣବିକ ଯୁଦ୍ଧାସ୍ତ୍ରର ଏକ ତୃତୀୟାଂଶ ହ୍ରାସ କରିବା ନେଇ ରୁଷିଆ ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ଘୋଷଣା।
- ବ୍ରାଜିଲର ଖ୍ୟାତନାମା ଫୁଟବଲ ତାରକା ପେଲେଙ୍କୁ ଏଲିଜାବେଥ୍‌ଙ୍କ ସମ୍ମାନସୂଚକ ନାଇଟ୍ ଉପାଧି ପ୍ରଦାନ।

## ଚିରନ୍ତନୀ

ଦେଖରେ ତାରା ଦେଖ ଆକାଶେ
ତୁମରି କବି ଲୋତକେ ଭାଷେ
ଏ ଧୂଳି ତଳେ କି ଦୀନ ବେଶେ
ଭ୍ରମଇ କିବା ଭିକ୍ଷା ଆଶେ !
(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | 9 | | | 8 |
| | 3 | | 4 | | | | | 2 |
| | 1 | | | | 5 | | | |
| | | | | | | | 2 | |
| 8 | | 5 | | 9 | | | | |
| 4 | | | | | 6 | | 5 | 9 |
| 3 | 4 | | | | | | | |
| | | | 2 | | | | 3 | 5 |
| | 6 | | | | 8 | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 8 | 3 | 1 | 2 | 5 | 6 | 9 |
| 6 | 5 | 1 | 4 | 7 | 9 | 3 | 2 | 8 |
| 2 | 9 | 3 | 8 | 6 | 5 | 7 | 1 | 4 |
| 1 | 2 | 4 | 5 | 8 | 6 | 9 | 3 | 7 |
| 8 | 7 | 6 | 9 | 4 | 3 | 2 | 5 | 1 |
| 9 | 3 | 5 | 7 | 2 | 1 | 8 | 4 | 6 |
| 4 | 6 | 9 | 2 | 3 | 8 | 1 | 7 | 5 |
| 5 | 1 | 2 | 6 | 9 | 7 | 4 | 8 | 3 |
| 3 | 8 | 7 | 1 | 5 | 4 | 6 | 9 | 2 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଦ୍ୱିତୀୟ ସବୁଜ ବିପ୍ଳବ ଆରମ୍ଭ ହେଉ

ମହାଶୟ,

ବିଂଶ ଶତାବ୍ଦୀର ଷଷ୍ଠ ଦଶକରେ ସବୁଜ ବିପ୍ଳବ ପ୍ରଭାବରେ ଭାରତରେ କ୍ରମାଗତ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇ ଭାରତ ଏକ ନିଅଣ୍ଟିଆ ରାଷ୍ଟ୍ରରୁ ବଳକା ରାଷ୍ଟ୍ରରେ ପରିଣତ ହୋଇଥିଲା। ଏପରିକି ୧୦ ବର୍ଷ ଅବଧି ମଧ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବ ତୁଳନାରେ ଦୁଇ ଗୁଣରୁ ଅଧିକ ହୋଇଥିଲା। ଏବେ ୟୁକ୍ରେନ୍–ରୁଷ ଯୁଦ୍ଧର ପ୍ରଭାବ , ଜଳବାୟୁ ପରିବର୍ତ୍ତନ ଏବଂ ଦ୍ରୁତ ସହରୀକରଣଜନିତ ଚାଷଜମିର ପରିମାଣ ହ୍ରାସ ଯୋଗୁ ସମଗ୍ର ବିଶ୍ୱରେ ଖାଦ୍ୟ ଶୃଙ୍ଖଳ ଗୁରୁତର ପ୍ରଭାବିତ ହୋଇଛି। ଭାରତ ସମେତ ସମଗ୍ର ବିଶ୍ୱରେ ଉତ୍କଟ ଖାଦ୍ୟ ସଂକଟ ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଗୋଟିଏ ପଟେ ଖାଦ୍ୟଶସ୍ୟର ଉତ୍ପାଦନ ହ୍ରାସ ଓ ଅନ୍ୟପଟେ ଜନସଂଖ୍ୟା ବୃଦ୍ଧି ପାଇ ନଭେମ୍ବର ୨୨ ସୁଦ୍ଧା ବିଶ୍ୱର ଜନସଂଖ୍ୟା ୮୦୦ କୋଟିକୁ ଅତିକ୍ରମ କରିଥିବା ବେଳେ ଭାରତର ଜନସଂଖ୍ୟା ୧୪୧ କୋଟିକୁ ଅତିକ୍ରମ କରିଯାଇଛି। ସମ୍ଭାବ୍ୟ ଖାଦ୍ୟ ସଙ୍କଟର ସଫଳ ମୁକାବିଲା ପାଇଁ ଭାରତରେ ଦ୍ୱିତୀୟ ସବୁଜ ବିପ୍ଳବର ଆବଶ୍ୟକତା ଜରୁରୀ ହୋଇପଡ଼ିଛି।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଭିକାରିଙ୍କୁ ଥଇଥାନ କରାଯାଉ

କଟକ ସହରରେ ଭିକାରିଙ୍କ ଥଇଥାନ ପାଇଁ ଦୁଇଟି କେନ୍ଦ୍ର ସ୍ଥାପନ କରାଯାଇଛି। ଏହା ସହର ଉପକଣ୍ଠ ବୈୟାଳିଶ ମୌଜା ଏବଂ ଦରଖାପାଟଣାରେ ରହିଛି। ଏମାନଙ୍କୁ ଖରା, ବର୍ଷା ଓ ଶୀତରୁ ରକ୍ଷାକରିବା ପାଇଁ ବ୍ୟବସ୍ଥା କରାଯାଇଛି। କିନ୍ତୁ କେତେକ ସ୍ଥାନରେ ଭିକ୍ଷାବୃତ୍ତି କରୁଛନ୍ତି ଓ ଶୀତରେ ବି ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଖାଦ୍ୟପେୟ ଓ ଅର୍ଥ ବ୍ୟବସ୍ଥା କରି ସମସ୍ତଙ୍କୁ ପ୍ରଶାସନ ତରଫରୁ ଏକତ୍ର କରି ରଖାଯାଉ। ସେହିପରି ସେମାନଙ୍କ ପାଇଁ ସହରରେ ନିର୍ମିତ ଆଶ୍ରୟସ୍ଥଳ ବ୍ୟବହାର ହେଉ। ଭିକାରିମାନଙ୍କୁ ଥଇଥାନ କରି କଟକକୁ ଭିକାରି ମୁକ୍ତ ସହର କରାଯାଉ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ମେକ୍‌-ଇନ୍‌-ଓଡ଼ିଶା କନ୍‌କ୍ଲେଭ୍‌ରେ ଶନିବାର 'ଟ୍ରାନ୍ସଫର୍ମିଂ ସ୍କୁଲ ଏଜୁକେଶନ ଫର୍ ଫ୍ୟୁଚର ରେଡି ଓଡ଼ିଶା' ଶୀର୍ଷକ ପ୍ଲିନାରୀ ସେସନ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅଧିକାରୀମାନେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କ୍ୟାଲେଣ୍ଡରକୁ ଉନ୍ମୋଚନ କରୁଛନ୍ତି।


ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ନିବେଶକ, ବିଭିନ୍ନ କମ୍ପାନୀ ଏବଂ ସଂସ୍ଥାର କର୍ତ୍ତୃପକ୍ଷ, ଅଧିକାରୀ।



'ମହିଳା ଉଦ୍ୟୋଗୀ ଅଧିବେଶନ'ରେ ମିଶନ ଶକ୍ତି ବିଭାଗ ଏବଂ ବ୍ୟୁଟି ଆଣ୍ଡ୍ ୱେଲ୍‌ନେସ୍ ସେକ୍ଟର ସ୍କିଲ୍ କାଉନସିଲ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର।


ମହିଳା ଉଦ୍ୟୋଗୀ ଅଧିବେଶନରେ ଭାଗନେଇଥିବା ମହିଳାମାନେ।



ଉଦ୍‌ଯାପନୀ ଅଧିବେଶନରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗହଣରେ ମିଶନ ଶକ୍ତି ବିଭାଗ ସଚିବ ସୁଜାତା କାର୍ତ୍ତିକେୟନ ଓ ଅନ୍ୟମାନେ।



ହେଲ୍‌ଥ କେୟାର ଓ ଫାର୍ମା ସେକ୍ଟର ଅଧିବେଶନ।



ଟ୍ରାଡିଶନାଲ ସିନେମା ସମ୍ପର୍କିତ ଅଧିବେଶନ।



ମେକ୍‌-ଇନ୍‌-ଓଡ଼ିଶା କନ୍‌କ୍ଲେଭ୍‌ରେ ଶନିବାର ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ।




ମେକ୍‌-ଇନ୍‌-ଓଡ଼ିଶା କନ୍‌କ୍ଲେଭ୍‌ରେ ଶନିବାର ପରିବେଷିତ ଓଡ଼ିଶୀ ନୃତ୍ୟ ଏବଂ ଫ୍ୟାଶନ ଶୋ'।

ଫଟୋ: ବିକାଶ ନାୟକ

**ଆଜି ସରିବ ଏମ୍ଆଇଓସି**

ଚଳିତ ବର୍ଷ ନଭେମ୍ବର ୩୦ରୁ ଆରମ୍ଭ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ (ଏମ୍ଆଇଓସି)-୨୦୨୨ ରବିବାର ଶେଷ ହେଉଛି। ବିଗତ ୪ ଦିନ ହେବ ଏମ୍ଆଇଓସି ପରିସରରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ କେବଳ ନିବେଶକ ଓ ସରକାରୀ ଅଧିକାରୀଙ୍କ ସାଙ୍ଗକୁ କିଛି ନିର୍ଦ୍ଦିଷ୍ଟ ସଂସ୍ଥାର ଲୋକମାନଙ୍କୁ କନ୍‌କ୍ଲେଭ୍ ପରିସରକୁ ଛଡ଼ାଯାଉଥିଲା। ହେଲେ ଆଜି ସବୁ ବର୍ଗର ଲୋକମାନଙ୍କ ପାଇଁ ଏହି କନ୍‌କ୍ଲେଭ୍ ଖୋଲା ରହିବ ବୋଲି ଶିଳ୍ପ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ସକାଳ ସମୟରେ କନ୍‌କ୍ଲେଭ୍‌ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ରହିଥିବାବେଳେ ସନ୍ଧ୍ୟାରେ ମେଗା କଲ୍‌ଚର ପ୍ରୋଗ୍ରାମ ରହିଛି ବୋଲି ସୂଚନା ମିଳିଛି।

# ସ୍ୱୟଂସହାୟକ ଗୋଷ୍ଠୀରୁ ସଫଳ ଉଦ୍ୟୋଗୀ

## ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨

### ମିଶନ ଶକ୍ତିର ସଶକ୍ତ ଭବିଷ୍ୟତ ପାଇଁ ରାଜିନାମା ସ୍ୱାକ୍ଷରିତ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ତୃତୀୟ ଦିବସରେ ମିଶନ ଶକ୍ତି ବିଭାଗ ଦ୍ୱାରା ମହିଳା ଉଦ୍ୟୋଗୀ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱୟଂସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଗୁଡ଼ିକ ନିମନ୍ତେ ନୂତନ ଅର୍ଥନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିବା ସହ ୨୦୨୨-୨୩ ବର୍ଷରେ ଉତ୍ତମ ପ୍ରଦର୍ଶନ କରିଥିବା ୩ଟି ସ୍ୱୟଂସହାୟକ ଗୋଷ୍ଠୀ ଓ ବ୍ୟାଙ୍କକୁ ସମ୍ବର୍ଦ୍ଧିତ କରିଥିଲେ। ୨୦ ଲକ୍ଷ ଏସ୍ଏଚ୍‌ଜି ସଦସ୍ୟାଙ୍କ ମାଧ୍ୟମରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟ ପାଇଁ ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜ୍‌ନେସ ସହ ଏପିସି ମାଧ୍ୟମରେ ୧ ଲକ୍ଷ ଏସ୍ଏଚ୍‌ଜି ସଦସ୍ୟାଙ୍କ ଦ୍ୱାରା ସାମୂହିକ କୃଷି ଓ ବଜାର ବ୍ୟବସ୍ଥା, ବିଉଟି ଆଣ୍ଡ ୱେଲ୍‌ନେସ୍ ସେକ୍ଟର ସ୍କିଲ୍ କାଉନ୍‌ସିଲ୍ ମାଧ୍ୟମରେ ୧୫ ହଜାର ଏସ୍ଏଚ୍‌ଜି ସଦସ୍ୟାଙ୍କ ଦ୍ୱାରା ସୌନ୍ଦର୍ଯ୍ୟ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା, ରବର କେମିକାଲ ଆଣ୍ଡ ପେଟ୍ରୋକେମିକାଲ୍ ସ୍କିଲ୍ ଡେଭଲପ୍‌ମେଣ୍ଟ ମାଧ୍ୟମରେ ୨ ହଜାର ଏସ୍ଏଚ୍‌ଜି ସଦସ୍ୟାଙ୍କ ଦ୍ୱାରା ଚପଲ ପ୍ରସ୍ତୁତି, ଫ୍ଲିପ୍‌କାର୍ଟ ମାଧ୍ୟମରେ ସମସ୍ତ ଏସ୍ଏଚ୍‌ଜିଙ୍କ ନିମନ୍ତେ ଇ-କମର୍ସ ସୁଯୋଗ ସୃଷ୍ଟି ତଥା ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସହିତ ରାଜିନାମା ସ୍ୱାକ୍ଷରିତ ହୋଇଛି। ପୁନଶ୍ଚ ଶୁଖୁଆ ଉତ୍ପାଦନ ଓ ବଜାର ବ୍ୟବସ୍ଥା ପାଇଁ ୱାର୍ଲଡ ଫିସ୍ ସହିତ, ଚାଉଳର ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ ପାଇଁ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର(ଆଇଆର୍ଆର୍ଆଇ) ସହିତ ଏବଂ ଚିନାବାଦାମର ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ ନିମନ୍ତେ ଇକ୍ରିସାଟ୍ (ଆଇସିଆର୍ଆଇଏସ୍ଏଟି) ସହିତ ଖୁବ୍‌ଶୀଘ୍ର ରାଜିନାମା ସ୍ୱାକ୍ଷରିତ ହେବ ବୋଲି ସୂଚନା ଦିଆଯାଇଛି।




ମିଶନ ଶକ୍ତି କମିଶନର ତଥା ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍‌ଙ୍କ ପରିଚାଳନାରେ ଆୟୋଜିତ ପ୍ଲେନାରୀ ଅଧିବେଶନର ଆଲୋଚ୍ୟ ପ୍ରସଙ୍ଗ ରହିଥିଲା ମହିଳା ସଶକ୍ତୀକରଣ ନିମନ୍ତେ ଆର୍ଥିକ ସ୍ୱାଧୀନତା ନିର୍ମାଣ (ବିଲ୍‌ଡିଂ ଇକୋନୋମିକ୍ ଇଣ୍ଡିପେଣ୍ଡେନ୍ସ ଫର୍ ଓମେନ ଏମ୍ପାୱାରମେଣ୍ଟ)। ଏହି ଅବସରରେ ୫ ଜଣଙ୍କୁ ଏସ୍ଏଚ୍‌ଜିରେ ଅଭିନବତ୍ୱ ନିମନ୍ତେ ପୁରସ୍କୃତ କରାଯାଇଥିବା ବେଳେ ଏସ୍ଏଚ୍‌ଜି ଉଦ୍ୟୋଗୀ ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୨୯ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ଜୀବିକା ମିଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ମାନସୀ ନିମ୍ବାଲ ପ୍ଲେନାରୀ ଅଧିବେଶନରେ ଧନ୍ୟବାଦ ଅର୍ପଣ କରିଥିଲେ।

ଅପରାହ୍ନରେ ମହିଳା ଉଦ୍ୟୋଗୀ ସୃଷ୍ଟି ଓ ସେମାନଙ୍କୁ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାରଙ୍କ ବହୁବିଧ ପଦକ୍ଷେପ ତଥା ବ୍ୟବସାୟ ସ୍ଥାପନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ମହିଳା ଉଦ୍ୟୋଗୀମାନଙ୍କୁ ନେଇ ଦୁଇଟି କ୍ଷେତ୍ରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମହିଳା ଉଦ୍ୟୋଗୀ ଅଧିବେଶନରେ ରାଜ୍ୟର ୩୦ଟି ଜିଲାରୁ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ।

# ଚକ୍ରାକାର ଅର୍ଥନୀତିରେ ୨୩୭୨ କୋଟି ନିବେଶ ପ୍ରସ୍ତାବ

ଭୁବନେଶ୍ୱର, ୩।୧୨

ବର୍ତ୍ତମାନର ଦ୍ରୁତ ଶିଳ୍ପାୟନ୍ ଓ ଅର୍ଥନୈତିକ ପ୍ରଗତି ସମୟରେ ବର୍ଜ୍ୟବସ୍ତୁକୁ ସଂପଦରେ ପରିବର୍ତ୍ତନ କରିବା ସବୁଠାରୁ ବଡ଼ ଆବଶ୍ୟକତା। ସରଳ ଭାଷାରେ ଚକ୍ରାକାର ଅର୍ଥନୀତିରେ ଅର୍ଥ ହେଉଛି କୌଣସି ବସ୍ତୁର ପୁନଃବ୍ୟବହାର ବୋଲି ମେକ୍ ଇନ୍ ଓଡ଼ିଶାର ଚକ୍ରାକାର ଅର୍ଥନୀତି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରିଷ୍ଠ ନେତୃତ୍ୱରେ ଓଡ଼ିଶା ଆଜି ପୂର୍ବଭାରତର ଏକ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି। ନିରନ୍ତର ପ୍ରଗତି ଉପରେ ଓଡ଼ିଶା ସରକାର ସବୁ ବେଳେ ବିଶ୍ୱାସ କରିଆସିଛନ୍ତି। ଓଡ଼ିଶାର ଚକ୍ରାକାର ଅର୍ଥନୀତିରେ ୩୯ଟି ପ୍ରକଳ୍ପ ମାଧ୍ୟମରେ ୨୩୭୨.୩୭ କୋଟି ଟଙ୍କାର ପୁଞ୍ଜିନିବେଶ କରିବା ପାଇଁ ନିବେଶକ ମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ମାଧ୍ୟମରେ ୩୨୦୦ ରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶା ସରକାର ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା ତା ସହିତ ଷ୍ଟାର୍ଟଅପ୍‌ମାନଙ୍କ ସହ ହାତ ମିଳାଇ ରାଜ୍ୟର ଚକ୍ରାକାର ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ଆଶା ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଅମାତ ମତ ପ୍ରକାଶ କରିଛନ୍ତି। ଫ୍ଲାଏ ଆସ୍, ଷ୍ଟିଲ ସ୍କ୍ରାପ୍, ଜିପ୍‌ସମ୍, ନାଲି କାଦୁଅ, ପ୍ଲାଷ୍ଟିକ୍, ସ୍ଲାଗ୍ ଆଦି ବର୍ଜ୍ୟବସ୍ତୁ ସମୂହକୁ ସିମେଣ୍ଟ ଓ ଇଟା ତିଆରିରେ ଓଡ଼ିଶାର କିଛି ସ୍ଥାନରେ ବ୍ୟବହାର କରାଯାଉଛି। ଏ ଦିଗରେ ଅଧିକ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ଓଡ଼ିଶା ସରକାର ହୃଦୟଙ୍ଗମ କରିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମତ ପ୍ରକାଶ କରିଛନ୍ତି। ଦ୍ରୁତ ଶିଳ୍ପାୟନ୍ ଓ ସହରୀକରଣ ଯୋଗୁଁ ଓଡ଼ିଶାରେ ବର୍ଜ୍ୟବସ୍ତୁକୁ ବ୍ୟବହାରଯୋଗ୍ୟ ସଂପଦରେ ପରିଣତ କରିବା ପାଇଁ ଅନେକ ସୁଯୋଗ ରହିଛି।

# ମିଶନ ଶକ୍ତି ସହ ଆଇଏସ୍‌ବିର ବୁଝାମଣା

ଭୁବନେଶ୍ୱର,୩।୧୨

ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ (ଆଇଏସ୍‌ବି) ଏବଂ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ମଧ୍ୟରେ ଶନିବାର ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଯାଇଛି। ବିଶେଷକରି ଆଇଏସ୍‌ବିର ସହଯୋଗୀ ଭାରତୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ପଲିସି (ବିଆଇପିପି)ର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ପ୍ରଫେସର ଅଶ୍ୱିନୀ ଛାତ୍ରେ ଏବଂ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା କାର୍ତ୍ତିକେୟନ ଉକ୍ତ ଏମ୍ଓୟୁ ସ୍ୱାକ୍ଷର କରିଥିଲେ। ଅପରପକ୍ଷରେ ଏହି ୩ ବର୍ଷିଆ ଏମ୍ଓୟୁରେ ଆଇଏସ୍‌ବି ଏବଂ ମିଶନ ଶକ୍ତି ଓଡ଼ିଶାରେ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଉଦ୍ୟୋଗଗୁଡ଼ିକ ଜରିଆରେ ଏକ ସମୃଦ୍ଧ ଏବଂ ଦୀର୍ଘସ୍ଥାୟୀ ବନ୍ୟ ଅର୍ଥନୀତି ନିର୍ମାଣ ନିମନ୍ତେ ସହବନ୍ଧନ କରିବେ ଏବଂ ଏହା ପ୍ରଥମେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ଆରମ୍ଭ କରାଯିବ। ଏ ସମ୍ପର୍କରେ ପ୍ରଫେସର ଅଶ୍ୱିନୀ ଛାତ୍ରେ କହିଥିଲେ, ଏକ ସୁରକ୍ଷିତ ଅବଧି ମଧ୍ୟରେ ଯୋଜନା କରାଯାଇଥିବା ଏବଂ ମହିଳା-କୈନ୍ଦ୍ରିକ ଗୋଷ୍ଠୀ ମାଲିକାନାରେ ପରିଚାଳିତ ଉଦ୍ୟୋଗ ସମୂହକୁ ନେଇ ନିର୍ମିତ ବନ୍ୟ ଅର୍ଥନୀତି ଏକ ଟ୍ରିପଲ-ୱିନ୍ ମଡେଲ ହୋଇଛି, ଯାହା ଓଡ଼ିଶାର ୬ଟି ଜିଲାରେ ପ୍ରାୟ ୨ନିୟୁତ ମହିଳାଙ୍କ ଜୀବନରେ ରୂପାନ୍ତରଣ ଆଣିବାର ସାମର୍ଥ୍ୟ ରଖୁଛି। ତାହା ସହିତ ଏହା ଜଙ୍ଗଲ ଅଞ୍ଚଳର ଦୀର୍ଘସ୍ଥାୟୀ ପରିଚାଳନାକୁ ସୁନିଶ୍ଚିତ କରୁଛି। ଏହା ଜନସାଧାରଣଙ୍କ ପାଇଁ ଏକ ବିଜୟ ହୋଇଥିବାବେଳେ ପୃଥିବୀ ପାଇଁ ଲାଭଜନକ ହୋଇଛି ବୋଲି ସେ କହିଛନ୍ତି। ସେହିପରି ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆଇଏସ୍‌ବିର ବ୍ୟବସାୟିକ ବିଦ୍ୱତା ଏବଂ ଅନୁଭୂତି ଜରିଆରେ ମହିଳା ସଶକ୍ତୀକରଣ ନିମନ୍ତେ ସମ୍ପ୍ରତି ଚାଲିଥିବା ମିଶନ ଶକ୍ତିର ପ୍ରୟାସକୁ ଏହି ବୁଝାମଣାପତ୍ର ଅଧିକ ମଜଭୁତ କରିବ।

# ଓଡ଼ିଶା ସରକାରଙ୍କ ସହ ଟିଏସ୍ଏଫ୍‌ର ଏମ୍ଓୟୁ ସ୍ୱାକ୍ଷର

ଭୁବନେଶ୍ୱର,୩।୧୨



କେନ୍ଦୁଝର ଜିଲାର ବାଂଶପାଳଠାରେ ଏକ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) କୁ ଯୁଗ୍ମ ଭାବେ ସ୍ଥାପନ କରିବା ଲାଗି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ ଓଡ଼ିଶା ସରକାରଙ୍କ ସହ ନିକଟରେ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଯାଇଛି। ଏପରିକି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ପରିସରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟ ଏବଂ ଓଡିଶା ସରକାରଙ୍କ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ରେଘୁ ଜି ଉକ୍ତ ଏମ୍ଓୟୁରେ ସ୍ୱାକ୍ଷର କରିଛନ୍ତି। ବିଶେଷ କରି ୫ବର୍ଷୀୟ ଉକ୍ତ ବୁଝାମଣା ପତ୍ରର ଅଂଶ ସ୍ୱରୂପ ପ୍ରତିଷ୍ଠାନର କାର୍ଯ୍ୟକାରିତା, ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବୈଷୟିକ ଶିକ୍ଷା ଓ ତାଲିମ ମହାନିର୍ଦ୍ଦେଶାଳୟ (ଡିଟିଇଆଣ୍ଡଟି) ସହ ଟିଏସଏଫ ସହଯୋଗିତା ସ୍ଥାପନ କରିବ। ଏହି ପରିପ୍ରେକ୍ଷୀରେ ବିଭାଗୀୟ ମନ୍ତ୍ରୀ ପ୍ରୀତିରଂଜନ ଘଡ଼ାଇ କହିଛନ୍ତି, ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ରହିଥିବା ଅନ୍ତର ଦୂର କରିବା ଲାଗି ଆମ ଦେଶରେ ଦକ୍ଷତା ବିକାଶ କ୍ଷମତାର ବ୍ୟାପକ ସମ୍ପ୍ରସାରଣ, ନିବେଶକୁ ସୁହାଇବା ଭଳି ଏବଂ ଅଭିନବ ଉପାୟର ଆବଶ୍ୟକତା ରହିଛି। ସେହିଭଳି ଟିଏସଏଫର ନିର୍ଦ୍ଦେଶକ ଚାଣକ୍ୟ ଚୌଧୁରୀ କହିଛନ୍ତି, ବାଂଶପାଳରେ ଆଟିଆଇ ସ୍ଥାପନ କରିବା ଲାଗି ଓଡ଼ିଶା ସରକାରଙ୍କ ସହଏମ୍ଓୟୁ ରାଜ୍ୟରେ ଦାୟିତ୍ୱବାନ ଶିଳ୍ପାୟନ ପ୍ରତି ଆମ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ନିଯୁକ୍ତି ହାସଲ କ୍ଷମତା ଏବଂ ଉଦ୍ୟମିତା ସୁଯୋଗକୁ ବ୍ୟାପକ କରି ଏହି ସହଯୋଗିତାକୁ ସୁଦୃଢ଼ କରିବା ସହ ଏହି ତାଲିମ ଆବଶ୍ୟକ କରୁଥିବା ଯୁବପିଢ଼ିଙ୍କ ମଧ୍ୟରେ ସହାନୁଭୂତିକୁ ବଢ଼ାଇବ। ଉକ୍ତ ସହଯୋଗିତାରେ ଓଡ଼ିଶା ସରକାରଙ୍କ ଭୂମିକା ହେବ ଜମି ଏବଂ ଅନ୍ୟାନ୍ୟ ଭିତିଭୂମି ଜନିତ୍ ସହାୟତା ପ୍ରଦାନ କରିବା।

# ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର,୩।୧୨

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ୩ୟ ଦିବସରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଶନିବାର 'ଓଡ଼ିଶାରେ ସାର୍ବଜନୀନ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ସୁଯୋଗ' ଶୀର୍ଷକ ଏକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ରାଜ୍ୟ ତଥା ରାଜ୍ୟ ବାହାରର ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ, ଦକ୍ଷତା ବିକାଶ, ଗବେଷଣା ଅନୁଷ୍ଠାନ, ହସ୍ପିଟାଲ ଅପରେଟର୍ସ, ମେଡିକାଲ କଲେଜ, ନାଗରିକ ସମାଜ, ମେଡିକାଲ ଯନ୍ତ୍ରପାତି ଉତ୍ପାଦନକାରୀ ସଂସ୍ଥା ମୁଖ୍ୟ ଅଂଶୀଦାର ଭାବେ ଯୋଗଦେଇଥିଲେ। ଏହି ଅଧିବେଶନ ଦୁଇ ପ୍ରମୁଖ ଭାଗରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ରାଜ୍ୟରେ ବେସରକାରୀ ସ୍ତରରେ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଯାଉଥିବା କମ୍ପାନୀଗୁଡ଼ିକର ଯୋଜନା, ଲକ୍ଷ୍ୟ, ପ୍ରମୁଖ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିବାବେଳେ ଦ୍ୱିତୀୟ ଅଧିବେଶନରେ ମେଡିକାଲ ଏବଂ ଫାର୍ମାସ୍ୟୁଟିକାଲ୍ ଓ ଶିଳ୍ପୋଦ୍ୟୋଗୀ ଏବଂ କ୍ଷେତ୍ର ବିଶେଷଜ୍ଞମାନେ ସେମାନଙ୍କର ଅଭିଜ୍ଞତା ବିଷୟରେ ବର୍ଣ୍ଣନା କରିଥିଲେ। ୨୦୨୫ ପାଇଁ ସେମାନଙ୍କର ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ପର୍କରେ ସେମାନେ ମତବ୍ୟକ୍ତ କରିଥିଲେ। ସ୍ୱାସ୍ଥ୍ୟ ଯତ୍ନରେ ଓଡ଼ିଶାର ସାମର୍ଥ୍ୟ, ସରକାରଙ୍କ ପକ୍ଷରୁ ହସ୍ପିଟାଲ ପ୍ରତିଷ୍ଠା ନିମନ୍ତେ ଜମି ଯୋଗାଣ ଏବଂ ସରକାରୀ-ବେସରକାରୀ ସହଭାଗିତାରେ ହସ୍ପିଟାଲ ନିର୍ମାଣ, ୫.୬୫ଏକର ଜମିରେ ୧୬୮.୭୨ କୋଟି ଟଙ୍କା ପୁଞ୍ଜିନିବେଶ ଦ୍ୱାରା ବେସରକାରୀ ସହଭାଗିତାର ଝାରସୁଗୁଡ଼ାଠାରେ ୧୨୦ଶଯ୍ୟା ବିଶିଷ୍ଟ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ତଥା ୧୦୦ ଶଯ୍ୟା ବିଶିଷ୍ଟ ହୃଦ୍‌ରୋଗ ସମ୍ବନ୍ଧୀୟ ସ୍ୱତନ୍ତ୍ର ହସ୍ପିଟାଲ ଝାରସୁଗୁଡ଼ାଠାରେ ସ୍ଥାପନ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ମତପ୍ରକାଶ କରିଥିଲେ।

# ହ୍ୱାଟ୍ସଆପ୍‌ରେ ମିଳିବ ଏଲ୍ଆଇସି ସେବା

ନୂଆଦିଲ୍ଲୀ,୩।୧୨




ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ପକ୍ଷରୁ ଏକ ସ୍ୱତନ୍ତ୍ର ସେବା 'ହ୍ୱାଟ୍ସଆପ୍ ସର୍ଭିସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି ସେବା ବୀମାଧାରୀ ଓ ନିଗମ ମଧ୍ୟରେ ଏକ ସମତୁଲ ସମ୍ପର୍କ ସୃଷ୍ଟି କରିବ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଏଲ୍ଆଇସିର ଚେୟାରମ୍ୟାନ୍ ଏମ୍ .ଆର୍. କୁମାର କହିଛନ୍ତି, ହ୍ୱାଟ୍ସଆପ୍‌ରେ ପଲିସିଧାରୀମାନେ ଅନେକ ସେବା ପାଇପାରିବେ। ବିଶେଷକରି ଯେଉଁମାନେ ଏଲ୍ଆଇସିର ପୋର୍ଟାଲରେ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଅପରପକ୍ଷରେ ଏଲ୍ଆଇସିର ସ୍ୱତନ୍ତ୍ର ମୋବାଇଲ ନମ୍ବର ୮୯୭୬୮୬୨୦୯୦ରେ ବୀମାଧାରୀ ସେମାନଙ୍କ ମୋବାଇଲ ନମ୍ବରରେ ଉକ୍ତ ନମ୍ବରକୁ 'ହାଏ' କହି ହ୍ୱାଟ୍ସଆପ୍‌ରେ ମସେଜ କଲେ ବୀମାଧାରୀମାନେ ୧୧ଟି ପ୍ରମୁଖ ସେବା ଯଥା ବକେୟା ବୀମାରାଶିଠାରୁ ଆରମ୍ଭ ଏଲ୍ଆଇସିର ଆଣ୍ଡ ଅଫ୍ କନର୍ଭସସେଦ ପର୍ଯ୍ୟନ୍ତ ସମସ୍ତ ସେବା ପାଇପାରିବେ।

# ରାଜ୍ୟରେ ବଢ଼ିବ ଷ୍ଟାର୍ଟଅପ୍, ଇନ୍‌କ୍ୟୁବେଶନ-ଇନୋଭେଶନ

ଭୁବନେଶ୍ୱର,୩।୧୨




ଚଳିତ ବର୍ଷର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ୩ୟ ସଂସ୍କରଣର ୩ୟ ଦିନରେ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ କେତେକ ରାଜିନାମା ସ୍ୱାକ୍ଷରିତ ହୋଇଯାଇଛି। ବିଶେଷ କରି ବାୟୋଟେକ୍‌ନୋଲୋଜି କ୍ଷେତ୍ରରେ ବ୍ୟାପକ ବିକାଶ ପାଇଁ ଏ ସବୁ ରାଜିନାମାରେ ବ୍ୟବସ୍ଥା ରହିଛି। ଆବଲ୍ (ଆସୋସିଏସନ୍ ଅଫ୍ ବାୟୋଟେକ୍‌ନୋଲୋଜି ଲେଡ୍ ଏଣ୍ଟ ପ୍ରାଇଜ୍), ଗ୍ଲୋବାଲ୍ ନେଟ୍‌ୱାର୍କ ଅଫ୍ ଇଣ୍ଟ୍ରପ୍ରିନିୟୋର୍ସ ଆଣ୍ଡ ପ୍ରଫେସନାଲସ୍ ଫର ଓଡ଼ିଶା, ହୁଓ୍ୱେଲ ଲାଇଫ୍ ସାଇନ୍‌ସେସ୍, କ୍ରପ୍‌ଜିନି ଭଳି ସଂସ୍ଥା ସହ ଏସବୁ ରାଜିନାମା ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ବାୟୋଟେକ୍‌ନୋଲୋଜି ବିକାଶ ପାଇଁ ଷ୍ଟାର୍ଟଅପ୍, ଇନ୍‌କ୍ୟୁବେସନ୍, ଗବେଷଣା, ନେଟ୍‌ୱାର୍କିଂ ଇତ୍ୟାଦି ନିମନ୍ତେ ଏହି ସଂସ୍ଥା ଗୁଡ଼ିକ ସହଯୋଗ କରିବେ ବୋଲି ରାଜିନାମାରେ ଘୋଷଣା କରାଯାଇଛି। ହୁଓ୍ୱେଲ୍ ଲାଇଫ୍ ସାଇନ୍‌ସେସ୍ ୫୦କୋଟି ଟଙ୍କା ଓ କ୍ରପ୍‌ଜିନି ୫୦୦କୋଟି ଟଙ୍କା ବିନିଯୋଗ କରିବେ। ଏହି ନିବେଶ ଫଳରେ ୮୦୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳି ପାରିବ। ପୂର୍ବରୁ ଭାରତ ବାୟୋଟେକ୍ ଟିକା ଉତ୍ପାଦନ ପାଇଁ ୫୦୦ କୋଟି ଟଙ୍କା ପୁଞ୍ଜି ନିବେଶ କରିଥିବାବେଳେ ଏବେ ପ୍ରକଳ୍ପ ସଂପ୍ରସାରଣ ପାଇଁ ଆଉ ୭୦୦କୋଟି ଟଙ୍କା ନିବେଶ ପାଇଁ ପ୍ରତିଶ୍ରୁତି ଦେଇଛି। ବିଜ୍ଞାନ ଓ କାରିଗରୀ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ, ଅପରିସୀମ ଜୈବ ବିବିଧତାରେ ପରିପୂର୍ଣ୍ଣ ଓଡ଼ିଶା ବାୟୋଟେକ୍‌ନୋଲୋଜି ବିକାଶ ପାଇଁ ରାଜ୍ୟ ସରକାର ବାୟୋଟେକନୋଲୋଜି ନୀତି, ଷ୍ଟାର୍ଟଅପ୍ ନୀତି ପ୍ରଣୟନ କରିଛନ୍ତି। ସେହିଭଳି ବିଭାଗୀୟ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଓ ଯୁଗ୍ମ ଶାସନ ସଚିବ ପୂଜା ମିଶ୍ର ମଧ୍ୟ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପନିର୍ଦ୍ଦେଶକ ଶଶିକାନ୍ତ ଦାସ ଓ ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ କାର୍ଯ୍ୟକ୍ରମରେ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ୨ଟି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଗୋଟିଏ 'ବାୟୋଫାର୍ମା' ଓ ଅନ୍ୟଟି 'କୃଷି ଓ ଶିଳ୍ପ' ପ୍ରସଙ୍ଗ ଉପରେ ହୋଇଥିବାବେଳେ ଏଥିରେ ଶିଳ୍ପୋଦ୍ୟୋଗୀ, ଉଦ୍ୟୋଗ କର୍ମକର୍ତ୍ତା ଓ ଅନ୍ୟ ଅଂଶୀଦାରମାନେ ମଧ୍ୟ ଉପସ୍ଥିତ ଥିଲେ।

# 'ବରୋଦା କିଷାନ ପଖୱାଡାର ୫ମ ସଂସ୍କରଣ'



ଭୁବନେଶ୍ୱର,୩।୧୨

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ 'ବରୋଦା କିଷାନ ପଖୱାଡା'ର ୫ମ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଏପରିକି ଖୋର୍ଦ୍ଧାସ୍ଥିତ ଜୟ ରାଜଗୁରୁ ଟାଉନ୍‌ହଲ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବଦତ୍ତ ଚାନ୍ଦ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓବି ପାଟନା ଜୋନ୍‌ର ମହାପ୍ରବନ୍ଧକ ସୋନମ ଟି. ଭୂଟିଆ, ପାଟନା ଜୋନ୍‌ର ଏନ୍‌ଡିଜିଏମ୍-୧ ଆର୍.କେ. ମହାନ୍ତିଙ୍କ ସମେତ ବିଓବିର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରାଜୀବ କ୍ରିଷ୍ଣା, କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମର ବିଓବିର ବିଭିନ୍ନ ବ୍ୟାଙ୍କର ଶାଖା ମୁଖ୍ୟ ଓ କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀ ଏବଂ ୭୫ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ୭୫୦ରୁ ଅଧିକ ସଦସ୍ୟ ଯୋଗ ଦେଇଥିଲେ। ଅପରପକ୍ଷରେ ଏସ୍ଏଚ୍‌ଜି ଓ ଅନ୍ୟାନ୍ୟ କୃଷିଭିତ୍ତିକ କାର୍ଯ୍ୟ ନିମନ୍ତେ ବ୍ୟାଙ୍କ ପକ୍ଷରୁ ୫୧ କୋଟି ଟଙ୍କାର ଋଣ ବିତରଣ ମଧ୍ୟ କରାଯାଇଥିଲା।

# ବିଓଏମ୍ ପକ୍ଷରୁ ହିନ୍ଦୀ ଦିବସ ସମାରୋହ




ଭୁବନେଶ୍ୱର,୩।୧୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ପକ୍ଷରୁ ହିନ୍ଦୀ ଦିବସ ସମାରୋହ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏପରିକି ପୁଣେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଓଏମ୍‌ର ଏମ୍‌ଡି ତଥା ସିଇଓ (ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଏ.ଏସ୍.ରାଜୀବ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଭିନେତ୍ରୀ ମୃଣାଳ କୁଲକର୍ଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ବିଓଏମ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.ବି. ବିଜୟ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ପାଣ୍ଡେ, ମହାପ୍ରବନ୍ଧକ କେ. ରାଜେଶ କୁମାର (ମାନବ ସମ୍ବଳ ଓ ରାଜଭାଷା) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍‌ର ମୁଖ୍ୟ କାର୍ଯ୍ୟାଳୟର ପ୍ରବନ୍ଧକଙ୍କ ସମେତ କାର୍ଯ୍ୟନିର୍ବାହୀ, ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ କେ. ରାଜେଶ କୁମାର ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ଓ କର୍ମଚାରୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଇ-ପତ୍ରିକା 'ମହାବ୍ୟାଙ୍କ ସମ୍ବାଦ ସରିତା' ଏ.ଏସ୍.ରାଜୀବଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏପରିକି ବ୍ୟାଙ୍କର ତ୍ରୈମାସିକ ମାଗାଜିନ୍ ମଧ୍ୟ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରିଶେଷରେ ହିନ୍ଦୀ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଏ ସମ୍ପର୍କରେ ଏ.ଏସ୍.ରାଜୀବ ହିନ୍ଦୀ ଏବଂ ଆଞ୍ଚଳିକ ଭାଷା ଉତ୍ତମ ଗ୍ରାହକ ସେବା ଯୋଗାଇବା ସହ ନିଜର ପଣିଆ ଭାବକୁ ଉଜ୍ଜୀବିତ କରିବାରେ ଏହା ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି କହିଥିଲେ।

## ଓଡ଼ିଶାରେ ପ୍ରତିଷ୍ଠା ହେବ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍

ଭୁବନେଶ୍ୱର,୩।୧୨

ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଯୁକ୍ତରାଜ୍ୟ ଇଂଲଣ୍ଡର କମ୍ପାନୀ ଏସ୍‌ରାମ୍ ଓ ଏସ୍‌ରାମ ଗ୍ରୁପ୍ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ୩୦ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଭୁବନେଶ୍ୱର ନିକଟବର୍ତ୍ତୀ ଅଞ୍ଚଳରେ ୪୦ ଏକର ପରିମିତ ଜାଗାରେ ସେମିକଣ୍ଡକ୍ଟର ଫାବ୍ରିକେସନ୍ ୟୁନିଟ୍ ସ୍ଥାପନ କରିବା ପ୍ରସ୍ତାବ ରହିଛି ବୋଲି ଗ୍ରୁପ୍ କର୍ତ୍ତୃପକ୍ଷ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଏହି ୟୁନିଟ୍ ପ୍ରତିଷ୍ଠା ଫଳରେ ସେମିକଣ୍ଡକ୍ଟର ଚିପ୍ ପାଇଁ ଅପେକ୍ଷା କରି ରହିଥିବା ଲକ୍ଷାଧିକ ଯାନ୍ତ୍ରିକ ଉପକରଣର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ଏବଂ ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନକାରୀ ବିଦେଶୀ ରାଷ୍ଟ୍ରଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିଭଳି ଓଡ଼ିଶା ପ୍ରୋଜେକ୍ଟର ମୁଖ୍ୟ ତଥା କମ୍ପାନୀର ଉପାଧ୍ୟକ୍ଷ ଡଃ ଗୁରୁଜୀ କୁମାରନ୍ ସ୍ୱାମୀ ଏବଂ ଓଡ଼ିଶା ପ୍ରୋଜେକ୍ଟର ପ୍ରାଧିକୃତ ମୁଖ୍ୟ ଡଃ ଡି.ସିଂହଦେଓ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ ପାର୍କର ଭିତ୍ତିପ୍ରସ୍ତର

ଭୁବନେଶ୍ୱର,୩।୧୨




ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ବହୁ ପ୍ରତୀକ୍ଷିତ 'ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏପରିକି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ରେ ଏହାର ଆନୁଷ୍ଠାନିକ ଶୁଭାରମ୍ଭ ମଧ୍ୟ ହୋଇଯାଇଛି। ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ ଜରିଆରେ ଉକ୍ତ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ ସହ ଉଦ୍‌ଘାଟନ ମଧ୍ୟ କରିଛନ୍ତି। ଏହି ଅବସରରେ ଜେଏସ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜେଏସ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବିଶ୍ୱସ୍ତରୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ନାମକୁ ଆହୁରି ଉଜ୍ଜ୍ୱଳ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ସେହିଭଳି ଦେଶୀୟ ଉତ୍ପାଦନକୁ ସଶକ୍ତ କରିବା ତଥା ଅପ୍‌ଷ୍ଟ୍ରିମ୍ ଓ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ଲିଙ୍କେଜକୁ ମଜଭୁତ କରିବା ଉକ୍ତ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ଏହି ପାର୍କ ପୂର୍ବ ଭାରତରେ ଖଣିଜ ଦ୍ରବ୍ୟ ଉତ୍ପାଦନ ଓ ଚାହିଦା ବଢ଼ିବ ବୋଲି ଆଶା କରାଯାଉଛି। ଜିନ୍ଦଲ ଷ୍ଟେନ୍‌ଲେସ୍ ଯାଜପୁରଠାରେ ଉତ୍ପାଦନ ସୁବିଧା ସହ ବିସ୍ତାର ଭାବେ ନିର୍ମାଣ ହୋଇବାକୁ ଥିବା ଏହି ପାର୍କ କଞ୍ଚାମାଲ ଠିକ୍ ସମୟରେ ଯୋଗାଣ ଏବଂ ପ୍ରସ୍ତୁତ ସାମଗ୍ରୀ ପଠାଇବା ପାଇଁ ପ୍ରମୁଖ ରାଜପଥ ସହ ରଣନୀତିଗତ ଭାବରେ ସଂଯୁକ୍ତ ରହିଛି। ୬ ବର୍ଷ ଭିତରେ ଦୁଇଟି ପର୍ଯ୍ୟାୟରେ ଏହି ଶିଳ୍ପ ପାର୍କ ସ୍ଥାପନ ହେବାକୁ ଯୋଜନା ରହିଛି। ଏଥିରେ ୧୫୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟ ଖର୍ଚ୍ଚ କରାଯିବ। ଏହା ସହ ୧୦୦ରୁ ଅଧିକ ଡାଉନ୍‌ଷ୍ଟ୍ରିମ୍ ଓ ସହାୟକ କମ୍ପାନୀକୁ ମଧ୍ୟ ପ୍ରୋତ୍ସାହିତ କରିବ। ଉଭୟ ଉତ୍ପାଦନ ଏବଂ ବ୍ୟବସାୟ କ୍ଷେତ୍ରରେ ଆମେ ୩୬୦ଡିଗ୍ରୀ ସମନ୍ୱୟ ରକ୍ଷା କରିବାକୁ ଚେଷ୍ଟା କରୁଛୁ। ଗୋଟିଏ ପଟେ ଏହି ଶିଳ୍ପ ପାର୍କଟି କଞ୍ଚାମାଲରୁ ଉତ୍ପାଦିତ ଦ୍ରବ୍ୟ ପର୍ଯ୍ୟାୟ ପର୍ଯ୍ୟନ୍ତ ଥିବା ସମସ୍ତ କାର୍ଯ୍ୟ କରିବାରେ ସକ୍ଷମ ହୋଇପାରିବ। ଅନ୍ୟପକ୍ଷରେ ଆର୍ଥିକ ଅଭିବୃଦ୍ଧି ପାଇଁ ଅଗ୍ରଣୀ ଭୂମିକା ନେଉଥିବା କ୍ରୟ, ବିକ୍ରୟ, ଦକ୍ଷତା ବିକାଶ, ନିଯୁକ୍ତି ସୃଷ୍ଟି, ଭିତିଭୂମିର ଆଧୁନିକୀକରଣ, ସାମାଜିକ-ଆର୍ଥିକ ବିକାଶ ଏବଂ ଶିଳ୍ପ ପରିପକ୍ୱତା ଆଦି ସମ୍ପୃକ୍ତ ସମସ୍ତ ଭାଗୀଦାରଙ୍କୁ ମଧ୍ୟ ସଶକ୍ତ କରିପାରିବ। ଡାଉନ୍‌ଷ୍ଟ୍ରିମ୍ ପାର୍କରେ ୱାଇଡର ଲୁପ୍ ରୋଡ୍, ଯଥେଷ୍ଟ ପାର୍କିଂ ସ୍ଥାନ ଆଦିର ଉନ୍ନତମାନର ଲଜିଷ୍ଟିକ୍ ସେବା ମଧ୍ୟ ରହିବ। ଏହାସହ ନବୀକରଣ ଶକ୍ତି, ଜଳ ଏବଂ ଦକ୍ଷ ମାନବ ସମ୍ବଳ ପରି ଉପଯୋଗୀ ସେବା ମଧ୍ୟ ରହିବ। ଏହି ମାନଦଣ୍ଡ ଷ୍ଟେନ୍‌ଲେସ୍ ପାର୍କକୁ ଅଧିକ ଆକର୍ଷଣୀୟ ସ୍ଥାନରେ ପରିଣତ କରିବା ସହ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଆକର୍ଷିତ କରିବ। ଏହି ବର୍ଦ୍ଧିତ ପର୍ଯ୍ୟାୟରେ କମ୍ପାନୀର ଯାଜପୁର ଶାଖାରେ ୨୦୨୩ ଆର୍ଥିକ ବର୍ଷ ସୁଦ୍ଧା ମଲ୍ଟ ଦକ୍ଷତା ୧.୧ ମେଟ୍ରିକ୍ ଟନ ୨.୧ ମେଟ୍ରିକ୍ ଟନ ଅର୍ଥାତ୍ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛି କମ୍ପାନୀ। ଏହି ଶିଳ୍ପ ପାର୍କ ଫଳରେ ଅଟୋମୋଟିଭ୍, ଆର୍କିଟେକ୍ଚୁରାଲ୍, ବିଲ୍ଡିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍, ପାଇପ୍ସ ଆଣ୍ଡ ଟ୍ୟୁବ୍ସ, ଶିଳ୍ପ ସାମଗ୍ରୀ, ଗ୍ରାହକ ସାମଗ୍ରୀ, ଜୀବନଶୈଳୀ, ରୋଷେଇ ସାମଗ୍ରୀ ଓ ସହରାଞ୍ଚଳ ଆସବାବପତ୍ର ଆଦି ଗ୍ରାହକ ବିଭାଗରେ ନିଜର ଉପସ୍ଥିତିକୁ ବଢ଼ାଇପାରିବ।

## ସଂକ୍ଷେପରେ

### ୭ ମୃତ ବିଦେଶୀ ପକ୍ଷୀ ଜବତ: ଶିକାରୀ ଗିରଫ



**ଟାଙ୍ଗୀ(ଖୋର୍ଦ୍ଧା),୩।୧୨(ଡି.ଏନ୍.ଏ.):** ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା ହୋଇଥିଲେ ମଧ କେତେଜଣ ଶିକାରୀ ସକ୍ରିୟ ହୋଇଉଠିଛନ୍ତି। ଶନିବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ପୁରୀ ଜିଲା ଗଡ଼ିଶାଗଡା ଥାନା ଅଧୀନ ଆଳିପଡା ନାଳ ନିକଟରୁ ବିଭାଗୀୟ କର୍ମଚାରୀ ଚଢ଼ାଉ କରି ୭ଟି ମୃତ ବିଦେଶାଗତ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ଆଳିପଡା ଗ୍ରାମର ବିଜୟ ସାହୁ (୫୨)। ତାଙ୍କ ନିକଟରୁ ୭ଟି ଲାର୍ଜ ହୁଇଷ୍ଟିଲଙ୍ଗ ଡକ୍ ଜବତ କରାଯାଇଛି। ଫରେଷ୍ଟର ଜିତେନ୍ଦ୍ର ଜେନା, ଫରେଷ୍ଟଗାର୍ଡ ଭାନୁମତୀ ବେହେରା ଏହି ଚଢ଼ାଉରେ ସାମିଲ ଥିଲେ। ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ରେଞ୍ଜର ଚୂଡ଼ାମଣି ମୁର୍ମୁ କହିଛନ୍ତି।

### ୩ ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡାଦେଶ

#### ହତ୍ୟା ଉଦ୍ୟମ ମାମଲା

**ଭଞ୍ଜନଗର,୩।୧୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ କୋକଲବା ଗ୍ରାମରେ ଘଟିଥିବା ଏକ ହତ୍ୟା ଉଦ୍ୟମ ମାମଲାରେ ଶୁକ୍ରବାର ଭଞ୍ଜନଗର ସବଜଜ୍ ସୋମଲୀନା ମିଶ୍ର ୩ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ସହ ୩ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ଏକ ମାସ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ କୋକଲବାର ପ୍ରତାପ ନାୟକ, ସୁଶାନ୍ତ ନାୟକ ଏବଂ ନାରାୟଣ ନାୟକ। ୨୦୧୩ ଜାନୁୟାରୀ ୧ ତାରିଖରେ ଅଭିଯୁକ୍ତମାନେ ପୂର୍ବ ଶତ୍ରୁତାରୁ କୁମର ନାୟକଙ୍କ ପୁଅ ରଞ୍ଜିତଙ୍କୁ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ପୁଅ ରଞ୍ଜିତଙ୍କଠାରୁ ଶୁଣି ବାପା କୁମର କାହିଁକି ଆକ୍ରମଣ କଲ ବୋଲି ଅଭିଯୁକ୍ତମାନଙ୍କୁ ପଚାରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ସେମାନେ କୁମରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ପ୍ରକାରେ ସେ ସମୟରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିବା ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପରେ ସେମାନେ ଜାମିନରେ ଆସିଥିଲେ। ଶୁକ୍ରବାର ୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଦଣ୍ଡାଦେଶ ଶୁଣାଇବା ପରେ ଅଭିଯୁକ୍ତମାନଙ୍କୁ ପୁଣି ଜେଲ ହାଜତକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉଷା କାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ ଲଡୁ କିଶୋର ଆଲଡିଆ ମାମଲା ପରିଚାଳନା କରୁଥିଲେ।

# ଶ୍ରୀମନ୍ଦିରର ଡ୍ରୋନ୍ ଭିଡିଓ ଭାଇରାଲ

**ପୁରୀ ଅଫିସ,୩।୧୨**

ଶ୍ରୀମନ୍ଦିରର ଭିଡିଓ ପୁଣିଥରେ ଭାଇରାଲ ହୋଇଛି। ଏଥର କିନ୍ତୁ ଭିଡିଓଟି ମନ୍ଦିର ଭିତରର ହୋଇ ନ ଥିବାବେଳେ ସମ୍ପୂର୍ଣ୍ଣ ମନ୍ଦିରର ଚିତ୍ର ଆକାଶରୁ ଡ୍ରୋନ ଦ୍ୱାରା ଉଠାଯାଇ ଭାଇରାଲ କରାଯାଇଛି, ଯାହାକୁ ନେଇ ଅଗଣିତ ଜଗନ୍ନାଥ ପ୍ରେମୀ ଓ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଶ୍ରୀମନ୍ଦିର ଭିତର ତଥା ମହାପ୍ରଭୁଙ୍କ ଫଟୋ, ଭିଡିଓ ଭାଇରାଲ ହେଉଥିବାରୁ ପୋଲିସ ପ୍ରଶାସନର ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ଶ୍ରୀମନ୍ଦିର ପରିସର ନୋ ଫ୍ଲାଇଁ ଜୋନ୍ ଭାବେ କଟକଣା ଥିବା ସତ୍ତ୍ୱେ ଡ୍ରୋନ ଉଡ଼ାଇ ଶ୍ରୀମନ୍ଦିର ଭିଡିଓ ଭାଇରାଲ କରିବା ସହ ଭିଡିଓ ଦେବା ପାଇଁ ଟଙ୍କା ମାଗିବା ଯୋଗୁ ସମସ୍ତଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଦୃଢ଼ୋକ୍ତି କରାଯାଉଥିଲେ ମଧ କିଛି ମାସ ବ୍ୟବଧାନରେ ଶ୍ରୀମନ୍ଦିର ଭିତର ବେଢ଼ା ଓ ଶ୍ରୀମନ୍ଦିର ଫଟୋ, ଭିଡିଓ ଭାଇରାଲ ହେଉଛି। ଯାହାକୁ ନେଇ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ପ୍ରତି କରାଯାଉଥିବା ସୁରକ୍ଷା ବ୍ୟବସ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୨୦୧୯ରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ସତର୍କ ସୂଚନା ଜାରି କରିଥିଲା କେନ୍ଦ୍ରୀୟ ଗୋଇନ୍ଦା ବିଭାଗ। ଆତଙ୍କବାଦୀଙ୍କ ଟାର୍ଗେଟରେ ଶ୍ରୀମନ୍ଦିର ରହୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଆଲୋଚନା ହେବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମାତ୍ର ଶ୍ରୀମନ୍ଦିରର ଜିଲା ସୁରକ୍ଷା ବ୍ୟବସ୍ଥା ପଦାରେ ପକାଇଛି।

ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳ ତଥା ନୋ ଫ୍ଲାଇଁ ଜୋନ୍‌ରେ ଜଣେ ବଙ୍ଗୀୟ ଯୁବକ ଡ୍ରୋନ ଉଡାଇ ଭିଡିଓ ଭାଇରାଲ କରିଥିବା ଜଣାପଡିଛି। ଉକ୍ତ ଯୁବକ ପତିତପାବନ ବାନା ପରିବର୍ତ୍ତନର ଦୁର୍ଲଭ ଦୃଶ୍ୟ ସାଙ୍ଗକୁ

### ପୁଣି ସୁରକ୍ଷା ଉପରେ ଉଠିଲା ପ୍ରଶ୍ନ



ଭିତର ବେଢ଼ାର ଦୃଶ୍ୟକୁ କଏଦ୍ କରି ୟୁନିଫାଏଡ୍ ନାମକ ୟୁଟ୍ୟୁବ୍ ଚ୍ୟାନେଲରେ ଅପଲୋଡ କରିଛନ୍ତି, ଯାହାକୁ ବର୍ତ୍ତମାନ ସୁଦ୍ଧା ପାଖାପାଖି ୫୦୦୦ରୁ ଊର୍ଦ୍ଧ୍ୱ ଲୋକ ଦେଖିଛନ୍ତି। ଉକ୍ତ ଚ୍ୟାନେଲରେ ଦିଆଯାଇଥିବା ଯୋଗାଯୋଗ ନମ୍ବରରେ ସମ୍ପର୍କ କରିବାରୁ ପ୍ରତି ଆଙ୍ଗେଲ୍ ପିଛା ଫୁଟେଜ୍ ନେବା ପାଇଁ ୨୦ ହଜାର ଟଙ୍କା ଦାବି କରାଯାଉଛି। ସେପଟେ ଭିଡିଓର ପ୍ରାରମ୍ଭରେ ଓଡ଼ିଶା ପୋଲିସକୁ ସ୍ୱତନ୍ତ୍ର ଧନ୍ୟବାଦ ଦେଇଛି ଏହି ୟୁଟ୍ୟୁବ୍ ଚ୍ୟାନେଲ। ତେଣୁ ଏପରି ଭିଡିଓ କରିବା ପାଇଁ ତାଙ୍କୁ କିଏ ଅନୁମତି ଦେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଭିଡିଓଟି ୨ ସପ୍ତାହ ପୂର୍ବେ ଅପଲୋଡ୍ ହୋଇଥିଲେ ମଧ ପ୍ରଶାସନ ପକ୍ଷରେ ଏନେଇ ଖବର ନାହିଁ। ଅପରପକ୍ଷେ ଶ୍ରୀମନ୍ଦିର ଭିତରେ ମାଳ ମାଳ ମୋବାଇଲ ପ୍ରବେଶ କରୁଥିବା ବେଳେ ଗୋପନୀୟ ତଥ୍ୟ ଲିକ୍ ହେବାର ଆଶଙ୍କା ରହୁଛି। ତେଣୁ ଭିଡିଓ ଉତ୍ତୋଳନ କରିଥିବା ଯୁବକଙ୍କ ସହ ତାଙ୍କୁ କିଏ ଏବଂ କାହିଁକି ଅନୁମତି ଦେଲା ତାହାର ତଦନ୍ତ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ତେବେ ଏ ନେଇ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ଭି. ଚନ୍ଦ୍ରଶେଖର ରାଓ କହିଛନ୍ତି, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଉପରକୁ ନୋ ଫ୍ଲାଇଙ୍ଗ ଜୋନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସରକାରଙ୍କୁ ଚିଠି ଲେଖାଯାଇଥାଏ। ଏବେ ଯିଏ ବି ଏପରି ଭିଡିଓ ଡ୍ରୋନରେ ଉତ୍ତୋଳନ କରଛନ୍ତି ତାହା ଭୁଲ ଅଟେ। ଯାହା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଯେକୌଣସି ପଦକ୍ଷେପ ନେବାକୁ ପଡ଼ିବ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଶ୍ରୀମନ୍ଦିର ବରିଷ୍ଠ ସେବାୟତ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନଙ୍କ କହିବା ଅନୁଯାୟୀ, ଶ୍ରୀମନ୍ଦିରର ସରକ୍ଷା ଦୃଷ୍ଟିରୁ ରଥଯାତ୍ରା ନୁହେଁ ସବୁ ସମୟରେ ଶ୍ରୀମନ୍ଦିରକୁ ନୋ ଫ୍ଲାଇଙ୍ଗ ଜୋନ କରାଯିବା ଆବଶ୍ୟକ। ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।

### ପିଇଓଙ୍କୁ ଆକ୍ରମଣ: ପୂର୍ବତନ ସରପଞ୍ଚ ଗିରଫ

**ବରୀ,୩।୧୨(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ଆକ୍ରମଣ ଅଭିଯୋଗରେ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ପୋଲିସ ବରୀ ବ୍ଲକ୍ ଅଧୀନ ବାଲିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରବୀର ଜେନାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧ ତାରିଖରେ ସେ ଉକ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ ଅଶୋକ କୁମାର ଦାସଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏନେଇ ବ୍ଲକ ପ୍ରଶାସନ ତରଫରୁ ଜେନାଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୩୬୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନ ପରଠାରୁ ସେ ବିଭିନ୍ନ ସମୟରେ ବିଶୃଙ୍ଖଳା ସୃଷ୍ଟି କରିଆସୁଥିଲେ। ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୈଠକ ବସିବା ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଫଳରେ ସାଧାରଣ ଲୋକେ ଭୟଭିତ ଅବସ୍ଥାରେ ଥିଲେ ବୋଲି କହିଛନ୍ତି।

# ଚର୍ଚ୍ଚ ଅଫ୍ ଗଡ୍‌ରେ ଝରଣାଙ୍କ ଶେଷକୃତ୍ୟ ସମ୍ପନ୍ନ

### ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର

**କଟକ ଅଫିସ,୩।୧୨**



ଜିଲାପାଳ ଭବାନୀ ଶଙ୍କର ଚୟନୀ ଚର୍ଚ୍ଚ ଅଫ୍ ଗଡ୍ ପରିସରରେ ଅଭିନେତ୍ରୀ ଝରଣା ଦାସଙ୍କ ମରଶରୀରରେ ମାଲ୍ୟାର୍ପଣ କରୁଛନ୍ତି।

ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତ୍ରୀ ଝରଣା ଦାସଙ୍କ ଶେଷକୃତ୍ୟ କଟକ ଗୋରାକବର ନିକଟସ୍ଥ ଚର୍ଚ୍ଚ ଅଫ୍ ଗଡ୍ ପରିସରରେ ଶନିବାର ସମ୍ପନ୍ନ ହୋଇଛି। ଅପରାହ୍ନ ୨ଟାରେ କଟକ ଚଣ୍ଡୀଛକସ୍ଥିତ ବାସଭବନରୁ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନିଆଯାଇଥିଲା। ପରେ ବକ୍‌ଲି ବାଳିକା ବିଦ୍ୟାଳୟ, ଆକାଶବାଣୀ କେନ୍ଦ୍ର ପରିସରକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେଠାରୁ ମରଶରୀରକୁ କବରସ୍ଥାନ ଅଭିମୁଖେ ନିଆଯାଇଥିଲା। କଟକ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ମାଧ୍ୟମରେ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଖ୍ରୀଷ୍ଟିଆନ ଧର୍ମଗୁରୁ ସାମ୍ ସୋମଲିଙ୍ଗମ୍ ଓ ନୀହାର ରଞ୍ଜନ ବର୍ଦ୍ଧନ ବାଇବେଲ ପାଠ ଓ ପ୍ରାର୍ଥନା କରିଥିଲେ। ପରେ ଖ୍ରୀଷ୍ଟିଆନ ରୀତିନୀତି ଅନୁସାରେ ଝରଣାଙ୍କ ମରଶରୀରକୁ କବର ଦିଆଯାଇଥିଲା। ଶେଷକୃତ୍ୟ ସମୟରେ ଝରଣାଙ୍କ ବଡ଼ପୁଅ ଚିରଞ୍ଜିତ, ସାନପୁଅ ସମ୍ବିତ, କନ୍ୟା ପ୍ରଜ୍ଞାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଆକାଶବାଣୀ, ଦୂରଦର୍ଶନ ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଝରଣା ଦାସ ଗୁରୁବାର ରାତିରେ ଶୋଇଥିବାବେଳେ ଅସୁସ୍ଥ ଅନୁଭବ କରିଥିଲେ। ମେଡିକାଲ ନେବା ପୂର୍ବରୁ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଥିଲା। ତାଙ୍କର ଦୁଇପୁଅ ବାହାରେ ରହୁଥିବା କାରଣରୁ ଶେଷକୃତ୍ୟ ପାଇଁ ପରିବାର ପକ୍ଷରୁ ଅପେକ୍ଷା କରାଯାଇଥିଲା। ତାଙ୍କ ମୃତ୍ୟୁରେ ଆକାଶବାଣୀ, ଦୂରଦର୍ଶନ ତଥା ଓଡ଼ିଆ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି। ପରଲୋକ ଖବରପାଇ ବହୁ କଳାକାର ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

### ଅଲ୍ ଇଣ୍ଡିଆ ଟ୍ରାଇଥଲନ୍ ରେସ୍‌ରେ ଓଡ଼ିଶାର ପ୍ରଣବ ପ୍ରଥମ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**



ଓଡ଼ିଶାର ପ୍ରଥମ ଟ୍ରାଇଥଲନ ବିଜେତା ଭାବେ ପ୍ରଣବ ଦାସ ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ପ୍ରଣବ ନିକଟରେ ଇଣ୍ଡିଆନ ଟ୍ରାଇଥଲନ୍ ଫେଡେରେଶନ ପକ୍ଷରୁ ଘୋଷଣା କରାଯାଇଥିବା ଅଲ୍ ଇଣ୍ଡିଆ ଟ୍ରାଇଥଲନ୍ ରେସ ରେକର୍ଡରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚଳିତ ମାସରେ ପ୍ରକାଶିତ ତାଲିକାରେ ପ୍ରଣବ ୪୭୧.୦୫ ପଏଣ୍ଟ ପାଇ ପ୍ରଥମ ହୋଇଥିବାବେଳେ ତାଙ୍କ ପଛକୁ ଦିଲ୍ଲୀର ଛତ୍ରପତି ଆର୍ଯ୍ୟନ ଟଣ୍ଡନ (୩୩୦.୨୩) ଦ୍ୱିତୀୟ ଓ ମଣିପୁରର ବିଜେନ କୁମାର ଲାଇଖୁରାମ (୨୮୭.୭୮) ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରଣବ ବର୍ତ୍ତମାନ ପୁଣେରେ ମିନିଅରେଞ୍ଜ ସ୍ପୋର୍ଟସ ଏକାଡେମୀରେ ପ୍ରଶିକ୍ଷଣ ନେବା ସହ ଆଗାମୀ ଟ୍ରାଇଥଲନ୍ ନ୍ୟାଶନାଲ ଚାମ୍ପିୟନଶିପ ଏବଂ ଅନ୍ୟ ଜାତୀୟ ସ୍ତରୀୟ ଖେଳ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏହି ସଫଳତା ପାଇଁ ସେ ଓଡ଼ିଶା ସରକାର, କଟକ ସାଇକ୍ଲିଷ୍ଟ, ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡ୍‌ଭେଞ୍ଚର୍ସ କ୍ଲବ ଏବଂ ଆଇରନ ମଙ୍କ୍‌ର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଅନ୍ତର୍ଜାତୀୟ ଟ୍ରାଇଥଲନ୍‌ରେ ଭାରତ ଟିମ୍ ପାଇଁ ଖେଳି ଦେଶ ପାଇଁ ସୁନାମ ଆଣିପାରିବେ ବୋଲି ପ୍ରଣବ ଦୃଢ଼ ବିଶ୍ୱାସ ରଖିଛନ୍ତି।

# ୯ରୁ ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

### ୬୦୦ ଷ୍ଟଲ୍ ଖୋଲିବ, ଅନ୍‌ଲାଇନ୍‌ରେ ମେଳା ଦେଖିବାର ସୁଯୋଗ

ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର' ଆସନ୍ତା ୯ ତାରିଖରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେବ। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ମୋଟ ୬୦୦ ଷ୍ଟଲ୍ ପଡ଼ିବ। ଓଡ଼ିଶା ସମେତ ଦିଲ୍ଲୀ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ, ଆନ୍ଧ୍ରପ୍ରଦେଶ ଓ ନେପାଳର ପ୍ରକାଶକମାନେ ଯୋଗଦେବେ। ଏଥିସହ ରାଜ୍ୟର ପ୍ରମୁଖ ବିଶ୍ୱ ବିଦ୍ୟାଳୟ ଓ ଅନେକ ଶିକ୍ଷାନୁଷ୍ଠାନ ମଧ ଏହି ମେଳାରେ ଯୋଗଦେଉଛନ୍ତି। ୨ବର୍ଷ ବନ୍ଦ ରହିବା ପରେ ଏବର୍ଷ ମେଳା ଅନୁଷ୍ଠିତ ହେଉଥିବାରୁ ଲେଖକ, ପାଠକ ଓ ପ୍ରକାଶକଙ୍କ ମନରେ ଆଗ୍ରହ ପ୍ରକାଶ ପାଇଛି।

ରାଜ୍ୟ ପୁସ୍ତକ ମେଳାକୁ ନେଇ ଶନିବାର ଲୋକସେବା ଭବନରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ଚାଟାର୍ଜୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଓ ରାଜଧାନୀ ପୁସ୍ତକମେଳା ସଭାପତି ତଥା ଆୟୋଜକ କମିଟି ଅଧ୍ୟକ୍ଷ ଡ. ଉପେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ। ମେଳା ପରିସରରେ ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଦମକଳ, ଅଗ୍ନିନିର୍ବାପକ ବ୍ୟବସ୍ଥା, ସିସିଟିଭି, ଡ୍ରୋନ୍ କ୍ୟାମେରା, ସୁରକ୍ଷା କର୍ମୀ ମୁତୟନ ଓ ପାନୀୟ ଜଳର ସୁବ୍ୟବସ୍ଥା କରିବାରୁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ପୁସ୍ତକ ମେଳାକୁ ଅନ୍‌ଲାଇନରେ ଦେଖିବାର ବ୍ୟବସ୍ଥା କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଧାରଣାରେ ବସିଲେ ଆଶାକର୍ମୀ

**ଦଶମନ୍ତପୁର,୩।୧୨ (ଡି.ଏନ.ଏ. )**

ଦଶମନ୍ତପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ୭ଦଫା ଦାବି ନେଇ ଆଶାକର୍ମୀମାନେ ଧାରଣାରେ ବସିଛନ୍ତି। ଆଶାକର୍ମୀଙ୍କୁ ସରକାରୀ ମାନ୍ୟତା, ମାସିକ ୧୮ ହଜାର ଟଙ୍କା ଦରମା, ମାସିକ ୫ ହଜାର ଭତ୍ତା, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ୫ ଲକ୍ଷ ଟଙ୍କା ସହାୟତା ରାଶିଭଳି ବିଭିନ୍ନ ଦାବି ପୂରଣ ଧାରଣାରେ ବସିଥିଲେ। ଜଣେ ସାଧାରଣ ଲୋକ ମଜୁରି ଲାଗି ଯାହା ମଜୁରି ପାଉଛନ୍ତି ଆମେ ଦିନରାତି ପରିଶ୍ରମ କରି ସେବା ଯୋଗାଇ ମଧ ପାଉନାହୁଁ। ସରକାର ଆମକୁ ସମାନ କାର୍ଯ୍ୟକୁ ସମାନ ଦରମା ଦେଉନାହାନ୍ତି ବୋଲି ସଂଘ ସଭାପତି ଗୀତାଞ୍ଜଳି ଜେନା କହିଛନ୍ତି। ସରକାର ଆଶାକର୍ମୀଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ସାମ୍ବାଦିକ ବୈଷ୍ଣବ ଜେନାଙ୍କ ପରଲୋକ

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**



ସାମ୍ବାଦିକ ତଥା ସ୍ତମ୍ଭକାର ବୈଷ୍ଣବ ଚରଣ ଜେନାଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି। ୟୁନିଟ୍-୩ସ୍ଥିତ ସରକାରୀ ବାସଭବନରେ ଶେଷ ଦର୍ଶନ ପରେ ତାଙ୍କ ମରଶରୀରକୁ ଜନ୍ମସ୍ଥାନ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀର ବେଞ୍ଚରାପୁର ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବୈଷ୍ଣବଙ୍କର ଉଭୟ ଇଂଲିଶ ଏବଂ ଓଡ଼ିଆ ଭାଷାରେ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଦକ୍ଷତା ଥିଲା। ବିଧାନସଭା ରିପୋର୍ଟିଂରେ ସେ ଏତେ ପାରଙ୍ଗମ ଥିଲେ ଯେ, ତାଙ୍କଠାରୁ ବହୁ ଯୁବ ସାମ୍ବାଦିକ ଶିକ୍ଷାଲାଭ କରିଛନ୍ତି। ସେ ସାମ୍ବାଦିକତାକୁ ଆସିବା ପୂର୍ବରୁ କୋରାପୁଟରେ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଥିଲେ। ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ସୂଚନା ଅଧିକାରୀ ଭାବେ କିଛିଦିନ କାର୍ଯ୍ୟ କରିଥିଲେ। ଦୈନିକ ଖବରକାଗଜ 'ମାତୃଭାଷା'ର ରାଜ୍ୟ ପ୍ରତିନିଧି ଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ଖବରକାଗଜ ପାଇଁ ମୁକ୍ତବୃତ୍ତି ସାମ୍ବାଦିକତା କରୁଥିଲେ। ତାଙ୍କ ବିୟୋଗରେ ମେୟର ସୁଲୋଚନା ଦାସ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିରୋଧୀ ଦଳ ସଚେତକ ତାରାପ୍ରସାଦ ବାହିନୀପତି, ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଦେବାଶିଷ ନାୟକ, ପ୍ରଭାତ ରଞ୍ଜନ ବିଶ୍ୱାଳ, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଓ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ଆରମ୍ଭ ହେଲା ଭାସ୍କର୍ଯ୍ୟ କଳା ଶିବିର

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**

ସହରର ସୌନ୍ଦର୍ଯ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଖଣି ନିଗମ ପକ୍ଷରୁ କଳାଭୂମିଠାରେ ଭାସ୍କର୍ଯ୍ୟ କଳା ଶିବିର ଆରମ୍ଭ ହୋଇଛି। ବିଏମ୍‌ସି ଓ ଲଳିତ କଳା ଏକାଡେମୀ ପକ୍ଷରୁ ଚାଲିଥିବା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଷ୍ଟାମ୍ପ୍-୩.୦ର ଏହା ହେଉଛି ଏକ ଅଂଶବିଶେଷ। ୧୦ ଦିନ ଚାଲିବାକୁ ଥିବା ଏହି ଶିବିରରେ ୩୫ଜଣ ପ୍ରସ୍ତର, ସ୍କ୍ରାପ୍ ଓ ଟେରାକୋଟା ଶିଳ୍ପୀ ଅଂଶ ଗ୍ରହଣ କରିଛନ୍ତି। ଶିଳ୍ପୀମାନେ ଓଡ଼ିଶାର କଳା ସଂସ୍କୃତି ଓ କ୍ରୀଡ଼ାକୁ ଭିତ୍ତିକରି ନିଜ ନିଜ ଶୈଳୀରେ ଭାସ୍କର୍ଯ୍ୟ ପ୍ରସ୍ତୁତ କରିବେ। ପରେ ଏହିସବୁ ଭାସ୍କର୍ଯ୍ୟକୁ ଭୁବନେଶ୍ୱରର ବିଭିନ୍ନ ପାର୍କ ଓ ଅନ୍ୟାନ୍ୟ ସ୍ଥାନରେ ସଂସ୍ଥାପନ କରାଯିବ। ଉତ୍ସବରେ ପ୍ରସ୍ତର ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ମେୟର ସୁଲୋଚନା ଦାସ, ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କୃଷି, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢୀ, ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଏକାଡେମୀ ସଚିବ ପଞ୍ଚାନନ ସାମଲ ପରିଚାଳନା କରିଥିଲେ।



ଭାସ୍କର୍ଯ୍ୟ କଳା ଶିବିରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ମଧାହ୍ନଭୋଜନ ବନ୍ଦକୁ ନେଇ ସ୍କୁଲରେ ତାଲା

### ରାସ୍ତାରେ ଛାତ୍ରୀଛାତ୍ରଙ୍କୁ ପଢ଼ାଇଲେ ଶିକ୍ଷକ

**ବଡ଼ସାହି,୩।୧୨(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ଗ୍ରାମ ନୂଆସାହି ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧାହ୍ନ ଭୋଜନ ବନ୍ଦକୁ ନେଇ ଅସନ୍ତୋଷ ଦେଖାଦେଇଛି। ଶନିବାର ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ପ୍ରକାଶ ଯେ, ଶୁକ୍ରବାର ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ମଧାହ୍ନ ଭୋଜନ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ଜାଣିବା ପରେ ଅଭିଭାବକମାନେ ଶନିବାର ପୂର୍ବାହ୍ନରେ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ପିଲାମାନେ ମଧାହ୍ନ ଭୋଜନରୁ ବଞ୍ଚିତ ହୋଇଥିବା ନେଇ ଅସନ୍ତୋଷ



ନୂଆସାହି ପ୍ରାଥମିକ ବିଦ୍ୟାଳୟ ସାମ୍ନା ରାସ୍ତାରେ ଛାତ୍ରୀଛାତ୍ର ବସି ପଢୁଛନ୍ତି।

ପ୍ରକାଶ କରିଥିଲେ। ଫଳରେ ଶିକ୍ଷକ ପିଲାମାନଙ୍କୁ ରାସ୍ତା ଉପରେ ଖରାରେ ବସାଇ ଶିକ୍ଷାଦାନ କରିଥିଲେ।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଏବିଓ ପଦ୍ମଲୋଚନ ବେହେରାଙ୍କୁ ପଚାରିବାରୁ ଶିକ୍ଷକଙ୍କ ଆନ୍ତରିକତା ଅଭାବ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି। ଅନ୍ୟପକ୍ଷେ ଶିକ୍ଷକ ବିଭାକର ଲେଙ୍କା କହିଛନ୍ତି, ପ୍ରଧାନଶିକ୍ଷକଙ୍କ ଦାୟିତ୍ୱରେ ମଧାହ୍ନ ଭୋଜନ ଥିବାବେଳେ ସେ ଦୁଇମାସ ଧରି ଛୁଟିରେ ଅଛନ୍ତି। ଏଣୁ ଆର୍ଥିକ ଅକ୍ଷମତା ପାଇଁ ମଧାହ୍ନ ଭୋଜନ ରୋଷେଇ ହୋଇପାରି ନାହିଁ। ଶେଷରେ ଦିନ ଗୋଟାଏ ବେଳେ ବ୍ଲକ ଶିକ୍ଷାଧିକାରୀ ଝାଡେଶ୍ୱର ଭୂୟାଁ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଶୁଝା କରିବା ସହ ଶିକ୍ଷକଙ୍କୁ ଆର୍ଥିକ କ୍ଷମତା ଚିଠି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।





# ନିଜ ପାଇଁ କିଛି ସମୟ...

**ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ପ୍ରତ୍ୟେକଙ୍କ ପାଖରେ ସମୟ ଅଭାବ। ଏହା ଭିତରେ ଯେମିତି ଅନେକେ ନିଜଠୁ ଦୂରେଇ ଯାଉଛନ୍ତି। କହିବାର ତାତ୍ପର୍ଯ୍ୟ ପାଠପଢ଼ା, ଜବ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟର ଚାପ ଭିତରେ ସେମାନେ ନିଜ ସ୍ୱାସ୍ଥ୍ୟ, ନିଜ ରୁଚି ଆଦିକୁ ଅଣଦେଖା କରିବସୁଛନ୍ତି। ତେଣୁ ଏକ ଖୁସି ମନ ଆଉ ସୁସ୍ଥ ଜୀବନ ପାଇଁ ଲୋଡ଼ା କିଛି ସମୟ ନିଜ ପାଇଁ...**

ଆଜିକାଲି ଯାହାକୁ ପଚାରିଲେ ଗୋଟିଏ ଉତ୍ତର ପାଇବେ- 'ମୋ ପାଖେ ସମୟ ନାହିଁ'। ହେଲେ ଏତେ କାର୍ଯ୍ୟବ୍ୟସ୍ତତା ଭିତରେ ନିଜକୁ ଅଣଦେଖା କରିବା ଠିକ୍ ନୁହେଁ। କାରଣ ଦୈନିକ ୨୪ ଘଣ୍ଟାର ସମୟ କାହା ପାଇଁ ୨୫ ଘଣ୍ଟା ହେବା ଅସମ୍ଭବ। ତେଣୁ ସେହି ସମୟ ମଧ୍ୟରୁ ନିଜ ପାଇଁ କିଛି ସମୟ ଅର୍ଥାତ୍ ମି' ଟାଇମ୍ ବାହାର କରିବାକୁ ହେବ। ଆଉ ସେହି ସମୟରେ ଶରୀରର ଯତ୍ନ ନେବା ସହ ନିଜ ରୁଚି ପ୍ରତି ଧ୍ୟାନ ଦେଲେ ଜୀବନ ଆହୁରି ଖୁସିପୂର୍ଣ୍ଣ ହୋଇପାରିବ...

**ଲେଖାଲେଖି ଦେବ ଆନନ୍ଦ:** ଲେଖିବାକୁ ଅନେକେ ଭଲପାଆନ୍ତି। ହେଲେ କାର୍ଯ୍ୟବ୍ୟସ୍ତତା ଭିତରେ ନିଜର ଏହି ରୁଚିଠାରୁ ଅନେକେ ଦୂରେଇ ଯାଉଥିବା ଦେଖିବାକୁ ମିଳିଥାଏ। ହେଲେ ଆପଣ ଜାଣନ୍ତିକି, ବ୍ୟସ୍ତତା ଭିତରେ ବି କିଛି ସମୟ ବାହାର କରି ଯଦି ଆପଣ ଲେଖିବେ; ତେବେ ଏହା ଆପଣଙ୍କ କାର୍ଯ୍ୟବ୍ୟସ୍ତତାର ଚାପକୁ ହ୍ରାସ କରିବା ସହ ମନକୁ ସ୍ଥିର ଏବଂ ଶାନ୍ତ ରଖିବାରେ ସାହାଯ୍ୟ କରିବ। ତେଣୁ ଏଥିପ୍ରତି ଆଗ୍ରହ ଥିଲେ ମି' ଟାଇମ୍‌ରେ ଏହାକୁ ନିଶ୍ଚୟ ଆଡ୍ କରନ୍ତୁ।

**ଏକ୍ସରସାଇଜ୍ ରଖିବ ଫିଟ୍:** ଆଜିର ଦିନରେ ସୁସ୍ଥ ରହିବାଠାରୁ ବଡ଼ ବରଦାନ ଆଉ କିଛି ନାହିଁ। ତେଣୁ ଯେତେ କାମ ଥାଉନା କାହିଁକି କିଛି ସମୟ ନିଜ ପାଇଁ ବାହାର କରନ୍ତୁ। ଆଉ ଏହି ସମୟରେ ୱାକିଂ, ଏକ୍ସରସାଇଜ୍, ଯୋଗ, ପ୍ରାଣାୟାମ ଆଦି କରନ୍ତୁ। ଦେଖିବେ ଏହା ଆପଣଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରିବ।

**ଟ୍ରାଭେଲିଂ କରେ ମୁଡ୍ ଫ୍ରେଶ୍:** ଘର, କଲେଜ, ଟ୍ୟୁଶନ୍, ଅଫିସ୍ ଏସବୁ ଭିତରେ ପ୍ରତିଦିନ ସମୟ ବିତାଇବା ଦ୍ୱାରା କେବେକେବେ ମନ ଭାରାକ୍ରାନ୍ତ ହୋଇପଡ଼େ। ଏମିତିକି କିଛି ସମୟ ବାହାରେ ବୁଲାବୁଲି କରିବା ଦ୍ୱାରା ମୁଡ୍ ଫ୍ରେଶ୍ ହୋଇଯାଏ ବୋଲି ଅନେକ ଯୁବପିଢ଼ିଙ୍କ ମତ ରହିଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଯେଉଁଥିପାଇଁ ଚିକିତ୍ସା ବିଜ୍ଞାନରେ ଏହାକୁ ଏକ ଥେରାପି ଭଳି ମଧ୍ୟ ବ୍ୟବହାର କରାଯାଇଥାଏ। ତେଣୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ କିଛି ସମୟ ବାହାର କରି ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ ବୁଲିବାକୁ ଯାଆନ୍ତୁ।

**ଗଛ ଲଗାଇଲେ ମିଳିବ ଖୁସି:** ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବାକୁ ବର୍ତ୍ତମାନ ସମସ୍ତଙ୍କୁ ଆହ୍ୱାନ ଦିଆଯାଉଛି। ତେଣୁ ଘରେ ହେଉ ବା ବାହାରେ ଅନେକେ ଗଛ ଲଗାଇଥିବା ଦେଖିବାକୁ ମିଳୁଛି। ତେବେ ଏଥିପ୍ରତି ଅନେକଙ୍କର ବିଶେଷ ରୁଚି ରହିଛି। ଆଉ ଯେଉଁମାନେ ପ୍ରତିଦିନ ନିଜ ଗଛରେ ପାଣିଦେବା, ଖତ ସାର ଆଦି ଦେବା, ଏହାର ଯତ୍ନ ନେବା ଆଦିରେ ସମୟ ଅତିବାହିତ କରନ୍ତି, ସେମାନେ ମାନସିକ ସ୍ତରରେ ବେଶ୍ ଖୁସି ରୁହନ୍ତି ଏବଂ ସେମାନଙ୍କଠାରେ ଷ୍ଟ୍ରେସ୍ ଏବଂ ଡିପ୍ରେସନ୍ ଭଳି ସମସ୍ୟା ଦେଖା ଦେଇ ନ ଥାଏ, ଯେଉଁଥିପାଇଁ ଏହାକୁ ମଧ୍ୟ ଏକ ଥେରାପି ଭାବେ ବ୍ୟବହାର କରାଯାଇଥାଏ।

**ରୁଚିକୁ ଦିଅନ୍ତୁ ସମ୍ମାନ:** ଯଦି ନାଚ, ଗୀତ, ପେଣ୍ଟିଂ, କୁକିଂ, ଆର୍ଟ ଆଣ୍ଡ କ୍ରାଫ୍ଟ ଆଦିରେ ରୁଚି ରହିଛି, ତେବେ କାର୍ଯ୍ୟବ୍ୟସ୍ତତା ଭିତରେ ଏହାକୁ ଚାପି ରଖନ୍ତୁ ନାହିଁ। କାରଣ ପ୍ରତ୍ୟେକ କାମ ଭିତରେ କିଛି ସମୟ ନିଜ ରୁଚିକୁ ଧ୍ୟାନ ଦେଲେ ଏହା ଆପଣଙ୍କୁ ଖୁସି ଦେବ। ତା'ଛଡା ଏହା ଆପଣଙ୍କ ଦକ୍ଷତା ବୃଦ୍ଧି କରିବାରେ ବି ସାହାଯ୍ୟ କରିବ।



**ପେଟ୍ ସହ ବିତାନ୍ତୁ ସମୟ:** ଅନେକେ ଘରେ ପୋଷା କୁକୁର, ବିଲେଇ, ମୂଷା, ଠେକୁଆ, ଚଢ଼େଇ, ଗିନି ପିଗ୍, ମାଛ ଆଦି ରଖିବା ପ୍ରତି ବେଶୀ ଆଗ୍ରହୀ। ଏମାନଙ୍କ ସହ କିଛି କ୍ୱାଲିଟି ଟାଇମ୍ ବିତେଇବା ଦ୍ୱାରା ଯେତେ ଟେନ୍‌ଶନ୍ କିମ୍ବା ମେଣ୍ଟାଲ୍ ଷ୍ଟ୍ରେସ୍ ଥିଲେ ସୁଦ୍ଧା ତାହା ହାଲୁକା ହୋଇଯାଏ। ଅନେକ ଯୁବପିଢ଼ି ଷ୍ଟ୍ରେସ୍ ଫ୍ରି ରହିବା ଲାଗି ଏହି ଫର୍ମୁଲାର ସାହାଯ୍ୟ ନେଉଥିବା ଦେଖିବାକୁ ମିଳୁଛି। ତେଣୁ ଆପଣ ବି ଚାହିଁଲେ ପେଟ୍ ରଖି ତାଙ୍କ ସହ କିଛି ସମୟ ବିତାଇ ପାରିବେ।



## ଏମାନେ କ'ଣ କୁହନ୍ତି


ଚନ୍ଦନ


ଶୁଭଶ୍ରୀ

**ଶୁଭଶ୍ରୀ ସାହୁ** (ଛାତ୍ରୀ, ଯାଜପୁର)- ଫ୍ରି ଟାଇମ୍ ପାଇଲେ ମୋତେ ଉଲ୍‌ରେ ବିଭିନ୍ନ ପ୍ରକାର ଫୁଲଦାନି, ପଶୁପକ୍ଷୀ ଏବଂ ଘର ଡେକୋରେଟ୍ ଜିନିଷ କରିବାକୁ ଭଲଲାଗେ। ଏଥିସହ ଟିକିଏ ଫାଙ୍କା ପାଇଲେ କାର୍ଟୁନର ଆର୍ଟ କରିବାକୁ ବସିଯାଏ। ଛୋଟବେଳୁ ମନର କଥାକୁ କାଗଜରେ ଉତାରିବା ମୋ ହବି। ପାଠପଢ଼ା ବ୍ୟସ୍ତତା ଭିତରେ ସମୟ କାଢ଼ି ପ୍ରତିଦିନ କିଛି ଲେଖାଲେଖି ଓ ଆର୍ଟ ଭିତରେ ହିଁ ହଜିଯାଏ।

**ଚନ୍ଦନ ମୀର୍କାପ୍** (ସଫ୍ଟୱେର ଡେଭେଲପର୍, ଭୁବନେଶ୍ୱର)- ଆଜିକାଲିର ବ୍ୟବସ୍ତବହୁଳ ଲାଇଫ୍‌ଷ୍ଟାଇଲ୍ ଭିତରେ ନିଜ ପାଇଁ ସମୟ ବାହାର କରିବା କଷ୍ଟ। ତଥାପି ସବୁ ଭିତରେ କିଛି ସମୟ ବାହାର କରି ଜିମ୍ ଯାଏ। କାରଣ ମୋ ମତରେ ସ୍ୱାସ୍ଥ୍ୟଠୁ ବଳି ଆଉ କିଛି ନାହିଁ। ଫିଜିକାଲି ଫିଟ୍ ରହିଲେ ହିଁ ଜଣେ ପ୍ରତ୍ୟେକ କାର୍ଯ୍ୟ ଲାଗି ମେଣ୍ଟାଲି ଆକ୍ଟିଭ୍ ରହିପାରିବ। ତେବେ ଏହା ବ୍ୟତୀତ କେବେ କେବେ ମାଇଣ୍ଡ ଫ୍ରେସ୍ କରିବା ଲାଗି ସାଙ୍ଗମାନଙ୍କ ସହ ବୁଲାବୁଲି କରିବା କିମ୍ବା ଫିଲ୍ମ ଦେଖିବାକୁ ଯାଏ।

## ଏ ସପ୍ତାହର ପ୍ରଶ୍ନ

୧- ଗେଟିଂ ଇଣ୍ଡିଆ ବ୍ୟାକ୍ ଅନ୍ ଟ୍ରାକ୍ ପୁସ୍ତକର ଲେଖକ .......... ?
୨- ପୃଥିବୀର ବୃହତ୍ତମ ସୋଲାର ପାର୍କ ................ ?
୩- ପଦାର୍ଥ ବିଜ୍ଞାନରେ ନୋବେଲ ପାଇଥିବା ପ୍ରଥମ ଭାରତୀୟ ବୈଜ୍ଞାନିକ ...... ?
୪- ନାରୀ ସଶକ୍ତୀକରଣ ଲକ୍ଷ୍ୟରେ ........ ରାଜ୍ୟରେ କନ୍ୟାଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ?
୫- ନ୍ୟାୟ ମିତ୍ର ବ୍ୟବସ୍ଥା ............ ମସିହାରୁ ଆରମ୍ଭ ହୋଇଛି ?

## ଗତ ଥରର ଉତ୍ତର

୧ କଲିକତା
୨ ଅରୁଣାଚଳ ପ୍ରଦେଶ
୩ ଗୁଜରାଟ
୪ ସାମୁଦ୍ରିକ ଗେଣ୍ଡା
୫ ତେଲଙ୍ଗାନା

## ଉତ୍ତରଦାତା


ଭୁବନ ଆନନ୍ଦ ରାଉତ
କଟକ


ମାମୁନି ବେହେରା
ସମ୍ବଲପୁର


ରଶ୍ମିତା ସେଠୀ
ଖୋର୍ଦ୍ଧା

## ଟପ୍ ୧୦

### ବଡ଼ ଖେଳନା କମ୍ପାନୀ-୨୦୨୨

୧. ଲିଗୋ........................ ଡେନ୍‌ମାର୍କ
୨. ବାଣ୍ଡାଇ ନାମ୍‌କୋ........................ ଆମେରିକା
୩. ଫିସର୍ ପ୍ରାଇସ୍........................ ଆମେରିକା
୪. ବାର୍ବି ........................ ଆମେରିକା
୫. ନେର୍ଫ ........................ ଆମେରିକା
୬. ଡ୍ରାଗନ୍ ବଲ୍ ........................ ଜାପାନ
୭. ହାସ୍‌ବ୍ରୋ........................ ରୋଡେ ଆଇସ୍‌ଲାଣ୍ଡ, ଆମେରିକା
୮. ହଟ୍ ହ୍ୱିଲ୍ସ ........................ ଆମେରିକା
୯. ପପ୍ ........................ ଆମେରିକା
୧୦. ମାଇଁ ଲିଟଲ୍ ପୋନୀ ........................ ଆମେରିକା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com



# ଗିଙ୍ଗହମ୍ ଫ୍ୟାଶନ୍

**ଏବେ ଫ୍ୟାଶନ୍‌ପ୍ରେମୀ ଯୁବପିଢ଼ିଙ୍କ ପାଇଁ ଗିଙ୍ଗହମ୍ ଆଉଟ୍‌ଫିଟ୍ ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ। ଏହା ସବୁ ସିଜନ୍‌ରେ ପିନ୍ଧିଲେ ଭଲ ଲାଗିବା ସହ କ୍ଲାସି ଲୁକ୍ ମଧ୍ୟ ଦେଇଥାଏ। ହେଲେ ୱିଣ୍ଟର ୱିୟର ଭାବେ ଏହା ୟୁନିକ୍ ଲୁକ୍ ଦେଇଥାଏ। ତେବେ ଏହାର ବଢ଼ୁଥିବା ଡିମାଣ୍ଡକୁ ଆଖି ଆଗରେ ରଖି ବର୍ତ୍ତମାନ ମାର୍କେଟ୍‌ରେ ଗିଙ୍ଗହମ୍ ପ୍ରିଣ୍ଟର ଡ୍ରେସ୍‌ଠାରୁ ଆରମ୍ଭ କରି ୱାନ୍ ସାଇଡ୍ ବ୍ୟାଗ୍ ପର୍ଯ୍ୟନ୍ତ ସବୁର କଲେକ୍ସନ ପାଇପାରିବେ...**

* ଯଦି ଆପଣଙ୍କୁ ଚେକ୍ ଷ୍ଟାଇଲ୍‌ର ଡ୍ରେସ୍ ପିନ୍ଧିବାକୁ ବହୁତ ପସନ୍ଦ, ତେବେ ଗିଙ୍ଗହମ୍ ଫ୍ୟାଶନ୍ ଟ୍ରାଏ କରନ୍ତୁ। ଏମିତିକି ଆପଣ ଯଦି ଏହାକୁ ଅଫିସ୍ ପାଇଁ କ୍ୟାରି କରୁଛନ୍ତି, ଏଥିରେ ଆପଣ କ୍ଲାସି ଲୁକ୍ ପାଇବେ।
* ଡେଲି ୱିୟର କିମ୍ବା ଅଫିସ୍ ପାଇଁ ଯଦି କିଛି ସିମ୍ପଲ ଏବଂ କମ୍ଫର୍ଟ ଲୁକ୍ ଦେଉଥିବା ପ୍ୟାଣ୍ଟ କିମ୍ବା ଲେଗିନ୍ସ କ୍ୟାରି କରିବାକୁ ଚାହୁଁଛନ୍ତି, ତେବେ ଗିଙ୍ଗହମ୍ ପ୍ରିଣ୍ଟର ପ୍ୟାଣ୍ଟ ଟ୍ରାଏ କରନ୍ତୁ। କଟନ୍ କିମ୍ବା ଉଲେନ୍ ମ୍ୟାଟେରିଆଲରେ ମଧ୍ୟ ଏହି ପ୍ରିଣ୍ଟ ଉପଲବ୍ଧ। ତେବେ ସ୍ମାର୍ଟ ଦେଖାଯିବା ପାଇଁ ଏଥିରେ ଲଙ୍ଗ୍ ଜ୍ୟାକେଟ୍ କିମ୍ବା ଶ୍ରଗ୍ ପିନ୍ଧି ପାରିବେ।
* ଶୀତଦିନେ ଜ୍ୟାକେଟ୍ କ୍ୟାରି କରୁଥିଲେ ଥଣ୍ଡାରୁ ଉପଶମ ସହ ଷ୍ଟାଇଲିଶ୍ ଲୁକ୍ ପାଇଁ ଗିଙ୍ଗହମ୍ ପ୍ରିଣ୍ଟର ଜ୍ୟାକେଟ୍ ଟ୍ରାଏ କରନ୍ତୁ। ଏହାର ହାଇ ଏବଂ ମିଡିୟମ୍ ନେକ୍ ଜ୍ୟାକେଟଠାରୁ ଆରମ୍ଭ କରି ଲଙ୍ଗ୍ କୋର୍ଟ ମଧ୍ୟ ଉପଲବ୍ଧ। ଏହି ଲୁକ୍‌ରେ ଫୁଟ୍‌ୱେୟାର୍ ପାଇଁ ବୁଟ୍ ମ୍ୟାଚ୍ କରିପାରିବେ।
* ଶୀତଦିନେ ଆଉଟିଂ ଲାଗି ଫ୍ୟାଶନେବୁଲ୍ ସ୍ୱେଟର ଡ୍ରେସ୍ ବାଛୁଥିଲେ ଗିଙ୍ଗହମ୍ ପ୍ରିଣ୍ଟର ସ୍ୱେଟର୍ କ୍ୟାରି କରନ୍ତୁ। ଏହି ସ୍ୱେଟର୍ ସହ ଲଙ୍ଗ୍ ନି ହାଇ ବୁଟସ୍ ପେୟାର୍ କରିପାରିବେ।...
* ନିଜ ଆଉଟ୍‌ଫିଟ୍‌ରେ ଗିଙ୍ଗହମ୍ ପ୍ରିଣ୍ଟର ଆସେସରିଜ୍ କ୍ୟାରି କରିବାକୁ ଚାହୁଁଥିଲେ ଗିଙ୍ଗହମ୍ ସ୍କାର୍ଫକୁ ଟିମ୍‌ଅପ୍ କରିପାରିବେ। ଟି-ଶାର୍ଟଠାରୁ ଆରମ୍ଭ କରି ଜ୍ୟାକେଟ୍ ପର୍ଯ୍ୟନ୍ତ ଏହି ସ୍କାର୍ଫ ଆପଣଙ୍କୁ କ୍ଲାସି ଲୁକ୍ ଦେବ।
* ଆଉଟିଂ ହେଉ କି ଅଫିସ୍ ଅବା ପାର୍ଟିରେ ୟୁନିକ୍ ଲୁକ୍ ପାଇଁ ଗିଙ୍ଗହମ୍ ପ୍ରିଣ୍ଟର ହ୍ୟାଣ୍ଡ ବ୍ୟାଗ୍ କ୍ୟାରି କରିପାରିବେ। ଏହି ଷ୍ଟାଇଲ୍ ଛୋଟ ହ୍ୟାଣ୍ଡ ବ୍ୟାଗ୍‌ଠାରୁ ଆରମ୍ଭ କରି ଓଭର୍‌ସାଇଜ୍ ବ୍ୟାଗ୍ ଯାଏ ମାର୍କେଟରେ ଉପଲବ୍ଧ। ତେବେ ଧ୍ୟାନରଖନ୍ତୁ, ଏହି ଗିଙ୍ଗହମ୍ ଆସେସରିଜ୍ କ୍ୟାରି କରୁଥିଲେ ଏହି ପ୍ରିଣ୍ଟର ଆଉଟ୍‌ଫିଟ୍ ବଦଳରେ ସିଙ୍ଗଲ୍ କଲରର ଆଉଟ୍‌ଫିଟ୍ ବାଛନ୍ତୁ ଅଧିକ ଆଇକ୍ୟାଚି ଲାଗିବ।



## ୟୁଥ ଆଲର୍ଟ

# ଡେସ୍କ ଜବ୍ ଓ ବ୍ୟାକ୍ ପେନ୍

**ବର୍ତ୍ତମାନ ବ୍ୟାକ୍ ପେନ୍ ବା ପିଠି ଯନ୍ତ୍ରଣା ଅନେକଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟିଗଲାଣି। ବିଶେଷକରି ଡେସ୍କ ଜବ୍ କରୁଥିବା ଯୁବପିଢ଼ି ଅଳ୍ପ ବୟସରୁ ଏହି ସମସ୍ୟାର ଶିକାର ହେଉଛନ୍ତି। ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହି କମ୍ପ୍ୟୁଟର, ମୋବାଇଲ୍ ଆଦି ବ୍ୟବହାର କରିବା ଏହାର ଏକ ବଡ଼ କାରଣ। ଯଦି ଆପଣ ଏପରି ସମସ୍ୟା ଭୋଗୁଛନ୍ତି, ତେବେ ଜାଣିରଖନ୍ତୁ ଏହାକୁ ଦୂର କରିବାର କେତୋଟି ଉପାୟ...**

❖ ବ୍ୟାକ୍ ପେନ୍ ନ ହେବା ଲାଗି ଅଫିସ୍‌ରେ ହେଉ ବା ଘରେ, କମ୍ପ୍ୟୁଟର୍‌ରେ କାମ କରିବା ବେଳେ ନିଜର ବସିବା ଶୈଳୀ ଠିକ୍ ରଖନ୍ତୁ। ଆରାମ ଲାଗିବା ଆଳରେ ଜାକି ହୋଇ ବସନ୍ତୁ ନାହିଁ। ଡେସ୍କ ଜବ୍‌ରେ ଦୀର୍ଘ ସମୟ ଏପରି ବସିବା ଫଳରେ ବେକ, ପିଠି, ଅଣ୍ଟା ଜାକି ହୋଇ ରହିବା ଯୋଗୁ ମେରୁଦଣ୍ଡରେ ଚାପ ପଡ଼ିଥାଏ ଏବଂ ବିନ୍ଧା ହୋଇଥାଏ। ଏଥିପାଇଁ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ୟା ମଧ୍ୟ ଉପୁଜିଥାଏ।



❖ ଡେସ୍କଟପ୍ ହେଉ ଅବା ଲ୍ୟାପ୍‌ଟପ୍‌କୁ ଟେବୁଲ୍ ଉପରେ ଏପରି ରଖନ୍ତୁ, ଯେପରି ଏହାର ସ୍କ୍ରିନ୍ ଆପଣଙ୍କ ଆଖି ସହ ସମାନ୍ତରାଳ ଭାବେ ରହିବ। ନଚେତ୍ ମୁଣ୍ଡ ନୁଆଁଇବା ଅବା ଉଠାଇ ଦୀର୍ଘ ସମୟ କାମ କରିବା ଦ୍ୱାରା ବେକରେ ଚାପ ପଡ଼ି ଖୁବ୍ ଯନ୍ତ୍ରଣା ହୋଇଥାଏ।..

❖ ବ୍ୟାକ୍ ପେନ୍ ପାଇଁ ଚେୟାର ମଧ୍ୟ କେତେକାଂଶରେ ଦାୟୀ। ତେଣୁ ଏପରି ଚେୟାର ବାଛନ୍ତୁ, ଯେଉଁଥିରେ ବସିଲେ ନା କେବଳ ଆରାମ ଲାଗିବ ବରଂ ବେକ, ପିଠି, ଅଣ୍ଟା ଜାକି ନ ହୋଇ ସିଧା ରହୁଥିବ। ଯଦି ଅଫିସ୍‌ରେ ଏପରି ଚେୟାର ନାହିଁ, ତେବେ ଆପଣ ପିଠିକୁ ସପୋର୍ଟ ଦେବା ଲାଗି ଚେୟାର୍‌ରେ ଏକ ତକିଆ ରଖି ବସିପାରିବେ।

❖ ଯନ୍ତ୍ରଣା ଅଧିକ ହେଲେ ମନଇଚ୍ଛା ପେନ୍‌କିଲର ନ ଖାଇ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ଆରମ୍ଭ କରନ୍ତୁ। ନଚେତ୍ ସାମାନ୍ୟ ଅବହେଳାରୁ ଆପଣ ଅଧିକ ଯନ୍ତ୍ରଣା ଭୋଗିପାରନ୍ତି।

❖ ମନେରଖନ୍ତୁ, ଡେସ୍କ ଜବ୍ କରୁଥିଲେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି କାମ ନ କରି ମଝିରେ ମଝିରେ ସିଟ୍‌ରୁ ଉଠି ଅଳ୍ପ ଚାଲନ୍ତୁ। ହାତ ଉଠାଇବା, ବେକ ଏବଂ ପିଠିକୁ ରିଲାକ୍ସ କରିବା ଭଳି ହାଲୁକା ଏକ୍ସରସାଇଜ୍ କରନ୍ତୁ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମାଂସପେଶୀ ମଧ୍ୟ ରିଲାକ୍ସ ହେବ ଏବଂ ଯନ୍ତ୍ରଣା ଦୂର ହେବ।

❖ ଡେସ୍କ ଜବ୍ କରୁଥିଲେ ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ ଆଦି କରିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହାହିଁ ଆପଣଙ୍କୁ ଏକ ଯନ୍ତ୍ରଣାମୁକ୍ତ ଜୀବନ ଜିଇବାରେ ସାହାଯ୍ୟ କରିବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାତପଡ଼ାରୁ ପାରାଦୀପ ସାଇକେଲ ଶୋଭାଯାତ୍ରା

- ୨୫ ଜଣିଆ ଟିମ୍‌କୁ ବାଲିକୁଦାରେ ସ୍ୱାଗତ
- ପରିବେଶ ସୁରକ୍ଷା ପାଇଁ ବାଣ୍ଟୁଛନ୍ତି ସଚେତନତା ବାର୍ତ୍ତା

**ବାଲିକୁଦା,୩।୧୨(ସ୍ୱ.ପ୍ର.)**

ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏକ ସାଇକେଲ ଶୋଭାଯାତ୍ରା ନଭେମ୍ବର ୨୫ରେ ପୁରୀ ଜିଲା ସାତପଡ଼ାଠାରୁ ବାହାରି ପାରାଦୀପ ପର୍ଯ୍ୟନ୍ତ ଯାତ୍ରା କରୁଛି। ଡିସେମ୍ବର ୫ରେ ଶେଷ ହେବାକୁ ଥିବା ଏହି ଶୋଭାଯାତ୍ରାରେ ଆନ୍ଧ୍ର, କର୍ଣ୍ଣାଟକ, କେରଳ, ଓଡ଼ିଶା ଓ ଚେନ୍ନାଇରୁ ୨୫ ଜଣ ପରିବେଶବିତ୍ ସାମିଲ ହୋଇଛନ୍ତି। ବାଲିକୁଦା ବ୍ଲକରେ ଶନିବାର ଏହି ଶୋଭାଯାତ୍ରା ଦଳ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଛି। ଅଳକା ସୁରକ୍ଷା ଅଭିଯାନ 'ସନ', ଅଳାଭର ସାମାଜିକ ଯୁବ ସଂଗଠନ ଓ ଦିବ୍ୟଜ୍ୟୋତି ମହିଳା ମହାସଂଘ ଏବଂ ବଡ଼ଗାଁ ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସଂଯୁକ୍ତା ପରିଡ଼ା, ସୁନୀତା ସେଠୀ, ଚୁନିଲତା ବେହେରା, ମାନସ ପରିଡ଼ା, କୃଷ୍ଣଚନ୍ଦ୍ର ଲେଙ୍କା, ରତ୍ନାକର ନାୟକ, ପ୍ରକାଶ ରାୟ, ହରିଶ୍ଚନ୍ଦ୍ର ଶତପଥୀ, ମହିଳା ସମାଜର କୃଷ୍ଣପ୍ରିୟା ମହାପାତ୍ର ,କେଲୁଚରଣ ସାହୁ ପ୍ରମୁଖ ଏହି ଶୋଭାଯାତ୍ରୀ ଦଳକୁ କନିକା ଛକଠାରୁ ନାରଦିଆ ଛକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ଥିବା ବଜ୍ରଙ୍ଗବାଲି ମିଠା ଦୋକାନ ନିକଟରେ ସନ୍‌ର ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଇ ପରିବେଶ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସାମାଜିକ ଯୁବ ସଂଗଠନର ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏଥିରେ ସାମିଲ ହୋଇ ସାଇକେଲ ଶୋଭାଯାତ୍ରାକାରୀ ଦଳକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶୋଭଯାତ୍ରୀ ଦଳ କହିଛନ୍ତି, ପୃଥିବୀକୁ ଧ୍ୱଂସ କବଳରୁ ରକ୍ଷା କରିବା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଅସନ୍ତୁଳିତ ପରିବେଶ ଯୋଗୁ ବନ୍ୟା, ବାତ୍ୟା ମରୁଡ଼ି ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ମାଡ଼ି ଆସୁଛି। ଏହାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ଦେବା ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି ସେମାନେ କହିଛନ୍ତି।

# ଆଗରୁ ଜଣାଥାଏ ପରିଣାମ

**ମୁମ୍ବାଇ:** ବଲିଉଡ୍ ଜଗତର ସବୁଠାରୁ ଶାନ୍ତ ସ୍ୱଭାବର ଅଭିନେତ୍ରୀ ହେଉଛନ୍ତି ୟାମି ଗୋତମ। ବର୍ତ୍ତମାନ ସୁଦ୍ଧା ୟାମିଙ୍କୁ ନିଜ ଅଭିନୟ କ୍ୟାରିୟର ପାଇଁ ଆଶାନୁରୂପ ସଫଳତା ମିଳିପାରି ନାହିଁ। କିନ୍ତୁ ୟାମିଙ୍କ ଏକ ବୟାନ ଏବେ ଇଣ୍ଡଷ୍ଟ୍ରିରେ ଜୋର ଚର୍ଚ୍ଚା ହେବାରେ ଲାଗିଛି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ଫିଲ୍ମ ରିଲିଜ୍ ହେବା ପୂର୍ବରୁ ବକ୍ସ ଅଫିସରେ ଏହା ହିଟ୍ ହେବ କି ନାହିଁ ତାହା ଆଗରୁ ସେ ଜାଣିଯାନ୍ତି। ସେଥିପାଇଁ ଫିଲ୍ମ ଫ୍ଲପ୍ ହେବାପରେ ତାଙ୍କୁ ଆଶ୍ଚର୍ଯ୍ୟ ଲାଗେନାହିଁ। କିନ୍ତୁ ଜଣେ କଳାକାର ହିସାବରେ ଫିଲ୍ମ ପାଇଁ ସବୁବେଳେ ନିଜର ଶତ ପ୍ରତିଶତ ସମର୍ଥନ ଦେବା ଦରକାର।

ଫିଲ୍ମ ହିଟ୍ ହେଉ ଅବା ଫ୍ଲପ୍ କଳାକାରକୁ କାମରେ ହେଳା କରିବା ଉଚିତ୍ ନୁହେଁ। ସିନ୍‌ଗୁଡ଼ିକ ଅଧିକ ମନୋରଞ୍ଜନକ କରିବା ଲାଗି ଶୁଟିଂସେଟ୍‌ରେ ବହୁ ସମୟ ଦେବାକୁ ପଡ଼ିବା ସହ ନିର୍ଦ୍ଦେଶକଙ୍କ ସହିତ ଅନେକ ଆଲୋଚନା କରିବାକୁ ପଡ଼େ। ସେ ୨-୩ ଫିଲ୍ମରେ ଏଭଳି କରିଥିବାବେଳେ କିନ୍ତୁ ସେହି ଫିଲ୍ମ ବକ୍ସ ଅଫିସରେ ବିଫଳ ହୋଇଥିବା ସେ କହିଛନ୍ତି। ଚଳିତବର୍ଷ ଏପ୍ରିଲରେ ମୁକ୍ତିଲାଭ କରିଥିବା 'ଦଶବି'ରେ ୟାମିଙ୍କୁ ଶେଷଥର ପାଇଁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା।


ୟାମି ଗୋତମ

# ଚିଲିକାରେ ବେଆଇନ ଘେରି ନେଇ କଟକଣା

**ପୁରୀ ଅଫିସ,୩।୧୨:** ଚିଲିକା ହ୍ରଦରେ ଅନଧିକୃତ ଘେରି, ଚିଙ୍ଗୁଡ଼ି ଚାଷ ଏବଂ ବେଆଇନ ପୋଖରୀ ପ୍ରସ୍ତୁତ ଉପରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ପ୍ରକାଶ କରିବା ସହ ମନିଟରିଂ କରୁଛନ୍ତି। ଚିଲିକା ହ୍ରଦରେ ଚିଙ୍ଗୁଡ଼ି ଚାଷ, ଘେରି କରିବା ବେଆଇନ ଅଟେ। ତେଣୁ ପୁରୀ ଜିଲା ଅନ୍ତର୍ଗତ ଚିଲିକା ହ୍ରଦରେ ଆଇନ ଅମାନ୍ୟକାରୀ ବା ଦୁର୍ବୃତ୍ତଙ୍କ ଦ୍ୱାରା ହେଉଥିବା ବେଆଇନ କାର୍ଯ୍ୟକଳାପ ବିଷୟରେ ସାଧାରଣ ଜନତାଙ୍କଠାରୁ ସୂଚନା ପାଇବା ପାଇଁ ପ୍ରଶାସନ ପକ୍ଷରୁ ୭୮୫୩୦୫୬୩୭୫ ହ୍ୱାଟ୍ସ ଆପ୍ ଥିବା ଏକ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
for Booking Contact: 0674-2580385, 8637280816, 7894447167, 9338226625

## LOAN

ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକ୍କୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚାନ୍ଦା ଆଦାୟକୁ ନେଇ ଜୁନିୟର ଛାତ୍ରଙ୍କୁ ରାଗିଂ ଅଭିଯୋଗ

## କଲେଜରେ ପୋଲିସର ତଦନ୍ତ, ଶୃଙ୍ଖଳା କମିଟିରେ ହେଲାନି ସମାଧାନ

**ଖଲ୍ଲିକୋଟ,୩।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଆର୍‌ସିଏମ୍ (ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ) କଲେଜର ବାର୍ଷିକ ଉତ୍ସବ ଚାନ୍ଦା ଆଦାୟକୁ ନେଇ ଜଣେ ସିନିୟର ଛାତ୍ର ଅଣ ଛାତ୍ରଙ୍କ ସହ ମିଶି ଜୁନିୟର ଛାତ୍ରଙ୍କୁ ରାଗିଂ କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ କଲେଜରେ ଶୃଙ୍ଖଳା କମିଟି ବୈଠକ ବସିଥିଲା। ଏଥିରେ କୌଣସି ସମାଧାନ ନ ହେବାରୁ ପୁଣି ସୋମବାର ବୈଠକ ଅନୁଷ୍ଠିତ ହେବ ବୋଲି କଲେଜ ଅଧ୍ୟକ୍ଷ ବିମଳ ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଆର୍‌ସିଏମ୍ କଲେଜରେ ହେବାକୁ ଥିବା ବାର୍ଷିକ ଉତ୍ସବ ପାଇଁ ଜଣେ ସିନିୟର ଛାତ୍ର ଜୁନିୟର ଛାତ୍ରଙ୍କୁ ବିଧାୟିକାଙ୍କଠାରୁ ୨୦ ହଜାର ଟଙ୍କା ଆଣିବାକୁ କହୁଥିଲେ। ଜୁନିୟର ଛାତ୍ର ଜଣକ ବିଜୁ ଛାତ୍ର ଜନତା ଦଳର କନ୍‌ଭେନର ଥିବାରୁ ତାଙ୍କୁ ଚାନ୍ଦା ଆଣିବାକୁ ସିନିୟର ଛାତ୍ର ଚାପ ପ୍ରୟୋଗ କରୁଥିଲେ। କିନ୍ତୁ ସରକାରୀ କଲେଜରେ ବାର୍ଷିକ ଉତ୍ସବ ପାଇଁ ବିଧାୟିକା କାହିଁକି ଚାନ୍ଦା ଦେବେ ବୋଲି ଜୁନିୟର ଛାତ୍ର ପ୍ରଶ୍ନ କରିଥିଲେ। ଏହାକୁ ନେଇ କଲେଜ ପରିସରରେ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପରେ ସିନିୟର ଛାତ୍ର ଜଣକ ଜୁନିୟର ଛାତ୍ରଙ୍କୁ ରାଗିଂ କରିଥିଲେ। ଏ ନେଇ ଜୁନିୟର ଛାତ୍ର ଏକ ଅଭିଯୋଗପତ୍ର କଲେଜର ଗ୍ରୀଭାନ୍ସ ବକ୍ସରେ ପକାଇଥିଲେ। ଶନିବାର ପୂର୍ବାହ୍ନରେ ପୀଡ଼ିତ ଛାତ୍ର ଅନ୍ୟ କେତେଜଣ ଛାତ୍ରଙ୍କ ସହ ଖଲ୍ଲିକୋଟ ଥାନାକୁ ଯାଇ ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କୁ ଏତଲା ପ୍ରଦାନ କରି ଆକ୍ରମଣକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଥିଲେ। ଅନ୍ୟପଟେ ଏତଲା ପାଇବା ପରେ ଆଇଆଇସିଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଦେବାଶିଷ ମିଶ୍ର କଲେଜରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ।

### ସୋମବାର ପୁଣି ବସିବ ବୈଠକ


# Classified Everyday
0674-2580101, 2549949



## BRIDE WANTED

Required bride for Bengali Kayastha groom 33years B.Com. working as Stock Exchange Trading. 7377497659, 8249950627. D-69077

SC (Gokha) boy-1992, 5'7", B.Tech Employed in a company job at BBSR Father Retired Central Govt. Employee settled in BBSR, wants any graduate girl for immediate marriage. 9938678229. D-2128

Divorce khandayat boy 46/ OAS/ (Caste no bar) 'SUHAG'. 9938199964, 9090486408. D-2122

Teli groom 30/ 5'8" B.Tech. Comp. Science, MNC Bangalore wanted general caste bride. Mobile: 9778072479. D-2118

## GROOM WANTED

Hindu govt. Teacher (70000) Koderma, Jharkhand. age 27, 5ft5in.SC(any caste) hometown Balasore. 8210502880. D-2150

"Groom wanted for 1991 B.Com, CA final aspirant, Gopala girl 5'3" serving at Hyderabad. Preferably 5'8 to 6'2, qualified B.tech or Masters. Contact: 9438114600". D-2158



## SALE

Khurdha Govt. Hospitalରୁ 3km., ITBP, IRB, Oneness International School Frontରେ ଘରବାରି, Electricity, Boundary ସହିତ plot ମିଳୁଛି। Contact: 9437285016, 9800700664. D-2155

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799. D-2132

VUDA Plots for sale N/E/S & West 80 & 100 feet road facing, 1.5 Km to Bheemili Beach in Visakhapatnam. Contact: 9059040249. D-2157

For sale 3 BHK Apartment well furnished. Interior Modular kitchen with 4 Ac . Tankapani Road, Near Rajarani Temple, BHUBANESWAR. Contact-7978445271/ 9861406716. D-2161

Commercial Cum residential gharabari plot for sale in Khurda Puri Road, just 2K.M. from Khurda Collector Office, Plot size-50'x112'. Contact Owner- 9439101373, 7750068828. D-2154

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

NH side plot (gharabari, boundarywall). Nakhara to Niali road Cuttack. 8249851363. D-74603

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452. D-74606

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

ଭୁବନେଶ୍ୱର-ପୁରୀ NHରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ 4BHKର Duplex ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ sqft.କୁ 1600-Rs. ରେ ବିକ୍ରି କରାଯାଉଛି। Contact: 9439539146, 9777777525. D-2075

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158

4BHK Duplex near Nandankanan Square. Land-1300 Construction-1800, Price-85 Lakh. 8984071303. D-2112

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127



**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74160



**M/S JAYDEEP MITRA Tax Consultant provides services like GST, EPF, ESI, I.TAX - maintenance & assessment work M- 9875315823 website - www. jaydeepmitra.com.** D-2045

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଶୁଭ ବିବାହ



ଶ୍ରଦ୍ଧାଞ୍ଜଳି (ଗୁଡ଼ି) ସହିତ କେଦାରେଶ୍ୱର (ବାବୁ)
ସ୍ଥାନ: ବାଲିଅନ୍ତା, ନିକୁଞ୍ଜବିହାରୀ କଲ୍ୟାଣ ମଣ୍ଡପ
ତୁମ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାର
ଧ-୭୧୨୧୯



Commercial space 800 sqft., 1st floor at Kharvel Nagar, behind Charlee Hotel. Contact: 9437033691. D-70296



Newly open health benefits SPA special Offer @ 999/-, Nayapalli. 7846814019. D-73665

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

Newly open Spa positively health benefit with expert. Contact: 7749976301. D-73899

"Only body massage & Steam-Bath. Contact at Trupti SPA-9861550765". D-2139

**Full body massage by smart I expert therapist @ 999 only. 9078484455.** D-73666

Newly open full body massage ladies and gents. 8327740003, 8093860513. D-74605

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, I, Padmalaya Parida, W/o. Dillip Kumar Parida & D/o. Late Gagan Bihari Bhadra resident of Plot No.839, Gobind Prasad Road No.1, Near BDA Store, Jharapara, PS-Laxmisagar, Mahavir Nagar, Bhubaneswar-751006, hereby declare that Padmalaya Parida, Manjulata Bhadra and Manjulata Parida is one and same person. D-71046

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ହରିହର ଭ୍ରମରବର ରାୟ**

ଆପଣଙ୍କ ଆଶୀର୍ବାଦ ଓ ଶୁଭ ଦୃଷ୍ଟି ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:** ପୁଅ-ବୋହୂ: ବାବୁ-ରାନୁ, ମୁନା ଓ ରୁବି, ଝିଅ-ଜ୍ୱାଇଁ: ବେବିନା ଓ ବୁଢ଼ା, ଛବି ଓ ସୁବାସ, କବି ଓ ପ୍ରଭାତ, ନାତି ଓ ନାତୁଣୀମାନେ: ଚନ୍ଦନ, ଶୋଭନ, ସିଲ୍‌ଭା, ବାବୁନ୍, ଲକି, ଜୁବୁଲ, ଅତୁଲ, ପୁତୁଲୁ, ରାହୁଲ ଓ ଗୁନୁ।
ଧ-୭୩୫୨୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବିନୋଦିନୀ ଭ୍ରମରବର ରାୟ**

ଆପଣଙ୍କ ଆଶୀର୍ବାଦ ଓ ଶୁଭ ଦୃଷ୍ଟି ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:** ପୁଅ-ବୋହୂ: ବାବୁ-ରାନୁ, ମୁନା ଓ ରୁବି, ଝିଅ-ଜ୍ୱାଇଁ: ବେବିନା ଓ ବୁଢ଼ା, ଛବି ଓ ସୁବାସ, କବି ଓ ପ୍ରଭାତ, ନାତି ଓ ନାତୁଣୀମାନେ: ଚନ୍ଦନ, ଶୋଭନ, ସିଲ୍‌ଭା, ବାବୁନ୍, ଲକି, ଜୁବୁଲ, ଅତୁଲ, ପୁତୁଲୁ, ରାହୁଲ ଓ ଗୁନୁ।
ଧ-୭୩୫୨୪

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ନୀଳମଣି ସାହୁ**
(୦୧.୦୭.୧୯୪୦ - ୨୭.୧୧.୨୦୨୨)

ଆପଣ ଥିଲେ ଜ୍ଞାନର ଭଣ୍ଡାର, ଦିଗଦ୍ରଷ୍ଟା, ସର୍ବାଦୃତ ଓ ସର୍ବପ୍ରିୟ। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା, କର୍ଯ୍ୟଦକ୍ଷତା, ସାଧୁତା ଓ ପରୋପକାରିତା ଆମ ଚଲାପଥରେ ସହାୟକ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ**
ପତ୍ନୀ-ବାସନ୍ତୀ,
ପାର୍ଥ ଓ ସୋନାଲୀ (ପୁତ୍ର-ପୁତ୍ରବଧୂ)
ଶ୍ରାବଣୀ ଓ ଶାସ୍ୱତୀ (ଝିଅ), କୃଷ୍ଣ ଓ ଅମର (ଜ୍ୱାଇଁ)
ସେନୋଜା, ଯଥାର୍ଥ, କାଶ୍ମୀରା, ସାଇ (ନାତି,ନାତୁଣୀ)
SIMOR ENGG & TRADING CO
Dasaha : 05/12/2022 | Ekadasaha : 06/12/2022
ଧ-୭୩୩୬୦

### ଏକାଦଶାହ ଉପଲକ୍ଷେ



**୰ପ୍ରମିଳା ପଟ୍ଟନାୟକ**
ଗ୍ରାମ: କେନ୍ଦୁପଲ୍ଲୀ, ପୋ: ମାଧପୁର କଣ୍ଟିଲୋ, ନୟାଗଡ଼
ଆବିର୍ଭାବ: ୧୦।୦୭।୧୯୪୨
ତିରୋଧାନ: ୨୪।୧୧।୨୦୨୨

ବୋଉ, ଚାହୁଁ ଚାହୁଁ ୧୧ଦିନ ବିତିଗଲା। ତୋର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛି। ତୋର ପ୍ରତିଟି କୋହର ଉତ୍ତର ଆଜି ଅଲୋଡ଼ା ସତ, କିନ୍ତୁ ପ୍ରତିଟି ଦିନ ଏବେ ହେଉ ତୋ ସ୍ମୃତିର ଚିରନ୍ତନ ପଶ୍ଚାତ୍ତାପ। ତୋର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ପାଇଁ ଚିର ପାଥେୟ ହେଉ। ଏକାଦଶାହ ଅବସରରେ ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ହତଭାଗ୍ୟ ଟୁଲୁ, ମିଲୁ, ଜୁଲି, କନ, ଶୁଭ, ଶାରା ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୪୧୬୨


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସପ୍ତମ ଥର କ୍ୱାର୍ଟରରେ ନେଦରଲାଣ୍ଡ୍ସ

ଦୋହା,୩।୧୨(ପି.ଟି.)

ସପ୍ତମ ଥର ପାଇଁ ଫିଫା ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ନେଦରଲାଣ୍ଡ୍ସ। ଶନିବାର ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଆମେରିକାକୁ ୩-୧ରେ ପରାସ୍ତ କରିବା ସହିତ ପ୍ରଥମ ଦଳ ଭାବରେ

**ଫିଫା ବିଶ୍ୱକପ୍**

କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି ନେଦରଲାଣ୍ଡ୍ସ। ୨୦୧୮ ବିଶ୍ୱକପ ବିଫଳତାକୁ ଭୁଲି ପୁଣି ଥରେ କ୍ୱାର୍ଟରରେ ପ୍ରବେଶ କରିଛି ଲୁଇସ୍ ଭାନ୍ ଗାଲଙ୍କ ଦଳ। ଏହା ପୂର୍ବରୁ ୧୯୭୪, ୧୯୭୮, ୧୯୯୪, ୧୯୯୮, ୨୦୧୦ ଓ ୨୦୧୪ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା ଦଳ। ଶନିବାର ଉଚ୍ଚ ମାନ୍ୟତାପ୍ରାପ୍ତ ନେଦରଲାଣ୍ଡ୍ସ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ନେଦରଲାଣ୍ଡ୍ସ ୩-୪-୧-୨ ଓ ଆମେରିକା ୪-୩-୩ କମ୍ବିନେଶନରେ ପଡିଆକୁ ଓହ୍ଲାଇଥିଲେ। ଏହି ମ୍ୟାଚରେ ଆମେରିକା ୫୯ %ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିବା ବେଳେ ଗୋଲ ସ୍କୋର କରିବାକୁ ମଧ୍ୟ ୮ ଥର ପ୍ରୟାସ କରିଥିଲା। ୪୪୮୪୬ ଜଣ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚର ମଜା ନେଇଥିଲେ। ନେଦରଲାଣ୍ଡ୍ସ ପକ୍ଷରୁ ମେମ୍ଫିସ୍ ଡିପେ(୧୦), ଡାଲେ ବ୍ଲିଣ୍ଡ(୪୫+୧) ଓ ଡେଞ୍ଜେଲ ଡମଫ୍ରାଇଜ୍(୮୧) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ଆମେରିକା ପକ୍ଷରୁ ହାଜି ରାଇଟ୍(୭୬) ଏକମାତ୍ର ଗୋଲ ଦେଇଥିଲେ। ମ୍ୟାଚର ୧୦ମ ମିନିଟରେ ଡେଞ୍ଜେଲ ଡମଫ୍ରାଇଜ୍ ଆମେରିକା ବକ୍ସ ମଧ୍ୟକୁ ବଲ ନେଇଥିଲେ। ସେ ଡିପେଙ୍କୁ ବଲ୍ ପାସ୍ କରିଥିଲେ ଆଉ ନେଦରଲାଣ୍ଡ୍ସ ସ୍କୋର କରିଥିଲା ପ୍ରଥମ ଗୋଲ। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ଡାଲେ ବ୍ଲିଣ୍ଡ ଦେଇଥିଲେ ଦ୍ୱିତୀୟ ଗୋଲ। ପ୍ରଥମ ଗୋଲ ପରି ଏଥିରେ ମଧ୍ୟ ଡମଫ୍ରାଇଜଙ୍କ ଭୂମିକା ରହିଥିଲା। ଡମଫ୍ରାଇଜ୍ ବାମ ପାର୍ଶ୍ୱରୁ ଦେଇଥିବା ପାସ୍‌କୁ ଗୋଲ ପୋଷ୍ଟ ମଧ୍ୟକୁ ପଠାଇଥିଲେ ଡାଲେ ବ୍ଲିଣ୍ଡ। ୭୬ ତମ ମିନିଟରେ ଆମେରିକା ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ ହାଜି ରାଇଟ୍। ଆମେରିକାକୁ ମିଳିଥିବା କର୍ନରକୁ ଗୋଲରେ ପରିଣତ କରିବା ସହିତ ଦଳ ପକ୍ଷରୁ ସେ ଏକମାତ୍ର ଗୋଲଟି ଦେଇଥିଲେ। ଏହାର ୫ ମିନିଟ ମଧ୍ୟରେ ନେଦରଲାଣ୍ଡ୍ସର ଡେଞ୍ଜେଲ ଡମଫ୍ରାଇଜ୍ ସ୍କୋର କରିଥିଲେ ନିର୍ଣ୍ଣାୟକ ଗୋଲ୍। ଦୁଇଟି ଆସିଷ୍ଟ ପରେ ନିଜର ପ୍ରଥମ ଗୋଲ ସ୍କୋର କରିଥିଲେ ଡମ୍‌ଫ୍ରାଇଜ୍।



ଗୋଲ୍ ସ୍କୋର କରିବା ପରେ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି ନେଦରଲାଣ୍ଡ୍ସର ଡେଞ୍ଜେଲ ଡମଫ୍ରାଇଜ୍।

# ଏସିଆନ୍ ଫୁଟ୍‌ବଲର ଉତ୍‌ଥାନ



ଜର୍ଗିନୋ

ବିଶ୍ୱକପ୍ ଗ୍ରୁପ୍ ପର୍ଯ୍ୟାୟ ଫଳାଫଳ ରେକର୍ଡ ସଂଖ୍ୟାରେ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଥମେ ଆର୍ଜେଣ୍ଟିନା ଓ ଜର୍ମାନୀର ପରାଜୟ ପରେ ଟୁର୍ନାମେଣ୍ଟର ଗ୍ରୁପ୍ ଲିଗ୍‌ରୁ ଜର୍ମାନୀ, ଡେନ୍‌ମାର୍କ, ବେଲଜିୟମ ଓ ଉରୁଗୁଏର ବିଦାୟ ବିସ୍ମିତ କରିଥିଲା। ଅନ୍ୟପକ୍ଷେ ଏଥର ଏସିଆନ ଫୁଟ୍‌ଲର ଉତ୍‌ଥାନ ଦେଖିବାକୁ ମିଳିଛି। ଜାପାନ ଗ୍ରୁପ୍‌ର ଶୀର୍ଷ ସ୍ଥାନ ଅଧିକାର କରିଛି। ପର୍ତ୍ତୁଗାଲ ବିପକ୍ଷରେ ୨-୧ ଗୋଲ୍‌ରେ ବିଜୟ ଲାଭ କରି ଦକ୍ଷିଣ କୋରିଆ ଯୋଗ୍ୟତା ଅର୍ଜନ କରିଛି। ଅଷ୍ଟ୍ରେଲିଆ ମଧ୍ୟ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଶନିବାର ଏହି ଦଳ ଆର୍ଜେଣ୍ଟିନାକୁ ଭେଟିଛି। ବ୍ରାଜିଲ ଯଦିଓ ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ପକ୍କା କରିଛି ଗ୍ରୁପ୍ ପର୍ଯ୍ୟାୟରେ ଅପରାଜେୟ ରହିପାରି ନାହିଁ। ଦଳ ଏହାର ଶେଷ ଗ୍ରୁପ୍ ମ୍ୟାଚରେ କାମେରୁନ୍‌ଠାରୁ ହାରିଯାଇଛି। ଆଫ୍ରିକାର ମରକ୍କୋ, ସେନେଗାଲ ଏବଂ ଆମେରିକା ସମେତ ଅନ୍ୟ କେତେକ ଦେଶ ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ହ୍ୟାଟ୍ରିକ୍ ନ ହେବା ଆଶ୍ଚର୍ଯ୍ୟଜନକ। ନକ୍‌ଆଉଟରେ ଏହା କ୍ୱଚିତ ଦେଖିବାକୁ ମିଳିଥାଏ। କୋଚ୍ ଟିଟେ ଉପଯୁକ୍ତ କମ୍ବିନେଶନ ତିଆରି କରିବା ଲାଗି ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତିରେ ରିଜର୍ଭ ବେଞ୍ଚରେ ରହିଥିବା ଖେଳାଳିଙ୍କୁ ପରୀକ୍ଷଣ ଚଳାଇଥିଲେ। କିନ୍ତୁ ଦଳ ଲୁସେଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ହାରିଯାଇଥିଲା। ରିଜର୍ଭ ଖେଳାଳିମାନେ ବଲ୍‌କୁ ବହୁ ସମୟ ଧରି ନିଜ ଅକ୍ତିଆରରେ ରଖିଥିଲେ ହେଁ ସ୍କୋର ପାଇଁ ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ବିଶ୍ୱକପ୍‌ରେ ପୂର୍ବରୁ ବ୍ରାଜିଲ ଯେତେବେଳେ ଟାଇଟଲ ଜିତିଥିଲା ଗ୍ରୁପ୍ ଲିଗ୍‌ରେ ସେମାନେ କୌଣସି ମ୍ୟାଚ ହାରି ନ ଥିଲେ। ବର୍ତ୍ତମାନ ଶାରୀରିକ ସମସ୍ୟା ଟିଟେଙ୍କ ଲାଗି ବଡ଼ ସମସ୍ୟା ହୋଇ ଦେଖା ଦେଇଛି। ନେମାରଙ୍କ ଇଞ୍ଜୁରି ବ୍ରାଜିଲ ଶିବିରକୁ ଶକ୍ତ ଧକ୍କା ଦେଇଛି। ନେମାର, ଡାନିଲୋ ଓ ଆଲେକ୍ସ ସାଣ୍ଡ୍ରୋଙ୍କୁ ହରାଇ ସାରିବା ପରେ ଟିଟେଙ୍କୁ ବର୍ତ୍ତମାନ ଫୁଲ୍‌ବ୍ୟାକ୍ ଆଲେକ୍ସ ଟେଲେସ୍‌ଙ୍କୁ ହରାଇଛନ୍ତି। ଗାବ୍ରିଏଲ ଜେସସ ମଧ୍ୟ ସନ୍ଦେହ ତାଲିକାରେ ରହିଛନ୍ତି। ଏମାନେ ସମସ୍ତେ ଗତ ମ୍ୟାଚରେ ସେମାନଙ୍କ ଆଣ୍ଠୁରେ ସମସ୍ୟା ଦେଖାଦେଇଥିବା ଜଣାଇଥିଲେ। ନେମାର ଓ ଡାନିଲୋ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। କାମେରୁନ ବିପକ୍ଷ ପରାଜୟ ଆଗାମୀ ରାଉଣ୍ଡରେ ବ୍ରାଜିଲର ପ୍ରଦର୍ଶନ ଉପରେ ପ୍ରଭାବ ନ ପକାଇଲେ ଭଲ। ନେମାର ଓ କାସେମିରୋଙ୍କ ଅନୁପସ୍ଥିତିରେ ପରବର୍ତ୍ତୀ ରାଉଣ୍ଡରେ ଦୃଢ ରକ୍ଷଣାତ୍ମକ ରଣନୀତିର ଆବଶ୍ୟକତା ରହିଛି। ବ୍ରାଜିଲ ଦୀର୍ଘ ୨୦ ବର୍ଷ ପ୍ରତୀକ୍ଷାରେ ଅନ୍ତ ଘଟାଇବା ଲାଗି ଚେଷ୍ଟା କରୁଛି। ଏଥର ଦଳର ଗୋଲ୍ ସ୍କୋର ସଂଖ୍ୟା କମ୍ ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ଏହି ଦଳ ୫୦ଟି ଗେମ୍‌ରେ ୧୧୧ ଗୋଲ୍ ସ୍କୋର କରିଥିଲା। ବ୍ରାଜିଲ ଯଦି ଇଞ୍ଜୁରୀ ଓ ଅନ୍ୟାନ୍ୟ ସମସ୍ୟାରୁ ମୁକୁଳିଯାଏ ତେବେ ଦଳ ସନ୍ତୁଳିତ ହୋଇଯିବ। କାରଣ ଏହି ଦଳରେ ବହୁ କ୍ୱାଲିଟି ଖେଳାଳି ଏବଂ ଜଣେ ପ୍ରବୀଣ କୋଚ୍ ରହିଛନ୍ତି। ଦଳ ପୁଣି ଚାମ୍ପିୟନ ହୋଇ ପାରିବ ବୋଲି ମୋର ଆଶା ରହିଛି।

(ଟିଭାକ୍ ସ୍ପୋର୍ଟ୍ସ)

# ଅଭ୍ୟାସ କଲେ ନେମାର

ଲୁସେଲ୍,୩।୧୨(ପି.ଟି.)



ଗୋଇଠି ଆଘାତ କାରଣରୁ ବାଦ୍ ପଡିଥିବା ବ୍ରାଜିଲ ଷ୍ଟ୍ରାଇକର ନେମାର ପୁନର୍ବାର ଅଭ୍ୟାସ ଆରମ୍ଭ କରିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ବ୍ରାଜିଲର ପ୍ରଥମ ମ୍ୟାଚ ସମୟରେ ହିଁ ନେମାର ଆହତ ହୋଇଥିଲେ। ନେମାରଙ୍କ ଗୋଇଠିରେ ଆଘାତ ଲାଗିଥିବା ବେଳେ ଲିଗାମେଣ୍ଟ ଛିଡି ଯାଇଥିଲା। ଏହା ପରେ ସେ ସ୍ୱିଜରଲାଣ୍ଡ ଓ କାମେରୁନ୍ ବିପକ୍ଷ ପରବର୍ତ୍ତୀ ଦୁଇ ମ୍ୟାଚରୁ ବାଦ୍ ପଡିଥିଲେ। ଶନିବାର ବ୍ରାଜିଲ ଦଳ ସହିତ ନେମାର ଅଭ୍ୟାସ କରିଥିବା ବେଳେ ସୋମବାର ବ୍ରାଜିଲ ବନାମ ଦକ୍ଷିଣ କୋରିଆ ମ୍ୟାଚ ଖେଳିପାରନ୍ତି। ଶୁକ୍ରବାର ନେମାର କାମେରୁନ୍ ବିପକ୍ଷ ମ୍ୟାଚ ଖେଳି ନ ଥିଲେ। ଭିନସେଣ୍ଟ ଆବୁବକରଙ୍କ ଐତିହାସିକ ଗୋଲ ବଳରେ ବ୍ରାଜିଲକୁ ୧-୦ରେ ପରାସ୍ତ କରିଥିଲା କାମେରୁନ୍। ଷ୍ଟପେଜ ଟାଇମରେ ୯୦+୨ ମିନିଟରେ ଆବୁବକର ଏହି ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ବ୍ରାଜିଲ ପରାଜିତ ହୋଇଥିବା ବେଳେ ନେମାର ସାଇଡଲାଇନରେ ବସି ମ୍ୟାଚ ଉପଭୋଗ କରିଥିଲେ। ନେମାର ଟିମ୍ ବସରୁ ଓହ୍ଲାଇ ଚାଲି ଚାଲି ଫିଲ୍ଡ ପର୍ଯ୍ୟନ୍ତ ଆସିଥିଲେ। ଏହା ପରେ ଶନିବାର ସେ ସାମାନ୍ୟ ଅଭ୍ୟାସ ମଧ୍ୟ କରିଛନ୍ତି।

# କ୍ୱାର୍ଟରରେ ଆର୍ଜେଣ୍ଟିନା

ଦୋହା,୩।୧୨(ପି.ଟି.)

ଅଧିନାୟକ ଲିଓନେଲ ମେସିଙ୍କ ଗୋଲ ବଳରେ ଫିଫା ବିଶ୍ୱକପ୍ ୨୦୨୨ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଆର୍ଜେଣ୍ଟିନା। ମେସି ଓ ଜୁଲିଆନ୍ ଆଲଭାରେଜଙ୍କ ଗୋଲ ବଳରେ ୨-୧ରେ ଅଷ୍ଟ୍ରେଲିଆକୁ ପରାସ୍ତ କରଛି ଆର୍ଜେଣ୍ଟିନା। ଅଷ୍ଟ୍ରେଲିଆ ୪-୪-୨ ଓ ଆର୍ଜେଣ୍ଟିନା ୪-୩-୩ କମ୍ବିନେଶନ ସହ ପଡ଼ିଆକୁ ଓହ୍ଲାଇଥିଲେ। ଆର୍ଜେଣ୍ଟିନା ମ୍ୟାଚର ୬୧% ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ୩୫ତମ ମିନିଟରେ ମେସି ଆର୍ଜେଣ୍ଟିନା ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ବାମ ପାର୍ଶ୍ୱରୁ ପାଶ୍ କରିବା ପରେ ନିଜେ ଦୁଇ ଜଣ ଡିଫେଣ୍ଡରଙ୍କୁ ପରାସ୍ତ କରି ସେ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ୫୭ ତମ ମିନିଟରେ ଜୁଲିଆନ ଆଲଭାରେଜ ଆଉ ଏକ ଗୋଲ ସ୍କୋର କରିଥିଲେ। ଅଷ୍ଟ୍ରେଲୀୟ ଗୋଲକିପର ମ୍ୟାଟ୍ଟ ରାୟାନଙ୍କ ଭୁଲର ଫାଇଦା ଉଠାଇଥିଲେ ଆଲଭାରେଜ୍। ୨-୦ରେ ପଛୁଆ ରହିବା ପରେ ଅଷ୍ଟ୍ରେଲିଆ ଘନ ଘନ ଆକ୍ରମଣ କରିଥିଲା। ୭୭ ତମ ମିନିଟରେ ଏଞ୍ଜୋ ଫର୍ନାଣ୍ଡେଜଙ୍କ ଆତ୍ମଘାତୀ ଗୋଲ ଅଷ୍ଟ୍ରେଲିଆକୁ ୨-୧ ସ୍ଥିତିକୁ ଆଣିଥିଲା। ଗୁଡଓ୍ୱିନଙ୍କ କ୍ରସ୍ ଫର୍ନାଣ୍ଡେଜଙ୍କ ମୁଣ୍ଡରେ ବାଜି ପୋଷ୍ଟ ମଧ୍ୟକୁ ଯାଇଥିଲା। ୯୦+୭ ମିନିଟରେ ମାର୍ଟିନେଜଙ୍କ ସେଭ୍ କାରଣରୁ ଆର୍ଜେଣ୍ଟିନା କ୍ୱାର୍ଟରରେ ପ୍ରବେଶ କରିଥିଲା।

## ମାରାଡୋନାଙ୍କ ରେକର୍ଡ ଭାଙ୍ଗିଲେ ମେସି

ଆର୍ଜେଣ୍ଟିନା କିମ୍ବଦନ୍ତୀ ଡିଏଗୋ ମାରାଡୋନାଙ୍କ ରେକର୍ଡ ଭାଙ୍ଗିଛନ୍ତି ମେସି। ବିଶ୍ୱକପରେ ଆର୍ଜେଣ୍ଟିନାର ସର୍ବାଧିକ ଗୋଲ ସ୍କୋରର ଭାବେ ସେ ମାରାଡୋନାଙ୍କୁ ପଛରେ ପକାଇଛନ୍ତି। ଆର୍ଜେଣ୍ଟିନା ମାରାଡୋନା ପକ୍ଷରୁ ୨୧ ବିଶ୍ୱକପ ମ୍ୟାଚରୁ ୮ଟି ଗୋଲ ସ୍କୋର କରିଥିବା ବେଳେ ମେସି ୨୩ ମ୍ୟାଚ ଖେଳି ୯ଟି ଗୋଲ ସ୍କୋର କରିଛନ୍ତି।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**ଫ୍ରାନ୍ସ ବନାମ ପୋଲାଣ୍ଡ**

ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ, ସମୟ: ରାତି ୮.୩୦

**ଇଂଲଣ୍ଡ ବନାମ ସେନେଗାଲ**

ସ୍ଥାନ: ଅଲ ବାୟଟ ଷ୍ଟାଡିୟମ, ସମୟ: ରାତି ୧୨.୩୦

# କାତାର ବିଶ୍ୱକପ୍‌ର ପ୍ରଥମ ରେଡ୍‌କାର୍ଡ



ଭିନସେଣ୍ଟ ଅବୁବକରଙ୍କୁ ରେଡ୍‌କାର୍ଡ ଦେଖାଉଛନ୍ତି ରେଫରି।

ଲୁସେଲ,୩।୧୨(ପି.ଟି.)

ଚଳିତ ଫିଫା ବିଶ୍ୱକପରେ ପ୍ରଥମ ରେଡ୍‌କାର୍ଡ ପାଇଛନ୍ତି କାମେରୁନର ଭିନସେଣ୍ଟ ଅବୁବକର। ଲୁସେଲ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଭିନସେଣ୍ଟ ଅବୁବକରଙ୍କ ଗୋଲ ବଳରେ କାମେରୁନ୍ ଦଳ ବ୍ରାଜିଲ ବିପକ୍ଷରେ ଏତିହାସିକ ବିଜୟ ହାସଲ କରିଥିଲା। ଷ୍ଟପେଜ ଟାଇମର ଦ୍ୱିତୀୟ ମିନିଟରେ ଅବୁବକର ଏହି ଗୋଲ ସ୍କୋର କରିଥିଲେ। ଜେରୋମ୍ ଏମ୍ବେକେଇଙ୍କ କ୍ରସକୁ ହେଡର ଜରିଆରେ ବ୍ରାଜିଲ ପୋଷ୍ଟ ମଧ୍ୟକୁ ପଠାଇବା ସହିତ ସେ ଇତିହାସ ରଚିଥିଲେ। ମାତ୍ର ଗୋଲ ସ୍କୋର କରିବାର ଠିକ୍ ପରେ ହିଁ ଅବୁବକରଙ୍କୁ ମିଳିଥିଲା ଚଳିତ ବିଶ୍ୱକପର ପ୍ରଥମ ରେଡକାର୍ଡ। ଅବୁବକର ଗୋଲ ସ୍କୋର କରିବା ପରେ ଶାର୍ଟ ଖୋଲି ସେଲିବ୍ରେଶନ୍ କରିଥିଲେ। ଶାର୍ଟ ଖୋଲି ସେଲିବ୍ରେଶନ କରିବା ଦ୍ୱାରା ତାଙ୍କୁ ୟେଲୋ କାର୍ଡ ପ୍ରଦାନ କରିଥିଲେ ରେଫରି। ତେବେ ଏହା ପୂର୍ବରୁ ମଧ୍ୟ ଗୋଟିଏ ୟେଲୋ କାର୍ଡ ପାଇ ସାରିଥିବା ଅବୁବକରଙ୍କ ପାଇଁ ଏହା ରେଡ୍‌କାର୍ଡ ସାବ୍ୟସ୍ତ ହୋଇଥିଲା। ଏହା ସହିତ ତାଙ୍କୁ ପଡିଆ ଛାଡ଼ିବାକୁ ପଡିଥିଲା। ତେବେ ଅବୁବକରଙ୍କ ଏହି ଗୋଲ ବଳରେ କାମେରୁନ୍ ଦଳ ବିଶ୍ୱକପରେ ଐତିହାସିକ ବିଜୟ ହାସଲ କରିଥିଲା। ଏହା ସହିତ ତୃତୀୟ ଆଫ୍ରିକୀୟ ଖେଳାଳି ଭାବରେ ସେ ବ୍ରାଜିଲ ବିପକ୍ଷରେ ଗୋଲ ସ୍କୋର କରିବାର ସୌଭାଗ୍ୟ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଡିଡିଏର ଡ୍ରୋଗବା, ଜୋଏଲ ମାଟିପ ଯଥାକ୍ରମେ ୨୦୧୦ ଓ ୨୦୧୪ରେ ବ୍ରାଜିଲ ବିପକ୍ଷରେ ଗୋଲ ସ୍କୋର କରିଥିଲେ। ଏହା ସହିତ ଜିନେଡାଇନ୍ ଜିଡାନଙ୍କ ପରେ ଦ୍ୱିତୀୟ ଖେଳାଳି ଭାବରେ ଗୋଲ ସ୍କୋର କରିବା ପରେ ରେଡ କାର୍ଡ ପାଇ ପଡ଼ିଆ ଛାଡ଼ିଛନ୍ତି।

## ଅନ୍ତର୍ଦ୍ଧାନ ହୋଇଯିବ ଷ୍ଟାଡିୟମ

ଦୋହା,୩।୧୨(ପି.ଟି.)

କାତାରରେ ଅନୁଷ୍ଠିତ ଫିଫା ଫୁଟବଲ ବିଶ୍ୱକପ୍ ପରେ ଗୋଟିଏ ଷ୍ଟାଡିୟମ ସମ୍ପୂର୍ଣ୍ଣ ଅନ୍ତର୍ଦ୍ଧାନ ହୋଇଯିବ। ବିଶ୍ୱକପ୍ ପାଇଁ କାତାରରେ ୭ଟି ଷ୍ଟାଡିୟମ ନିର୍ମାଣ କରାଯାଇଥିଲା। ଏହା ମଧ୍ୟରୁ ଅନ୍ୟତମ ହେଉଛି ଷ୍ଟାଡିୟମ ୯୭୪ ବା ରସ୍ ଅବୁ ଅବୌଦ ଷ୍ଟାଡିୟମ। ଆୟୋଜକଙ୍କ ସୂଚନା ଅନୁସାରେ ଏହି ଷ୍ଟାଡିୟମଟି ଉକ୍ତ ସ୍ଥାନରୁ ହଟାଇ ଦିଆଯିବ। ଦୋହାରେ ଅବସ୍ଥିତ ଏହି ଷ୍ଟାଡିୟମରେ ୪୦ ହଜାର ଦର୍ଶକ ମ୍ୟାଚର ମଜା ନେଇ ପାରିବେ। ୯୭୪ଟି ଜାହାଜର ଭଗ୍ନାବଶେଷ ଓ ଷ୍ଟିଲ୍‌ରୁ ଏହି ଷ୍ଟାଡିୟମଟି ତିଆରି ହୋଇଥିବା କାରଣରୁ ଏହାର ନାମ ଷ୍ଟାଡିୟମ ୯୭୪ ମଧ୍ୟ ରଖାଯାଇଛି। ଏହା ସହିତ କାତାରର ଅନ୍ତର୍ଜାତୀୟ ଡାଏଲ କୋଡ୍ ମଧ୍ୟ ୯୭୪ ରହିଥିବାରୁ ଷ୍ଟାଡିୟମର ନାମ ଏଭଳି ରଖାଯାଇଛି। ଫୁଟବଲ ବିଶ୍ୱକପ୍ ସମାପ୍ତ ହେବା ପରେ ଷ୍ଟାଡିୟମଟିକୁ ଅଲଗା କରାଯିବ। ଏହାପରେ ଏହି ଷ୍ଟାଡିୟମକୁ ଅନ୍ୟ ଦେଶକୁ ପଠାଯିବ। ଭିତ୍ତିଭୂମିର ଅଭାବ ରହିଥିବା ଦେଶରେ ଏହାକୁ ଷ୍ଟାଡିୟମ ଭାବରେ ବ୍ୟବହାର କରାଯାଇ ପାରିବ। ପରବର୍ତ୍ତୀ ଦୁଇଟି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଏହି ଷ୍ଟାଡିୟମ ଡିଜାଇନ୍ କରାଯାଇଛି ବୋଲି ଡିଜାଇନର ସଂସ୍ଥା ଚାଟ୍‌ହାମ୍ ପକ୍ଷରୁ କୁହାଯାଇଛି। ନିର୍ମିତ ହେଉଥିବା ନୂତନ କୋଠାଗୁଡିକ କାରଣରୁ ବିଶ୍ୱର ୪୦% ଅଙ୍ଗାରକାମ୍ଳ ନିର୍ଗମନ ହୋଇଥାଏ। ଏହା ସବୁଜ ଗୃହ ପ୍ରଭାବରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ବେଳେ ଏହାକୁ ପ୍ରତିହତ କରିବା ପାଇଁ ଡିଜାଇନ୍ କରାଯାଇଛି ବୋଲି ଚାଟହାମ୍‌ର ସହଯୋଗୀ କରିମ ଏଲଗେଣ୍ଡି ପ୍ରକାଶ କରିଛନ୍ତି। କାତାରରେ ୭ଟି ଷ୍ଟାଡିୟମ ନିର୍ମାଣରେ ପ୍ରାୟ ୨୦୦ ବିଲିୟନ୍ ଡଲାର ଖର୍ଚ୍ଚ କରାଯାଇଛି। କେବଳ ଷ୍ଟାଡିୟମ ୯୭୪ ନୁହେଁ ବରଂ ଅନ୍ୟ ସମସ୍ତ ଷ୍ଟାଡିୟମଗୁଡିକର ଉପଯୋଗ କରିବା ପାଇଁ ଯୋଜନା ପ୍ରସ୍ତୁତ ବୋଲି କାତାର ପକ୍ଷରୁ କୁହାଯାଇଛି।

# ସେନେଗାଲ୍ କୋଚ୍ ଅସୁସ୍ଥ

ଦୋହା, ୩।୧୨ (ଏପି)

ଇଂଲଣ୍ଡ ବିପକ୍ଷ ମ୍ୟାଚ ଦିନକ ପୂର୍ବରୁ ସେନେଗାଲ କୋଚ୍ ଆଲିଓ୍ୟୁ ସିସେ ଅସୁସ୍ଥ ହୋଇପଡ଼ିଛନ୍ତି। ଇଂଲଣ୍ଡ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚର ଦିନକ ପୂର୍ବରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଯୋଗଦାନ କରି ନ ଥିଲେ। ସେ ଜ୍ୱରରେ ପୀଡ଼ିତ ଥିବା କୁହାଯାଉଛି। ଶୁକ୍ରବାର ସେ ଟ୍ରେନିଂ ସେସନରେ ଯୋଗ ଦେଇ ନ ଥିଲେ। ରବିବାର ସେନେଗାଲ ଅଲ୍ ବାୟଟ ଷ୍ଟାଡିୟମରେ ପ୍ରି-କ୍ୱାର୍ଟରରେ ଇଂଲଣ୍ଡକୁ ଭେଟିବ। ଏଥିପାଇଁ କିନ୍ତୁ ସେ ରଣନୀତି ପ୍ରସ୍ତୁତ କରୁଛନ୍ତି। ତାଙ୍କ ନିର୍ଦ୍ଦେଶ କ୍ରମେ ବର୍ତ୍ତମାନ ସହକାରୀ କୋଚ୍‌ରେଜିସ୍ ବୋଗେର୍ଟ ଖେଳାଳିମାନଙ୍କ ଟ୍ରେନିଂ ଦାୟିତ୍ୱ ତୁଲାଉଛନ୍ତି। ରବିବାର ମ୍ୟାଚ ବେଳେ ତାଙ୍କୁ ଦଳ ସହିତ ଦେଖିବାକୁ ମିଳିବ ବୋଲି ବୋଗେର୍ଟ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରବିବାର ମ୍ୟାଚରେ ଇଂଲଣ୍ଡକୁ ଅଧିକାଂଶ ଫେଭରାଇଟ୍ ମନେ କରନ୍ତି। କିନ୍ତୁ ଚଳିତବର୍ଷର ବିଶ୍ୱକପ୍‌ରେ ବହୁ ଅଶ୍ଚର୍ଯ୍ୟଜନକ ଫଳାଫଳ ଦେଖିବାକୁ ମିଳିଥିବାରୁ ସେନେଗାଲ ଏଥିରେ ଉତ୍ସାହିତ ଅଛି। ବ୍ରାଜିଲକୁ କାମେରୁନ୍ ପରାସ୍ତ କରିପାରେ ଏବଂ ଟ୍ୟୁନିସିଆ ଫ୍ରାନ୍ସକୁ ହରାଇ ଦେଇପାରେ ସେନେଗାଲ କାହିଁକି ଇଂଲଣ୍ଡକୁ ପରାଜିତ ନ କରିପାରିବ ବୋଲି ବୋଗେର୍ଟ କହିଛନ୍ତି। ରବିବାର ଅଲ ଥୁମାମା ଷ୍ଟାଡିୟମରେ ଅନ୍ୟ ଏକ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ଫ୍ରାନ୍ସ ବନାମ ପୋଲାଣ୍ଡ ମଧ୍ୟରେ ହେବ।





ସେନେଗାଲ କୋଚ୍ ଆଲିଓ୍ୟୁ ସିସେ



ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଆମେରିକା ବିପକ୍ଷ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ସମର୍ଥକ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



**ଫାଇନାଲ ପ୍ରବେଶରେ ଉନ୍ନତି ପ୍ରଥମ ଭାରତୀୟ**

ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଉନ୍ନତି ହୁଡା ପ୍ରଥମ ଭାରତୀୟ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଛନ୍ତି।

୦୮

୦୫

**ନୌସେନାରେ ଅଧିକ ସଂଖ୍ୟାରେ ମହିଳାଙ୍କୁ ସୁଯୋଗ ଦିଆଯିବ**

ଅଗ୍ନିବୀର ଯୋଜନା ଜରିଆରେ ଭାରତୀୟ ନୌସେନାରେ ଏଣିକି ଅଧିକସଂଖ୍ୟାରେ ମହିଳାଙ୍କୁ ସୁଯୋଗ ଦିଆଯିବ ବୋଲି ନୌସେନା ମୁଖ୍ୟ ଆର୍. ହରି କୁମାର କହିଛନ୍ତି।



# ଧର୍ମ ବଦଳାଇଲେ ସଂରକ୍ଷଣ ମନା




**ଚେନ୍ନାଇ,୩।୧୨**

ଜଣେ ହିନ୍ଦୁ ନିଜ ଧର୍ମ ପରିବର୍ତ୍ତନ କଲେ ପୂର୍ବ ବ୍ୟବସ୍ଥା ଅନୁସାରେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଆଉ ସଂରକ୍ଷଣ ସୁବିଧା ପାଇବେ ନାହିଁ ବୋଲି ମାଡ୍ରାସ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତାମିଲନାଡୁର ସବୁଠୁ ପଛୁଆ ବର୍ଗ (ଏମ୍‌ବିସି)ରେ ଆସୁଥିବା ଜଣେ ହିନ୍ଦୁ ଧର୍ମାନ୍ତରିତ ହୋଇ ମୁସଲମାନ ହେବା ପରେ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଜି.ଆର୍. ସ୍ୱାମୀନାଥନଙ୍କ ଖଣ୍ଡପୀଠ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

ସମ୍ପୃକ୍ତ ବ୍ୟକ୍ତି ଜଣକ ପୂର୍ବରୁ ହିନ୍ଦୁ ଥିଲେ। ୨୦୧୮ ମେ'ରେ ସେ ଇସ୍‌ଲାମ୍‌କୁ ଧର୍ମାନ୍ତରିତ ହୋଇ ଆକବର ଅଲୀ ନାମରେ ପରିଚିତ ହେଲେ। ତାମିଲନାଡୁ କମ୍ବାଇଣ୍ଡ ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ନିଜକୁ ଏମ୍‌ବିସି ବର୍ଗର ଉଲ୍ଲେଖ କରି ସଂରକ୍ଷଣ ଦାବି କରିଥିଲେ। ରାଜ୍ୟ ସରକାର ତାଙ୍କୁ ସଂରକ୍ଷଣ ନ ଦେବାରୁ ସେ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଜଷ୍ଟିସ୍ ସ୍ୱାମୀନାଥନ୍‌ଙ୍କ ଖଣ୍ଡପୀଠ ଗତ ଗୁରୁବାର ଏହାର ଶୁଣାଣି ଶେଷକରି ରାୟ ଦେଇଛନ୍ତି। ଜଷ୍ଟିସ୍ ସ୍ୱାମୀନାଥନ କହିଛନ୍ତି, ହିନ୍ଦୁ ପରିବାରରେ ଜନ୍ମିତ ଜଣେ ବ୍ୟକ୍ତି ସରକାରୀ ବ୍ୟବସ୍ଥା ଅନୁସାରେ ମୂଳ ସମ୍ପ୍ରଦାୟ ଅନୁସାରେ ସଂରକ୍ଷଣ ସୁବିଧା ପାଇବାକୁ ଯୋଗ୍ୟ। କିନ୍ତୁ ସେ ଯଦି ଧର୍ମ ପରିବର୍ତ୍ତନ କରନ୍ତି ତେବେ ଏହି ସୁବିଧାରୁ ବଞ୍ଚିତ ହେବେ। ତାଙ୍କର ପୂର୍ବ ଜାତିଗତ ପ୍ରମାଣପତ୍ର ଅଚଳ ହୋଇଯିବ।

ଏହି ପରିପ୍ରେକ୍ଷୀରେ ଜଷ୍ଟିସ୍ ସ୍ୱାମୀନାଥନ ସୁପ୍ରିମକୋର୍ଟଙ୍କ କେତୋଟି ପୂର୍ବ ରାୟର ଅବତାରଣା କରିଥିଲେ, ଯହିଁରେ ହିନ୍ଦୁଧର୍ମରେ ଜନ୍ମିତ ବ୍ୟକ୍ତି ଜାତିପ୍ରଥାକୁ ସ୍ୱୀକୃତି ଦେଉ ନ ଥିବା ଧର୍ମ ଗ୍ରହଣ କଲେ ସଂରକ୍ଷଣ ସୁବିଧାରୁ ବଞ୍ଚିତ ହୋଇଥିବା ନଜିର ରହିଛି।

## ବାଲେଶ୍ୱରରେ ପାଗଳା କୁକୁର ଆତଙ୍କ

- ଆକ୍ରମଣରେ ୨୨ ଆହତ
- କୁକୁରକୁ ପିଟି ମାରିଦେଲେ



କୁକୁର କାମୁଡ଼ାରେ ଗୁରୁତରମାନେ।

**ବାଲେଶ୍ୱର ଅଫିସ, ୩।୧୨:** ବାଲେଶ୍ୱର ସହରରେ ଶନିବାର ସକାଳେ ଏକ ପାଗଳ କୁକୁର ଆତଙ୍କ ଖେଳାଇଥିଲା। ମର୍ଣ୍ଣିଂୱାକ କରୁଥିବା ଲୋକଙ୍କୁ ଗୋଡାଇ ଗୋଡାଇ କାମୁଡିଲା। ଆକ୍ରମଣରେ ୨୨ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ପାଗଳ କୁକୁରକୁ ପିଟି ପିଟି ମାରିଦେଇଥିବା ଜଣାପଡିଛି। ପୌରାଞ୍ଚଳ ଅଧୀନ ୪ନଂ ୱାର୍ଡ଼ର ପୁଲବଜାର, ଖୁଆଜାବାଗ୍, କସାବ ମହଲ୍ଲା, ବାଲୁବଜାର, ରେଜାଉଲ୍ଲା ଲେନ, ମୁନିପଦା ଆଦି ଅଞ୍ଚଳରେ ସକାଳ ସମୟରେ ଲୋକମାନେ ମର୍ଣ୍ଣିଂୱାକ କରୁଥିବା ବେଳେ ହଠାତ୍ ଉକ୍ତ ପାଗଳ କୁକୁର ଆସି ପ୍ରଥମେ ସେକ ଆକବରଙ୍କୁ କାମୁଡିଥିଲା। ପରେ ନସିମା ବିବି, ଗୋପାଳଚନ୍ଦ୍ର ସେଠୀ, ☞ପୃଷ୍ଠା-୫

## ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ

**୫ ବର୍ଷ ପରେ ପୁଣି ଦେଖିବାକୁ ମିଳିଛି**



ଡେବ୍ରିଗଡ଼ ଅଭୟାରଣ୍ୟ ଭିତରେ ବୁଲୁଥିବା ମହାବଳ ବାଘ।

**ସମ୍ବଲପୁର,୩।୧୨(ବ୍ୟୁରୋ)**

ସମ୍ବଲପୁର ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘ ଦେଖିବାକୁ ମିଳିଛି। ଗତ ୧ତାରିଖରେ ପର୍ଯ୍ୟଟକ ଓ ବନ ବିଭାଗ କର୍ମଚାରୀ କରିଥିବା ଭିଡିଓ ଏବେ ଭାଇରାଲ ହୋଇଛି। ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶ ଅଭୟାରଣ୍ୟରେ ମହାବଳ ବାଘ ଥିବା ନେଇ ସ୍ୱଷ୍ଟ କରିଛନ୍ତି। ଦୀର୍ଘ ୫ ବର୍ଷ ପରେ ମହାବଳ ପୁଣି ଦେଖାଦେଇଛି। ଏହାକୁ ନେଇ ବନ ବିଭାଗ ଉତ୍ସାହିତ ଥିବା ବେଳେ ପରିବେଶବିତ୍‌ମାନେ ମଧ୍ୟ ଖୁସି ଜାହିର କରିଛନ୍ତି। ଏ ସମ୍ପର୍କରେ ଡିଏଫଓ ଦାଶ ସୂଚନା ଦେଇ କହିଛନ୍ତି ଯେ, ଡିସେମ୍ବର ୧ତାରିଖରେ କେତେଜଣ ପର୍ଯ୍ୟଟକଙ୍କୁ ନେଇ ବନବିଭାଗର ସଫାରି ଗାଡ଼ି ଅଭୟାରଣ୍ୟରେ ଯାଉଥିଲା। ଅପରାହ୍ନ ପ୍ରାୟ ୫ଟା ସମୟରେ ଏହି ମହାବଳ ବାଘ ରାସ୍ତା ଉପରକୁ ଚାଲି ଆସିଥିଲା। କିଛି ସମୟ ରାସ୍ତା ଉପରେ ଚାଲି ଜଙ୍ଗଲ ଭିତରକୁ ଚାଲି ଯାଇଥିଲା। ପର୍ଯ୍ୟଟକମାନେ ଭିଡିଓରେ ମହାବଳର ଗତିବିଧିକୁ କଏଦ କରି ନେଇଥିଲେ। ☞ପୃଷ୍ଠା-୫

## ପୋଷଣ ଅଭାବ ଦୂରକରିବ ଟୂନାମାଛ



**ୱାଶିଂଟନ୍,୩।୧୨**

ଉତ୍ତମ ଓ ସୁସ୍ଥ ଶରୀର ପାଇଁ ପୋଷଣର ଆବଶ୍ୟକତା ରହିଛି। ବଜାରରେ ଉପଲବ୍ଧ ଅପମିଶ୍ରିତ ଖାଦ୍ୟ ଓ ଜଙ୍କ୍‌ଫୁଡ୍ ଖାଇବା ଦ୍ୱାରା ନବଜାତ ଶିଶୁଠୁ ଆରମ୍ଭ କରି ବୟସ୍କଙ୍କଠାରେ ନ୍ୟୁଟ୍ରିଶନ୍ ବା ପୋଷଣର ଅଭାବ ଦେଖାଯାଉଛି। ଫଳରେ ଲୋକେ ବିଭିନ୍ନ ପ୍ରକାର ପୋଷଣ ଅଭାବଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ଟୂନାମାଛ ମଣିଷ ଶରୀରର ପୋଷଣ ଅଭାବକୁ ଦୂରକରିବ ବୋଲି ନ୍ୟୁୟର୍କର ନେଚର ଫୁଡ୍ ମାଗାଜିନ୍‌ରେ ଏକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ୫ ବର୍ଷରୁ କମ୍ ବୟସର ଶିଶୁ ପୋଷଣ ଅଭାବଦ୍ୱାରା ବିଭିନ୍ନ ☞ପୃଷ୍ଠା-୫


## ଏଲୋପାଥି ଦ୍ୱାରା ବ୍ୟାପ୍ତ କରାଯାଉଥିବା ମିଛ

**ଆପଣ ଫାର୍ମା ଓ ମେଡିକାଲ ଇଣ୍ଡଷ୍ଟ୍ରୀ ଦ୍ୱାରା ପ୍ରଚାରିତ ମିଛରୁ ନିଜକୁ ତଥା ଦେଶକୁ ରକ୍ଷା କରନ୍ତୁ । ଆସନ୍ତୁ ରୋଗମୁକ୍ତ ଭାରତ ଗଢ଼ିବା ।**



PATANJALI® wellness
Yoga, Ayurveda & Naturopathy

ରୋଗକୁ କଣ୍ଟ୍ରୋଲ କରିବା ନାଁରେ ବର୍ଷ ବର୍ଷ ଧରି ଲୋକମାନେ ବି.ପି., ସୁଗାର, ଥାଇରଏଡ୍, ଆଜ୍‌ମା, କୋଲେଷ୍ଟରଲ୍ ଆଦିର ଔଷଧ ଖାଉଛନ୍ତି କିନ୍ତୁ ଏହିସବୁ ଔଷଧଗୁଡ଼ିକର କୁପ୍ରଭାବ ଓ ଦୀର୍ଘକାଳୀନ ରୋଗଗୁଡ଼ିକ କାରଣରୁ ସେମାନଙ୍କ ଜୀବନ ନର୍କରେ ପରିଣତ ହୋଇଯାଇଛି । ଚରକ, ଶୁଶ୍ରୁତ, ଧନ୍ୱନ୍ତରୀ ଓ ପତଞ୍ଜଳିଙ୍କ ଭଳି ମହାଋଷିଙ୍କଠାରୁ ପ୍ରାପ୍ତ ଜ୍ଞାନ ଉପରେ ବୈଜ୍ଞାନିକ ଗବେଷଣା କରି ଆମେ କୋଟି କୋଟି ଲୋକଙ୍କ ରୋଗକୁ ମୂଳରୁ ଦୂର କରି ସେମାନଙ୍କୁ ସବୁ ରୋଗରୁ ସମ୍ପୂର୍ଣ୍ଣ ମୁକ୍ତ କରିଛୁ ।

**ବି.ପି.**

ବର୍ଷ ବର୍ଷ ଧରି ବି.ପି. ପାଇଁ ଏଲୋପାଥି ଔଷଧ ଖାଇବା ସତ୍ତ୍ୱେ ଲୋକେ ହାର୍ଟ, ବ୍ରେନ୍ ଷ୍ଟ୍ରୋକ୍ ଓ କିଡ୍‌ନୀ ଫେଲ୍ୟୁର୍, ଚିଡ଼ିଚିଡ଼ାପଣ, ଅନିଦ୍ରା ଆଦିରେ ପୀଡ଼ିତ ହେଉଛନ୍ତି ।

ହେଲେ, ନିୟମିତ ପ୍ରାଣାୟାମ ଓ ଯୋଗାଭ୍ୟାସ କରିବା, ଶିରୋଧାରା, ଲାଉ ଜୁସ୍, ବିପିଗ୍ରୀଟ୍ ଓ ମୁକ୍ତାବଟୀର ସେବନ କରି କୋଟି କୋଟି ଲୋକଙ୍କ ବି.ପି. ଓ ବି.ପି. ସହିତ ଜଡ଼ିତ ଜଟିଳତାର ସମସ୍ୟା ସମ୍ପୂର୍ଣ୍ଣ ଠିକ୍ ହୋଇଯାଇଛି ।

**ସୁଗାର୍**

ବର୍ଷ ବର୍ଷ ଧରି ସୁଗାର୍ ପାଇଁ ବିଦେଶୀ ଔଷଧ ଖାଇବା ସତ୍ତ୍ୱେ ଲୋକମାନଙ୍କର ଦୃଷ୍ଟିଶକ୍ତି ଦୁର୍ବଳ ହେଉଛି, କ୍ରିଏଟିନିନ୍ ବଢୁଛି, ଶିରା-ପ୍ରଶିରାର ଦୁର୍ବଳତା (ନ୍ୟୁରୋପାଥି) ବୃଦ୍ଧି ପାଉଛି ତଥା ଶରୀର ଦୁର୍ବଳ ଇମ୍ୟୁନିଟିର ଶିକାର ହେଉଛି ।

ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ, ମଧୁଗ୍ରୀଟ୍ ବସ୍ତି, ମଧୁନାଶିନି, ମଧୁଗ୍ରୀଟ୍, କାକୁଡ଼ି, କଲରା, ବିଲାତି ବାଇଗଣ ଓ ଅଁଳା, ଏଲୋଭେରା, ଗିଲୟ ଜୁସ୍, ସନ୍ତୁଳିତ ଆହାର ଦ୍ୱାରା ଆମେ ସୁଗାର୍ ଓ ସୁଗାର୍‌ର ଜଟିଳତାରୁ ଲୋକମାନଙ୍କୁ ରକ୍ଷା କରିଛୁ ଏବଂ ବିଶ୍ୱରେ ପ୍ରଥମ ଥର ପାଇଁ ଟାଇପ୍ ୱାନ୍ ଡାଇବେଟିସ୍ ରୋଗୀଙ୍କୁ ନନ୍ ଡାଇବେଟିକ୍ କରିଛୁ ।

**ଥାଇରଏଡ୍**

ଏହାର ଔଷଧ ଖାଇ ଖାଇ ରୋଗୀ ଓଭରୱେଟ୍ ଓ ଅଣ୍ଡରୱେଟ୍ ହେଉଛନ୍ତି ତଥା ମୁଣ୍ଡବୁଲା ଓ ଡିପ୍ରେଶନ ଆଦିର ଶିକାର ହେଉଛନ୍ତି ।

ଆମେ କପାଳଭାତି, ଉଜ୍ଜାୟି ଆଦି ଯୋଗାଭ୍ୟାସ, ଧନିଆ ପାଣି ସହିତ ଥାଇରୋଗ୍ରୀଟ୍ ଖୁଆଇ ଲୋକଙ୍କୁ ଥାଇରଏଡ୍ ଓ ତାହାର ଜଟିଳତାଗୁଡ଼ିକରୁ ମୁକ୍ତ କରିଛୁ ।

**ନେତ୍ର ଓ କର୍ଣ୍ଣ ରୋଗ**

ଏଲୋପାଥିରେ ଦୃଷ୍ଟି ଦୁର୍ବଳତା, ଗ୍ଲୁକୋମା, ଅନ୍ଧାରକଣା ଆଦିର ଚିକିତ୍ସା ହିଁ ନାହିଁ ତଥା ଶ୍ରବଣ ରୋଗ ଓ ଟିନିଟସ୍ ପାଇଁ ତ କୌଣସି ଔଷଧ ମଧ୍ୟ ନାହିଁ ।

ଯୋଗାଭ୍ୟାସ ସହିତ ଆଖି ପାଇଁ ଆଇଗ୍ରୀଟ୍, ଅକ୍ଷି ତର୍ପଣ ତଥା କାନ ପାଇଁ ଇୟରଗ୍ରୀଟ୍, କର୍ଣ୍ଣପୂରଣ ପ୍ରୟୋଗ କରି ଆମେ ଲୋକମାନଙ୍କୁ ନେତ୍ର ଓ କର୍ଣ୍ଣ ରୋଗରୁ ମୁକ୍ତି ଦେଇଛୁ ।

**ଲିଭର୍**

ଫ୍ୟାଟି ଲିଭର୍, ଲିଭର୍ ସିରୋସିସ୍ ଓ ହେପାଟାଇଟିସ୍ (A, B, C, D) ପାଇଁ କୌଣସି ସ୍ଥାୟୀ ଏଲୋପାଥି ଚିକିତ୍ସା ନାହିଁ ।

ଆମେ ନିୟମିତ ଯୋଗାଭ୍ୟାସ କରି ସର୍ବକଳ୍ପ କ୍ୱାଥ, ପୁନର୍ନଭା ଆଦିର ରସ ଏବଂ ଲିଭୋଗ୍ରୀଟ୍ ଓ ଲିଭାମୃତ ତଥା ବସ୍ତି କରାଇ ରୋଗୀଙ୍କୁ ଫ୍ୟାଟି ଲିଭର୍, ଲିଭର୍ ସିରୋସିସ୍, ହେପାଟାଇଟିସ୍‌ରୁ ମୁକ୍ତି ଦେଇଛୁ ଏବଂ ପାଚନତନ୍ତ୍ରକୁ ସମ୍ପୂର୍ଣ୍ଣ ସୁସ୍ଥ କରିଛୁ ।

**ଚର୍ମ ରୋଗ**

ଡର୍ମାଟୋଲୋଜିଷ୍ଟଙ୍କ ପାଖରେ ଲ୍ୟୁକୋଡର୍ମା, ଏକ୍‌ଜିମା, ସୋରିଆସିସ୍ ଭଳି ଚର୍ମ ରୋଗର କୌଣସି ସ୍ଥାୟୀ ସମାଧାନ ନାହିଁ, ଅନ୍ୟପକ୍ଷରେ ଷ୍ଟେରଏଡ୍ ଓ ନାନା ପ୍ରକାର କେମିକାଲ୍‌ର ପ୍ରୟୋଗ କାରଣରୁ ଅନେକ କ୍ଷତି ସହିବାକୁ ପଡ଼ିଥାଏ ।

ଯୋଗ, ଆୟୁର୍ବେଦ, ନାଚୁରୋପାଥି, ପଞ୍ଚକର୍ମ, ଷଟ୍‌କର୍ମ, ଗୋଧନ ଅର୍କ + ନିମ ଘନବଟି ଓ ପଞ୍ଚ ମହାଭୂତ ଚିକିତ୍ସା ଦ୍ୱାରା ଶରୀରର ଶୁଦ୍ଧୀକରଣ କରି ତଥା କାୟାକଳ୍ପ ବଟି, ଡର୍ମାଗ୍ରୀଟ୍, ସୋରୋଗ୍ରୀଟ୍‌ର ପ୍ରୟୋଗ ଦ୍ୱାରା ଆମେ ଲୋକମାନଙ୍କୁ ଚର୍ମରୋଗରୁ ସ୍ଥାୟୀ ରୂପେ ମୁକ୍ତି ଦେଇଛୁ ।

**ଆର୍ଥ୍ରାଇଟିସ୍**

ଏଲୋପାଥିରେ ଆର୍ଥ୍ରାଇଟିସ୍ ପାଇଁ ପେନ୍ କିଲର୍, ଷ୍ଟେରଏଡ୍ ଏବଂ ବାୟୋଲଜିକାଲ୍ ଡ୍ରଗ୍‌ସ ଦିଆଯାଇ ଲୋକଙ୍କ ଜୀବନକୁ ନର୍କ ସମାନ କରିଦିଆଯାଉଛି । ଏହାଦ୍ୱାରା ହାଡ଼ ଓ ପାଚନତନ୍ତ୍ର ଦୁର୍ବଳ ହେଉଛି ଏବଂ ଡାଇବେଟିସ୍ ଭଳି ରୋଗ ଦେଖାଦେଉଛି ।

ଇଣ୍ଟିଗ୍ରେଟେଡ୍ ଯୋଗ ପ୍ରାକ୍ଟିସ୍, ପୀଡ଼ାନିଲ ପେୟ ସହିତ ପୀଡ଼ାନିଲ ଗୋଲ୍ଡ, ଅର୍ଥୋଗ୍ରୀଟ୍, ଅର୍ଥୋକେୟାର୍ ଏବଂ ବାତମୋକ୍ଷଣ, ରକ୍ତମୋକ୍ଷଣ, ଆକ୍ୟୁପ୍ରେଶର୍, ଆକ୍ୟୁପଙ୍କଚର୍, ଲିଚ୍ ଥେରାପି, କାଇରୋପ୍ରାକ୍ଟିକ୍, ଔଷଧୀୟ ଲେପ ଲଗାଇବା, ବୈତରଣା ବସ୍ତିରୁ ଆର୍ଥ୍ରାଇଟିସ୍ ତଥା ଆର୍ଥ୍ରାଇଟିସ୍‌ର ଜଟିଳତାଗୁଡ଼ିକ ପାଇଁ ନ୍ୟୁଟ୍ରେଲା ନ୍ୟୁଟ୍ରିଶନ୍ ଆଦି ଦ୍ୱାରା ଆମେ ଆର୍ଥ୍ରାଇଟିସ୍ (ଗଣ୍ଠିବାତ), ସର୍ଭାଇକଲ୍, ଏଙ୍କିଲୋଜିଙ୍ଗ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ତ ରୋଗରୁ ଲୋକଙ୍କୁ ମୁକ୍ତ କରିଛୁ ।

**ଆଜ୍‌ମା**

ଇନ୍‌ହେଲର୍ ଏବଂ ଷ୍ଟେରଏଡ୍ ଦ୍ୱାରା ଲୋକଙ୍କୁ ସାମୟିକ ଉପଶମ ମିଳିଥାଏ ଏବଂ ଆଜ୍‌ମା କିଛି ସମୟ ପାଇଁ ଦବିଯାଇଥାଏ । କିନ୍ତୁ ଲୋକଙ୍କ ଫୁସ୍‌ଫୁସ୍ ଆଜୀବନ ଖରାପ ହୋଇଯାଏ ଏବଂ ଏହାକୁ ଠିକ୍ କରିବା ପାଇଁ ଏଲୋପାଥିରେ କୌଣସି ଔଷଧ ନାହିଁ ।

ଭସ୍ତ୍ରିକା, କପାଳଭାତି, ଅନୁଲୋମ ବିଲୋମ, ପ୍ରାଣାୟାମ ଏବଂ ଭୁଜଙ୍ଗାସନ ଆଦି ଯୋଗ, ଲଙ୍ଗବସ୍ତି, ଶ୍ୱସାରୀ ପ୍ରବାହୀ ବଟୀ, ଶ୍ୱସାରୀ ଗୋଲ୍ଡ ଏବଂ କରକ୍ୟୁମିନ୍ ଗୋଲ୍ଡ ଆଦି ଦ୍ୱାରା ଆମେ ଆଜ୍‌ମା ଓ ଲଙ୍ଗ୍ ଫାଇବ୍ରୋସିସ୍ ଆଦିକୁ ମୂଳରୁ ଦୂର କରିଛୁ ଏବଂ ଖରାପ ହୋଇଥିବା ଫୁସ୍‌ଫୁସ୍‌କୁ ଭଲ କରିଛୁ ।

**ଦୁଃସାଧ୍ୟ ରୋଗ**

ହାର୍ଟ ବ୍ଲକେଜ୍, SLE, MS, ANA, AVN, HLAB27 ଆଦି ଅଟୋ ଇମ୍ୟୁନ୍ ରୋଗ, ଇନ୍‌ଫର୍ଟିଲିଟି, ୟୁଟିଆଇ ଏବଂ ଷ୍ଟ୍ରେସ୍ ଆଦି ଏହି ଧରଣ ରୋଗର ଏଲୋପାଥିରେ କୌଣସି ସ୍ଥାୟୀ ଏବଂ ପ୍ରାମାଣିକ ଚିକିତ୍ସା ନାହିଁ।

**ଏହିସବୁ ଦୁଃସାଧ୍ୟ ଏବଂ ପ୍ରାଣଘାତୀ ରୋଗରେ ପୀଡ଼ିତ ହଜାର ହଜାର ରୋଗୀଙ୍କୁ ଆମେ ଭଲ କରିଛୁ । ଏହାର ବୈଜ୍ଞାନିକ ପ୍ରମାଣ ଆମ ନିକଟରେ ଅଛି । କେହି ବି ଆମର ୱେବ୍‌ସାଇଟ୍ www.patanjaliwellness.com ପରିଦର୍ଶନ କରି ଦେଖିପାରିବେ ।**

**ପତଞ୍ଜଳି ଚିକିତ୍ସାଳୟ, ମେଗା ଷ୍ଟୋର୍**

ନିଜ ଜିଲ୍ଲାରେ ନିଃଶୁଳ୍କ ବୈଦ୍ୟକୀୟ ଚିକିତ୍ସା ପରାମର୍ଶ ତଥା ପତଞ୍ଜଳିର ସମସ୍ତ ଔଷଧି ଓ ହଜାରରୁ ଅଧିକ ଉତ୍ପାଦ କିଣିବା ପାଇଁ ଥରେ ନିଶ୍ଚୟ ପରିଦର୍ଶନ କରନ୍ତୁ । ଆମର ସମସ୍ତ ଔଷଧ ପତଞ୍ଜଳି ଷ୍ଟୋର୍ସ ସହିତ ପ୍ରମୁଖ ମେଡିକାଲ, ଆୟୁର୍ବେଦିକ ଏବଂ ପ୍ରମୁଖ ଷ୍ଟୋରଗୁଡ଼ିକରେ ଉପଲବ୍ଧ ।

PATANJALI® wellness
Yoga, Ayurveda & Naturopathy

**ସମସ୍ତ ଦୁଃସାଧ୍ୟ ରୋଗରୁ ସ୍ଥାୟୀ ମୁକ୍ତି ପାଇବା ପାଇଁ ପତଞ୍ଜଳି ୱେଲନେସ୍, ଯୋଗଗ୍ରାମ ଓ ନିରାମୟମ୍‌ରେ ଅତି କମ୍‌ରେ 1 ସପ୍ତାହର ଆବାସିକ ଚିକିତ୍ସା ଲାଗି ଯୋଗାଯୋଗ କରନ୍ତୁ**

**8954666111, 8954666222, 8954666333**

booking@patanjaliwellness.com
www.patanjaliwellness.com
Scan For Booking:-

आस्था LIVE
ଦୈନିକ ପ୍ରାତଃ 5.00ରୁ 7.30 ଘଟିକା ଓ ରାତି 8.00ରୁ 9.30 ଘଟିକା

INDIA TV LIVE
ଦୈନିକ ପ୍ରାତଃ 7.56 ଘଟିକା

ବିଶ୍ୱର ସବୁଠାରୁ ବଡ଼ ଯୋଗ ଗୁରୁଙ୍କ ସହିତ ଇଣ୍ଟିଗ୍ରେଟେଡ୍ ଯୋଗ ପ୍ରାକ୍ଟିସ୍ ଏବଂ ଇଣ୍ଟିଗ୍ରେଟେଡ୍ ସହସ୍ର ପ୍ରକାର ଥେରାପି ଦ୍ୱାରା ରୋଗର ଉପଚାର ବିଷୟରେ ଲାଇଭ୍ ଦେଖନ୍ତୁ ଓ ଶିଖନ୍ତୁ

ଉପରବର୍ଣ୍ଣିତ ଔଷଧର ଉପଯୋଗ ପ୍ରସ୍ତାବ ମାତ୍ର ଅଟେ । ଉପଯୁକ୍ତ ରୋଗଗୁଡ଼ିକର ପ୍ରବନ୍ଧନ ପାଇଁ ଉପଚାରରେ ମୁଖ୍ୟତଃ ଏହାକୁ ପ୍ରୟୋଗ କରାଯାଇଥାଏ । ନିଜ ଇଚ୍ଛାରେ ଔଷଧ ସେବନ କରନ୍ତୁ ନାହିଁ । ଔଷଧର ବ୍ୟବହାର ସର୍ବଦା ଚିକିତ୍ସକୀୟ ନିରୀକ୍ଷଣ ଅଧୀନରେ କରନ୍ତୁ ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମେକ୍ଇନ୍ ଓଡ଼ିଶା କନ୍କ୍ଲେଭ୍, ଜନତା ମଇଦାନ, ପୂର୍ବାହ୍ନ ୧୦ଟା।
- ଚିଲିକା ଆଞ୍ଚଳିକ ବିକାଶ ପରିଷଦର ୧୦ମ ବାର୍ଷିକ ସାଧାରଣ ଅଧିବେଶନ, ଖାରବେଳ ନଗର, ୟୁନିଟ୍-୯, ପୂର୍ବାହ୍ନ ୧୦ଟା।
- 'କନ୍ୟା ଅନମୋଲ ହୈ' ସଂସ୍ଥା ପକ୍ଷରୁ 'ଚରଣସ୍ପର୍ଶ' କାର୍ଯ୍ୟକ୍ରମ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଜୟଦେବ ବିହାର, ପୂର୍ବାହ୍ନ ୧୦ଟା ୩୦।
- ସ୍ୱତନ୍ତ୍ର ହସ୍ତତନ୍ତ୍ର ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର ଓ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ପକ୍ଷରୁ ସ୍କୁଲ ପିଲାଙ୍କ ପାଇଁ ଚିତ୍ରାଙ୍କନ ଓ ପୋଷ୍ଟର ପ୍ରତିଯୋଗିତା-୨୦୨୨, ଇନ୍ଦିରା ଗାନ୍ଧୀ ପାର୍କ, ପରାହ୍ନ ୧ଟା ୩୦।
- ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକ, ଦୁର୍ଗାପୂଜା ମଣ୍ଡପ, ବୀର ସୁରେନ୍ଦ୍ର ସାଏ ନଗର, ଅପରାହ୍ନ ୪ଟା।
- ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନର ବାର୍ଷିକ ଉତ୍ସବରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଜାତୀୟ ଆଲୋଚନା ଚକ୍ର ଓ ସୂର୍ଯ୍ୟକ୍ଷେତ୍ର ସମ୍ମାନ ପ୍ରଦାନ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଅଭିରୁଚି ଶିଶୁ ପ୍ରତିଭା ସମ୍ମାନ-୨୦୨୨, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।
- ବ୍ରହ୍ମାକୁମାରୀ ଓମ୍ ନିବାସ ପକ୍ଷରୁ 'ଦିବ୍ୟ ମହାକୁମ୍ଭ' ମେଳାର ସମ୍ମିଳନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।

**କୋଣାର୍କ**

- କୋଣାର୍କ ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ୧୬ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ସଂକୀର୍ତ୍ତନ ପରିବେଷଣ, ବେଣୁପୁର ରାମଲୀଳା ପଡ଼ିଆ ନିକଟସ୍ଥ ହନୁମାନଙ୍କ ପୀଠ, ଅପରାହ୍ନ ୫ଟା।

**କଟକ**

- ଦେବାଳୟ ବିମୋଚନ ଟ୍ରଷ୍ଟ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ଉତ୍ସବ, ଶତାବ୍ଦୀ ଭବନ, ଚୌଧୁରୀବଜାର, ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଓ ୨୪ ବେଶ ପ୍ରଦର୍ଶନୀର ଚତୁର୍ଥ ସନ୍ଧ୍ୟା, ପୋତାପୋଖରୀସ୍ଥିତ ନେତାଜୀ ଖେଳପଡ଼ିଆ, ନୂଆବଜାର, ସନ୍ଧ୍ୟା ୬ଟା।
- ଦୟାନିଧି ସ୍ମୃତି କଳା ପରିଷଦ ପକ୍ଷରୁ ପ୍ରାମାଣିକ ଚଳଚ୍ଚିତ୍ର ଉନ୍ମୋଚନ, କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।

# ବିଳମ୍ବରେ ତଥ୍ୟ, ତାଲିକା ପଠାଇଲା ପୋଲିସ

**ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗ ମାମଲା**

ଭୁବନେଶ୍ୱର, ୩।୧୨ (ବ୍ୟୁରୋ)

ବହୁ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ହନିଟ୍ରାପ୍, ଠକେଇ ଓ ବେଆଇନ ଅର୍ଥ କାରବାର ମାମଲାରେ କମିଶନରେଟ ପୋଲିସ ସହଯୋଗ କରୁ ନ ଥିବା ଚର୍ଚ୍ଚା ଚାଲିଛି। ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ କଳା ସାମ୍ରାଜ୍ୟର ଗୁମର ଖୋଲିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତା'ର ତଦନ୍ତ ଓ ଜେରାକୁ ତ୍ୱରାନ୍ୱିତ କରିଥିବାବେଳେ ମିଳୁଥିବା ତଥ୍ୟ ଆଧାରରେ ସେମାନଙ୍କ କଳାକାରନାମାର ଅଧିକ ଗୁମର ଖୋଲିବାକୁ ଉଦ୍ୟମ ଚଳାଇଛି। ତେବେ ଏହି ମାମଲାରେ କମିଶନରେଟ ପୋଲିସ କ'ଣ ସବୁ ଜବତ କରିଛି ତାହାର ତାଲିକା ଦେବାକୁ ଇଡି ଚିଠି କରିଥିଲା। ହେଲେ ସମୟ ଗଡ଼ାଇବା ପରେ ବହୁ ବିଳମ୍ବରେ ଜବତ ତାଲିକା ପଠାଇଛି ପୋଲିସ। ପୋଲିସ କେଉଁ ସ୍ଥାନରେ ଚଢ଼ାଉ କରି କ'ଣ ସବୁ ଜବତ କରିଥିଲା, ଏ ସଂକ୍ରାନ୍ତୀୟ ତଥ୍ୟ ଖଣ୍ଡଗିରି ଓ ନୟାପଲ୍ଲୀ ଥାନା ପୋଲିସ ପ୍ରସ୍ତୁତ କଲାପରେ ଶନିବାର ଇଡିକୁ ଇ-ମେଲ ଯୋଗେ ପଠାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ମାମଲାରେ ପୋଲିସ ବିଳମ୍ବ କରିବା ଓ ଇଡି କୋର୍ଟଙ୍କ ଦ୍ୱାରସ୍ଥ ହେଉଥିବା ସୂଚନା ପାଇବା ପରେ ତରବରିଆ ଭାବେ ରାତି ଅଧିଆ ତଥ୍ୟ ତାଲିକା ଦେବା ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଇଡି ଜବତ ସାମଗ୍ରୀ କେବେ ପାଉଛି ଓ ସେଥିରୁ କ'ଣ ନୂଆ ଗୁମର ଖୋଲିବାକୁ ଆଶା ରଖିଛି ତାହାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି।



ଏହି ଘଟଣାରେ ଆରମ୍ଭରୁ ସନ୍ଦେହ ଘେରରେ ରହିଆସିଛି କମିଶନରେଟ ପୋଲିସ। ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ କଳା ସାମ୍ରାଜ୍ୟରେ ବହୁ ପ୍ରଭାବଶାଳୀ ତଥା କ୍ଷମତା ଶାଳୀ ନେତା, ମନ୍ତ୍ରୀ, ଅଧିକାରୀ ଓ ବ୍ୟବସାୟୀ ସମ୍ପୃକ୍ତ ଥିବାରୁ ପୋଲିସ ଘଟଣାକୁ ଚପାଇ ଦେଇଥିଲା। ଅର୍ଚ୍ଚନାଙ୍କୁ ଗିରଫ କରି ଜେଲ ପଠାଇବା ପରେ ବି ଖୋଦ୍ ପୋଲିସ କମିଶନରଙ୍କଠାରୁ ଆରମ୍ଭ କରି ଡିସିପି, ଥାନାଧିକାରୀ କେହି ମୁହଁ ଖୋଲି ନ ଥିଲେ। ଗଣମାଧ୍ୟମ ବାରମ୍ବାର ତଥ୍ୟ ଓ ଚିତ୍ର ସହ ଖବର ପ୍ରକାଶ କରିବା ପରେ ପ୍ରକୃତ ଘଟଣା ପଦାକୁ ଆସିଥିଲା। ଏହାପରେ କମିଶନରେଟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିବାରୁ ଶେଷରେ ଡିସିପି ସତକଥା ମାନିବା ସହ ଅର୍ଚ୍ଚନାଙ୍କ ସମ୍ପର୍କରେ କିଛି ତଥ୍ୟ ରଖିଥିଲେ, ଯାହା ପୂର୍ବରୁ ଗଣମାଧ୍ୟମରେ ପ୍ରକାଶିତ ହୋଇଯାଇଥିଲା। ଏପରିକି ଗଣମାଧ୍ୟମ ପଦାକୁ ଆଣିଥିବା ବହୁ ତଥ୍ୟକୁ ବିଭିନ୍ନ ସମୟରେ ଏଡାଇଥିଲେ ପୋଲିସ ଅଧିକାରୀ। ତେବେ ଦୋଷଛଡ଼ା ହେବାକୁ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ହେଁ ଜାଣିଶୁଣି ବିଳମ୍ବିତ କରୁଥିବା ଅଭିଯୋଗ ଉଠିଥିଲା। ଏପରିକି ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ତ ଦୂରର କଥା ମାମଲାକୁ ଆଗକୁ ନ ବଢ଼ାଇ ହାତ ବାନ୍ଧି ବସିଥିଲା। ଫଳରେ ଏହି ସମୟ ଭିତରେ ଅଭିଯୁକ୍ତମାନେ ସେମାନଙ୍କ କଳାକାରନାମାର ବହୁ ଗୁମର ତଥ୍ୟ ଓ ପ୍ରମାଣ ନଷ୍ଟ କରିଦେଇଥିଲେ। ଅନ୍ୟପକ୍ଷରେ ଏମାନଙ୍କ ସାମ୍ରାଜ୍ୟରେ ସମ୍ପୃକ୍ତ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଥିବା ଓ କୋଟି କୋଟି ଟଙ୍କାର ବେଆଇନ କାରବାର ହୋଇଥିବାରୁ ପୋଲିସ ତଦନ୍ତକୁ ବାଟବଣା କରୁଥିବା କଥା ବି ଉଠିଥିଲା। ତେବେ ଏହା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜାଣିବା ପରେ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଇଡି ତଦନ୍ତରେ ଏବେ କମିଶନରେଟ ପୋଲିସ ସହଯୋଗ କରୁ ନ ଥିବାରୁ ଆହୁରି ସନ୍ଦେହ ବଢ଼ିଛି।

## ଦ୍ୱିତୀୟଥର ହୋଟେଲ ବ୍ୟବସାୟୀଙ୍କୁ ଜେରା

### ହାଜର ହେଲେ କାର୍ ଶୋ'ରୁମ୍ କର୍ମଚାରୀ ସନ୍ତୋଷ

ଏପଟେ ଶନିବାର ଦ୍ୱିତୀୟଥର ପାଇଁ ଇଡିରେ ହାଜର ହୋଇଥିଲେ ହୋଟେଲ ବ୍ୟବସାୟୀ ଶିବ ପ୍ରସାଦ ଦାସ। ପ୍ରଥମଥର ୧୪ ଘଣ୍ଟା ଧରି ଶିବଙ୍କୁ ଇଡି ଜେରା କରି ଛାଡିଥିଲା। ତେବେ ଦ୍ୱିତୀୟ ଜେରାକୁ ନେଇ ଚର୍ଚ୍ଚା ଚାଲିଛି। ଅର୍ଚ୍ଚନାଙ୍କ ସହ ଆର୍ଥିକ କାରବାର ନେଇ ପଚରାଉଚରା ସହ ଏ ସଂକ୍ରାନ୍ତ କାଗଜପତ୍ର ମାଗିଛି ଇଡି। ଶିବ କହିଛନ୍ତି, ସେ ତଦନ୍ତରେ ସମସ୍ତ ପ୍ରକାର ସହଯୋଗ କରୁଛନ୍ତି। ଇଡି ଯେତେଥର ଡାକିବ ସେତେଥର ହାଜର ହେବି। ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଜାଣିଛନ୍ତି, ହେଲେ ଖଗେଶ୍ୱର ଓ ଶ୍ରଦ୍ଧାଞ୍ଜଳିଙ୍କୁ ଜାଣି ନାହାନ୍ତି ବୋଲି ସେ କହିଛନ୍ତି। ଏଥିସହ ଅର୍ଚ୍ଚନାଙ୍କ ଗାଡି କିଣାବିକାକୁ ନେଇ ମଧ୍ୟ ତନାଘନା ଚଳାଇଛି ଇଡି। ପୂର୍ବରୁ ଇଡି ଜେରାର ସମ୍ମୁଖୀନ ହୋଇଥିବା ବିଜେଡି ବିଧାୟକଙ୍କ ଭାଇ ଗଙ୍ଗାଧର ସାମଲଙ୍କ କାର ଶୋ'ରୁମର ଆର୍ଥିକ କାରବାର ବୁଝୁଥିବା ସନ୍ତୋଷ କୁମାର ନାୟକ ଶନିବାର ଇଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅର୍ଚ୍ଚନାଙ୍କ ସହ କାରବାର ହୋଇଥିବା ୩୫.୧୧ ଲକ୍ଷ ଟଙ୍କା ସମ୍ପର୍କରେ ଜେରା କରିଥିଲେ। ସେପଟେ ପ୍ରଥମଥର ଇଡିରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଥିବା ଶ୍ରଦ୍ଧାଞ୍ଜଳିଙ୍କର ଆଉ ଦେଖା ନାହିଁ। ୨ଥର ସମନ ପରେ ବି ସେ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଘଟଣାର ଆହୁରି ରହସ୍ୟାବୃତ୍ତ ହୋଇପଡୁଛି।



ସିଂହଦ୍ୱାର ସମ୍ମୁଖରେ କେନ୍ଦ୍ର ସ୍ୱାସ୍ଥ୍ୟ(ରାଷ୍ଟ୍ର)ମନ୍ତ୍ରୀ ଭାରତୀ ପ୍ରବୀଣ ପାୱାର ଓ ଅନ୍ୟମାନେ।

## ମହାପ୍ରଭୁଙ୍କୁ ଦର୍ଶନକଲେ କେନ୍ଦ୍ରମନ୍ତ୍ରୀ

ପୁରୀ ଅଫିସ, ୩।୧୨

କେନ୍ଦ୍ର ସ୍ୱାସ୍ଥ୍ୟ(ରାଷ୍ଟ୍ର)ମନ୍ତ୍ରୀ ଭାରତୀ ପ୍ରବୀଣ ପାୱାର ଶନିବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପରିସରରେ ରତ୍ନସିଂହାସନାରୁଢ଼ା ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିଛନ୍ତି। ମନ୍ତ୍ରୀ ପାୱାର ସପରିବାର ଆସି ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ କର୍ମୀଙ୍କ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ପରେ ମନ୍ତ୍ରୀ ଶ୍ରୀମନ୍ଦିର ବାଇଶ ପାହାଚ ଦେଇ ସେ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ଶ୍ରୀମନ୍ଦିରରେ କିଛି ସମୟ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ମନ୍ତ୍ରୀଙ୍କ ଶ୍ରୀମନ୍ଦିର ପ୍ରବେଶ ସମୟରେ ତାଙ୍କ ସାଥୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହଧର୍ମିଣୀ ମୃଦୁଲା ପ୍ରଧାନ ମଧ୍ୟ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଗୁଡି



@ କାର୍ତ୍ତିଶ୍ରୀ



@ ସବିତା



@ ଚିତ୍ତରଞ୍ଜନ




@ ପ୍ରିୟାଲି ପ୍ରିୟଦର୍ଶିନୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

**କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟା**

# ମୋହିନୀଆଟମ୍ ନୃତ୍ୟରେ ମନ୍ତ୍ରମୁଗ୍ଧ ପର୍ଯ୍ୟଟକ

କୋଣାର୍କ,୩।୧୨(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟ ମନ୍ଦିରର ପାଦଦେଶରେ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ୩୩ତମ କୋଣାର୍କ ଉତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ତୃତୀୟ ସନ୍ଧ୍ୟାର ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଯଶୱନ୍ତ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ସତ୍ୟବ୍ରତ ସାହୁ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ସହ ମୋହିନୀଆଟମ ଶାସ୍ତ୍ରୀୟ ନୃତ୍ୟର ତାଳେ ତାଳେ ପର୍ଯ୍ୟଟକମାନଙ୍କୁ ବେଶ୍ ମୁଗ୍ଧ କରିଥିଲା। ପ୍ରଥମାର୍ଦ୍ଧରେ କୋଲକାତାର ମୟୂର ଲଳିତା ଡ୍ୟାନ୍ସ ଏକାଡେମୀର ବିଶିଷ୍ଟ ନୃତ୍ୟାଙ୍ଗନା ଦେବସ୍ମିତା ସେନଗୁପ୍ତା ଓ ସାଥୀ କଳାକାରମାନଙ୍କ ଦ୍ୱାରା ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶୀ ନୃତ୍ୟ ନୃତ୍ୟାଭିନୟ ନମୋଭାରତମ ପରିବେଷଣ କରାଯାଇଥିଲା। ଯାହାକୁ ଗୁରୁ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର ରଚନା କରିଥିବା ବେଳେ ସ୍ୱର ସଂଯୋଜନା କରିଥିଲେ ଗୁରୁ ବିଜୟ କୁମାର ବାରିକ। ପରେ କଳାକାରମାନଙ୍କ ଦ୍ୱାରା ଶୁଦ୍ଧ ନୃତ୍ୟ ପରିବେଷଣ କରାଯାଇଥିଲା। ଯାହା ମାଲ୍ଲୁନ୍ସ ପଲ୍ଲବୀ ଉପରେ ଆଧାରିତ। ଏହାର ରାଗ ମାଲ୍ଲୁନ୍ସ ଓ ଆଦି ତାଳ ଉପରେ ପର୍ଯ୍ୟବସିତ ଥିଲା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ସଚ୍ଚିଦାନନ୍ଦ ଦାସ। ଏହି ନୃତ୍ୟ ଗ୍ରୁପର ଅନ୍ତିମ ପ୍ରସ୍ତୁତିରେ ବେଙ୍ଗଲର ପ୍ରସିଦ୍ଧ ରାମାୟଣରୁ ଉଦ୍ଧୃତ ପ୍ରବନ୍ଧ ନୟନାର ପ୍ରଣାମ ପର୍ଯ୍ୟଟକ ମନରେ ଉତ୍ସାହ ପ୍ରଦାନ କରିଥିଲା। ଏହି ସନ୍ଧ୍ୟାର ଦ୍ୱିତୀୟ ଚରଣରେ ଦୃୟମ ସେଣ୍ଟର ଫର୍ ମୋହିନୀ ଆଟମ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଗୁରୁ କଳା ମଣ୍ଡଳମ ସୁଗନ୍ଧିଙ୍କ ସଂଯୋଜନାରେ ଚିତ୍ରାଙ୍ଗମ ପରିବେଷଣ କରାଯାଇଥିଲା। ପରେ ନୃତ୍ୟାଙ୍ଗନାମାନେ ପରମାନନ୍ଦ ନାଟମ ପରିବେଷଣ କରିଥିଲେ। ଯାହା ରାଗ କେଦାରମ ଓ ଆଦି ତାଳ ଉପରେ ଆଧାରିତ। ପରେ ପରେ କଳାକାରମାନଙ୍କ ଦ୍ୱାରା ଆଜ୍ ଆୟେ ଶ୍ୟାମ ମୋହନ ପରିବେଷଣ କରାଯାଇଥିଲା। ଯାହାର ରାଗ ମିଶ୍ର ପାହାଡ଼ୀ ଓ ତାଳ ରୂପକ ଉପରେ ପର୍ଯ୍ୟବସିତ ଥିଲା। ତୃତୀୟ ସନ୍ଧ୍ୟାର ଅନ୍ତିମ ଚରଣରେ କଳାକାରମାନଙ୍କ ଦ୍ୱାରା ଆଦି ଶଙ୍କରାଚାର୍ଯ୍ୟଙ୍କ ରଚିତ ଭଜଗୋବିନ୍ଦମରେ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ଡ.ମୃତ୍ୟୁଞ୍ଜୟ ରଥ ଓ ଡ.ନାଜିଆ ଆଲମ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ସଙ୍ଗୀତା ଗୋସାଇଁଙ୍କ ସମେତ ପର୍ଯ୍ୟଟନ ବିଭାଗର ପଦାଧିକାରୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପଦାଧିକାରୀମାନେ ପରିଚାଳନା କରିଥିଲେ।

ଏଥିସହ ଚନ୍ଦ୍ରଭାଗାଠାରେ ଚାଲିଥିବା ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ଶନିବାର ଥିଲା ତୃତୀୟ ଦିବସ। ଏହି ଅବସରରେ ପରିବେଶ ପର୍ଯ୍ୟଟନ, ମେଳା ଓ ମହୋତ୍ସବ ଉପରେ ବାଲୁକା ଶିଳ୍ପୀମାନେ ସୁନ୍ଦର ଚିତ୍ତାକର୍ଷକ ବାଲୁକା କଳା ପ୍ରଦର୍ଶନ କରିଥିଲେ। ଏହି କଳାକୃତିକୁ ଦେଖିବା ପାଇଁ ଚନ୍ଦ୍ରଭାଗା ବେଳାଭୂମି କୂଳରେ ପର୍ଯ୍ୟଟକ ଓ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।












ଚନ୍ଦ୍ରଭାଗା ବେଳାଭୂମିରେ ଚାଲିଥିବା ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବର ଶନିବାର ତୃତୀୟ ଦିନରେ ଶିଳ୍ପୀମାନେ ଓଡ଼ିଶାର ପର୍ଯ୍ୟଟନ, ମେଳା ଓ ମହୋତ୍ସବକୁ ନେଇ ତିଆରି କରିଥିବା ବାଲୁକାକଳା। ବାଲୁକାକଳା ମହୋତ୍ସବ ଦେଖିବା ପାଇଁ ଲୋକଙ୍କ ଗହଳି।

## ଭଗବତୀ ମନ୍ଦିର ପରିସରରୁ ମୋବାଇଲ ଚୋରି

**ଗମ୍ଭାରୀମୁଣ୍ଡା,(ଡି.ଏନ୍.ଏ.):** ବାଣପୁରସ୍ଥିତ ମା' ଭଗବତୀ ମନ୍ଦିର ପରିସରରୁ ଜଣେ ଶ୍ରଦ୍ଧାଳୁଙ୍କ ଏକ ମୋବାଇଲ ଫୋନ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ବାଣପୁର ପୋଲିସ ମନ୍ଦିର ସିସିଟିଭି ଯାଞ୍ଚ କରି ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗଞ୍ଜାମ ଜିଲା କୋଦଲା ଅଞ୍ଚଳର ହିମାଂଶୁ କୁମାର ରଥ ସ୍ତ୍ରୀଙ୍କ ସହ ଭଗବତୀଙ୍କ ମନ୍ଦିର ଦର୍ଶନ ପାଇଁ ଆସିଥିଲେ। ହାତଗୋଡ଼ ଧୋଇ ମା' ଙ୍କ ଦର୍ଶନ ପାଇଁ ଯିବାବେଳେ ହିମାଂଶୁଙ୍କ ସ୍ତ୍ରୀ ମୋବାଇଲକୁ ମନ୍ଦିର ବେଢ଼ାରେ ଛାଡି ଦେଇଥିଲେ। ପରବର୍ତ୍ତୀ ସମୟରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଏନେଇ ବାଣପୁର ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ବଢୁଛି ପକ୍ଷୀ ଶିକାର

**ଖୋର୍ଦ୍ଧା ଅଫିସ,୩।୧୨**

- ୧୨ ଦିନରେ ୨୯ ମୃତ ପକ୍ଷୀ ଜବତ
- ଫାଶ, ବିଷ ନେଉଛି ଜୀବନ
- ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

ଶୀତ ବଢ଼ିବା ସହିତ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହେବାରେ ଲାଗିଛି। ପ୍ରାକୃତିକ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ ଚିଲିକାକୁ ଆସୁଥିବା ବେଳେ ଚଳିତ ବର୍ଷ ୩ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ତେବେ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ବେଳେ ଶିକାରୀଙ୍କ ଫାଶରେ ପଡି ମୃତ୍ୟୁବରଣ କରୁଛନ୍ତି। ଗତ ୧୨ ଦିନରେ ୨୯ ମୃତ ପକ୍ଷୀ ଜବତ ହୋଇଛି। ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପକ୍ଷୀ ଶିକାର ବଢ଼ି ଚାଲିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପ୍ରକାଶ ଯେ, ଶନିବାର ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅନ୍ତର୍ଗତ ଦୁଚିଆନ ପକ୍ଷୀ ସୁରକ୍ଷା ସମିତି ଶିବିର କାଳିଜାଈ ମନ୍ଦିର ନିକଟରେ ଥିବା ଆଳିପଡା ନାଳ ନିକଟରୁ ବିଭାଗୀୟ କର୍ମଚାରୀ ୭ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ପୁରୀ ଜିଲା ଗଡ଼ିଶାଗୋଡା ଥାନା ଆଳିପଡ଼ା ଗ୍ରାମର ବିଜୟ କୁମାର ସାହୁ। ଏନେଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରିଗତ ୨୨ତାରିଖରେ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଭୂଷଣ୍ଡପୁରରୁ ଜଣେ ଶିକାରୀଙ୍କୁ ଗିରଫ କରିଥିବା ବେଳେ ତାଙ୍କ ଠାରୁ ୨ଟି ବିଦେଶୀ ମୃତ ପକ୍ଷୀ ଜବତ କରିଥିଲା। ୨୫ ତାରିଖରେ ପୁରୀ ଜିଲା ବ୍ରହ୍ମଗିରି ବନାଞ୍ଚଳ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ୨୦ଟି ମୃତ ପକ୍ଷୀଙ୍କୁ ବନ ବିଭାଗ ଜବତ କରିଥିଲା। ତେବେ ଶିକାରୀଙ୍କଠାରୁ ବାରମ୍ବାର ମୃତ ପକ୍ଷୀ ମିଳିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ଢାବା, ହୋଟଲ, ରେଷ୍ଟୁରାଣ୍ଟ ଏବଂ ଫୁଟପାଥ ଦୋକାନୀ, ତଟବର୍ତ୍ତୀ ଅଞ୍ଚଳରେ ଚଢ଼ାଉ ହେଉଥିବା ବେଳେ ଏପଟେ ଶତାଧିକ ବିଦେଶୀ ପକ୍ଷୀ ଶିକାରୀଙ୍କ ଫାଶ, ବିଷ ଜାଲରେ ପଡି ପ୍ରାଣ ହରାଉଛନ୍ତି। ସମନ୍ୱୟ ଅଭାବରୁ ଦୈନିକ ତଟବର୍ତ୍ତୀ ଅଞ୍ଚଳରେ ପକ୍ଷୀ ଶିକାର ବଢି ଚାଲିଛି ବୋଲି ପରିବେଶବିତ୍ କହିଛନ୍ତି। ଅସ୍ଥାୟୀ କ୍ୟାମ୍ପରେ କୌଣସି ଅଧିକାରୀ ରହୁ ନ ଥିବା ବେଳେ ନାଇଟ ୱାଚରଙ୍କ ଭରସାରେ ପକ୍ଷୀଙ୍କ ସୁରକ୍ଷା ଚାଲିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ବିଦେଶୀ ପକ୍ଷୀଙ୍କ ମାଂସ ଚଢା ଦରରେ ବିକ୍ରି ହେଉଛି। ଫଳରେ ଶିକାରୀ ଅର୍ଥ ଲାଳସାରେ ଅବାଧରେ ପକ୍ଷୀ ଶିକାର କରି ଚାଲିଛନ୍ତି। ପୁରୀ ଜିଲା ବ୍ରହ୍ମଗିରି, କୃଷ୍ଣପ୍ରସାଦ ଏବଂ ଖୋର୍ଦ୍ଧା ଜିଲାର ଟାଙ୍ଗୀ ଏବଂ ଚିଲିକା ବ୍ଲକ ଅନ୍ତର୍ଗତ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଶିକାରୀମାନେ ପକ୍ଷୀ ଶିକାର କରୁଥିବା ଜଣାପଡିଛି। ପକ୍ଷୀଙ୍କ ସୁରକ୍ଷା ଲାଗି ପ୍ରତିବର୍ଷ ତଟବର୍ତ୍ତୀ ଅଞ୍ଚଳରେ କ୍ୟାମ୍ପ କରାଯାଉଛି। ଏନେଇ ପୂର୍ବରୁ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଉଛି। ହେଲେ ପ୍ରତିବର୍ଷ ପକ୍ଷୀ ଶିକାର ବଢି ଚାଲିଛି। ଏ ସମ୍ପର୍କରେ ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜର ଚୁଡାମଣି ମୁର୍ମୁ କୁହନ୍ତି, ପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗରେ ୧୧ଟି କ୍ୟାମ୍ପ କରାଯାଇଛି। ପ୍ରତି କ୍ୟାମ୍ପରେ ଫରେଷ୍ଟର, ଫରେଷ୍ଟଗାର୍ଡ, ନାଇଟ ୱାଚର ନିୟୋଜିତ ରହିଛନ୍ତି। ପକ୍ଷୀ ଶିକାର ରୋକିବା ପାଇଁ ତଟବର୍ତ୍ତୀ ଅଞ୍ଚଳରେ ବନ କର୍ମଚାରୀ ଫୁଟ ପାଟ୍ରୋଲିଂ କରୁଛନ୍ତି। ଚିଲିକା ତଟବର୍ତ୍ତୀ ଅଞ୍ଚଳର ଢାବା, ହୋଟେଲରେ ଚଢ଼ାଉ କରାଯାଉଛି ବୋଲି ସେ କହିଛନ୍ତି।



ଟାଙ୍ଗୀ: ମଧ୍ୟାହ୍ନଭୋଜନ ପାଚିକା, ସହାୟିକା ସଂଘର ଆହ୍ୱାନକ୍ରମେ ୭ ଦଫା ଦାବିରେ ଟାଙ୍ଗୀ ବ୍ଲକ କମିଟି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ପାଚିକା,ସହାୟିକା ସଂଘର ଦାବିପତ୍ର ପ୍ରଦାନ

**ଟାଙ୍ଗୀ(ଖୋର୍ଦ୍ଧା),୩।୧୨(ଡି.ଏନ୍.ଏ.)**

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ଆହ୍ୱାନକ୍ରମେ ଟାଙ୍ଗୀ ବ୍ଲକ କମିଟି ପକ୍ଷରୁ ୭ ଦଫା ସମ୍ବଳିତ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶିକ୍ଷାନୁଷ୍ଠାନ ମିଶ୍ରଣ ପରିପ୍ରେକ୍ଷୀରେ କରାଯାଉଥିବା ଛଟେଇକୁ ବନ୍ଦ କରିବା, ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁସାରେ ଆବଶ୍ୟକ ପାଚିକା ସହାୟିକା ନିଯୁକ୍ତି, ଅସୁସ୍ଥତା ପାଇଁ ଛୁଟି ମଞ୍ଜୁର, ରୋଷେଇ ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ କରିବା ବନ୍ଦ କରାଯାଉ, ସମସ୍ତ ସହାୟିକାଙ୍କୁ ଗୋଷ୍ଠୀ ବୀମା ଭୁକ୍ତ ଆଦି ଦାବି ରହିଛି। କମିଟି ପକ୍ଷରୁ ଗିରିଶ ଚନ୍ଦ୍ର ମହାରଣା ଦାବିପତ୍ର ପ୍ରଦାନ କରିଥିଲେ।

# ମୁଖ୍ୟସ୍ରୋତରେ ସାମିଲ ପାଇଁ ସଚେତନତା ଜରୁରୀ

## ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

**ଖୋର୍ଦ୍ଧା ଅଫିସ,୩।୧୨**

ଖୋର୍ଦ୍ଧା ଜିଲା ପ୍ରଶାସନ ଓ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ସ୍ଥାନୀୟ ଜୟୀ ରାଜଗୁରୁ ଭବନରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟା ରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ୱାକଥାନକୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଦୃଷ୍ଟିବାଧିତ, ମୁକ, ବଧିର, ମାନସିକ ଅନଗ୍ରସର ଛାତ୍ରୀଛାତ୍ର ସାମିଲ ହୋଇ ସଚେତନତା ବାର୍ତ୍ତା ଦେଇଥିଲେ। ପୂର୍ବାହ୍ନରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ପରିବେଶ ସୁରକ୍ଷା, ଜଳ ହିଁ ଜୀବନ, ଭିନ୍ନକ୍ଷମ ନୁହଁନ୍ତି ଅକ୍ଷମ ସମେତ ବିଭିନ୍ନ ନୃତ୍ୟ ପରିବେଷଣ କରି ଦର୍ଶକ, ଅଭିଭାବକ, ଶିକ୍ଷୟତ୍ରୀଶିକ୍ଷକଙ୍କୁ ବିମୋହିତ କରିଥିଲେ। ମଧ୍ୟାହ୍ନରେ ଆୟୋଜିତ ଉତ୍ସବକୁ ଉଦ୍‌ଘାଟନ କରି ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ କହିଥିଲେ, ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅନ୍ୟମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ସେମାନଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭା ରହିଛି। ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ଦାୟିତ୍ୱ ରହିଛି। ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ମଧ ସୃଷ୍ଟି କରିପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ବିହାର ରାଜ୍ୟ ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଦିବ୍ୟାଙ୍ଗ ଯୁବତୀ ଅଥବା ଯୁବକଙ୍କୁ ବିବାହ ନେଇ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଏହି ଅବସରରେ ୪ଜଣ ଦମ୍ପତିଙ୍କୁ ୨.୫ଲକ୍ଷ ଟଙ୍କା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ବିପ୍ଳବ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭାଗୀୟ ଅଧିକାରୀ, କର୍ମଚାରୀ ସହଯୋଗ କରିଥିଲେ।


ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ବଣ୍ଟନ ଅବସରରେ ଯୋଗଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ।

## ଉଗ୍ରତାରା ଲାୟନ୍ସ, ରାମଚଣ୍ଡୀ ଯୋଦ୍ଧା ବିଜୟୀ

**ଟାଙ୍ଗୀ(ଖୋର୍ଦ୍ଧା),୩।୧୨(ଡି.ଏନ୍.ଏ.)**

ଚାନ୍ଦପୁର ପ୍ରିମିୟର୍ କ୍ରିକେଟ୍ ଲିଗ୍‌ର ସପ୍ତମ ଦିନରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାମପାଦ ଖେଳପଡ଼ିଆରେ ପ୍ରଥମ ମ୍ୟାଚ୍ ମହାଶକ୍ତି ଯୋଦ୍ଧା ଓ ଉଗ୍ରତାରା ଲାୟନ୍ସ ଟିମ୍ ମଧ୍ୟରେ ହୋଇଥିଲା। ମହାଶକ୍ତି ଯୋଦ୍ଧା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଉଗ୍ରତାରା ଟିମ୍ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୪୭ରନ୍ ସଂଗ୍ରହ କରିଥିଲା। ଜବାବରେ ମହାଶକ୍ତି ଟିମ୍ ୧୨ଓଭରରେ ସମସ୍ତ ଉଇକେଟ୍ ବିନିମୟରେ ୮୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଉଗ୍ରତାରା ଟିମ୍‌ର ଅଧିନାୟକ ପ୍ରଭାକର ବେହେରା ୨୧ଟି ବଲ୍ ଖେଳି ୫୨ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିଜୟ କୁମାର ନାୟକ ଓ ପ୍ରମୋଦ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ରାମଚଣ୍ଡୀ ଯୋଦ୍ଧା ଏବଂ ଖିଲାମୁଣ୍ଡା ଯୋଦ୍ଧା ମଧ୍ୟରେ ହୋଇଥିଲା। ଖିଲାମୁଣ୍ଡା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ଉଇକେଟ ବିନିମୟରେ ୧୧୭ ରନ୍ ସଂଗ୍ରହ କରିଥିଲା। ଜବାବରେ ମହାଶକ୍ତି ଯୋଦ୍ଧା ଟିମ୍ ୧୩ ଓଭରରେ ୭ ଉଇକେଟ୍ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ମନୋରଞ୍ଜନ ବେହେରା ଓ ଜଗତ୍‌ଜିତ୍ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସୁପର ସଣ୍ଡେ ସୋସିଆଲ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## 'ସହଯୋଗ ରହିଲେ ଦିବ୍ୟାଙ୍ଗ ଆଗକୁ ବଢ଼ିବେ'


ବେଗୁନିଆ: ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**ବେଗୁନିଆ,୩।୧୨(ଡି.ଏନ୍.ଏ.):** ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ବ୍ଲକର ୫୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପୂଜା ପୁଷ୍ପାଞ୍ଜଳି ଖଟେଇ, ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶିବ ମୁନି, ବିଆରସିସି ସୁରେଶ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ସିଆରସିସି ସରୋଜ କୁମାର ବେହେରା, ବିଆରଟି ପ୍ରସନ୍ନ କୁମାର ମହାପାତ୍ର, ମହିଳା ବିଆରଟି ରସ୍ମିତା ସାହୁ, ରଞ୍ଜୀତା ବେଉରା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ଉତ୍ସବକୁ ସଂଯୋଜନା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା। ଏହି ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

**ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ୍.ଏ.):** ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସାବିତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ସହ ଗୋଷ୍ଠୀଶିକ୍ଷା ଅଧିକାରୀ ଯମୁନାମଣି ହେମ୍ବ୍ରମ, ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସେଠୀ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ବିକାଶ ଦିଗରେ ସମସ୍ତଙ୍କ ସହଯୋଗର ଆବଶ୍ୟକ ବୋଲି କହିଥିଲେ। ବିଆରଟି ରୋଜାଲିନ ମିଶ୍ର, ହୃଷିକେଶ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରଥିଲେ। ପ୍ରଦୀପ ମହାରଣା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ୧୦୩ ଜଣ ପିଲା ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସାହି ପରିକ୍ରମା କରିଥିଲେ। ସୁନେତ୍ର କାର୍ଯ୍ୟକ୍ରମରେ ଚକ୍ଷୁ ପରୀକ୍ଷା କରାଯାଇଥିବା ଶିଶୁଙ୍କ ମଧ୍ୟରୁ ୭ ଜଣ ଶିଶୁଙ୍କୁ ଅତିଥିଙ୍କ ଦ୍ୱାରା ଚଷମା ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଦିବ୍ୟାଙ୍ଗ ସାଧନ କେନ୍ଦ୍ର ନୂତନ ଗୃହକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ମଧୁସ୍ମିତା ଦାସ, ସପନ ସର୍ଦ୍ଦାର, ଅମିତ ଚକ୍ରବର୍ତ୍ତୀ, କାହ୍ନୁ ବେହେରା, ପ୍ରସନ୍ନ ପାଇକରାୟ, ବଳଭଦ୍ର ସେଠୀ, ବିଜୟାନନ୍ଦ ସାହୁ, ପ୍ରଶାନ୍ତ ମହାପାତ୍ର, ପ୍ରସନ୍ନ ମଙ୍ଗରାଜ ପ୍ରମୁଖ ସହଯୋଗ କରିଥିଲେ।


ବୋଲଗଡ଼: ଅତିଥିଙ୍କ ଗହଣରେ କୃତୀ ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

**ବୋଲଗଡ଼,(ଡି.ଏନ୍.ଏ.):** ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ନିରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସେବାରେ ନୂତନ ଭବନ ଏବଂ ବ୍ୟାୟାମ ଓ କ୍ରୀଡ଼ା ଉପକରଣ ଲୋକାର୍ପଣ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ଅତିଥିଭାବେ ସମିତିସଭ୍ୟ ନିରୂପମା ପ୍ରଧାନ, ସହ ଗୋଷ୍ଠୀ ଶିକ୍ଷାଅଧିକାରୀ ପଦ୍ମଚରଣ ବେହେରା, ପ୍ରଧାନ ଶିକ୍ଷକ ଭିକାରୀ ପୁଷ୍ଟି ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମ୍ବଳ ଶିକ୍ଷୟିତ୍ରୀ ମିନାକ୍ଷୀ ବଳିୟାରସିଂହ, ନିରୂପମା ତ୍ରିପାଠୀ, ସ୍ୱେଚ୍ଛାସେବୀ ପ୍ରତାପ ସାହୁଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୫ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମନମୋହନ କହଲସିଂହ, ସୁକାନ୍ତ ଜେନା, ରତ୍ନପ୍ରଭା ସାହୁ ଓ କ୍ଲଷ୍ଟର ସାଧନକେନ୍ଦ୍ର ସଂଯୋଜକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଭିକାରୀ ପୁଷ୍ଟି ଧନ୍ୟବାଦ ଦେଇଥିଲେ।

**ବାଣପୁର/ଗମ୍ଭାରୀମୁଣ୍ଡା,୩।୧୨(ଡି.ଏନ୍.ଏ.):** ବାଣପୁର ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ସ୍ଥାନୀୟ ନେହେରୁ ସେବାସଂଘ କନକ ଭବନ ଠାରେ ତାଲୁକା ଆଇନସେବାର ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ମନୋରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଗୌରୀ ଶଙ୍କର ଷଡ଼ଙ୍ଗୀ, ଆଇନଜୀବୀ ବିପ୍ଳବ ମୁଦୁଲି, ସୁଧିର ପ୍ରଧାନ, ନେହେରୁ ସେବାସଂଘର ସମ୍ପାଦିକା ସରୋଜିନୀ ଦାସ, ଓମ୍ ପ୍ରକାଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବାଣପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ ଶିକ୍ଷାଅଧିକାରୀ ସନାତନ ଜାଲିଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଅତିଥିଭାବେ ଏବିଡିଓ ସିମାଦ୍ରୀ ପାତ୍ର, ଏବିଇଓ ସନ୍ଧ୍ୟାରାଣୀ ହରିଚନ୍ଦନ, ମନୋଜ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ଦିବସ ସମ୍ପର୍କରେ ଆଲୋଚନା କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏଥିସହ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପ୍ରଧାନ ଓ ଭୀମପୁର ଗ୍ରାମର ଜଣ ଅଭିଭାବକ ବାସନ୍ତୀ ଛାଟୋଇଙ୍କୁ ଉପଢ଼ୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସିଆରସିସି କୈଳାସ ଚନ୍ଦ୍ର ହୋତା, ମନୋରଞ୍ଜନ ଖୁଣ୍ଟିଆ, ତାପସ ମହାରଣ, ଦାଶରଥି ମହାସୁଆର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୫୧ ଗ୍ରାମ ବ୍ରାଉନସୁଗାର, କାର୍ ଜବତ: ଦମ୍ପତି ଗିରଫ



**ଖୋର୍ଦ୍ଧା ଅଫିସ,୩।୧୨:** ଖୋର୍ଦ୍ଧା ବରୁଣେଇ ଶିକ୍ଷାଞ୍ଚଳ ଅଞ୍ଚଳରୁ ଟାଉନ ପୋଲିସ ୫୧ ଗ୍ରାମ ବ୍ରାଉନସୁଗାର ସହ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ମଠସାହିର ବୃନ୍ଦାବନ ପ୍ରଧାନ ଓରଫ କାଳିଆ(୪୨) ଓ ସ୍ତ୍ରୀ ସ୍ନେହଲତା ଓରଫ ରୁପା(୩୬)। ତାଙ୍କ ଠାରୁ ଏକ କାର(ଓଡି୦୫-ଜେଡ-୬୮୦୨) ଜବତ ହୋଇଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୫ଲକ୍ଷ ୧୦ହଜାର ଟଙ୍କା। ତେବେ ଘଟଣାସ୍ଥଳରୁ ଅନ୍ୟଜଣେ ଚମ୍ପଟ ମାରିଥିଲେ। ସୂଚନା ମୁତାବକ, ଦମ୍ପତି ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବରପାଇ ଏସ୍‌ଆଇ ସୁକାନ୍ତ ଦଲାଇଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଦମ୍ପତିଙ୍କୁ ଧରିଥିଲେ। ଯାଞ୍ଚ ବେଳେ ତାଙ୍କ ଠାରୁ ବ୍ରାଉନସୁଗାର ଜବତ ହୋଇଥିବା ବେଳେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଜଣେ ଚମ୍ପଟ ମାରିଥିଲେ। ଏହି ଚଢ଼ାଉରେ ଏଏସ୍‌ଆଇ ପି.କେ.ପ୍ରଧାନ, କନଷ୍ଟେବଲ ପ୍ରଦୀପ ହରିଚନ୍ଦନ, ଏଏମ.ମାସି ଖାନ, ଗୀତାଞ୍ଜଳି କିସ୍ପତା, ହାବିଲଦାର ବି.କେ ପ୍ରତାପସିଂ ପ୍ରମୁଖ ସାମିଲ ହୋଇଥିବା ବେଳେ ଏସ୍‌ଆଇ ପି.ଏଲ ବେହେରା ଏହାର ତଦନ୍ତ ଅଧିକାରୀ ରହିଛନ୍ତି।

### ବିଇଓଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର

**ଖୋର୍ଦ୍ଧା ଅଫିସ,୩।୧୨:** ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସନ୍ଧ୍ୟାରାଣୀ ରାଉତଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ୭ମ ବେତନ କମିଶନର ଆଧାରରେ ଦରମା , ଅନୁଦାନ ଯୋଗ୍ୟ ୧୯୪ ବିଦ୍ୟାଳୟକୁ ଅନୁଦାନ, ସମସ୍ତ ଶିକ୍ଷକ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ୍ କାର୍ଯ୍ୟକାରୀ କରାଯାଉ। ଅବସର କାର୍ଯ୍ୟକାଳକୁ ୬୦ ରୁ ୬୨ବର୍ଷକୁ ବୃଦ୍ଧି ପାଇଁ ଦାବି କରିଛନ୍ତି। ଓଷ୍ଟା ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଉପସଭାପତି ପ୍ରକାଶ କୁମାର ପଲାଇ, ରମେଶ ଚନ୍ଦ୍ର ପ୍ରଧାନ, ଗଣେଶ ପୃଷ୍ଟି, ଶରତ ଚନ୍ଦ୍ର ରାଉତ, ମିଳିତ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ମହାପାତ୍ର, ବ୍ଲକ ଉପସଭାପତି ନରହରି ନନ୍ଦ ଉପସ୍ଥିତ ଥିଲେ।

### ନୂତନ ଡିଆଇପିଆର୍‌ଓଙ୍କ ଯୋଗଦାନ



**ଖୋର୍ଦ୍ଧା ଅଫିସ, ୩।୧୨:** ଖୋର୍ଦ୍ଧା ଜିଲା ସୂଚନା ଓ ଲୋକ ସମ୍ପର୍କ (ଡିଆଇପିଆରଓ) ଅଧିକାରୀ ଭାବେ ଶନିବାର ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଯୋଗଦାନ କରିଛନ୍ତି। ସେ ଡିଆଇପିଆରଓ ଜିତେନ୍ଦ୍ରୀୟ ଜେନାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିତେନ୍ଦ୍ରୀୟ ମୁଖ୍ୟ ଶାସନ ସଚିବଙ୍କ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ(ପିଆରଓ) ଭାବେ ନୂତନ ଦାୟିତ୍ୱ ପାଇଛନ୍ତି। ଜ୍ୟୋତିର୍ମୟୀ ପୂର୍ବରୁ ମାଲକାନଗିରି ଜିଲାରେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଖୋର୍ଦ୍ଧା ଏକ ଐତିହ୍ୟ ସମ୍ପନ୍ନ ମାଟି। ଏଠାରେ କାର୍ଯ୍ୟ କରିବାର ସୁଯୋଗ ମିଳିଥିବାରୁ ଗର୍ବ ଅନୁଭବ କରୁଛି ବୋଲି କହିଥିଲେ।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

**କୃଷ୍ଣପ୍ରସାଦ,୩।୧୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ବାଲୁକେଶ୍ୱର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ତଥା କ୍ରୀଡ଼ା ଜୋନ ସଭାପତି ଆର୍ତ୍ତତ୍ରାଣ ମିଶ୍ରଙ୍କ ସଭାପତିତ୍ୱରେ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପିଇଟି ଶିକ୍ଷକମାନେ ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ ଆସନ୍ତା ୯ ତାରିଖରେ ହରିହର ବିଦ୍ୟାପୀଠ ପଣସପଦା ପରିସରରେ ଫୁଟବଲ, କ୍ରିକେଟ, ଆଥ୍‌ଲେଟିକ ଏବଂ ୧୩ ତାରିଖରେ କମଳେଶ୍ୱର ଦେବ ବିଦ୍ୟାପୀଠ ବଡଝାଡ଼ ଠାରେ କବାଡି, ଭଲି, ଖୋ ଖୋ ଆଦି ପ୍ରତିଯୋଗିତା ହେବା ନିମନ୍ତେ ନିଷ୍ପତ୍ତି ହୋଇଛି। କ୍ରୀଡ଼ା ଜୋନ ସମ୍ପାଦକ ପଦ୍ମ ଚରଣ ଜେନା ଧନ୍ୟବାଦ ଦେଇଥିଲେ। ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାରେ ଖେଳ ଶିକ୍ଷକ ଅଶୋକ କୁମାର ସାମଲଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦ କ୍ରୀଡ଼ା ଜୋନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସାମଲଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରାଯାଇଛି।

## ପାଇକ ସ୍ମାରକୀ ଶିଳାନ୍ୟାସ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା ଅଫିସ,୩।୧୨**

ବରୁଣେଇ ପାହାଡ଼ ପାଦଦେଶରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ଡିସେମ୍ବର ୮ରେ ପାଇକ ସ୍ମାରକୀ ନର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ସ୍ମାରକୀ ଶିଳାନ୍ୟାସ ଉତ୍ସବ ପାଳନ ନେଇ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଉପଦେଷ୍ଟା ଇଂ.ଶିଶିର କୁମାର ନାୟକ କହିଥିଲେ, ରାଜ୍ୟ ସରକାର ଗତ ନଭେମ୍ବରରେ ଖୋର୍ଦ୍ଧା ମୌଜା ଖାତା ନଂ.୩୪୭ ଏବଂ ପ୍ଲଟ ନଂ.୮୬୫, ୮୨୭ ଓ ୮୨୪ରେ ୯ଏକର ୬୮୫ ଡିସିମିଲ ଜମିର ପଟ୍ଟା ଫ୍ରି ପ୍ରିମିୟମ ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ ପେଟ୍ରୋଲ ବିଭାଗ ଆଇଓସିଏଲ ଫାଉଣ୍ଡେଶନ ପକ୍ଷରୁ ପାଇକ ସ୍ମାରକୀ ସ୍ଥଳୀ ନିର୍ମାଣ ଦାୟିତ୍ୱରେ ରହିଛି। ଏହି ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ସମ୍ମିଳିତଭାବେ ସ୍ୱର ଉତ୍ତୋଳନ ଲାଗି ମତ ରଖିଥିଲେ। ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂହ, ବୈଦ୍ୟନାଥ ବରାଳ, ଅମରେନ୍ଦ୍ର ମହାପାତ୍ର, ଗତିକୃଷ୍ଣ ଉତ୍ତରକବାଟ, ସୁଷମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୮ ତାରିଖ ସ୍ମାରକୀ ସ୍ଥଳରେ ପୂର୍ବାହ୍ନ ୧୦ଟାରେ ପାଇକ ଆଖଡ଼ା ସମାରୋହ ଓ ସଭାକାର୍ଯ୍ୟ ହେବ। ବହୁ ସଂଖ୍ୟାରେ ପାଇକମାନେ ଯୋଗଦେବାକୁ ଅନୁରୋଧ କରାଯାଇଛି। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# ପଟ୍ଟଚିତ୍ର, ତାଳପତ୍ର ଖୋଦେଇ ଦେଇଛି ପରିଚୟ

**ଖୋର୍ଦ୍ଧା ଅଫିସ,୩।୧୨**

ସେମାନେ ଦିବ୍ୟାଙ୍ଗ, ହେଲେ ଅକ୍ଷମ ନୁହଁନ୍ତି। ନିଜର ପ୍ରଚେଷ୍ଟା, ନିଷ୍ଠା ବଳରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ନିଜ ଅଞ୍ଚଳର ଗୌରବକୁ ବଢାଇଛନ୍ତି। ପଟ୍ଟଚିତ୍ର ଏବେ ତାଙ୍କ ପରିଚୟ ଆଣିଦେଇଛି। ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ଖୋର୍ଦ୍ଧା ଟାଉନ ହଲ ଠାରେ ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତର ଅନିରୁଦ୍ଧ ପାରିମାଣିକ ଓ ସହଯୋଗୀ ପଟ୍ଟଚିତ୍ର ଓ ତାଳପତ୍ର ଖୋଦେଇ ଚିତ୍ରର ପ୍ରଦର୍ଶନୀ କରିଥିଲେ। ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ ପଟ୍ଟଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହ ଉତ୍ସାହିତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ବିପ୍ଳବ ସାମନ୍ତରାୟ ଉପସ୍ଥିତ ଥିଲେ।


ଅନିରୁଦ୍ଧ ପାରିମାଣିକଙ୍କ ପଟ୍ଟଚିତ୍ର ପ୍ରଦର୍ଶନୀ।

ଏନେଇ ଅନିରୁଦ୍ଧ କୁହନ୍ତି, ସ୍ଥାନୀୟ ଏସଏଚଜି ଗ୍ରୁପ୍ ସଦସ୍ୟଙ୍କ ସହଯୋଗରେ ସେ ଦୀର୍ଘ ୧୨ବର୍ଷ ଧରି ପଟ୍ଟଚିତ୍ର ଓ ତାଳପତ୍ର ଖୋଦେଇ କରି ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରସ୍ତୁତ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଗୁରୁ ନରହରି ଭୋଇଙ୍କ ଠାରୁ ପଟ୍ଟଚିତ୍ର ଏବଂ ବ୍ରଜବନ୍ଧୁ ଦାସଙ୍କ ଠାରୁ ତଳପତ୍ରରେ ଖୋଦେଇ କାରୁକାର୍ଯ୍ୟ ପ୍ରଶିକ୍ଷଣ ନେଇଛନ୍ତି। ଉଭୟ ପୁରୁଷ ଓ ମହିଳା ମୋଟ ୬ଜଣ ଏହି କାର୍ଯ୍ୟରେ ଲାଗିଛନ୍ତି। ସ୍ୱଳ୍ପ ଟଙ୍କାରେ ଆରମ୍ଭ ହୋଇଥିବା ଏହି ପ୍ରୋଜେକ୍ଟ ଆମ ପରିଚୟ ଆଣି ଦେଇଛି। ଦେବଦେବୀ, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ, ପାରମ୍ପରିକ ଲୋକ ସଂସ୍କୃତି, ପରମ୍ପରା, ପରିବେଶକୁ ନେଇ ନିଖୁଣ ଚିତ୍ର ଅଙ୍କନ କରୁଛନ୍ତି। ଶହେ ଟଙ୍କାରୁ ଆରମ୍ଭ କରି ୫ହଜାର ଟଙ୍କା ପର୍ଯ୍ୟନ୍ତ ପଟ୍ଟଚିତ୍ର ରହିଛି। ରାଜ୍ୟ ତଥା ରାଜ୍ୟରେ ବାହାରେ ମଧ ତାଙ୍କ ପଟ୍ଟଚିତ୍ରର ଚାହିଦା ରହିଛି। ଦିଲୀ, ବାଙ୍ଗୋଲୋର, କୋଲକାତା, ମୁମ୍ବାଇ ସମେତ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆୟୋଜିତ ଉତ୍ସବରେ ଯୋଗାଦାନ କରିଥିବା ସେ କହିଛନ୍ତି। ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ମିଳିଲେ, ଏହାକୁ ଆଗକୁ ବ୍ୟାପକ କରିବା ସହ ଏକ ପ୍ରଶିକ୍ଷଣ କେନ୍ଦ୍ର ତଥା ଅନ୍ୟମାନଙ୍କୁ ରୋଜଗାର ଯୋଗାଇ ପାରିବ ବୋଲି ଅନିରୁଦ୍ଧ ଆଶା କରିଛନ୍ତି।

## ସଂକ୍ଷେପରେ

### ମୋ ବସ୍ ଧକ୍କାରେ ପୁଣି ଜଣେ ଆହତ

#### ଡ୍ରାଇଭରଙ୍କୁ ମାଡ଼ମାରି ପୋଲିସ ଜିମାଦେଲେ ଲୋକେ

ଭୁବନେଶ୍ୱର, ୩।୧୨ (ବ୍ୟୁରୋ) : ମୋ ବସ ଧକ୍କାରେ ଶନିବାର ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ସେ ହେଲେ ପୋଖରୀପୁଟ ଅଞ୍ଚଳର ଆଦିତ୍ୟ ପ୍ରକାଶ ସାହୁ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇଯିବା ସହ ମୋ ବସ ଚାଳକଙ୍କୁ ମାଡ଼ ମାରିଥିଲେ। ପରେ ପୋଲିସକୁ ଡାକି ବସ୍ ଓ ଚାଳକଙ୍କୁ ଜିମା ଦେଇଥିଲେ । ଆହତ ପ୍ରକାଶ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଶନିବାର ସନ୍ଧ୍ୟାରେ ଆଦିତ୍ୟ ନିଜ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ମୋ ବସ (ଓଡ଼ି ୩୩ ୟୁ ୭୩୪୮ )ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ସେ ସାଇକେଲ ସହ ତଳେ ପଡିଯାଇଥିଲେ।

### ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ଭୁବନେଶ୍ୱର, ୩।୧୨ (ବ୍ୟୁରୋ) : ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସେ ହେଲେ ଭୁଷଣ୍ଡପୁରର ପବନା ଓରଫ୍ ବିଶ୍ୱଜିତ୍ ଦାସ। ତାଙ୍କ ନିକଟରୁ ୧୪ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରାଯାଇଛି। ଏହାସହ ଗୋଟିଏ ମୋବାଇଲ, ନଗଦ ୪ ହଜାର ୮୦୦ ଟଙ୍କା ଜବତ କରାଯାଇଛି। ପଚରାଉଚରା ସମୟରେ ଅଭିଯୁକ୍ତ ଲୋକଙ୍କୁ ବେଆଇନ ଭାବେ ବ୍ରାଉନସୁଗାର ବିକ୍ରି କରୁଥିବା ସ୍ୱୀକାର କରିଥିଲେ ।

### ଅବସରପ୍ରାପ୍ତ ଶିକ୍ଷକ ଜନାର୍ଦ୍ଦନ ପାତ୍ରଙ୍କ ପରଲୋକ

ଭୁବନେଶ୍ୱର,୩।୧୨(ବ୍ୟୁରୋ)- ସୈନିକ ସ୍କୁଲ, ଭୁବନେଶ୍ୱର ପୂର୍ବତନ ଶିକ୍ଷକ ତଥା ରାଉରକେଲାସ୍ଥିତ ଆର୍‌ଇସି କ୍ୟାମ୍ପସ୍(ବର୍ତ୍ତମାନର ଏନ୍‌ଆଇଟି) ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ପାତ୍ରଙ୍କ ୯୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ବହୁ ସୁନାମ ଅର୍ଜନ କରିଥିଲେ। ଛାତ୍ରୀଛାତ୍ରମାନେ କପରି ଉତ୍ତମ ଚରିତ୍ର ଗଠନ କରି ସୁନାଗରିକ ହୋଇପାରିବେ ସେଥିପାଇଁ ସେ ଯତ୍ନଶୀଳ ଥିଲେ। ମୃତ୍ୟୁର କିଛି ବର୍ଷ ପୂର୍ବରୁ ସେ ତାଙ୍କର ପୈତୃକ ଘର ଗଜପତି ଜିଲାର ଗୁରାଣ୍ଡି ଗ୍ରାମରେ ରହି ଆସୁଥିଲେ। ପୁରୀର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୩।୧୨(ଡି.ଏନ୍.ଏ.)- ବାରଙ୍ଗ ଥାନା ଅନ୍ତର୍ଗତ ଏକ ହାର୍ଡୱାର ଦୋକାନର ମାଲିକଙ୍କ ଝୁଲନ୍ତା ମୃତଦେହ ଶନିବାର ଅପରାହ୍ନରେ ବାରଙ୍ଗ ପୋଲିସ ଜବତ କରିଛନ୍ତି। ସେ ହେଲେ ଉକ୍ତ ଥାନା ଅଧୀନ ଶ୍ରୀବନ୍ତପୁର ଗ୍ରାମର ସ୍ୱର୍ଗତ ଫକୀର ପ୍ରଧାନଙ୍କ ପୁଅ ଅଜିତ ପ୍ରଧାନ(୩୫) ଓରଫ ଲିପୁ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୨) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।
ସୂଚନା ମୁତାବକ, ଅଜିତ୍‌ଙ୍କୁ ଦୋକାନ ଭିତରେ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କ ଘରକୁ ନେଇଯାଇଥିଲେ। ପରେ ଖବରପାଇ ବାରଙ୍ଗ ପୋଲିସ ତାଙ୍କ ଘରେ ପହଞ୍ଚି ଅଜିତ୍‌ଙ୍କୁ କଟକ ବଡ଼ ମେଡ଼ିକାଲକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅଜିତ୍ ଆତ୍ମହତ୍ୟା କରିଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ଅନ୍ୟପଟେ ୪/୫ ମାସ ତଳେ ଅଜିତ୍‌ଙ୍କ ବିବାହ ହୋଇଥିବା ଜଣାପଡିଛି।

### କ୍ରୀଡ଼ା ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କଲେ ପୁରାତନ ଛାତ୍ରୀଛାତ୍ର

ବାରଙ୍ଗ,୩।୧୨(ଡି.ଏନ୍.ଏ.)- ନନ୍ଦନକାନନ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଦେବରାଜ ଦାସଙ୍କ ଅବସରକାଳୀନ ସଭା ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୋ ସ୍କୁଲର ନିର୍ଦ୍ଦେଶିକା ସସ୍ମିତା ମାଳି, ଶିକ୍ଷାବିତ୍ ସହଦେବ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ରମାକାନ୍ତ ପଣ୍ଡା, ଗୋକୁଳାନନ୍ଦ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଦେବରାଜଙ୍କର ବିଦ୍ୟାଳୟ ପ୍ରତି ଥିବା ଭଲପାଇବା ଓ କ୍ରୀଡ଼ା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ଦେବା ଉପରେ ମତବ୍ୟକ୍ତ କରିଥିଲେ। ଗୋଟିଏ ଜାଗାରେ ଶିକ୍ଷକ ଜୀବନ ଆରମ୍ଭ କରି ଶେଷ କରିଥିବାବେଳେ ବିଦ୍ୟାଳୟକୁ ନିଜ ପରିବାର ଭଳି ଭାବି ପିଲାମାନଙ୍କୁ ନିଜର କରିବାର କଳା ତାଙ୍କୁ ବେଶ୍ ଜଣାଥିଲା ବୋଲି ଅନ୍ୟତମ ଅତିଥିଭାବେ ପୁରାତନ ଛାତ୍ର ପ୍ରତାପଚନ୍ଦ୍ର ରାଉତ, ସୁବାସ ଚନ୍ଦ୍ରପାତ୍ର, ଲିଙ୍ଗରାଜ ରାଉତ, ସୁରେଶ କୁମାର ରାଉତ ଓ ରଘୁନାଥପୁର ସ୍କୁଲ କ୍ରୀଡ଼ା ଶିକ୍ଷକ ପ୍ରମୋଦ ରାଉତ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏଥିରେ ପଟିଆ ଜୋନର ସମସ୍ତ କ୍ରୀଡ଼ା ଶିକ୍ଷକମାନଙ୍କ ସମେତ ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ନାରୀ ଶିକ୍ଷାର ବଟିଘର ରମାଦେବୀ ବିଶ୍ୱବିଦ୍ୟାଳୟ

## ୮ମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୩।୧୨(ବ୍ୟୁରୋ)



ରମାଦେବୀ ବିଶ୍ୱବିଦ୍ୟାଳୟର ୮ମ ପ୍ରତିଷ୍ଠା ଦିବସରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ। ଏଠାରେ ଅନେକ ପ୍ରତିଭା ସୃଷ୍ଟି ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ବିଶ୍ୱବିଦ୍ୟାଳୟର ଛାତ୍ରୀ ଥିଲେ। କେବଳ ଶିକ୍ଷା ନୁହେଁ ସମସ୍ତ କ୍ଷେତ୍ରରେ ଛାତ୍ରୀମାନେ ଆଗକୁ ବଢ଼ନ୍ତୁ ବୋଲି ରମାଦେବୀ ବିଶ୍ୱବିଦ୍ୟାଳୟର ୮ମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଛନ୍ତି। ଶନିବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରତିଷ୍ଠା ଦିବସରେ ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ନାରୀଶିକ୍ଷାର ବଟିଘର ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ, ଶିକ୍ଷା ଦକ୍ଷତା ଓ ଜ୍ଞାନ ବୃଦ୍ଧି କରେ, ସମାଜର ବିକାଶ ପାଇଁ ଏହା ଉପଯୋଗୀ। ଏହି ଅନୁଷ୍ଠାନର କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। ତେଣୁ ନିଜର ଲକ୍ଷ୍ୟ ନିଜେ ନିର୍ଦ୍ଧାରଣ କରିବା ଉଚିତ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଅଧ୍ୟକ୍ଷତା କରି ରମାଦେବୀଙ୍କ ଆଦର୍ଶ, ତ୍ୟାଗ ଓ ମହନୀୟତା ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୁଳ ସଚିବ ଶ୍ୟାମଳୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପ କୁଳସଚିବ ନବନୀତ କୌର ଧନ୍ୟବାଦ ଦେଇଥିଲେ। ଅଲିଭା ପୃଷ୍ଟି ବିଶ୍ୱବିଦ୍ୟାଳୟ କପ୍ ଜିତିଥିବା ବେଳେ ଓଡ଼ିଆରେ ଅପରାଜିତା ଦାସ ସର୍ବୋତ୍କୃଷ୍ଟ ଏନ୍‌ସିସି କ୍ୟାଡେଟ ଭାବେ ମାମିନା ରାଉତ, ରେଡ୍‌କ୍ରସରେ ସ୍ୱପ୍ନାରାଣୀ ବିଶ୍ୱାଳ ପୁରସ୍କୃତ ହୋଇଥିଲେ।

# ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ସଂଗଠନ ପକ୍ଷରୁ ଶନିବାର ମା' ରମାଦେବୀଙ୍କ ୧୨୩ତମ ଜୟନ୍ତୀ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲ, ଶଶିଭୂଷଣ ବେହେରା, ଅମର ପ୍ରସାଦ ଶତପଥୀ, ରମେଶ ଚନ୍ଦ୍ର ସାଏ, ମୌଷଧି ବାଗ, ବିଧାନସଭା ସଚିବ ଦାଶରଥି ଶତପଥୀ, ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ, ରବି ନାରାୟଣ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ନେଇଥିଲେ।

ପ୍ରଶାସକ ଗୋପାଳ ବଲ୍ଲଭ ଦାସଙ୍କ କନ୍ୟା ତଥା ଉତ୍କଳ ଗୌରବ ମଧୁବାବୁଙ୍କ ଝିଆରୀ ରମାଦେବୀ ପ୍ରତିଷ୍ଠିତ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ର ଗୋପବନ୍ଧୁଙ୍କୁ ବିବାହ କରିଥିଲେ। ବିବାହ ପରେ ଗୋପବନ୍ଧୁ ଡେପୁଟି ଚାକିରି ପରିତ୍ୟାଗ କରି ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ତାଙ୍କ ସାନଭାଇ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ଭାଇବୋହୂ ମାଳତୀ ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ରମାଦେବୀ ନିଜେ ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ କାରାବରଣ କରିଥିଲେ। ଏହା ସହ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଖଦି କାର୍ଯ୍ୟକ୍ରମ, ମୌଳିକ ଶିକ୍ଷା ଅସ୍ପୃଶ୍ୟତା ନିରାକରଣ, ନିଶା ନିବାରଣ, ଗ୍ରାମ ସ୍ୱରାଜ ପ୍ରତିଷ୍ଠା କୁଟୀର ଶିଳ୍ପର ବିକାଶ ଓ ମହିଳା ସଶକ୍ତୀକରଣରେ ନିଜକୁ ନିୟୋଜିତ କରିଥିଲେ। ଦେଶ ସ୍ୱାଧୀନତା ପରେ ସେ କୌଣସି କ୍ଷମତା ରାଜନୀତିରେ ସାମିଲ୍ ନ ହୋଇ ଲୋକସେବାରେ ନିଜକୁ ନିୟୋଜିତ କରିଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

କୁଳପତି ଡ. ଅପରାଜିତା ଚୌଧୁରୀ, କୁଳସଚିବ ଶ୍ୟାମଳୀ ମହାପାତ୍ର, ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ଡ. ଚଣ୍ଡୀ ଚରଣ ରଥ, ଡ. ସସ୍ମିତା ମହାନ୍ତି ପ୍ରମୁଖ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ରମାଦେବୀଙ୍କ ସମ୍ପର୍କରେ କହିଥିଲେ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର୍ ଭୁବନେଶ୍ୱରର କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ସଂଯୋଜନା ଓ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ। ଆରମ୍ଭରେ ମା' ଭଗବତୀ ଲଉଡ଼ି ନୃତ୍ୟ ଦଳ ଓ ଲକ୍ଷେଶ୍ୱର ଆଞ୍ଚଳିକ ସଂକୀର୍ତ୍ତନ ଦଳ ପକ୍ଷରୁ ଲଉଡ଼ି ଓ ସଂକୀର୍ତ୍ତନ ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟ ପରିକ୍ରମା କରିଥିଲା।



ଲୟୋଲା ସ୍କୁଲ ପକ୍ଷରୁ ଶନିବାର ବିଦ୍ୟାଳୟ ପରିସରରେ ପ୍ୟାରେଣ୍ଟ୍ସ ନାଇଟ କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଲୟୋଲାରେ ସିନିୟର ପ୍ୟାରେଣ୍ଟ୍ସ ନାଇଟ୍

ଭୁବନେଶ୍ୱର,୩।୧୨(ବ୍ୟୁରୋ)


କାର୍ଯ୍ୟକ୍ରମରେ ଭାରତୀୟ ହକିର ସଭାପତି ଦିଲୀପ କୁମାର ତିର୍କୀ, ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ଭିକ୍ଟର ମିସକୁଇଥ୍ ଓ ଅନ୍ୟମାନେ।

ଲୟୋଲା ସ୍କୁଲ ଭୁବନେଶ୍ୱର ପକ୍ଷରୁ ଶନିବାର ବିଦ୍ୟାଳୟ ପରିସରରେ ସିନିୟର ପ୍ୟାରେଣ୍ଟ୍ସ ନାଇଟ୍ ୨୦୨୨ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ହକିର ସଭାପତି ଦିଲୀପ କୁମାର ତିର୍କୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ୬ଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଷଷ୍ଠ ଶ୍ରେଣୀର ପିଲାଙ୍କ ଦ୍ୱାରା ପ୍ରସ୍ତୁତ 'କଳ୍ପତ'ରୁ ଯାହା ଜୀବନର ବିଭିନ୍ନ ରସକୁ ନିଆରା ଢଙ୍ଗରେ ବର୍ଣ୍ଣନା କରିଥିଲା। ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା କଲେଇଦୋସ୍କୋପ ନୃତ୍ୟ ପରିବେଷିତ ହୋଇଥିଲା। ଭଗବାନଙ୍କ ଦଶବତାରକୁ ଏକ ଅନନ୍ୟ ଶୈଳୀରେ ଉପସ୍ଥାପିତ କରିଥିଲେ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର। ରିଦିମ୍ସ ଅଫ୍ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ନବମ ଶ୍ରେଣୀ ପିଲାମାନେ ମନଛୁଆଁ ସଙ୍ଗୀତ, ଦଶମ ଶ୍ରେଣୀ ପକ୍ଷରୁ ଶାସ୍ତ୍ରୀୟ ତଥା ପାରମ୍ପରିକ ନୃତ୍ୟ ଓ ଦ୍ୱାଦଶ ଶ୍ରେଣୀ ପକ୍ଷରୁ ସଟର ଡେ' ନାଇଟ୍ ଲାଇଭ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ର ରିଦିମସ୍ ଅଫ୍ ସିଜନ୍ ମାଧ୍ୟମରେ ଦର୍ଶକ ଓ ଅତିଥିଙ୍କ ମନ ଜିଣିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ଭିକ୍ଟର ମିସକୁଇଥ୍ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରିସମାସ୍ କ୍ୟାରଲ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ହାଇୱା ଧକ୍କାରେ ଗୁରୁତର ଛାତ୍ରୀଙ୍କ ମୃତ୍ୟୁ

ଫୁଲନଖରା, ୩।୧୨(ଡି.ଏନ୍.ଏ.)

ହାଇୱା ଧକ୍କାରେ ଗୁରୁତର ହୋଇ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଛାତ୍ରୀଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ବାରଙ୍ଗ ଥାନା ଅନ୍ତର୍ଗତ ବାଲିପଡା ଗ୍ରାମର ଶୁଭଦର୍ଶିନୀ ପଡ଼ିଆରୀ। ସେ ଗୋବିନ୍ଦପୁର କଲେଜ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗର ଶେଷବର୍ଷର ଛାତ୍ରୀ ଥିଲେ। ଗତ ୨୫ ତାରିଖରେ ସେ କଲେଜରୁ ସ୍କୁଟିରେ ଫେରୁଥିଲେ। ଏହି ସମୟରେ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀ-ଗୋବିନ୍ଦପୁର ରାସ୍ତାର ମଝି ଖଲର୍ଦ୍ଧାଠାରେ ଏକ ବାଲିବୋଝେଇ ହାଇୱା ତାଙ୍କ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଶୁଭଦର୍ଶିନୀ ଗୁରୁତର ହେବାରୁ ଚିକିତ୍ସାଲାଗି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ଆର୍ଥିକ ନିଅଣ୍ଟ ରୋକିବା ପାଇଁ ବିତ୍ତ କାଉନସିଲ୍‌ର ଆବଶ୍ୟକତା ରହିଛି

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟର ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ଶନିବାର ପ୍ରଫେସର ବିଦ୍ୟାଧର ମିଶ୍ର ମେମୋରିଆଲ ଲେକ୍ଚର ସିରିଜ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ 'ଭାରତରେ ବିତ୍ତ ନିଅଣ୍ଟ ଓ ମହାମାରୀ ପରବର୍ତ୍ତୀ ଆହ୍ୱାନ' ଶୀର୍ଷକ ରହିଛି। ଦିଲ୍ଲୀସ୍ଥିତ ଜାତୀୟ ଇନଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସିର ପୂର୍ବତନ ନିର୍ଦ୍ଦେଶକ ତଥା ପ୍ରଫେସର ଡ.ଏମ୍ ଗୋବିନ୍ଦା ରାଓ ବକ୍ତୃତା ପ୍ରଦାନ କରି କହିଥିଲେ, ନିୟମଭିତ୍ତିକ ବିତ୍ତ ନୀତିର ସୁପରିଚାଳନା ପାଇଁ ଏକ ବିତ୍ତ କାଉନସିଲ୍‌ର ଆବଶ୍ୟକତା ରହିଛି। ଭାରତ ଭଳି ଦେଶରେ ବିତ୍ତ ନିଅଣ୍ଟ ସମସ୍ୟାକୁ ସୁଧାରିବା ପାଇଁ ଏକ ତ୍ରିସ୍ତରୀୟ କାର୍ଯ୍ୟକ୍ରମ ଯଥା ନୂଆ ବିତ୍ତ ଶୃଙ୍ଖଳା ନିୟମ ପ୍ରଣୟନ, ସେହି ନିୟମକୁ ଲାଗୁ କରିବା ପାଇଁ ଏକ ବିତ୍ତ ନିୟନ୍ତ୍ରଣ ବ୍ୟବସ୍ଥା ସ୍ଥାପନ, ସ୍ଥାପିତ ବ୍ୟବସ୍ଥା ଠିକ କାମ କରୁଛି କି ନାହିଁ ତାହା ତଦାରଖ କରିବା ପାଇଁ ଏକ ବିତ୍ତ କାଉନସିଲ୍ ସ୍ଥାପନର ଆବଶ୍ୟକତା ରହିଛି। ଏହି ଆଲୋଚନାଚକ୍ରରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଆସୋସିଏଶନର ସଦସ୍ୟ ବୃନ୍ଦ, ବିଭିନ୍ନ ନାଗରିକ ସମାଜର ବ୍ୟକ୍ତି ବିଶେଷ ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏଶନର ସଭାପତି ସୁବାସ କୁମାର ଅଧିକ୍ଷ ବିବୃତି ପ୍ରଦାନ କରିଥିଲେ।



ଉତ୍କଳ ବିଶ୍ୱବିଦ୍ୟାଳୟର ଆଲୁମ୍‌ନି ଆସୋସିଏଶନର ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ।

# ଦୁର୍ଘଟଣାରେ ସାନଭାଇ ମୃତ, ବଡ଼ ଗୁରୁତର

ବାରଙ୍ଗ,୩।୧୨(ଡି.ଏନ୍.ଏ.)

ଚନ୍ଦକା ଥାନା ଅନ୍ତର୍ଗତ ପିତାପଲ୍ଲୀ ଚନ୍ଦକା ରାସ୍ତାର ଗିରିଙ୍ଗାପୁଟ ଗାଁ ନିକଟରେ ବାଇକ୍ ଏବଂ ଡାଲାଅଟୋ ମୁହାଁମୁହିଁ ଧକ୍କା ଫଳରେ ସାନ ଭାଇର ମୃତ୍ୟୁ ଘଟିଛି। ସେ ହେଲେ ଗିରିଙ୍ଗାପୁଟ ଗାଁର ଅଶୋକ ବେହେରା। ଏଥିସହ ତାଙ୍କ ବଡ଼ ଭାଇ ଦିଲୀପଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। ସୂଚନା ମୁତାବକ, ଦୁଇ ଭାଇ ଅଶୋକ ଏବଂ ଦିଲୀପ ଶୁକ୍ରବାର ରାତିରେ ବାଇକ୍ ଯୋଗେ ଚନ୍ଦକା ପଟୁ ଘରକୁ ଫେରୁଥିଲେ। ଉକ୍ତ ସମୟରେ ପିତାପଲ୍ଲୀ ଆଡୁ ଆସୁଥିବା ଏକ ଡାଲାଅଟୋ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଦୁଇ ଭାଇଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଅଶୋକଙ୍କୁ ମୃତ ଘୋଷଣା କରିଥିବାବେଳେ ଦିଲୀପଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତର କହିଛନ୍ତି। ଖବରପାଇ ମେଣ୍ଢାଶାଳ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ୨ ଗାଡ଼ିକୁ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ଶନିବାର ମୃତଦେହକୁ ପୋଲିସ ପରିବାରକୁ ହସ୍ତାନ୍ତର କରିଛି। ତେବେ ଦୁର୍ଘଟଣା ଘଟାଇଥିବା ଡାଲାଅଟୋ ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି।

# ରାଜ୍ୟପାଳଙ୍କୁ ଭେଟିଲେ ଶିଶୁ ନୃତ୍ୟଶିଳ୍ପୀ ଆଞ୍ଜେଲିନା

ଭୁବନେଶ୍ୱର,୩।୧୨(ବ୍ୟୁରୋ)

କଳା ଓ ସଂସ୍କୃତି କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରି 'ବର୍ନ ଟୁ ସାଇନ' ବୃତ୍ତି ହାସଲ କରିଥିବା ଶିଶୁ ଓଡିଶୀ ନୃତ୍ୟଶିଳ୍ପୀ ଆଞ୍ଜେଲିନା ଆଭନି ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିଛନ୍ତି। ଆଞ୍ଜେଲିନାଙ୍କ ପ୍ରତିଭା ଓ କୃତିତ୍ୱ ସମ୍ପର୍କରେ ଜାଣିବା ପରେ ରାଜ୍ୟପାଳ ତାଙ୍କୁ ଆଗକୁ ବଢ଼ିବାକୁ ଉତ୍ସାହିତ କରିଥିଲେ। ବେଙ୍ଗାଲୁରୁରେ ରହୁଥିବା ଭୁବନେଶ୍ୱର ଶତାବ୍ଦୀନଗରର ମନୋରଞ୍ଜନ ପାଣିଗ୍ରାହୀ ଓ ବନାନୀଙ୍କ ଝିଅ ଆଞ୍ଜେଲିନା। ଦେଶ ବିଦେଶରେ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିବା ବେଳେ ଅନ୍ତର୍ଜାତୀୟସ୍ତରରେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱର ଆସିଥିବା ବେଳେ ଜେଜେବାପା ବାଳକୃଷ୍ଣ ପାଣିଗ୍ରାହୀଙ୍କ ସହ ରାଜ୍ୟପାଳଙ୍କୁ ଭେଟିଥିଲେ ଆଞ୍ଜେଲିନା।


ଶିଶୁ ଓଡିଶୀ ନୃତ୍ୟଶିଳ୍ପୀ ଆଞ୍ଜେଲିନା ଆଭନି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିଛନ୍ତି।

# ଓମ୍ ପ୍ରକାଶ ବାଲିପାଟଣା, ଶୁଭଶ୍ରୀ ପଣ୍ଡା ମହିଳା ଥାନା ଆଇଆଇସି

## କମିଶନରେଟ ପୋଲିସରେ ଅଦଳବଦଳ

ଭୁବନେଶ୍ୱର, ୩।୧୨(ବ୍ୟୁରୋ):

କମିଶନରେଟ ପୋଲିସ୍‌ର ଏସିପି ଓ ଥାନାଧିକାରୀ ସ୍ତରରେ ଶନିବାର ଏକ ବଡ଼ଧରଣର ଅଦଳବଦଳ ହୋଇଛି। ଏହି କ୍ରମରେ ଦୀର୍ଘଦିନ ହେବ କମିଶନରେଟ ପୋଲିସ ମୁଖ୍ୟାଳୟରେ ଥିବା ଅଧିକାଂଶ ଏସିପି ଓ ଥାନାଧିକାରୀଙ୍କୁ ଦ୍ୱୈତନଗରୀର ବିଭିନ୍ନ ଜୋନ ଓ ଥାନାକୁ ବଦଳି କରାଯାଇଛି। ଶହୀଦନଗର ଥାନା ଅଧିକାରୀ ଦାୟିତ୍ୱରେ ଥିବା ହିମାଂଶୁ ସ୍ୱାଇଁଙ୍କୁ ଭୁବନେଶ୍ୱର ସ୍ପେଶାଲ ସ୍କ୍ୱାର୍ଡ ଏସିପି ଭାବେ ବଦଳି କରାଯାଇଛି । ପୋଲିସ ଆୟୁକ୍ତ (ସିପି)ଙ୍କ କାର୍ଯ୍ୟାଳୟରେ ଥିବା ଏସିପି ପ୍ରଦୀପ କୁମାର ରାଉତଙ୍କୁ ଭୁବନେଶ୍ୱର ଆଇଏଏଚ୍‌ଟିୟୁର ଏସିପି, ବିଶ୍ୱରଞ୍ଜନ ସେନାପତିଙ୍କୁ ସ୍ପେଶାଲ କ୍ରାଇମ ୟୁନିଟ ଏସିପି, କେ.ପି.ଦାସଙ୍କୁ କଟକ ଡିଆଇବି ଏସିପି, ଅଞ୍ଜନା ଟୁଡୁଙ୍କୁ ଆଇବି ଏସିପି, ଅମିତାଭ ମହାପାତ୍ରଙ୍କୁ କଟକ ଜୋନ-୨ ଏସିପି, ସୁଶାନ୍ତ କୁମାର ସିଂହଙ୍କୁ କଟକ ଟ୍ରାଫିକ ଏସିପି ଭାବେ ବଦଳି କରାଯାଇଛି। ଅନ୍ୟପଟେ କୃଷ୍ଣଚନ୍ଦ୍ର ସେଠୀଙ୍କୁ କଟକ ଜୋନ-୫ ଏସିପି ଭାବେ ବଦଳି କରାଯାଇଛି। ସେହିପରି ସିପି ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ମନୋଜ କୁମାର ଶତଥୀଙ୍କୁ ଶହୀଦନଗର ଥାନା ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ ପି. ଶ୍ୟାମସୁନ୍ଦର ରାଓଙ୍କୁ ଲକ୍ଷ୍ମୀସାଗର ଥାନାଧିକାରୀ, ଲକ୍ଷ୍ମୀସାଗର ଥାନାର ଆଇଆଇସି ଓମ ପ୍ରକାଶ ମହାନ୍ତିଙ୍କୁ ବାଲିପାଟଣା ଥାନାକୁ ବଦଳି କରାଯାଇଛି। ଏୟାରଫିଲ୍ଡ ଥାନା ଅଧିକାରୀ ରାଧାକାନ୍ତ ସାହୁଙ୍କୁ ଚନ୍ଦକା ଥାନା ଆଇଆଇସି ଏବଂ ସେଠାରେ ଥିବା ସୁରେନ୍ଦ୍ର କୁମାର ବଳଙ୍କୁ ସିପି ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିପରି କଟକ ଦରଘାବଜାର ଥାନାର ଇନ୍ସପେକ୍ଟର ପ୍ରଦୀପ କୁମାର ଜେନାଙ୍କୁ କ୍ୟାଣ୍ଟନମେଣ୍ଟ ଥାନା, ଶହୀଦନଗର ଥାନାର ଅତିରିକ୍ତ ଆଇଆଇସି ଚିନ୍ତେଶ୍ୱର ମୁଣ୍ଡାଙ୍କୁ କଟକ ଦରଘାବଜାର ଥାନା ଆଇଆଇସି ଭାବେ ଅବସ୍ଥାପିତ କରାଯାଇଛି। ସିପି ମୁଖ୍ୟ କାର୍ଯ୍ୟାଳୟରେ ଥିବା ଇନ୍ସପେକ୍ଟର ଅଶୋକ କୁମାର ନାୟକଙ୍କୁ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଆଇଆଇସି, ମହିଳା ଥାନା ଅଧିକାରୀ ସନ୍ତୋଷିନୀ ବେହେରାଙ୍କୁ ବାଲିପାଟଣା ଥାନାର ଅତିରିକ୍ତ ଆଇଆଇସି ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ୟୁପିଡି ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଶୁଭଶ୍ରୀ ପଣ୍ଡାଙ୍କୁ ମହିଳା ଥାନା ଆଇଆଇସି ଭାବେ ବଦଳି କରାଯାଇଛି। ବାଲିପାଟଣା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ବରାଡଙ୍କୁ କଟକ ସିଆରଆରଆଇ ବିଭାଗକୁ ବଦଳି କରାଯାଇଛି । ସିପି ମୁଖ୍ୟାଳୟରେ ଥିବା ଏଏସ୍‌ଆଇ ନୃସିଂହନାଥ ଦ୍ୱିବେଦୀଙ୍କୁ ଉକ୍ତ ସ୍ଥାନରେ ପର୍ସନେଲ ସେକ୍ସନକୁ ବଦଳି କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୪ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ଗୋଚର ଜମି ଜବରଦଖଲକୁ ନେଇ ମୁହାଁମୁହିଁ

**କଟକ ସଦର,୩।୧୨(ଡି.ଏନ୍.ଏ.):** କନ୍ଦରପୁର ଥାନା ଅନ୍ତର୍ଗତ ବମ୍ଫୁରି ଗ୍ରାମରେ ଗୋଚର ଜମି ଜବରଦଖଲକୁ ନେଇ ଶନିବାର ସକାଳେ ଗ୍ରାମବାସୀ ଓ ବିସ୍ଥାପିତ ମୁହାଁମୁହିଁ ହୋଇଥିଲେ। ଖବରପାଇ ବମ୍ଫୁରି ଆର୍‌ଆଇ ବିଭୂତି ଭୂଷଣ ପ୍ରଧାନ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତ ଜମିରେ ଗୃହ ନିର୍ମାଣ ପାଇଁ ତହସିଲଦାର ଅନୁମତି ଦେଇ ନ ଥିବାରୁ କେହି ଜୋର୍‌ଜବରଦସ୍ତି ଘର ନିର୍ମାଣ କରିପାରିବେ ନାହିଁ ବୋଲି ଆର୍‌ଆଇ ପ୍ରଧାନ ଓ ପୋଲିସ ଲୋକମାନଙ୍କୁ ବୁଝାଇଥିଲେ। ପ୍ରଥମେ ଜିଲାପାଳଙ୍କଠାରୁ ଅନୁମତି ଆଣି କାମ ଆଗେଇବାକୁ ପୋଲିସ ପରାମର୍ଶ ଦେଇଥିଲା। ଘଟଣାରୁ ପ୍ରକାଶ, କନ୍ଦରପୁର ପଞ୍ଚାୟତ ସିଦ୍ଧେଶ୍ୱରପୁର ଗ୍ରାମ ରାସ୍ତା ପାର୍ଶ୍ୱ ସରକାରୀ ଜମିରେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଘର କରିଛନ୍ତି। ଏବେ ରାସ୍ତା ପ୍ରଶସ୍ତୀକରଣ ପାଇଁ ସେମାନଙ୍କୁ ବିସ୍ଥାପିତ କରାଯିବ। ସେଥିପାଇଁ ସେମାନେ ବମ୍ଫୁରି ଗ୍ରାମର ଗୋଚର ଜମି ଖାତା ନଂ. ୭୬୫, ପ୍ଲଟ୍ ନଂ. ୩୯୮୬ (ବମ୍ଫୁରି ପୋତାମାଲିଆ)ରେ ଘର କରିବା ପାଇଁ ଉଦ୍ୟମ କରିବାରୁ ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା।

### ଜାତୀୟ ଆଇନଜୀବୀ ଦିବସ

**କଟକ ଅଫିସ, ୩।୧୨:** କଟକସ୍ଥିତ କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷରେ ଜାତୀୟ ଆଇନଜୀବୀ ଦିବସ ଶନିବାର ପାଳିତ ହୋଇଯାଇଛି। ଆସୋସିଏଶନ ସଭାପତି ମନୋରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାଅଧିବକ୍ତା ଅଶୋକ କୁମାର ପରିଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ପ୍ରଥମ ରାଷ୍ଟ୍ରପତି ଭାରତରତ୍ନ ଡ. ରାଜେନ୍ଦ୍ର ପ୍ରସାଦଙ୍କ ନିରାଡ଼ମ୍ବର ଜୀବନଯାପନ, ଅଧ୍ୟବସାୟ ଏବଂ ଆଇନଜୀବୀ ଭାବେ ତାଙ୍କର କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଂଘ ସମ୍ପାଦକ ମନୋଜ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଇନ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଇନଜୀବୀ ମଧୁସୂଦନ ଛୋଟରାୟ, ପରିକ୍ଷିତ ପଣ୍ଡା, ଗୋଲକ ବିହାରୀ କର, ବଙ୍କିମ ଚରଣ ଦାସ ଓ ପ୍ରମୋଦ କୁମାର ପାଇକରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

### ଡା. ଆରତି ପଣ୍ଡାଙ୍କ ପରଲୋକ

**କଟକ ଅଫିସ,୩।୧୨:** ଅବସରପ୍ରାପ୍ତ ପ୍ରଫେସର ଡା. ଆରତି ପଣ୍ଡା(୮୦)ଙ୍କର ଖାନ୍‌ନଗରସ୍ଥିତ ବାସଭବନରେ ଶନିବାର



ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୨ ପୁଅ-ବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଆଇନଜୀବୀ ଦେବାଶିଷ ମହାପାତ୍ର ମୁଖାଗ୍ନି ଦେଇଥିଲେ। ଡା. ପଣ୍ଡା ବୁର୍ଲା, ବ୍ରହ୍ମପୁର ମେଡିକାଲ କଲେଜରେ କାର୍ଯ୍ୟ କରିଥିଲେ। ତାଙ୍କ ରଚିତ ଅନେକ ଗବେଷଣାଧର୍ମୀ ଲେଖା ବହୁ ପତ୍ରିକାରେ ପ୍ରକାଶିତ ହୋଇଛି। ତାଙ୍କ ସ୍ୱାମୀ ପ୍ରଫେସର ଡା. ମନ୍ମଥ ମହାପାତ୍ରଙ୍କର ପୂର୍ବରୁ ପରଲୋକ ହୋଇଥିଲା।

### ଗାନ୍ଧିପଲ୍ଲୀ ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା

**କଟକ ଅଫିସ, ୩।୧୨:** କଟକ ଗାନ୍ଧୀଭବନଠାରେ ଗାନ୍ଧିପଲ୍ଲୀ ଉନ୍ନୟନ କମିଟିର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। କମିଟି ସଭାପତି ଭାବେ ରବୀନ୍ଦ୍ର କୁମାର ମହାରଣା, ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରାଉତ, ଉପସଭାପତି ତ୍ରିଲୋଚନ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ଅମରେଶ୍ୱର ମହାକୁଡ ମନୋନୀତ ହୋଇଥିଲେ। ଏଥିସହ ୧୯ ଜଣ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା। ଶାନ୍ତି କମିଟି ସଭାପତି ଅଜୟ କୁମାର ବାରିକ, ଆବାହକ ସୁରେନ୍ଦ୍ର ବେହେରା କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ। ଏହି ବୈଠକରେ କମିଟିର ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ସାହୁ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

# ବଣଭୋଜିରେ ନିଶାସକ୍ତଙ୍କୁ ଜଗିବ ପୋଲିସ

**କଟକ ଅଫିସ,୩।୧୨**

- ଜୋର୍‌ଦାର ହେବ ପାଟ୍ରୋଲିଂ
- ନିଶାସକ୍ତଙ୍କଠାରୁ ଆଦାୟ ହେବ ଜରିମାନା

ସାଧାରଣତଃ ଡିସେମ୍ବରରୁ ଆରମ୍ଭ ହୋଇଯାଏ ପିକ୍‌ନିକ୍ ଋତୁ। ଶୀତୁଆ ପବନ ଭିତରେ ଭୋଜିର ଆସର ମନରେ ଭରିଦିଏ ଉଷ୍ମତା। ତେଣୁ ବଣଭୋଜି ସ୍ଥଳୀଗୁଡ଼ିକରେ ଲୋକଙ୍କ ବେଶ୍ ଭିଡ଼ ଜମିଥାଏ। ଭୋଜି ସମୟରେ ନିଶାପାନୀୟକୁ କେତେକ ହାତଛଡ଼ା କରିବାକୁ ପଛେଇ ନ ଥାନ୍ତି। ଫଳସ୍ୱରୂପ ସ୍ୱଳ୍ପ କେତେଜଣଙ୍କ ପାଇଁ ବଣଭୋଜି ଖୁସି ଅଘଟଣକୁ ଡାକି ଆଣିଥାଏ। ଏସବୁକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ କଟକ ସହରାଞ୍ଚଳର ବିଭିନ୍ନ ବଣଭୋଜି ସ୍ଥଳରେ ପାଟ୍ରୋଲିଂକୁ ଜୋର୍‌ଦାର୍ କରାଯିବ।

ବିଶେଷକରି ବଣଭୋଜି ପାଇଁ ଲୋକମାନେ ରାତି ସମୟରେ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। ଏହି ସମୟରେ ଅଧିକାଂଶ ଲୋକ ମଦ୍ୟପାନ କରିବା ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଅନେକ ଦୃଷ୍ଟାନ୍ତ ରହିଛି। ବଣଭୋଜି ଅଞ୍ଚଳ କଟକ ବାଲିଯାତ୍ରା ପଡ଼ିଆ, ମହାନଦୀ ଓ କାଠଯୋଡ଼ି ପଠା, କେତେକ ପାର୍କ ହିଁ ନିଶାସକ୍ତଙ୍କ ଆଡ୍ଡାସ୍ଥଳୀ ଭାବେ ପରିଗଣିତ। ଏବେ ବାଲିଯାତ୍ରା ତଳପଡ଼ିଆରେ ହୋଇଥିବା କଟକ ଇନ୍ କଟକ ଅଞ୍ଚଳକୁ ପ୍ରଶାସନ ବଣଭୋଜି ସ୍ଥଳଭାବେ ଉପଯୋଗ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି। ସେଥିପାଇଁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ପୋଲିସ ଅଧିକ ଗୁରୁତ୍ୱ ଦେଉଛି। ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିବାକୁ ବାରଣ କରାଯାଇଛି। ପୋଲିସର ଏ ନିୟମକୁ ନ ମାନିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁମାନେ ରାସ୍ତା ପାର୍ଶ୍ୱରେ ମଦ୍ୟପାନ କରୁଥିବେ ତୁରନ୍ତ ସେମାନଙ୍କୁ କାବୁ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କଟକ ସହରାଞ୍ଚଳର ସମସ୍ତ ଥାନା ଅଧିକାରୀଙ୍କୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ୍ ନିୟମିତ ଯାଞ୍ଚ କାର୍ଯ୍ୟକ୍ରମରେ ଗତ ୬ମାସ ମଧ୍ୟରେ କମିଶନରେଟ୍ ପୋଲିସ ଅଞ୍ଚଳରେ ନିଶାସକ୍ତ ବ୍ୟକ୍ତିଙ୍କଠାରୁ ୩ଲକ୍ଷରୁ ଅଧିକ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ସହରରେ ମୋଟ ୧୩, ୭୭୧ ନିଶାସକ୍ତ ବ୍ୟକ୍ତି ପୋଲିସ ହାତରେ ଧରାପଡିଛନ୍ତି। ସେମାନଙ୍କଠାରୁ ମୋଟ ୭୫ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ପୋଲିସ ନିଶାସକ୍ତ ବ୍ୟକ୍ତିଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଜାରି ରଖିବ ବୋଲି ଜଣାପଡ଼ିଛି।

ଅପରପକ୍ଷରେ ଜିଲା ଅବକାରୀ ବିଭାଗ ପକ୍ଷରୁ କଟକ ସହରରେ ପ୍ରାୟ ୨୦ଟି ଠିପି ଖୋଲା ଦୋକାନ ବା ବାର୍‌କୁ ଅନୁମତି ଦିଆଯାଇଛି। ଏହି ଦୋକାନଗୁଡ଼ିକରେ ଗ୍ରାହକ ବସି ମଦ ପିଇପାରିବେ। କିନ୍ତୁ ଠିପି ବନ୍ଦ ଦୋକାନରୁ ମଦ ନେଇ କେହି ସର୍ବସାଧାରଣ ସ୍ଥାନରେ ପିଇପାରିବେ ନାହିଁ ବୋଲି ନିୟମ ରହିଛି। ମାତ୍ର ବହୁ ବ୍ୟକ୍ତି ରାସ୍ତା ପାର୍ଶ୍ୱରେ ମଦ୍ୟପାନ କରି ଗଣ୍ଡଗୋଳ କରିବା ଦ୍ୱାରା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏପରି କି ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି। ଏହା ଦଣ୍ଡନୀୟ ଅପରାଧ ହୋଇଥିବାରୁ ଓଡ଼ିଶା ସହରାଞ୍ଚଳ ପୋଲିସ ଆଇନର ଧାରା ୮୧ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରୁ ଜରିମାନା ଆଦାୟ କରିବାର ବ୍ୟବସ୍ଥା ରହିଛି। କମିଶନରେଟ ପୋଲିସର ତଥ୍ୟ ଅନୁଯାୟୀ, ଚଳିତବର୍ଷ ଏପର୍ଯ୍ୟନ୍ତ ୧୧୮୦ରୁ ଅଧିକ ଲୋକେ ମଦ୍ୟପାନ କରି ପୋଲିସ ହାତରେ ଧରାପଡ଼ିଛନ୍ତି। ସେହିପରି ୨୦୨୧ରେ ୧୧୫୯ ଜଣ ନିଶାସକ୍ତଙ୍କଠାରୁ ୫ ଲକ୍ଷ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୨୦୨୦ରେ ସର୍ବସାଧାରଣ ସ୍ଥାନରେ ମଦ ପିଇବାବେଳେ ୧୨୬୩ ଜଣଙ୍କଠାରୁ ୬ ଲକ୍ଷ ୫୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

ଏ ନେଇ ଅତିରିକ୍ତ ଡିସିପି ଅନିଲ ମିଶ୍ର କହିଛନ୍ତି, ସହରର ପର୍ଯ୍ୟଟନସ୍ଥଳୀ ଓ ବଣଭୋଜି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। କେହି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ଯେପରି ମଦ୍ୟପାନ କରି ଗଣ୍ଡଗୋଳ ସୃଷ୍ଟି ନ କରନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବ। ଏଥିସହ ବାଲିଯାତ୍ରା ତଳପଡ଼ିଆରେ ପୋଲିସ ପାଟ୍ରୋଲିଂ ଜୋରଦାର କରାଯିବ ବୋଲି ସେ କହିଛନ୍ତି।

## ହାଇୱା ଧକ୍କାରେ ଗୁରୁତର ଛାତ୍ରୀଙ୍କ ମୃତ୍ୟୁ

**ଫୁଲନଖରା, ୩।୧୨(ଡି.ଏନ୍.ଏ.)**

ହାଇୱା ଧକ୍କାରେ ଗୁରୁତର ହୋଇ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଛାତ୍ରୀଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ବାରଙ୍ଗ ଥାନା ଅନ୍ତର୍ଗତ ବାଲିପଡା ଗ୍ରାମର ଶୁଭଦର୍ଶିନୀ ପଡ଼ିଆରୀ। ସେ ଗୋବିନ୍ଦପୁର କଲେଜ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗର ଶେଷବର୍ଷର ଛାତ୍ରୀ ଥିଲେ। ଗତ ୨୫ ତାରିଖରେ ସେ କଲେଜରୁ ସ୍କୁଟିରେ ଫେରୁଥିଲେ। ଏହି ସମୟରେ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀ-ଗୋବିନ୍ଦପୁର ରାସ୍ତାର ମଝି ଖଲର୍ଦ୍ଧାଠାରେ ଏକ ବାଲିବୋଝେଇ ହାଇୱା ତାଙ୍କ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଶୁଭଦର୍ଶିନୀ ଗୁରୁତର ହେବାରୁ ଚିକିତ୍ସାଲାଗି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ନ୍ୟାୟିକ ବ୍ୟବସ୍ଥା ଜାଣିଲେ ଛାତ୍ରୀଛାତ୍ର



ହାଇକୋର୍ଟ ପରିଦର୍ଶନରେ ଆସିଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀଛାତ୍ରମାନେ।

**କଟକ ଅଫିସ,୩।୧୨**

ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ନବମ ଶ୍ରେଣୀର ୩୦ ଜଣ ଛାତ୍ରୀଛାତ୍ର ଶିକ୍ଷକଙ୍କ ସହିତ ଶନିବାର ଓଡ଼ିଶା ହାଇକୋର୍ଟ ପରିଦର୍ଶନ କରିଥିଲେ। ଆଇନଜୀବୀ ଶୈଳଜ ନନ୍ଦନ ଦାସ ଉପସ୍ଥିତ ରହି ନ୍ୟାୟିକ ବ୍ୟବସ୍ଥା ଉପରେ ବିଦ୍ୟାର୍ଥୀମାନଙ୍କୁ ବୁଝାଇଥିଲେ। ସେମାନେ ହେରିଟେଜ ବିଲ୍ଡିଂରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ ଓ ଚ୍ୟାମ୍ବର ସମେତ ହାଇକୋର୍ଟର ନୂତନ ସୁଦୃଶ୍ୟ କୋଠା, ବିଚାରପତିମାନଙ୍କ ପାଠାଗାର ଓ ସମ୍ମିଳନୀ କକ୍ଷକୁ ବୁଲି ଦେଖିଥିଲେ। ସେମାନେ ବିଭିନ୍ନ ପ୍ରଶ୍ନ ଉପସ୍ଥିତ ଆଇନଜୀବୀଙ୍କୁ ପଚାରିଥିଲେ। ଏଥିସହ ଭିଡିଓ ଚିତ୍ର ମାଧ୍ୟମରେ ବିଚାରପତିମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ଦେଖିଥିଲେ। ମୁଖ୍ୟ ବିଚାରପତିଙ୍କ କୋର୍ଟ ରୁମ୍‌ରେ ଏକ ମାମଲାର ଶୁଣାଣି ସମ୍ପର୍କିତ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଆଇନ ସେବା ଭବନ, ମେଡିଟେସନ କେନ୍ଦ୍ର ପରିଦର୍ଶନ କରିବା ସହ ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ରହିଥିବା ଆଇନ ସହାୟତା ବିଷୟରେ ସଚେତନ ହୋଇଥିଲେ। ସେହିପରି ଓଡ଼ିଶା ଜୁଡିସିଆଲ ଏକାଡେମୀରେ ବିଚାରପତି ଓ ଆଇନଜୀବୀଙ୍କ ପାଇଁ ହେଉଥିବା ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ। ବିଚାରପତି ଚିତ୍ତରଞ୍ଜନ ଦାଶ ବିଦ୍ୟାର୍ଥୀମାନଙ୍କୁ ହାଇକୋର୍ଟ ଓ ଜିଲା କୋର୍ଟଗୁଡ଼ିକର କାର୍ଯ୍ୟକାରିତା ବିଷୟରେ ବୁଝାଇଥିଲେ। ସୂଚନାଯୋଗ୍ୟ, ୨୦୨୧ ଶିଶୁ ଦିବସ ଅବସରରେ ହାଇକୋର୍ଟ ପରିସର ପ୍ରଥମଥର ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ମୁକ୍ତ ହୋଇଥିଲା। ଏହାପରଠାରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ହାଇକୋର୍ଟ ଓ ଏହାସହ ଜଡ଼ିତ ଥିବା ଅନୁଷ୍ଠାନ ରାଜ୍ୟ ଆଇନସେବା ପ୍ରାଧିକରଣ, ଓଡ଼ିଶା ଜୁଡିସିଆଲ ଏକାଡେମୀ ଆଦି ପରିଦର୍ଶନ କରିଛନ୍ତି। ସମାଜରେ ପ୍ରଚଳିତ ଲୋକକଥା ଓ ବାସ୍ତବ ବିଚାର ବ୍ୟବସ୍ଥା ମଧ୍ୟରେ ଛାତ୍ରୀଛାତ୍ରମାନଙ୍କୁ ଏକ ସ୍ୱଚ୍ଛଚିତ୍ର ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ହାଇକୋର୍ଟ ପକ୍ଷରୁ ପ୍ରଦତ୍ତ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

## ଜମି ବିବାଦକୁ କେନ୍ଦ୍ରକରି ଆକ୍ରମଣ, ବୃଦ୍ଧ ମୃତ

**କଣ୍ଟାପଡା, ୩।୧୨(ଡି.ଏନ୍.ଏ.)**

ଆକ୍ରମଣରେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ବୃଦ୍ଧଙ୍କର ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ତଣ୍ଡିକଣା ଗ୍ରାମର ଭଗବାନ ସ୍ୱାଇଁ(୭୦)। ଏ ନେଇ ଗୋବିନ୍ଦପୁର ପୋଲିସ ଏକ ମାମଲା(ନଂ.୧୮୦/୨୨) ରୁଜୁ କରିଛି। ତଣ୍ଡିକଣା ଗ୍ରାମର ଭଗବାନ ଓ ତାଙ୍କ ସାନଭାଇ ନାରାୟଣଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ରକରି ପ୍ରାୟ ୫ବର୍ଷ ହେବ ବିବାଦ ଲାଗି ରହିଥିଲା। ଭଗବାନଙ୍କର ପୁଅ ନ ଥିବାରୁ ତାଙ୍କର ସମସ୍ତ ସମ୍ପତ୍ତି ନେଇଯିବା ପାଇଁ ନାରାୟଣ ଓ ତାଙ୍କ ୨ପୁଅ ସବୁବେଳେ ତାଙ୍କ ଉପରେ ଚାପ ପକାଉଥିଲେ। ଏଥିରେ ସେ ରାଜି ନ ହେବାରୁ ବିଭିନ୍ନ ସମୟରେ ସେମାନେ ତାଙ୍କୁ ନିର୍ଯାତନା ଦେଉଥିଲେ। ଗତ ୨୯ ତାରିଖ ସକାଳେ ଭୃଷଙ୍ଗପତ୍ର ତୋଳାକୁ କେନ୍ଦ୍ରକରି ନାରାୟଣଙ୍କ ପରିବାର ଲୋକେ ଭଗବାନ ଓ ତାଙ୍କ ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଚିକିତ୍ସାଲାଗି ଭଗବାନଙ୍କୁ ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଗୋବିନ୍ଦପୁର ଥାନାଧିକାରୀ ରବିନାରାୟଣ ବେହେରା କହିଛନ୍ତି, ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# 'ପ୍ରତି ଓଡ଼ିଆଙ୍କ ମା' ଥିଲେ ରମାଦେବୀ'

**କଟକ ଅଫିସ, ୩।୧୨**

**ରମାଦେବୀଙ୍କ ଜୟନ୍ତୀ ପାଳିତ**

ମା' ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ ପକ୍ଷରୁ ରମାଦେବୀଙ୍କ ୧୨୩ତମ ଜୟନ୍ତୀ କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରେ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ନାରୀ ମୁକ୍ତି ଓ ମା' ରମାଦେବୀ ଶୀର୍ଷକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ସୀତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବୟିତ୍ରୀ ଚିରଶ୍ରୀ ଇନ୍ଦ୍ରସିଂ ଯୋଗଦେଇ କହିଥିଲେ, ପ୍ରତି ଓଡ଼ିଆଙ୍କ ମା' ଥିଲେ ରମାଦେବୀ। ଦେଶ ସ୍ୱାଧୀନତା ସଂଗ୍ରାମର ମଙ୍ଗ ଧରି ରମାଦେବୀ ନିଜର ସମଗ୍ର ପରିବାରକୁ ଏହି ସଂଗ୍ରାମରେ ସାମିଲ କରିଥିଲେ। ଓଡ଼ିଶାର ପୁରପଲ୍ଲୀର ଝିଅବୋହୂ ରମାଦେବୀଙ୍କ ପ୍ରେରଣାରେ ମୁକ୍ତି ସଂଗ୍ରାମରେ ବ୍ରତୀ ହୋଇଥିଲେ। ମା' ରମାଦେବୀଙ୍କ ପ୍ରେରଣାରେ ମହିଳାମାନେ ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ ବୋଲି ଇନ୍ଦ୍ରସିଂ କହିଥିଲେ। ସେହିପରି ସମ୍ମାନିତ ବକ୍ତା ଭାବେ ସ୍ଥପତି ସନ୍ଦୀପ ଦାସବର୍ମା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ନମିତା ପଣ୍ଡା, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଅନ୍ନପୂର୍ଣ୍ଣା ସାହୁ, ରାଜରାଣୀ ମହାନ୍ତି, ବିଦ୍ୟୁତ୍ କୁମାରୀ ଲାଲା, ପ୍ରଭାବତୀ ପଣ୍ଡା, ବିଜୟଲକ୍ଷ୍ମୀ ଦାସ, ଡ. ପ୍ରଶାନ୍ତ ପ୍ରଧାନ, ଇନ୍ଦୁମତୀ ସାହୁ, ରମାକାନ୍ତ ମଣ୍ଡଳ, ଅନିମା ରାୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପୂର୍ବାହ୍ନରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ମିହିର ପ୍ରତାପ ଦାସ, ରାମଚନ୍ଦ୍ର ଶୁକ୍ଳ ଓ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ବିଚାରପତି ଭାବରେ ଯୋଗ ଦେଇଥିଲେ। ନରହରି ସେନ ଧନ୍ୟବାଦ ଦେଇଥିଲେ।




ଗାନ୍ଧୀଭବନରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିମାନେ।

# ୧୦ରୁ ସାତସାହି କଟକ ନୃତ୍ୟୋତ୍ସବ

**କଟକ ଅଫିସ, ୩।୧୨**

**ଯୋଗଦେବେ ୮ ରାଜ୍ୟର ୮୦ ସାଂସ୍କୃତିକ ଦଳ**

ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନର ସହଯୋଗରେ ଆସନ୍ତା ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ସାତସାହି କଟକ ନୃତ୍ୟୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ଅଧ୍ୟକ୍ଷତା କରି କହିଥିଲେ, କଟକର ସମୃଦ୍ଧ ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ ଏହି ନୃତ୍ୟୋତ୍ସବ ଆୟୋଜିତ ହୋଇଆସୁଛି। ଏହାଦ୍ୱାରା କଟକରେ ପାରମ୍ପରିକ ସଦ୍‌ଭାବ, ଭ୍ରାତୃଭାବ ଓ ସହାବସ୍ଥାନ ସମୃଦ୍ଧ ହେବାରେ ଲାଗିଛି। ନୃତ୍ୟୋତ୍ସବର ସଫଳ ରୂପାୟନ ନିମନ୍ତେ ସମ୍ପୃକ୍ତ ସମସ୍ତ ବିଭାଗ ଏବଂ ଅନୁଷ୍ଠାନ ସହ ସିଏମ୍‌ସି ସମନ୍ୱୟ ରକ୍ଷା କରି ପ୍ରସ୍ତୁତି କାର୍ଯ୍ୟକୁ ଆଗେଇ ନେବ ବୋଲି ମେୟର କହିଥିଲେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ନୃତ୍ୟୋତ୍ସବକୁ ସଫଳ କରିବା ପାଇଁ ତତ୍ପରତାର ସହ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ନୃତ୍ୟୋତ୍ସବ କମିଟି ସଭାପତି ରବି ନାରାୟଣ ନନ୍ଦ ନୃତ୍ୟୋତ୍ସବ ଏକ ନୂତନ ଢଙ୍ଗରେ ଆୟୋଜିତ ହେବ ବୋଲି କହିଥିଲେ। ୧୩ ବର୍ଷ ଧରି ଏହି ନୃତ୍ୟୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ୮ଟି ରାଜ୍ୟର ୮୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କମିଟି ସମ୍ପାଦକ ଦିପେଶ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲାବେଳେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଦିବ୍ୟାଙ୍ଗ କୌଣସି ଗୁଣରେ କମ୍ ନୁହନ୍ତି'

**କଣ୍ଟାପଡା, ୩।୧୨(ଡି.ଏନ୍.ଏ.)**

ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ କଟକ ଜିଲା କଣ୍ଟାପଡା ବ୍ଲକ ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଏମ୍‌ସର କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଯୋଗଦେଇ କହିଥିଲେ, ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହନ୍ତି। ଦିବ୍ୟାଙ୍ଗଙ୍କ ସେବାରେ ନିୟୋଜିତ କର୍ମଚାରୀ ନିଜକୁ ଜଣେ ଜଣେ ସେବକ ବୋଲି ଭାବିବା ପାଇଁ ସେ କହିଥିଲେ। ଶିଶୁରୋଗ ବିଶେଷଜ୍ଞ ଡା. କିଶୋର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନିର୍‌ତାର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଯୋଗଦେଇ ବିଶ୍ୱ ଦିବ୍ୟାଙ୍ଗ ଦିବସର ସ୍ୱତନ୍ତ୍ରତା ବିଷୟରେ କହିଥିଲେ। ପ୍ରଶାସନିକ ଉପନିର୍ଦ୍ଦେଶକ ଡ. ପବିତ୍ର ସାହୁ ସ୍ୱାଗତ ଭାଷଣ ଓ ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିବା ଭୁବନେଶ୍ୱର ଏମ୍‌ସ ହସ୍ପିଟାଲର ସୂଚନା ବିଭାଗ ମୁଖ୍ୟ ତଥା ଅତିରିକ୍ତ ପ୍ରଫେସର ଡା. ପ୍ରଭାତ ରଞ୍ଜନ ତ୍ରିପାଠୀ, ରେଜିଷ୍ଟ୍ରାର ବିଧୁଭୂଷଣ ମିଶ୍ର, ସୂଚନା ଅଧିକାରୀ ରାଜକିଶୋର ଦାଶ ଓ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନିର୍‌ତାର ଅନ୍ତେବାସୀ ବିଦ୍ୟାଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନେ କରିଥିବା ଫୁଡ୍‌ଫେଷ୍ଟ ଷ୍ଟଲ ବେଶ୍ ଆକର୍ଷଣ ସାଜିଥିଲା। ପରେ ସେମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଡା. ଦୀପକ ସିଂ, ଚିତ୍ତରଞ୍ଜନ ମିଶ୍ର, ମନୋରଞ୍ଜନ ଶତପଥୀ, ଶ୍ରୀକାନ୍ତ ମହାରଣା, ସଞ୍ଜୀବ ସେଠୀ, ଅଶୋକ ବେହେରା, ଜୟଶଙ୍କର ପଣ୍ଡା, ମୋନାଲିସା ଦାଶ, ରାଜେଶ ମହାନ୍ତିଙ୍କ ସମେତ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଅନୁରୂପା ସେନାପତି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।



କଟକ ସାରଳା ଭବନରେ ପଣ୍ଡିତ ସୁରେନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।



ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଶନିବାର କଟକ ଜିଲା ପ୍ରଶାସନ ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରୁ ବାହାରିଥିବା ଶୋଭାଯାତ୍ରା। ଫଟୋ: ରାଜକିଶୋର

# ଭାରତୀୟ ଷ୍ଟାର୍ଟଅପ୍ କମ୍ପାନୀକୁ ଆର୍ଥଶାଟ୍ ପୁରସ୍କାର



## କମ୍ ଖର୍ଚ୍ଚ, ଜଳ ଓ ସାର ପ୍ରୟୋଗରେ ହେବ ଚାଷ, ଲାଭବାନ୍ ହେବେ କ୍ଷୁଦ୍ରଚାଷୀ

**ଲଣ୍ଡନ**

ଭାରତୀୟ ଷ୍ଟାର୍ଟଅପ୍ କମ୍ପାନୀ 'ଖେତି'କୁ ଆର୍ଥସାଟ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ବ୍ରିଟେନର ପ୍ରିନ୍ସ ଚାର୍ଲସ୍ ତୃତୀୟଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ବିଜୟ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ୧ ନିୟୁତ ପାଉଣ୍ଡ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଅନୁଷ୍ଠିତ ପ୍ରତିଯୋଗିତାରେ ମୋଟ ୫ ଷ୍ଟାର୍ଟଅପ୍ କମ୍ପାନୀ ଫିନର ହୋଇଛନ୍ତି। ଏମାନଙ୍କ ଭିତରେ ଭାରତର ଷ୍ଟାର୍ଟଅପ୍ କମ୍ପାନୀ ଖେତିକୁ ସାମିଲ କରାଯାଇଛି। ଏ ଗ୍ରୀନ ହାଉସ୍ ଇନ୍ ଏ ବକ୍ସ ପ୍ରଣାଳୀରେ ଚାଷ କରାଯାଉଛି। ଏହାଦ୍ୱାରା କ୍ଷୁଦ୍ରଚାଷୀ ଅଧିକ ଲାଭବାନ ହୋଇପାରିବେ। ଉନ୍ନତ ଜ୍ଞାନକୌଶଳର ଫସଲ ପ୍ରଣାଳୀରେ ଜଳର ବ୍ୟବହାର କମାଯାଉଥିବାବେଳେ ଖୁବ କମ୍ ପରିମାଣର ସାର ମଧ୍ୟ ଫସଲରେ ପ୍ରୟୋଗ କରିବାକୁ ପଡୁଛି। ଏହି ଚାଷ ପ୍ରଣାଳୀ ଦ୍ୱାରା ଦେଶରେ ୧୦୦ ନିୟୁତ କ୍ଷୁଦ୍ରଚାଷୀ ଲାଭବାନ ହେବେ ବୋଲି ଖେତିର ସହ-ସଂସ୍ଥାପକ ଏବଂ ସିଇଓ କୌଶିକ କାପ୍ପାଗାଣ୍ଟୁଲୁ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେଉଥିବା ଚାଷୀଙ୍କ ପାଇଁ ଏହା ଲାଭଦାୟକ ସାବ୍ୟସ୍ତ ହେବ। ଏକ ସାଧାରଣ ସବୁଜ ଗୃହ ନିର୍ମାଣ ହେଉଥିବା ଟଙ୍କାର ୯୦ ପ୍ରତିଶତ କମ୍ ଅର୍ଥରେ ଖେତି ପ୍ରଣାଳୀରେ କୃଷିକାର୍ଯ୍ୟ ସମ୍ଭବ। ବାୟୁ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଯୋଗୁ ଚାଷ କାର୍ଯ୍ୟ ବହୁଳଭାବେ ପ୍ରଭାବିତ ହୋଇଛି। ଏ ପ୍ରକାର ସମସ୍ୟାର ସମାଧାନ ପାଇଁ ପ୍ରାକୃତିକ ସମ୍ପଦ ସଂରକ୍ଷଣର ସ୍ଥାୟୀ ସମାଧାନର ଆବଶ୍ୟକତା ରହିଛି। ସେଥିପାଇଁ ବିଶେଷଜ୍ଞମାନେ ବିଶେଷ ପ୍ରକାର ଅଧ୍ୟୟନ ମଧ୍ୟ ଜାରି ରଖିଛନ୍ତି। ୨୦୩୦ ସୁଦ୍ଧା ବିଶ୍ୱକୁ ଜଳବାୟୁ ପରିବର୍ତ୍ତନ ରୂପକ ସମସ୍ୟା ଦୂର କରିବା ଲାଗି ଆର୍ଥସଟ୍‌ର ଆୟୋଜନ କରାଯାଉଛି।



ଉତ୍ତର ଭାରତର ଲଦାଖର ବରଫାବୃତ ପାର୍ବତ୍ୟାଞ୍ଚଳରେ ଏକ ଚିତାବାଘ (ସ୍ନୋ ଲିଓପାର୍ଡ) ବୁଲୁଥିବାର ଦୃଶ୍ୟ।

# ସବୁଠୁ ବୟସ୍କ କଇଁଛ



**ଲଣ୍ଡନ:** ବ୍ରିଟେନର ଏସ୍‌ଟି. ହେଲେନା ଦ୍ୱୀପରେ ବିଶ୍ୱର ସବୁଠାରୁ ବୟସ୍କ କଇଁଛ ଜୋନାଥାନର ଜନ୍ମ ଦିନ ପାଳନ କରାଯାଇଛି। ଜୋନାଥାନକୁ ଏବେ ୧୯୦ ବର୍ଷ। ଗଭର୍ନରଙ୍କ ଘରେ ଜୋନାଥାନ ଅଧିକାଂଶ ସମୟ ବିତାଇସାରିଛି। ତେବେ ଜନ୍ମଦିନ ଅବସରରେ ଜୋନାଥାନକୁ ଦେଖିବା ପାଇଁ ଗହଳି ଜମିଛି। ତେବେ ଖବର ମୁତାବକ ୩ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ, ଯେଉଁଥିରେ ବାହାର ଲୋକେ ବିଶ୍ୱର ସବୁଠାରୁ ବୟସ୍କ କଇଁଛକୁ ଦେଖିବାର ସୁଯୋଗ ପାଇବେ। ଗଭର୍ନର ସାର୍ ୱିଲିୟମ ଗ୍ରେ ୱିଲସନ୍‌ଙ୍କୁ ମିଳିଥିବା ଏହି କଇଁଛ ୧୮୮୨ରେ ସେଚେଲ୍ସରୁ ହେଲେନା ଅଣାଯାଇଥିଲା। ଗିନିଜ ୱାର୍ଲ୍ଡ ରେକର୍ଡରେ ସାମିଲ ହୋଇଥିବା ଜୋନାଥନର ବୟସ ୨୦୦ ବର୍ଷରୁ ଊର୍ଦ୍ଧ୍ୱ ବୋଲି କେହି କେହି କହୁଛନ୍ତି।

# ମାହୁନ୍ତଙ୍କୁ କଚାଡ଼ିଲା ହାତୀ

**ଥିରୁଭାନନ୍ତପୁରମ**



ବିବାହରେ ଫଟୋଶୁଟ୍ ଏକ ଟ୍ରେଣ୍ଡ ପାଲଟିଛି। ବିବାହକୁ ଅବିସ୍ମରଣୀୟ କରିବା ସକାଶେ ଅନେକେ ଏପରି କରୁଛନ୍ତି। କେରଳରେ ଏମିତି ଏକ ବିବାହ ଫଟୋଶୁଟ୍ ଚାଲିଥିବାବେଳେ ଏକ ହାତୀ ରାଗିଯାଇ ମାହୁନ୍ତଙ୍କୁ ଟେକି କଚାଡ଼ି ଦେଇଥିବା ଖବର ସାମ୍ନାକୁ ଆସିଛି। କେରଳର ଗୁରୁଭାୟୁର ମନ୍ଦିରରେ ଏକ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ଏପ୍ରକାର ଅଜବ କାଣ୍ଡ ଦେଖିବାକୁ ମିଳିଛି। ନବଦମ୍ପତିଙ୍କ ବିବାହ ସାରି ଫଟୋଶୁଟ୍ କରିଥିଲେ। ଫଟୋଶୁଟ୍ କରାଯାଉଥିବା ସ୍ଥାନରେ ଏକ ହାତୀ ଛିଡ଼ା ହୋଇଥିବାବେଳେ ସେ ହଠାତ୍ ମାହୁନ୍ତଙ୍କୁ ଆକ୍ରମଣ କରିଥିଲା। ମାହୁନ୍ତ ପିନ୍ଧିଥିବା ଉତ୍ତରୀୟକୁ ହାତୀ ନିଜ ଶୁଣ୍ଢରେ ଧରି ମାହୁନ୍ତଙ୍କୁ ଟେକି କଚାଡ଼ି ଦେଇଥିବା ଦେଖାଯାଇଥିଲା। ତେବେ ମାହୁନ୍ତ ଜଣକ ସେଠାରୁ ସୁରକ୍ଷିତ ଭାବେ ଖସି ପଳାଇଥିଲେ। ହାତୀର ଏ ପ୍ରକାର ବ୍ୟବହାରକୁ ଦେଖି ନବଦମ୍ପତି ଜାଗା ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ମାହୁନ୍ତ ହାତୀକୁ ଶାନ୍ତ କରିଥିଲେ। ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି।

# ଫ୍ୟାନ୍‌ଙ୍କୁ ଅଣଦେଖା ଅନନ୍ୟା ଟ୍ରୋଲ୍



**ମୁମ୍ବାଇ:** ବଲିଉଡ୍ କଳାକାରଙ୍କ ଫ୍ୟାନ୍ସ ସେମାନଙ୍କୁ ଦେଖା କରିବା ତଥା ଫଟୋ ଉଠାଇବା ଲାଗି କୌଣସି ମଉକା ହାତଛଡ଼ା କରନ୍ତି ନାହିଁ। ସେଥିପାଇଁ ତ କୌଣସି ଇଭେଣ୍ଟ ହେଉ ଅବା ଫିଲ୍ମ ପ୍ରମୋଶନ୍ ସେଲିବ୍ରିଟିମାନଙ୍କ ଗୋଟିଏ ଝଲକ ଦେଖିବା ପାଇଁ ଜନସାଧାରଣଙ୍କ ଭିଡ଼ ଜମିଯାଏ। ପ୍ରତ୍ୟେକ କଳାକାର ଲାଗି ପ୍ରଶଂସକ ଗୁରୁତ୍ୱ ବହନ କରୁଥିବାବେଳେ କୌଣସି କଳାକାର ସେମାନଙ୍କୁ ଅଣଦେଖା କରନ୍ତି ନାହିଁ। କିନ୍ତୁ ଏପରି କରି ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବେ ସୋସିଆଲ ମିଡିଆରେ ଟ୍ରୋଲ୍‌ର ଶିକାର ହୋଇଛନ୍ତି। ଜିମ୍ ବ୍ୟତୀତ ଅନନ୍ୟା ଏବେ ଯୋଗକେନ୍ଦ୍ରରେ ଅଧିକ ସମୟ ଅତିବାହିତ କରୁଥିବାବେଳେ କେତେଜଣ ଫ୍ୟାନ୍ ତାଙ୍କୁ ଭେଟିବା ପାଇଁ ସେଠାରେ ପହଞ୍ଚିଥିଲେ। ଅନନ୍ୟା ସେମାନଙ୍କୁ ନ ଭେଟି ସିଧା ଗାଡ଼ିରେ ଯାଇ ବସିଥିଲେ। ତେବେ ଏ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନାୟିକାଙ୍କୁ ଏବେ ଟ୍ରୋଲ୍ ହେବାକୁ ପଡ଼ିଛି। କିଛିଦିନ ତଳେ ବିଗ୍‌ବସ୍ ଫେମ୍ ଶେହନାଜ ଗିଲ୍‌ଙ୍କ ଏକ ଭିଡିଓ ସାମ୍ନାକୁ ଆସିଥିଲା। ସେଥିରେ ତାଙ୍କର ଜଣେ ଫ୍ୟାନ୍ ଶେହନାଜଙ୍କୁ ଦେଖି କାନ୍ଦି ପକାଇଥିବାବେଳେ ଶେହନାଜ ତାଙ୍କୁ ଆଲିଙ୍ଗନ କରି ପକାଉଥିବାର ଭିଡିଓରେ ଦେଖିବାକୁ ମିଳିଥିଲା। ଏବେ କମେଣ୍ଟ ଜରିଆରେ ୟୁଜର୍ସ ଫ୍ୟାନ୍ସଙ୍କ ସହ ବ୍ୟବହାରକୁ ନେଇ ଅନନ୍ୟା ଓ ଶେହନାଜଙ୍କ ତୁଳନା କରି ସମାଲୋଚନା କରିଛନ୍ତି।

No. i-256

OFFICE OF THE PANCHAYAT SAMITI,GHATAGAON
At/P.O.: Ghatagaon, Dist.: Keonjhar, PIN - 758027 (Odisha)
E-mail: ori-ghatgaon@nic.in

CORRIGENDUM TO THE BID IDENTIFICATION No. TCN No. 01/2022-23
(BRIEF TENDER CALL NOTICE)

Ref.: 1) Tender Call Notice Dt.22.11.2022 displayed in NIC website.
2) Published on 22.11.2022 in The Pragativadi (Odia Daily) and The Dharitir (Odia Daily) (Brief Tender Call Notice)

The following rectification/addition have been made to the Tender Call Notice.

1. Serial No. 6 of the Project List on Name of GP shall be substituted with "Badapichhula" in place of "Jharabeda".
All other contents of the Tender Call Notice shall remain unchanged.

Sd./- Block Development Officer, Ghatagaon
OIPR-19026/11/0006/2223

WORKS DEPARTMENT
OFFICE OF THE EXECUTIVE ENGINEER
NATIONAL HIGHWAY DIVISION, BARIPADA
No. b-24 (E-mail Address: eenhbaripada@yahoo.in)
GOVERNMENT OF ODISHA
1st Corrigendum to Bid Identification No. EE NH (BPD) - 05/2022-23 dated 14.11.2022
No. 2579 Date: 25.11.2022

I. Name of the Work: (1) Construction of 1 No. of D type quarter at Baripada under NH Division, Baripada for the year 2022-23.
II. The bid documents will be available in the website: https://tenderodisha.gov.in from 11.00 A.M. of 05.12.2022 instead of 28.11.2022.
III. Bid must be submitted online on or before 15.12.2022 upto 05.00 P.M. instead of 08.12.2022.
IV. Bid shall be opned on date 16.12.2022 at 11.30 A.M. instead of 09.12.2022.

All other terms and conditions are remain unchanged.
Sd./- Executive Engineer, N.H. Division, Baripada
OIPR-34050/11/0005/2223

GOVERNMENT OF ODISHA
OFFICE OF THE EXECUTIVE ENGINEER
MAYURBHANJ MINOR IRRIGATION DIVISION, BARIPADA
AT/P.O-Baripada, Dist-Mayurbhanj, PIN-757001
E-Mail: mi.mayurbhanj@yahoo.co.in
No.A-817
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: PI63533)
REQUEST FOR BIDS(RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No. OIIPCRA-MBJ/W2-1/2022-23 Date. .11.2022

| | |
|---|---|
| Name of Work: | Improvement to MIPs under Mayurbhanj **M.I.Division, Baripada** |
| Total No. of Works | 8 Nos.(Individual MIP & Individual Package) |
| Estimated Cost of Works(s): | Varies Approximately from **21.062 Lakh** to **77.64 Lakh in individual package for One No. project.** (Total estimated cost of the 8Nos. of Works **387.75** Lakh ) |
| Cost of Bid Document: | **Free of Cost.** |
| Time for Completion: | Refer to DTCN |
| Availability of Bid Documents: | From **07.12.2022 10.00** Hrs to **06.01.2023** up to **15.00 Hrs** through online. |
| Date of Pre-Bid Meeting: | On dt **21.12.2022** From **11.30 Hrs.** To 14.00 Hrs. |
| Period for receipt of bid(s): | From **07.12.2022 10.00** Hrs to **06.01.2023** up to **15.00 Hrs** through online. |
| Payment of bid cost/bid security: | Shall be Paid On-Line through the e-Procurement portal of Govt. of Odisha. |
| Date of opening of bid(s): | On dt: **06.01.2023** at **15.30 Hrs** onwards. |
| Details about the tender: | Available in website of www.dowrodisha.gov.in and www.tendersodisha.gov.in |
| Name/Address of the OIT: | **Executive Engineer, Mayurbhanj M.I. Division, Baripada, At/Po-Baripada (Near Murgabadi Fly Over Bridge)/ Dist: Mayurbhanj, PIN-757001 E-Mail:- mi.mayurbhanj@yahoo.com** |

Sd./- MR Dash
Executive Engineer, Mayurbhanj M.I. Division, Baripada
OIPR-32041/11/0007/2223

ତହସିଲ କାର୍ଯ୍ୟାଳୟ, ସଦର କେନ୍ଦୁଝର, ଜିଲ୍ଲା: କେନ୍ଦୁଝର
ଜବତ କରାଯାଇଥିବା ଲଘୁ ଖଣିଜର ନିଲାମ ନିମନ୍ତେ ବିଜ୍ଞାପନ

No. F-375: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସଦର ତହସିଲ ଅନ୍ତର୍ଗତ ରାଇସୁଆଁ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ଯାମୁନାଳିଆ ଗ୍ରାମରେ ମୋଟ ୧୨୭୦୦ ଘ.ମି. ଏବଂ ମଣ୍ଡୁଆ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ସିରିସପାଳ ଗ୍ରାମରେ ମୋଟ ୧୦୫ ଘ.ମି. ଲଘୁ ଖଣିଜ (ପଥର) ଜବତ ହୋଇଅଛି। ଏହି ଜବତ ଲଘୁ ଖଣିଜ (ପଥର) ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ଅତ୍ର କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୯୩୨୫/୦୧।୧୨।୨୦୨୨ରିଖ ଏବଂ ବିଜ୍ଞପ୍ତି ସଂଖ୍ୟା ୯୩୨୧/୦୧।୧୨।୨୦୨୨ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା। ଇଚ୍ଛୁକ ବ୍ୟକ୍ତି ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ଜିଲ୍ଲା Website: **www.kendujhar.nic.in**ରୁ download କରିପାରିବେ। ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉପରୋକ୍ତ websiteରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ସଦର ତହସିଲ କେନ୍ଦୁଝର କାର୍ଯ୍ୟାଳୟକୁ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ତଥ୍ୟ ବୁଝି ନେଇପାରିବେ।
ମୁଦ ଦରଖାସ୍ତ ଦାଖଲର ଅନ୍ତିମ ତାରିଖ: ୧୭।୧୨।୨୦୨୨
ଦରଖାସ୍ତ ଉନ୍ମୋଚନ ଓ ତନଖିର ତାରିଖ: ୧୯।୧୨।୨୦୨୨

ସ୍ୱା./- ତହସିଲଦାର, ସଦର, କେନ୍ଦୁଝର
OIPR-24298/11/0002/2223

BHUBANESWAR DEVELOPMENT AUTHORITY
AKASH SHOVA BUILDING, PANDIT JAWAHARLAL NEHRU MARG, BHUBANESWAR - 751001, ODISHA
TEL: (0674) 2396437, 2390998, 2392801, FAX: 0674-2390633/2393980
No. 42452 /BDA, Bhubaneswar, Date 03.12.2022
ALMTV-84/12(Part-2)/21

NOTICE

No.CAD-4008:- Applications are hereby invited for auction sale of 02 (Two) 1 BHK, Type-1 flats at BDA Housing Project, Paikarapur-1, Bhubaneswar on as is where is basis through e-auction to be held on 11.01.2023.

| Type of flat | Total flats available | Carpet area | Price (in Rs.) |
|---|---|---|---|
| 1 BHK, Type-I | 02 | 383.82 sq.ft. | Rs.21,03,000/- |

Details of the flats and the scheme brochure are available in the BDA website **www.bda.gov.in**. The receipt of online application will commence at 11.00 A.M. on 05.12.2022 and will continue till 23.59 P.M. on 04.01.2023. Duly filled in online applicaitons for participating in the e-auction must be submitted to the Bhubaneswar Development Authority by 11.01.2023 with requisite money.

**Online application starts** - 11.00 A.M. on 05.12.2022
**Closes** - 11.59 P.M. on 04.01.2023
**Online auction on** - 11.00 A.M. on 11.01.2023

Sd./- Secretary, Bhubaneswar Development Authority
OIPR-13033/11/0400/2223

OFFICE OF THE NOTIFIED AREA COUNCIL, KHANDAPADA
E-Mail Id: nackpg89@gmail.com
Letter No - 2084 Date. 01/12/2022

QUOTATION CALL NOTICE FOR SUPPLY OF VEHICLE

No. C-1682: The Executive Officer, NAC, Khandapada, invites the sealed cover quotations from the intending registered firms / Tour Operators or Private individual for providing 01 (One) No. of AC Diesel (BOLERO 7 Seated) having PAN, GST, Registration Certificate including driver for Khandapada NAC office on monthly hire basis. The sealed quotation through Registered Post/ Speed Post only shall be reached before the undersigned on or before dtd.17.12.2022 at 4.00P.M and the same will be opened on same day at 5.00P.M in the presence of the quotationers or their authorized agent if any. In the absence of the both the undersigned can open the bids. If the Office shall be closed due to unavoidable situation the same shall be opened in the next working day in the same time & venue or further notification.

A sum of Rs.7,000/- shall be deposited by intending bidders in shape of Account payee DD or Bank Cheque in favour of Executive Officer, Khandapada NAC from any nationalized Bank/ Cash can be deposited in office cash counter and submitted along with the tender as Security deposit. After completion of tender process the amount will be refunded to unsuccessful biders.

The DTCN detailed term and conditions (Annexure-I & II) can be obtained from the office of the undersigned on a payment of Rs.1,000/- (One Thousand) in shape of cash from office cash counter (non refundable) or can be downloaded from the website **www.nayagarh.nic.in** in case of download the paper cost shall be furnished in shape of B.C / B.D/ D.D in favour of Executive Officer, NAC, Khandapada along with the offer. The undersigned reserves the right to reject any or all quotations without assigning the reason thereof.

Sd./- Executive Officer, Khandapada NAC
OIPR-13147/11/0009/2223

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, ROURKELA IRRIGATION DIVISION, ROURKELA
email Id: seridrkl@yahoo.com

e-PROCUREMENT NOTICE
BID IDENTIFICATION No. SERID-RKL-04/2022-23

No. A-813: BID documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **www.tenderorissa.gov.in** complete online process only.

| | | | |
|---|---|---|---|
| 1 | Nature of Work | : | Canal Work & Dam work |
| 2 | Total Number of Works | : | 05 (Five) Nos. |
| 3 | Bid Identification No. | : | SERID-RKL-04/2022-23 (Online) |
| 4 | Estimated Cost | : | Rs.6.28 lakhs to 17.43 lakhs |
| 5 | Class of Contractor | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Earnest Money Deposit | : | Referred to DTCN |
| 8 | Period of Completion | : | Referred to DTCN |
| 9 | Date & time of availability of Bid documents in the portal | : | From Dt.07.12.2022 at 10.00 A.M. to Dt.16.12.2022 upto 05.30 P.M. |
| 10 | Last Date/time for receipt of bids in the portal | : | Dt.16.12.2022 at 05.30 P.M. |
| 11 | Date and time of Opening of Bids | : | Dt.17.12.2022 at 11.00 hours |
| 12 | Last date & time of seeking of clarification | : | Dt.13.12.2022 at 1.00 P.M. |
| 13 | Date of Lottery (in case of situation arise) | : | 19.12.2022 at 11.30 hours |
| 14 | Place of Opening | : | Office of the Superintending Engineer, Rourkela Irrigation Division, Rourkela |
| 15 | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela |

The bidders have to participate in ONLINE bidding only. As Goods & Service Tax (GST) has come into force with effective from 01.07.2017. Further details can be seen from the Govt. website **www.tendersorissa.gov.in**.

Sd./- Superintending Engineer
Rourkela Irrigation Division, Rourkela
OIPR-32018/11/0012/2223

OFFICE OF THE REMUNA NAC, BALASORE
No.2301 Date: 02.12.22

E-Procurement Notice
Bid Identification No. RN_02_2022_23

**No. C-1704:-** Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

| | | | |
|---|---|---|---|
| 1. | Name of the Work | : | Civil Const works as mentioned in DTCN |
| 2. | No. of Works | : | 36 Nos. |
| 3. | Estimated Cost | : | As per Work List |
| 4. | Period of Completion | : | As per DTCN |
| 5. | Date and Time of Bidding | : | 05.12.2022 at 11.00 AM to 16.12.2022 |
| 6. | Last date and time for receipt | : | 16.12.2022 upto 5.00 PM |
| 7. | Bids recieved online shall be opened on | : | 17.12.2022 from 11.00 AM onwards |
| 8. | Name and address of the Officer inviting Bid | : | Executive Officer, Remuna NAC |

Further details can be seen from the e-procurement portal i.e. **https://tendersodisha.gov.in/nicgep/app**.

Sd./- Executive Officer, Remuna NAC
OIPR-13204/11/0004/2223

NOTIFICATION

No. MM-321: This is for information of all concerned that the following Forest Roads of BONAI FOREST DIVISION in Sundargarh District will remain closed to the traffic on the 30th December' 2022 from "0" (Zero) hours to 24 hours in accordance with the Rule 284 of the Odisha Forest Department Code - 1979. The movement of traffic on the date as specified above will be violation of Section 26 of Odisha Forest Act and hence will be liable for prosecution.

| Sl. No. | Name of the Forest Road | Range | Length in K.M. |
|---|---|---|---|
| 1 | 2 | 3 | 4 |
| 1 | S. Bolang - Kareiput | Bonai | 12.0 |
| 2 | Khajuribahal - Gujapal | | 2.0 |
| 3 | Jamdihi - Kendughati (Part) | Koira | 6.0 |
| 4 | Kalta - Nadidihi | | 6.0 |
| 5 | Jamdihi - Bihar Boarder | | 12.0 |
| 6 | Toda - Topadihi | | 8.4 |
| 7 | Jarda - Kello | Jarda | 20.0 |
| 8 | Kello - Jalei | | 18.07 |
| 9 | Majurdima - Bamara Boarder | | 1.0 |
| 10 | Kansar - Jalei | | 11.0 |
| 11 | Saplata - Banaikela | Tamra | 15.0 |
| 12 | Benuam - Pankdihi | | 16.08 |
| 13 | Jhirpani - Pitagaon | | 6.0 |
| 14 | Boneikela - Koilijhar | | 18.0 |
| 15 | Jamdihi - Kendughati (Part) | Barsuan | 5.5 |
| 16 | Jangra - Mahulpada | Kuliposh | 25.0 |
| 17 | Kendughati - Jamdihi (Part) | | 4.5 |
| 18 | Kello - Kunjar - Solguda - Mahuldihi - Phatatangar to Sirigida | Sole | 54.5 |
| 19 | Saplata - Soleguda | | 14.0 |
| 20 | Soleguda - Rankei | | 12.0 |
| 21 | Sirigida - Bankhaman | | 6.0 |
| 22 | Jada - Bankhaman | | 5.0 |
| 23 | Jalei - Saplata | | 9.0 |
| | Total | | 287.05 |

Sd./- Divisional Forest Officer
Bonai Division
OIPR-08040/11/0015/2223

ପ୍ରଥମ ପୃଷ୍ଠାରୁ...

## ଡେବ୍ରିଗଡ଼ ଅଭୟାରଣ୍ୟରେ...

ଘଟଣା ସମ୍ପର୍କରେ ବନ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀ ଯାଞ୍ଚ କରିବା ପରେ ଶନିବାର ଘଟଣା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ମହାବଳର ପାଦଚିହ୍ନ ଓ ଖଞ୍ଜାଯାଇଥିବା ସିସିଟିଭିକୁ ମଧ୍ୟ ଯାଞ୍ଚ କରାଯାଇଥିଲା। ବାଘର ବୟସ ଜଣାପଡି ନ ଥିବା ବେଳେ ପ୍ରାପ୍ତ ବୟସର ଓ ଏହା ଅଣ୍ଡିରା ବାଘ ବୋଲି ଜଣାପଡ଼ିଥିବା ଦାଶ କହିଛନ୍ତି। ଏହି ବାଘ ପୂର୍ବରୁ ଅଭୟାରଣ୍ୟରେ ନ ଥିଲା। ତେଣୁ ପଡ଼ୋଶୀ ରାଜ୍ୟ କିମ୍ବା ରାଜ୍ୟର କୌଣସି ଅଭୟାରଣ୍ୟରୁ ଆସିଥିବା ସନ୍ଦେହ କରାଯାଉଛି।

ସୂଚନାଯୋଗ୍ୟ, ସାତକୋଶିଆ, ଶିମିଳିପାଳ ଭଳି ସମ୍ବଲପୁରରେ ରହିଛି ଡେବ୍ରିଗଡ଼ ଅଭୟାରଣ୍ୟ। ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱରେ ରହିଛି ଘଞ୍ଚ ଜଙ୍ଗଲ। ଯାହାକି ବନ୍ୟ ପ୍ରାଣୀ ଓ ପକ୍ଷୀମାନଙ୍କ ରହିବା ପାଇଁ ଉପଯୁକ୍ତ ସ୍ଥାନ। ଏହାସହ ଡେବ୍ରିଗଡ଼ ଅଭୟାରଣ୍ୟ ପର୍ଯ୍ୟଟନସ୍ଥଳୀର ସ୍ୱତନ୍ତ୍ର ମାନ୍ୟତା ପାଇଛି। ଓଟିଡିସି ପକ୍ଷରୁ ଏହା ପରିଚାଳନା କରାଯାଉଛି। ପର୍ଯ୍ୟଟକଙ୍କ ରହିବା ପାଇଁ ପ୍ରାକୃତିକ ପରିବେଶ ଭିତରେ କଟେଜଗୁଡ଼ିକ ନିର୍ମାଣ କରାଯାଇଛି। ଏହାସହ ସାଇକ୍ଲିଂ, ବୋଟିଂ, ଟ୍ରାକିଙ୍ଗ ଭଳି ସୁବିଧା ରହିଛି। ଏହି ପର୍ଯ୍ୟଟନସ୍ଥଳୀକୁ ବର୍ଷ ତମାମ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଆସନ୍ତି। ଏପରିକି ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଶମ୍ବର, ହରିଣ, ମୟୂର, ଗଣ୍ଡା, ଗୟଳ, ବାର୍‌ହା, କୋକିଶିଆଳି, ହେଟାବାଘ, ହାତୀ ଭଳି ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବନ୍ୟପ୍ରାଣୀ ଦେଖିବାକୁ ମିଳିଥାଏ। ୫ ବର୍ଷ ପୂର୍ବରୁ ଏଠାରେ ଏକ ମହାବଳ ବାଘ ଦେଖିବାକୁ ମିଳିଥିଲା। ବାର୍‌ହା ଶିକାର କରିବା ପାଇଁ ଶିକାରୀମାନେ ବିଛାଇଥିବା ବିସ୍ଫୋରକ ଦ୍ୱାରା ମୁହଁରେ ଆଘାତ ଲାଗି ମହାବଳର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ଅଭୟାରଣ୍ୟ ମହାବଳ ବାଘଶୂନ୍ୟ ହୋଇଯାଇଥିଲା। ପୁଣି ମହାବଳ ବାଘ ଦେଖା ଦେବା ପରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଡେବ୍ରିଗଡ଼ ଅଭୟାରଣ୍ୟରେ ବନ ବିଭାଗ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ସୁଯୋଗ ସୃଷ୍ଟି କରିଛି। ୪ଟି ଗ୍ରାମବାସୀଙ୍କୁ ନେଇ କମିଟି ଗଠନ କରାଯାଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସଫାରି ଗାଡ଼ି ଚଳାଇବା, ଟିକେଟ କାଉଣ୍ଟରରେ କାମ କରିବା ଓ ଗାଇଡ ଭାବେ ମଧ୍ୟ ନିଯୁକ୍ତି କରାଯାଇଛି। ସ୍ଥାନୀୟ ଏସ୍‌ଏଚ୍‌ଜି ମହିଳାମାନେ ହସ୍ତତନ୍ତ, ହସ୍ତଶିଳ୍ପ ତିଆରି ସାମଗ୍ରୀଗୁଡ଼ିକ ବିକ୍ରୀ କରୁଛନ୍ତି। ଯାହାକି ପର୍ଯ୍ୟଟକଙ୍କ ମନ ମୋହୁଛି।

## ପୋଷଣ ଅଭାବ...

ରୋଗରେ ଆକ୍ରାନ୍ତ ହେଉଥିବାବେଳେ ସେମାନଙ୍କୁ ଚୂନାମାଛ ଉପଯୁକ୍ତ ନ୍ୟୁଟ୍ରିଶନ୍ ଯୋଗାଇବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟ ମାଛ ତୁଳନାରେ ସମୁଦ୍ର ଓ ହ୍ରଦଗୁଡ଼ିକରେ ଉପଲବ୍ଧ ପେଲିଜିକ୍ ଫିସ୍‌ରେ ଦୁଇଗୁଣା ସେଲେନିଅମ୍, ଓମେଗା-୩ ଏସିଡ୍, ଜିଙ୍କ୍, ଅଇରନ୍ ଓ କ୍ୟାଲ୍‌ସିୟମ ରହିଛି। ହେରିଙ୍ଗ୍, ସାରଡିନ୍ ଏବଂ ଆଙ୍କୋଭିଜ୍ ଫିସ୍‌ସବୁ ପେଲିଜିକ୍ ଫିସ୍‌ରେ ଅନ୍ତର୍ଭୁକ୍ତ। ସମୁଦ୍ରର ଉପରିଭାଗରେ ବହୁଳ ଭାବେ ଏହି ବିଶେଷ ପ୍ରକାର ମାଛ ମିଳୁଥିବାବେଳେ ଏଠାରେ ୭୨% କମ୍ ପୋଷକ ତତ୍ତ୍ୱ ଥିବା ମାଛ ମିଳିଥାନ୍ତି। ଆଫ୍ରିକାର ଉପ-ସାହାରୀୟ ଶିଶୁଙ୍କଠାରେ ପୋଷଣର ଘୋର ଅଭାବ ଦେଖାଯାଉଥିବାବେଳେ ଚୂନାମାଛ ଏହି ଅସୁବିଧାକୁ ଦୂର କରିପାରିବ। ଅନ୍ୟପକ୍ଷେ ଛୋଟ ପିଲାଙ୍କ କ୍ଷେତ୍ରରେ ଚୂନାମାଛ ଖାଇବା ସହଜ ହୋଇଥାଏ। ଏଭଳି ମାଛ ମାଇକ୍ରୋନ୍ୟୁଟ୍ରିଶନ୍ ଡେଫିସିଏନ୍ସିକୁ ପୂରଣ କରିପାରିବ ବୋଲି ଲାନକାଷ୍ଟର ୟୁନିଭର୍ସିଟିର ବରିଷ୍ଠ ପ୍ରଫେସର ଜେମ୍ସ ରବିନସନ ସୂଚନା ଦେଇଛନ୍ତି।

ନ୍ୟୁୟର୍କ ଭେଟେରିନାରି ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର କ୍ୟାଥରିନ୍ ଫିଓରେଲାଙ୍କ ମତରେ ଲଘୁ ତଥା ମଧ୍ୟମ ଆୟକାରୀ ଦେଶଗୁଡ଼ିକ ଚୂନାମାଛ କିଣିବା ପାଇଁ ସକ୍ଷମ। ୩୯ ଦେଶରେ ଉପଲବ୍ଧ ୨,୩୪୮ ପ୍ରଜାତିର ମାଛକୁ ନେଇ ଅର୍ଥନୀତି ଏବଂ ପୋଷଣଭିତ୍ତିରେ ବିଶେଷଜ୍ଞ ଏହି ଅଧ୍ୟୟନ କରିଛନ୍ତି। ଛୋଟମାଛ ପାଇଁ ଆବଶ୍ୟକତାଠାରୁ ଅଧିକ ମାଛ ଧରିବାକୁ ପଡ଼ିବ (ଓଭର୍ ଫିସିଙ୍ଗ୍), ଯାହା ଫଳରେ ଅନ୍ୟ ଜୀବଙ୍କ ଖାଦ୍ୟ, ମାଛ ତେଲ ପ୍ରସ୍ତୁତକାରୀ ସଂସ୍ଥା ପ୍ରଭାବିତ ହେବା ଆଶଙ୍କା ରହିଛି।

## ବାଲେଶ୍ୱରରେ ପାଗଳା...

ସେକ ଅନାଦୁଲ୍ଲା, ସେକ ଅବଦୁଲ୍ଲା, ସେକ୍ କାଦିର, ତୁମରୁନ ବିବି, ସେକ ପିଆଉଦ୍ଦିନ, ସେକ୍ ଇଦ୍ରିସ ଓ ସୃଷ୍ଟିଧର ଦେଙ୍କ ଭଳି ମୋଟ ୨୨ଜଣଙ୍କୁ ଆକ୍ରମଣ କରିଥିଲା। ଏଥିରେ ଲୋକମାନେ ଭୟଭୀତ ହୋଇ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। କୁକୁରର ଏମିତି ଉତ୍ପାତ ଦେଖି ଲୋକମାନେ ଛାନିଆ ହୋଇଯାଇଥିଲେ। ଆହତ ବ୍ୟକ୍ତି ଓ ପିଲାମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକମାନେ କୁକୁରକୁ ପିଟି ପିଟି ମାରିଦେଇଛନ୍ତି। କୁକୁର କାମୁଡ଼ାରେ ଆହତ ସେଖ କାଦର କହିଛନ୍ତି, କୁକୁରଙ୍କ ଏଭଳି ଉତ୍ପାତ ପାଇଁ ପ୍ରଶାସନ ଦାୟୀ। ବୁଲା କୁକୁରଙ୍କ ପାଇଁ କିଛି ବ୍ୟବସ୍ଥା କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ଲୋକେ ଆକ୍ରମଣର ଶିକାର ହେଉଛନ୍ତି।

# ଛାତ୍ରୀଛାତ୍ର ଶିଖିଲେ ଲେଖିବା କୌଶଳ



ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଦେବଗଡ, ୩।୧୨(ଡି.ଏନ.ଏ.)**

### ଶିଶୁ ସାମ୍ବାଦିକ କର୍ମଶାଳାର ଦ୍ୱିତୀୟ ଦିନ

ଦେବଗଡ଼ ଶିଶୁ ସାମ୍ବାଦିକ କର୍ମଶାଳାର ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଦିବସ କାର୍ଯ୍ୟକ୍ରମରେ ଦେବଗଡ଼ ଓ ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୫୦ ଛାତ୍ରୀଛାତ୍ର ଶିଶୁ ସାମ୍ବାଦିକ ଯୋଗଦେଇଥିଲେ। ନିଜ ଚାରି ପାଖରେ ଘଟୁଥିବା ବିଭିନ୍ନ ଘଟଣା, ଦୁର୍ଘଟଣା ଓ ସମସ୍ୟାକୁ ସମ୍ପର୍କରେ ସେମାନେ ଜାଣି କିପରି ଲିଖନୀ ମାଧ୍ୟମରେ ସାମନାକୁ ଅଣାଯାଇ ପାରିବ ଲେଖିବା ସେ ସମ୍ପର୍କରେ ଜ୍ଞାନ ଅର୍ଜନ କରିଥିଲେ। ଦେବଗଡ଼ରେ ମାଙ୍କଡ ଉପଦ୍ରବ, ଜଳପ୍ରପାତ ସୁପରିଚାଳନାର ଆବଶ୍ୟକତା, ସ୍ୱାସ୍ଥ୍ୟ ଓ ପରିବେଶରେ ଆସିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଛାତ୍ରୀଛାତ୍ରମାନେ ପରସ୍ପର ଆଲୋଚନା କରିବା ସହ ସେ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତି କରିଥିଲେ ବୋଲି ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ କଲଚରାଲ ସେଣ୍ଟର୍(ପିକକ)ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କହିଛନ୍ତି। ୟୁନିସେଫ, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ 'ଧରିତ୍ରୀ'ର ସହଯୋଗ ଓ ପିକକ ସଂଗଠନ ଆନୁକୂଲ୍ୟରେ ଏହି କର୍ମଶାଳା ଆୟୋଜିତ ହେଉଛି ବୋଲି ୟୁନିସେଫର କମ୍ୟୁନିକେସନ କନସଲଟାଣ୍ଟ ଶାରଦା ଲାହାଙ୍ଗିର ସୂଚନା ପ୍ରଦାନ କରିଛନ୍ତି।

# ଆନ୍ଧ୍ର ପକ୍ଷରୁ ନିର୍ମିତ ସ୍କୁଲ ଗୃହ ଭୁଶୁଡ଼ିଲା


ଭୁଶୁଡ଼ି ପଡ଼ିଥିବା ସ୍କୁଲଗୃହ।

**ପଟ୍ଟାଙ୍ଗି,୩।୧୨(ଡି.ଏନ.ଏ.)**

ସୀମାନ୍ତ ଗ୍ରାମରେ କିପରି ଉନ୍ନତ ଶିକ୍ଷାଦାନ କରି ଓଡ଼ିଶା ଶିକ୍ଷା ବ୍ୟବସ୍ଥାକୁ ବାଟମଣା କରିହେବ ସେହି ଲକ୍ଷ୍ୟରେ ଆନ୍ଧ୍ର ସୀମାନ୍ତ ଗ୍ରାମରେ ନିର୍ମାଣ କରିଥିବା ସ୍କୁଲଗୃହ ଶନିବାର ଭୁଶୁଡ଼ି ପଡ଼ିଛି। ଦୁର୍ଘଟଣାରୁ ଛାତ୍ରୀଛାତ୍ରମାନେ ବର୍ତ୍ତିଯାଇଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ତଥା ପଡ଼ୋଶୀ ଆନ୍ଧ୍ର ସୀମାକୁ ରହିଥିବା କୋଟିଆ ପଞ୍ଚାୟତର ୨୧ଖଣ୍ଡ ଗ୍ରାମକୁ ଆନ୍ଧ୍ର ସରକାର ଅକ୍ତିଆର କରି ରଖି ସମ୍ପୃକ୍ତ ଗ୍ରାମଗୁଡ଼ିକରେ ଶିକ୍ଷା, ରାସ୍ତା, ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା, ଯୋଗାଣ ସାମଗ୍ରୀ ବଣ୍ଟନ କରି ନିଜ ସପକ୍ଷରେ ଲୋକଙ୍କୁ ନେବାକୁ ଉଦ୍ୟମ ଜାରି ରଖିଛି। ତେବେ ଫାଟୁସିନେରି ଗ୍ରାମରେ ଆନ୍ଧ୍ର ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ବାଟବଣା କରିବାକୁ ନିର୍ମାଣ କରିଥିବା ସ୍କୁଲଗୃହ ହଠାତ୍ ଭୁଶୁଡ଼ିପଡ଼ିଛି। ଉକ୍ତ ଗ୍ରାମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ସ୍ଥାୟୀ ସ୍କୁଲଗୃହ ରହିଥିବା ବେଳେ ଉକ୍ତ ସ୍କୁଲ ଗୃହ ସମ୍ମୁଖରେ ଆନ୍ଧ୍ରର ମାନ୍ୟମ ପାର୍ବତୀପୁରମ ଜିଲା ପ୍ରଶାସନ ସହାୟତାରେ ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ ଏକ ସ୍କୁଲଗୃହ ନିର୍ମାଣ କରିଥିଲା। ଦୁର୍ଘଟଣା ସମ୍ପର୍କରେ ଫାଟୁସିନେରି ସରପଞ୍ଚ ଏବଂ ସେତେବେଳେ ସ୍କୁଲଗୃହ ନିର୍ମାଣ ଦାୟିତ୍ୱ ନେଇଥିବା ଉକ୍ତ ଗ୍ରାମର ଲୋକେ ସାଲୁର ବ୍ଲକ ଶିକ୍ଷା ଅଧିକାରୀ ଭି.ମାଲେଶ୍ୱର ରାଓଙ୍କୁ ଜଣାଇଛନ୍ତି।

# ନୌସେନାରେ ଅଧିକ ସଂଖ୍ୟାରେ ମହିଳାଙ୍କୁ ସୁଯୋଗ ଦିଆଯିବ

**ନୂଆଦିଲ୍ଲୀ,୩।୧୨**


ଆଡମିରାଲ ଆର୍. ହରି କୁମାର

ଭାରତୀୟ ନୌସେନାରେ ଏଣିକି ଅଧିକ ସଂଖ୍ୟାରେ ମହିଳାଙ୍କୁ ସୁଯୋଗ ଦିଆଯିବ ବୋଲି ଶନିବାର ବାର୍ଷିକ ଖବରଦାତା ସମ୍ମିଳନୀରେ ଯୋଗଦେଇ ନୌସେନା ମୁଖ୍ୟ ଆଡମିରାଲ ଆର୍. ହରି କୁମାର କହିଛନ୍ତି। ଅଗ୍ନିବୀର ଯୋଜନା ଅନ୍ତର୍ଗତ ନୌସେନାରେ ମୋଟ ୩,୦୦୦ ଯବାନ ସାମିଲ ହେବାକୁ ଥିବାବେଳେ ସେଥିମଧ୍ୟରୁ ୩୪୧ ଜଣ ମହିଳା ରହିବେ। ପୁରୁଷ ସେଲରମାନଙ୍କୁ ଯେଉଁଭଳି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ସମାନ ପ୍ରକାର ଟ୍ରେନିଂ ମହିଳାମାନଙ୍କୁ ମଧ୍ୟ ଦିଆଯିବ। ଏଥିସହ ମହିଳା ଅଧିକାରୀଙ୍କ ଡ୍ୟୁଟି ନୌସେନା ବେସ୍ ଛଡ଼ା ଜାହାଜ ଓ ଏୟାରକ୍ରାଫ୍ଟରେ କରିବାକୁ ପଡ଼ିବ। ଖାଲି ସେଲର ନୁହେଁ ମହିଳାଙ୍କୁ କେତୋଟି ଅଫିସର ପଦର ଦାୟିତ୍ୱ ପ୍ରଦାନ କରାଯିବାର ଯୋଜନା ରହିଛି। ୨୦୪୭ ସୁଦ୍ଧା ଭାରତୀୟ ନୌସେନା ସମ୍ପୂର୍ଣ୍ଣଭାବେ ଆତ୍ମନିର୍ଭର ହୋଇଯିବ। ଯୁଦ୍ଧାସ୍ତ୍ର ପାଇଁ ଅନ୍ୟ ଦେଶ ଉପରେ ଭାରତକୁ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ଅନ୍ୟପକ୍ଷେ ଭାରତ ମହାସାଗରୀୟ କ୍ଷେତ୍ର (ଆଇଓଆର୍)ରେ ଚାଇନାର ଗତିବିଧି ଉପରେ ନୌସେନା ଯବାନଙ୍କ କଡ଼ା ନଜର ରହିଥିବା ନାଭି ଚିଫ୍ ସୂଚନା ଦେଇଛନ୍ତି। ନୌସେନାରେ ପ୍ରଚଳିତ ହେଉଥିବା ପୁରୁଣା ନିୟମ, ଯାହା ହାତକଡ଼ି ଭଳି ଯବାନଙ୍କ ହାତକୁ ବାନ୍ଧି ରଖିଥିଲା ସେସବୁ ଖୁବ୍ ଶୀଘ୍ର ବଦଳାଯିବ ବୋଲି ଆର୍. ହରି କୁମାର ସୂଚନା ଦେଇଛନ୍ତି।


## OFFICE OF THE PRINCIPAL
## RAJA MADHUSUDAN DEV H.S. SCHOOL OF SCI. & EDN.
Patia, Bhubaneswar, PIN - 751031 (Odisha)
Letter No. RMDC/55/2022 Date: 30.11.2022

**WALK-IN-INTERVIEW FOR ENGAGEMENT OF GUEST FACULTIES**

A Walk-in-Interview shall be conducted for engagement as **GUEST FACULTIES** in **LOGIC, SOCIOLOGY & POLITICAL SCIENCE**. Candidates with atleast 55% of marks at PG level in the concerned subject may attend the same on **Dt.12.12.2022 (Monday) at 11.00 A.M.** along with Bio-Data and all testimonials both in **Original and Xerox**. No TA/DA is admissible. Send resume to Email: **rmdjrcollege@gmail.com**. For more details contact Mob.: 7683849643.

Principal, R.M.D.H.S.S.
Patia, Bhubaneswar




## NOTIFICATION

No. MM-322: This is for information of all concerned that the following Forest Roads of Nabarangpur Forest Division will remain closed on 30th December, 2022 from Zero hours to 24 hours in accordance with Rule 284 of Orissa Forest Department Code, 1979. The movement of traffic of the date and time specified above will be in violation of Section 26 of Orissa Forest Act, 1972 and hence will be liable for prosecution.

| Sl. No. | Name of the Forest Road | Name of the Range | Length in KM |
|---|---|---|---|
| 1 | Beheda - Banipadar | Umerkote | 30.30 |
| 2 | Ganjapara - Hatigam | Raighar | 14.00 |
| 3 | Khalibeda - Badakumuli | Kodinga | 10.00 |
| 4 | Maidalpur - Gudupanipadar | Dabugaon | 15.80 |
| 5 | Papadahandi - Naktiguda | Nabarangpur | 1.20 |
| 6 | Jharigaon - Sanatemera | Jharigaon | 27.20 |
| 7 | Tarabeda - Chandahandi | Jharigaon | 14.00 |
| | TOTAL | | 112.50 |

Sd./- Divisional Forest Officer
Nabarangpur Forest Division
OIPR-08018/11/0003/2223

GOVERNMENT OF ODISHA No. O-1378
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender / 59-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 59-2022-23/BPR | Building Works | 01 No. | Rs.94.45 lakhs | "B" Class as applicable | 09 (Nine) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 59-2022-23/BPR | 06.12.2022 at 10.00 A.M. | 20.12.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha, But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.
OIPR-25071/11/0095/2223 Sd./- P.K. Jena, Chief Construction Engineer, R.W. Circle, Berhampur

## OFFICE OF THE MUNICIPAL COUNCIL, BHAWANIPATNA
No. 4769/BPM Date: 29.11.2022

**Expression of Interest (EOI) to Lease out the Shop Room of Smart Park at Bhawanipatna Municipality**

No. C-1691: Bhawanipatna Municipality invites Expression of Interest (EOI) in the Prescribed Format (Annexure - I) in sealed cover from the intending Person/**Mission Shakti Group (MSG)**/Agency to lease out the shop room of **Smart Part at Bhawanipatna** on monthly rental basis. The detail of shop rooms as given below.

| Shop Room | Area (Sq.ft.) | Upset Price Fixed in Rupees | Reservation Status |
|---|---|---|---|
| Shop Room No. - 5 | 200 | 75000 | Open to All Individual/ MSG/Agency |
| Shop Room No. - 6 | 200 | 75000 | Open to All Individual/ MSG/Agency |
| Shop Room No. - 7 | 200 | 75000 | Open to All Individual/ MSG/Agency |
| Shop Room No. - 8 | 200 | 75000 | Open to All Individual/ MSG/Agency |

Sealed offers are therefore invited from the interested person/**Mission Shakti Group (MSG)**/Agency who are required to quote the detials of the shop room number and rate in the format given in the **Annexure - I**. Application form required for the applicant can be downloaded from the website **http://www.kalahandi.nic.in**. **The Application form must be submitted with the cost of Application for an amount of Rs.2000/- (Rupees Two Thousand) only and EMD for an amount of Rs.10,000/- (Rupees ten thousand) only through Demand Draft in favour of Executive Officer, Bhawanipatna Municipality payable at Bhawanipatna. The EMD is exempted for the Mission Shakti Group irrespective of all Shop Rooms. One intending person/Mission Shakti Group/Agency can be allotted Maximum one number of shops. If the Applicant is applying for more than one Shop, he/she shall submit separate application form for each shop with application cost and EMD. In case any applicant gets selected in more than one shop he/she shall be allotted the shop where the applicants have quoted the highest price. The monthly rent of the shop is 1500/- (One thousand five hundred) only per month.** The applications should reach to Executive Officer, Bhawanipatna Municipality by Registered Post/Speed Post only on or before 08.12.2022 at 12.00 Noon. The application received beyond the date and time mentioned above shall not be taken into consideration. The application form must be accompanied with relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected.
The sealed application will be opened on 08.12.2022 at 4 P.M. in the Office of the undersigned in presence of the applicants or their authorized agents and members of the tender committee.

Sd./- Executive Officer
Bhawanipatna Municipality
OIPR-13100/11/0027/2223

OFFICE OF THE No. C-1699
## EXECUITVE ENGINEER, P.H. DIVISION, ANGUL
Ph. (06764) 230431, Email: eephangul@yahoo.in
GOVERNMENT OF ODISHA

**e-Procurement Notice for PH Work**
**Bid Identification No. EE PH Division Angul - 13/2022-23 Dt.28.11.2022**

| | | | |
|---|---|---|---|
| 1. | Name of the work | : | P.H. Work |
| 2. | Nos. of Work | : | 01 (One) No. Single Bid System |
| 3. | Estiamted Cost | : | Rs.9.39 lakhs |
| 4. | Period of Completion | : | 3 (Three) Calendar Months |
| 5. | Date & time of availability of Bid document | : | From 11.00 A.M. of 06.12.2022 to 5.00 P.M. of 19.12.2022 |
| 6. | Last date/time of receipt of bids in the portal | : | 5.00 P.M. of 19.12.2022 |
| 7. | Date & time of Opening of Bid | : | 11.00 A.M. of 20.12.2022 |
| 8. | Name & address of the Officer Inviting Bid | : | Executive Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | | |

Sd./- (Er. Bilash Kumar Behera)
Executive Engineer, P.H. Division, Angul
OIPR-13056/11/0007/2223

## OFFICE OF THE EXECUTIVE ENGINEER KENDRAPARA (RandB) DIVISION-I, KENDRAPARA
E-Mail ID: eernbkdp@gmail.com
No. B-919 Tel.: (06727) 220268, Fax No.: (06727) 220862

**GOVERNMENT OF ODISHA "e" Procurement Notice**
**e-Procurement Notice for Building Works**
Bid Identification No. E.E., R n B KDP-I 15/2022-23

1. No. of work : 1 No. of Building and 1 No. of Road work
2. Estimated Cost : Rs.62.03 lakhs (Approximately) for Building work
   : Rs.53.31 lakhs (Approxmiately) for Road work
3. Period of Completion : 04 (Four) Calendar Months for Building Work
   : 02 (Two) Calendar Months for Road Work
4. Date and time of sale and receipt of bid document : From 10.00 A.M. of 07/12/2022 to 5 P.M. of 27.12.2022
5. Last date/time of receipt of bids : 5 P.M. of 27.12.2022
6. Date and time of Opening of Bids: 11.00 A.M. of 28.12.2022
7. Name and address of the Officer Inviting Bid : Executive Engineer, Kendrapara (RandB) Division-I, Kendrapara

Further details with any addendum, corrigendum, cancellation can be seen from the State Govt. portal "**https://tendersorissa.gov.in**.

Sd./- (Er. K.C. Behera)
Executive Engineer
Kendrapara (RandB) Division-I
OIPR-34097/11/0008/2223

## SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
(Ministry of Social Justice & Empowerment)
Department of Empowerment of Persons with Disabilities (Divyangjan), Govt. of India)
Olatpur, P.O.: Bairoi, Dist.: Cuttack (Odisha), PIN - 754010
Tel. No.: 0671-2805552, Fax: 0671-2805862
Website: www.svnirtar.nic.in
E-mail: nirtar@ori.nic.in & svnirtar@gmail.com
Notice No. DPO/ALIMCO-EC/2022 Date: 02.12.2022

**ADVERTISEMENT**
**EXPRESSION OF INTEREST FOR ESTABLISHMENT OF SALE CENTRE OF ALIMCO AT SVNIRTAR, CUTTACK**

SVNIRTAR invites EOI from interested individual Prosthetic and Orthotic Professionals possessing valid registration of Rehabilitation Council of India for establishment of Sale Centre of ALIMCO at SVNIRTAR, Cuttack. Interested individuals are requested to go through the detailed terms & conditions along with the EOI available in our website **http://www.svnirtar.nic.in**.

Sd./- Director - Offg.

## Government of Odisha, e-Procurement Notice
**INVITATION FOR BIDS (IFB)**
Bid Identification No. C.C.E.DKL (R&B) 16/2022-23
E-mail Id: sedklpwd@gmail.com
Letter No. 3053 Dt.25.11.2022

No. B-916: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of Road & Bridge works as detailed below:

1. Name of the work : Road & Building works
2. No. of works : 04 (Four) Nos.
3. Estimated Cost : Rs.2,52,94,433/- to Rs.7,24,04,448/- (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'B', 'A', & 'Special' Class (as given in Column No. 06 of table)
6. Period of Completion of work : 07 (Seven) to 11 (Eleven) Calendar Months (as given in Column No. 07 of table)
7. Date and time of availability of bid document in the website : From Dt.06.12.2022 to 5.30 P.M. of Dt.20.12.2022
8. Date of opening of bid : Dt.21.12.2022 at 11.30 hours.

The bidders have to participate in ONLINE bidding only. Further details can be seen from the e-procurement portal **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0024/2223

## DISTRICT MINERAL FOUNDATION TRUST
At: Redcross Bhawan, Collectorate Campus, Angul, Odisha, PIN - 759122
Tele: 0674-230745/E-mail: dmfangul@gmail.com

**SHORT QUOTATION CALL NOTICE**
Notice No. 733/DMFT Dated: 02.12.2022

No. CAD-3992: Short quotation call notice has been invited from the authorized dealer/vendors of computer and peripherals for supply of required Nos. of Laptops and Printers to DMFT, Angul. Interested dealers/vendors are requested to download the documents from the website: **www.angul.nic.in**. Last date for receipt of response to the short quotation call notice is 17.12.2022 upto 5.00 P.M. Bid documents are to be submitted by Speed Post/Registered Post (India Post)/Courier only.

Sd./- CDO, ZP-cum-Chief Executive
DMFT, Angul
OIPR-30027/11/0007/2223

OFFICE OF THE No. C-1695
## MUNICIPAL COUNCIL, KEONJHARGARH
At/P.O.: Keonjhargarh, Dist.: Keonjhar, Odisha, PIN - 758001
Phone/Fax: (06766) 255413, E-mail: keonjharm.hud@rediffmail.com
Letter No. 8915/KGM Date: 30.11.2022

**LETTER INVITING EOI**

Name of the Work: Preparation of Comprehensive Drainage Master Plan and Detail Project Report for Storm Water Drainage System Keonjhargarh Municipality Area.

1. EOI may be downloaded from websites **www.keonjharmc.nic.in** / **www.keonjhar.nic.in** from 02.12.2022 to 18.12.2022.
2. Date of submission of sealed envelope containing there is upto 20.12.2022.
3. The EOI will be opened on Dt.21.12.2022 at 11.00 A.M. in the Office of the Executive Officer, Keonjahrgarh Municipality in presence of the bidders or their authorized representatives, who wish to attend.
4. The bids received after due date shall not be considered for evaluation.

All other details are available in the above mentioned websites.

Sd./- Executive Officer
Keonjahrgarh Municipality
OIPR-13115/11/0009/2223

**ନେଶନ ବିଲ୍ଡର ଆୱାର୍ଡ ସମାରୋହ**
ଭୁବନେଶ୍ୱର, (ବ୍ୟୁରୋ): ରୋଟାରୀ କ୍ଲବ୍ ଭୁବନେଶ୍ୱର ନିୟୁ ହୋରାଇଜନ୍ ପକ୍ଷରୁ ଶନିବାର ମଦର ପବ୍ଲିକ୍ ସ୍କୁଲ ସଭାଗୃହରେ ନେଶନ ବିଲ୍ଡର ଆୱାର୍ଡ ସମାରୋହ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରେଣୁକା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଡିଷ୍ଟ୍ରିକ ଗଭର୍ନର ଶାନ୍ତନୁ ପାଣି ଯୋଗଦେଇ ୨ଜଣ ଶିକ୍ଷକ ଓ ୧୨ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ମଧୁମିତା ଦାସ ଯୋଗ ଦେଇଥିବାବେଳେ ଲିଟେରାରୀ ଚେୟାର ଅଧକ୍ଷ ଡ.ବିଜୟା ମିଶ୍ର ଉତ୍ସବ ସମ୍ପର୍କରେ କହିଥିଲେ। ରୋଟାରିୟାନ ଡ. ମିଶ୍ର ଅତିଥି ପରିଚୟ ଓ ସମ୍ପାଦିକା ଶକୁନ୍ତଳା ମୁର୍ମୁ ବିବରଣୀ ରଖିଥିଲେ।

## ସଂକ୍ଷେପରେ

### ବେଆଇନ ବିଜ୍ଞାପନ ପାଇଁ ୧୨ ସଂସ୍ଥା ନାଁରେ ଏତଲା

ଭୁବନେଶ୍ୱର, ୩।୧୨ (ବ୍ୟୁରୋ): ବିଏମ୍ସ ପକ୍ଷରୁ ସହରର କାନ୍ଥବାଡ଼ ସମେତ ଇଲେକ୍ଟ୍ରି ପୋଲ ଆଦିରେ ହୋର୍ଡିଂ ବା ବିଜ୍ଞାପନ ଲଗାଇବାକୁ ବାରଣ କରାଯାଇଥିଲେ ବି ଏହାକୁ ଖିଲାପ କରାଯାଉଛି। ଲୋକଙ୍କ ଏଭଳି ମନୋଭାବକୁ କଡ଼ା ଜବାବ୍ ଦେବାକୁ ଯାଇ କଠୋର ହେଉଛି ବିଏମ୍ସି। ବେଆଇନ୍ ବିଜ୍ଞାପନ ଲଗାଇବା କାରଣରୁ ୧୨ଟି ସଂସ୍ଥାଙ୍କ ବିରୋଧରେ ବଡ଼ଗଡ଼ ଥାନାରେ ମାମଲା ରୁଜୁ କରାଯାଇଛି। ସେହିପରି ୮୭ ଜଣଙ୍କୁ ଜରିମାନା ନୋଟିସ୍ ମଧ ଜାରି କରାଯାଇଛି। ସହରରେ ପରିମଳ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ସହିତ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେଉଛି ବିଏମ୍ସି। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ କାନ୍ଥବାଡ଼ରେ ପୋଷ୍ଟର ଲଗାଇବା ଦ୍ୱାରା ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ବିଏମ୍ସିର ୩ଟି ଜୋନ୍ର ସ୍ୱତନ୍ତ୍ର ଦଳ ସହରରେ ଲଗାଯାଇଥିବା ଏଭଳି ପୋଷ୍ଟର, ହୋର୍ଡିଂକୁ ଚିହ୍ନଟ କରୁଛନ୍ତି। ସେମାନଙ୍କ ରିପୋର୍ଟ ଆଧାରରେ ବିଏମ୍ସି କାର୍ଯ୍ୟାନୁଷ୍ଠାନ ନେଉଛି।

### ସତ୍ୟଭାମା ମୂକ-ବଧିର କଲେଜରେ ଭିନ୍ନକ୍ଷମ ଦିବସ

ଭୁବନେଶ୍ୱର,୩।୧୨(ବ୍ୟୁରୋ): ଦିବ୍ୟାଙ୍ଗମାନେ ଦକ୍ଷତା ସମ୍ପନ୍ନ। ସମାଜ ସେମାନଙ୍କୁ ସହଯୋଗର ହାତ ବଢ଼ାଇଲେ ସେମାନେ ଆଗକୁ ବଢ଼ିପାରିବେ ବୋଲି ଶନିବାର ବିଶ୍ୱ ଭିନ୍ନକ୍ଷମ ଦିବସରରେ ବାର୍ତ୍ତା ଦେଇଛନ୍ତି ଛାତ୍ରୀଛାତ୍ର। ସତ୍ୟଭାମା ଦେବୀ ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ସତ୍ୟଭାମା ମୂକ-ବଧିର ଉଚ୍ଚ ମାଧମିକ ବିଦ୍ୟାଳୟ ଓ ସତ୍ୟଭାମା ଦେବୀ ମହାବିଦ୍ୟାଳୟରେ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଇଞ୍ଜିନିୟର ଲଳିତ ମୋହନ ପଟ୍ଟନାୟକ ଏହି ଦିବସର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ, ହାସ୍ୟାଭିନେତା ଜ୍ଞାନ ବାରିକ, ସାମାଜିକ କର୍ମୀ ମିର୍ ଅହମଦ୍ ଅଲ୍ଲି, ସତ୍ୟଜିତ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ନିରୋଜାଲକ୍ଷ୍ମୀ ମହାପାତ୍ର, ଅଧକ୍ଷା ସଂଘମିତ୍ରା ମହାପାତ୍ର, ଅଧାପିକା ରୁଚି ପଲ୍ଲବୀ ମଲ୍ଲିକ ଯୋଗ ଦେଇଥିଲେ।

# ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ବଢୁଛି ପକ୍ଷୀ ଶିକାର

ଖୋର୍ଦ୍ଧା ଅଫିସ,୩।୧୨

- ୧୨ ଦିନରେ ୨୯ ମୃତ ପକ୍ଷୀ ଜବତ
- ଫାଶ, ବିଷ ନେଉଛି ଜୀବନ
- ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

ଶୀତ ବଢ଼ିବା ସହିତ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହେବାରେ ଲାଗିଛି। ପ୍ରାକୃତିକ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ ଚିଲିକାକୁ ଆସୁଥିବା ବେଳେ ଚଳିତ ବର୍ଷ ୩ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ତେବେ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ବେଳେ ଶିକାରୀଙ୍କ ଫାଶରେ ପଡି ମୃତ୍ୟୁବରଣ କରୁଛନ୍ତି। ଗତ ୧୨ ଦିନରେ ୨୯ ମୃତ ପକ୍ଷୀ ଜବତ ହୋଇଛି। ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପକ୍ଷୀ ଶିକାର ବଢ଼ି ଚାଲିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପ୍ରକାଶ ଯେ, ଶନିବାର ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅନ୍ତର୍ଗତ ଦୁଚିଆନ ପକ୍ଷୀ ସୁରକ୍ଷା ସମିତି ଶିବିର କାଳିଜାଇ ମନ୍ଦିର ନିକଟରେ ଥିବା ଆଳିପଡା ନାଳ ନିକଟରୁ ବିଭାଗୀୟ କର୍ମଚାରୀ ୭ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଆଳିପଡ଼ା ଗ୍ରାମର ବିଜୟ କୁମାର ସାହୁ। ଏନେଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଗତ ୨୨ତାରିଖରେ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଭୂଷଣ୍ଡପୁରରୁ ଜଣେ ଶିକାରୀଙ୍କୁ ଗିରଫ କରିଥିବା ବେଳେ ତାଙ୍କ ଠାରୁ ୨ଟି ବିଦେଶୀ ମୃତ ପକ୍ଷୀ ଜବତ କରିଥିଲା। ୨୫ ତାରିଖରେ ପୁରୀ ଜିଲା ବ୍ରହ୍ମଗିରି ବନାଞ୍ଚଳ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ୨୦ଟି ମୃତ ପକ୍ଷୀଙ୍କୁ ବନ ବିଭାଗ ଜବତ କରିଥିଲା। ତେବେ ଶିକାରୀଙ୍କଠାରୁ ବାରମ୍ବାର ମୃତ ପକ୍ଷୀ ମିଳିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ଢାବା, ହୋଟଲ, ରେଷ୍ଟୁରାଣ୍ଟ ଏବଂ ଫୁଟପାଥ ଦୋକାନୀ, ତଟବର୍ତ୍ତୀ ଅଞ୍ଚଳରେ ଚଢ଼ାଉ ହେଉଥିବା ବେଳେ ଏପଟେ ଶତାଧିକ ବିଦେଶୀ ପକ୍ଷୀ ଶିକାରୀଙ୍କ ଫାଶ, ବିଷ ଜାଲରେ ପଡି ପ୍ରାଣ ହରାଉଛନ୍ତି। ସମନ୍ୱୟ ଅଭାବରୁ ଦୈନିକ ତଟବର୍ତ୍ତୀ ଅଞ୍ଚଳରେ ପକ୍ଷୀ ଶିକାର ବଢି ଚାଲିଛି ବୋଲି ପରିବେଶବିତ୍ କହିଛନ୍ତି। ଅସ୍ଥାୟୀ କ୍ୟାମ୍ପରେ କୌଣସି ଅଧିକାରୀ ରହୁ ନ ଥିବା ବେଳେ ନାଇଟ ୱାଚରଙ୍କ ଭରସାରେ ପକ୍ଷୀଙ୍କ ସୁରକ୍ଷା ଚାଲିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ବିଦେଶୀ ପକ୍ଷୀଙ୍କ ମାଂସ ଚଢା ଦରରେ ବିକ୍ରି ହେଉଛି। ଫଳରେ ଶିକାରୀ ଅର୍ଥ ଲାଳସାରେ ଅବାଧରେ ପକ୍ଷୀ ଶିକାର କରି ଚାଲିଛନ୍ତି। ପୁରୀ ଜିଲା ବ୍ରହ୍ମଗିରି, କୃଷ୍ଣପ୍ରସାଦ ଏବଂ ଖୋର୍ଦ୍ଧା ଜିଲାର ଟାଙ୍ଗୀ ଏବଂ ଚିଲିକା ବ୍ଲକ ଅନ୍ତର୍ଗତ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଶିକାରୀମାନେ ପକ୍ଷୀ ଶିକାର କରୁଥିବା ଜଣାପଡିଛି। ପକ୍ଷୀଙ୍କ ସୁରକ୍ଷା ଲାଗି ପ୍ରତିବର୍ଷ ତଟବର୍ତ୍ତି ଅଞ୍ଚଳରେ କ୍ୟାମ୍ପ କରାଯାଉଛି। ଏନେଇ ପୂର୍ବରୁ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ହେଲେ ପ୍ରତିବର୍ଷ ପକ୍ଷୀ ଶିକାର ବଢି ଚାଲିଛି। ଏ ସମ୍ପର୍କରେ ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜର ଚୁଡାମଣି ମୁର୍ମୁ କୁହନ୍ତି, ପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗରେ ୧୧ଟି କ୍ୟାମ୍ପ କରାଯାଇଛି। ପ୍ରତି କ୍ୟାମ୍ପରେ ଫରେଷ୍ଟର, ଫରେଷ୍ଟଗାର୍ଡ, ନାଇଟ ୱାଚର ନିୟୋଜିତ ରହିଛନ୍ତି। ପକ୍ଷୀ ଶିକାର ରୋକିବା ପାଇଁ ତଟବର୍ତ୍ତୀ ଅଞ୍ଚଳରେ ବନ କର୍ମଚାରୀ ଫୁଟ ପାଟ୍ରୋଲିଂ କରୁଛନ୍ତି। ଚିଲିକା ତଟବର୍ତ୍ତୀ ଅଞ୍ଚଳର ଢାବା, ହୋଟେଲରେ ଚଢ଼ାଉ କରାଯାଉଛି ବୋଲି ସେ କହିଛନ୍ତି।

# ସମାଜ ସେବା, ସାହିତ୍ୟ ପରସ୍ପର ସହ ଜଡ଼ିତ


କବିତା ଆସରରେ ଅତିଥିଙ୍କ ସହ କବୟିତ୍ରୀମାନେ।

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ଆଜିର ସୃଜନୀ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ ମହିଳା କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀଜୟ ଦାସ, ଲେଖିକା ଶକୁନ୍ତଳା ବଳିଆରସିଂହ, ସାହିତ୍ୟ ପତ୍ରିକା 'ଶିଳାଶ୍ରୀ'ର ପ୍ରତିଷ୍ଠାତ୍ରୀ ବାସନ୍ତୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦ ଅଭିଭାଷଣ ପ୍ରଦାନ କରି କହିଲେ, ଜୀବନ ସହିତ ସାହିତ୍ୟ ଓ ସାହିତ୍ୟ ସହିତ ଜୀବନ ଅଙ୍ଗାଙ୍ଗୀ ଭାବେ ଜଡିତ। ସେହିପରି ସମାଜ ସେବା ଓ ସାହିତ୍ୟ ପରସ୍ପର ସହ ଜଡ଼ିତ। ତେଣୁ ସମାଜର ଅବହେଳିତ, ନିଷ୍ପେସିତ ଶିଶୁ ଓ ମହିଳାଙ୍କ ପାଇଁ ଅନୁଷ୍ଠାନ କାର୍ଯ୍ୟ ଜାରି ରଖିବା ସହ ଭାଷା ସାହିତ୍ୟର ଉନ୍ନତି ପାଇଁ ମଧ ଉଦ୍ୟମ କରୁଥିବା ସେ ପ୍ରକାଶ କରିଥିଲେ। ଅନୁଷ୍ଠାନ ସଭାପତି ମଞ୍ଜୁଳା ତ୍ରିପାଠୀ, ଉପ-ସଭାପତି ସ୍ୱର୍ଣ୍ଣପ୍ରଭା ଦାସ, ସମ୍ପାଦିକା ସୁଜାତା ରାୟ, ସାଂସ୍କୃତିକ ସମ୍ପାଦିକା ଜ୍ୟୋସ୍ନା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଶନିବାର ଆୟୋଜିତ କଳା ପ୍ରଦର୍ଶନୀକୁ କଳାପ୍ରେମୀମାନେ ବୁଲି ଦେଖୁଛନ୍ତି।

# ଆଧାତ୍ମିକ ଜୀବନରେ ପ୍ରକୃତ ଶାନ୍ତି ମିଳିଥାଏ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପୂର୍ବତନ ଅଧିକାରୀଙ୍କ ଦ୍ୱାରା ଗଠିତ ଗ୍ଲୋବାଲ ସ୍ପିରିଚୁଆଲ ମିଶନର ବାର୍ଷିକ ଆଲୋଚନାଚକ୍ର ନୟାପଲ୍ଲୀସ୍ଥିତ ରାମକୃଷ୍ଣ ମଠରେ ଅନୁଷ୍ଠିତ ହୋଇଯାଇଛି। ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତାଭାବେ ଆରତୀ କର ଯୋଗଦେଇ ମାର୍ଗଶୀର ମାସର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପୁରାଣରେ ଏହି ମାସକୁ ଶ୍ରେଷ୍ଠ ମାସ ଭାବେ ପ୍ରତିପାଦିତ କରାଯାଇଛି। ଏହି ମାସରେ ଉତ୍କଳୀୟ ସଂସ୍କୃତିର ପରମ୍ପରା ଲକ୍ଷ୍ମୀପୂଜା, ଦେବ ଦୀପାବଳି ଓ ପଞ୍ଚୁ ପୂର୍ଣ୍ଣିମା ଆଦି ପାଳନ କରାଯାଏ ବୋଲି କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ମିଶ୍ର ଆଧାତ୍ମିକ ଜୀବନରେ ପ୍ରକୃତ ଶାନ୍ତି ଓ ଆନନ୍ଦ ଉପଲବ୍ଧ ହୋଇଥାଏ ବୋଲି କହିଥିଲେ। ପ୍ରତାପ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡଟ୍ ଫେଷ୍ଟର 'ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ' କରିବ ଇ-ଫ୍ୟାକ୍ଟର ଏକ୍ସପେରିଏନ୍ସ ସଂସ୍ଥା

ଭୁବନେଶ୍ୱର, ୩।୧୨ (ବ୍ୟୁରୋ)

- ୪ ସ୍ଥାନରେ ହେବ ଷ୍ଟୋରି ଟେଲିଂ
- ଐତିହ୍ୟ କହିବ 'ଲଷ୍ଟ ଆଣ୍ଡ୍ ଫାଉଣ୍ଡ-ଭୁବନେଶ୍ୱର'
- ଏକାମ୍ର ହାଟରେ ନାଇଟ୍ ବଜାର

ବିଶ୍ୱକପ୍ ହକି ପାଇଁ ହେବାକୁ ଥିବା 'ଡଟ୍ ଫେଷ୍ଟ' ପାଇଁ ପ୍ରସ୍ତୁତିକୁ ଜୋର୍‌ଦାର କରାଯାଉଛି। ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ ପାଇଁ ହାତରେ ଆଉ କମ୍ ସମୟ ଥିବାରୁ ବୈଠକ ପରେ ବୈଠକ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛି ବିଡିଏ। ଏହା ଭିତରେ ଡଟ୍ ଫେଷ୍ଟର ମୁଖ୍ୟ କାର୍ଯ୍ୟକ୍ରମ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ପାଇଁ ସଂସ୍ଥା ଚୟନ ସରିଛି। ଏଥିପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିବାବେଳେ ଦିଲ୍ଲୀର ଇ-ଫ୍ୟାକ୍ଟର ଏକ୍ସପେରିଏନ୍ସ ଏଜେନ୍ସି ଟେଣ୍ଡର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ମୁଖ୍ୟ ଟେଣ୍ଡର ସରିଥିବାବେଳେ ପର୍ଯ୍ୟାୟ କ୍ରମେ ଅନ୍ୟ ଟେଣ୍ଡର ଖୋଲାଯିବ ବୋଲି ସୂଚନା ଦିଆଯାଇଛି।

ଚଳିତଥର ଏକାମ୍ର ହାଟରେ ନାଇଟ୍ ବଜାର ଆୟୋଜନ କରାଯିବ। ଏଥିରେ ଖାଦ୍ୟ ଠାରୁ ଆରମ୍ଭ କରି ଶପିଂ, ମ୍ୟୁଜିକ୍ ଭଳି ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ। ୧୫ଦିନ ଧରି ପ୍ରତ୍ୟେକ ଦିନ ଅପରାହ୍ନ ୪ଟାରୁ ମଧ୍ୟରାତ୍ରି ଯାଏ ଏହା ଚାଲିବ। ସେହିପରି ଜାନୁୟାରୀ ୧୫ରୁ ୧୮ତାରିଖ ପର୍ଯ୍ୟନ୍ତ ଷ୍ଟୋରି ଟେଲିଂ ବା ଭୁଫେଷ୍ଟୋ ଅନୁଷ୍ଠିତ ହେବ। ଏଥିପାଇଁ ସହରର ୪ଟି ସ୍ଥାନକୁ ଚୟନ କରାଯାଇଛି। ଚନ୍ଦ୍ରଶେଖରପୁର ସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କ, ଗଣ୍ଡମୁଣ୍ଡା ସ୍ଥିତ କଳାଭୂମି, କଳିଙ୍ଗନଗର ସ୍ଥିତ ଏପିଜେ ଅବଦୁଲ୍ କଲାମ ପାର୍କ ଏବଂ ୟୁନିଟ-୬ସ୍ଥିତ ଫରେଷ୍ଟ ପାର୍କରେ ଭୁଫେଷ୍ଟ ଅନୁଷ୍ଠିତ ହେବ। ଏହାବାଦ୍ ଭୁବନେଶ୍ୱରର ଐତିହ୍ୟ କୀର୍ତ୍ତିରାଜିକୁ ଫଟୋ ମାଧ୍ୟମରେ ଦର୍ଶାଇବା ପାଇଁ 'ଲଷ୍ଟ ଆଣ୍ଡ୍ ଫାଉଣ୍ଡ-ଭୁବନେଶ୍ୱର' ପ୍ରଦର୍ଶନୀର ଆୟୋଜନ କରାଯିବ। ଏଥିରେ ୧ଶହରୁ ୧୫୦ ପର୍ଯ୍ୟନ୍ତ ଫଟୋକୁ ସ୍ଥାନିତ କରାଯିବ। ପୂର୍ବଥର ପରି ଏଥର ମଧ୍ୟ ଅନ୍ତର୍ଜାତୀୟ ଫୁଡ୍ ଷ୍ଟଲ କରାଯିବ। ଏଥିରେ ପ୍ରାୟ ୧୬ଟି ଦେଶର ବିଭିନ୍ନ ପ୍ରକାରର ଖାଦ୍ୟ ସ୍ଥାନ ପାଇବ। ଉତ୍ସବର ପ୍ରମୁଖ ଆକର୍ଷଣ ସାଜିଥିବା ଷ୍ଟାର ନାଇଟ୍ କାର୍ଯ୍ୟକ୍ରମରେ ବଲିଉଡ୍, ଟଲିଉଡ୍‌ରୁ କଳାକାରମାନେ ଆସିବେ। ଷ୍ଟାର ନାଇଟ୍ ସହିତ ନାଇଟ୍ ବଜାରରେ ମଧ୍ୟ ସେଲିବ୍ରିଟିଙ୍କ ଜଲ୍‌ୱା ଦେଖିବାକୁ ମିଳିବ।

# ଅନନ୍ତ ବାସୁଦେବ ରୋଷଘର ନିର୍ମାଣକୁ ବିରୋଧ

ପୁରୁଣା ଭୁବନେଶ୍ୱର,୩।୧୨(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଏକାମ୍ର କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ତେବେ କେତେଜଣ ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ନେଇ ବିଭିନ୍ନ ସମୟରେ ବିବାଦ ଉପୁଜିଛି। ବିନ୍ଦୁ ସାଗର କୂଳସ୍ଥିତ ଶ୍ରୀଅନନ୍ତ ବାସୁଦେବ ମନ୍ଦିର ରୋଷଘରର ନିର୍ମାଣ ପ୍ରକଳ୍ପ ପାଇଁ ପ୍ରସ୍ତୁତି ସରିଛି। ଏହି କାର୍ଯ୍ୟକୁ ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ଦ୍ୱାରା କରାଯିବ। ଏହି ଖବର ପରେ ପୂଜାପଣ୍ଡା ନିଯୋଗ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନନ୍ତ ବାସୁଦେବଙ୍କ ମନ୍ଦିରରେ ଠାକୁରଙ୍କ ନିକଟରେ ଅନ୍ନଭୋଗ ହୁଏନାହିଁ। କେବଳ ଠାକୁରଙ୍କୁ ଶୁଖିଲି ଭୋଗ ଲାଗି ହୋଇଥାଏ। ତେବେ ଏଠାରେ ଅନ୍ନ ଭୋଗ ପାଇଁ ରୋଷଘର ନିର୍ମାଣ କରିବା ପରମ୍ପରା ବିରୋଧୀ ବୋଲି ପୂଜାପଣ୍ଡା ନିଯୋଗର ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ବ୍ରାହ୍ମଣ ନିଯୋଗ ସମ୍ପାଦକ ବୀରଞ୍ଚି ନାରାୟଣ ପତି କୁହନ୍ତି, ଇତିହାସ କଥା କହିହେବ ନାହିଁ, ଅନ୍ନଭୋଗ ହେଉଛି ବୋଲି ସେ କହିଛନ୍ତି। ୨୦୦୬ ମସିହାରେ ଏହି ମନ୍ଦିର ପରିସରରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ରୋଷଘର ନିର୍ମାଣର କାର୍ଯ୍ୟାରମ୍ଭ ହେଉଥିଲା। ସେତେବେଳେ ମଧ ଅନୁରୂପ ଅଭିଯୋଗ ଦର୍ଶାଇ ରୋଷଘର ନିର୍ମାଣକୁ ବିରୋଧ କରିଥିଲା ପୂଜାପଣ୍ଡା ନିଯୋଗ। ଉକ୍ତ ବର୍ଷ ନିଯୋଗ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଏକ ମାମଲା ଦାଏର କରାଯାଇଥିଲା। ନିର୍ମାଣ କାର୍ଯ୍ୟରୁ ବିଏମ୍ସି ଓହରି ଯାଇଥିଲା। ୨୦୧୩ରେ ହାଇକୋର୍ଟ ଅନନ୍ତ ବାସୁଦେବ ମନ୍ଦିରରେ ଅନ୍ନଭୋଗ ଅଛି ବା ନାହିଁ ସେ ସମ୍ବନ୍ଧୀୟ ତଥ୍ୟକୁ ଦେବୋତ୍ତର କମିଶନରଙ୍କ ନିକଟରେ ବିଚାର କରାଯିବା ନେଇ ନିର୍ଦ୍ଦେଶ ଦେଇଥିଲେ। ପରେ ନିଯୋଗ ପକ୍ଷରୁ ପୁନଃ ଦେବୋତ୍ତର କମିଶନରଙ୍କ ନିକଟରେ ନଂ.୪/୧୩ ଏକ ମାମଲା ରୁଜୁ କରାଯାଇଥିଲା। ଅଦ୍ୟାବଧି ଘଟଣାର କୌଣସି ଫଇସଲା ହୋଇ ନ ଥିବାବେଳେ ଏଠାରେ ରୋଷଘର ନିର୍ମାଣ ଆଇନସଙ୍ଗତ ନୁହଁ ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି। ୧୯୫୮ ମସିହାରେ ଆର୍କୋଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍ଆଇ) ସହ ଶ୍ରୀଲିଙ୍ଗରାଜ ଟ୍ରଷ୍ଟବୋର୍ଡ ମଧ୍ୟରେ ଏକ ସହବନ୍ଧିତା ହୋଇଥିଲା। ଏଥିରେ ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, କେଦାରଗୌରୀ ମନ୍ଦିର ସହ ଅନ୍ୟ ୧୫ଟି ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇ ନେବା ପାଇଁ ଚୁକ୍ତି ହୋଇଥିଲା। ବିଶେଷକରି ଆନ୍‌ସିଏଣ୍ଟ ମନୁମେଣ୍ଟ ଆଣ୍ଡ ଆର୍କୋଲୋଜିକାଲ ସାଇଟ୍ସ ରିମେନ୍ସ ଆକ୍ଟ(ଆମ୍‌ସାର)ଅନୁଯାୟୀ ୫୦ ମିଟର ବ୍ୟବଧାନ ମଧ୍ୟରେ କୌଣସି ନିର୍ମାଣ କିମ୍ବା ଖନନ କାର୍ଯ୍ୟ କରା ନ ଯିବା ଭଳି ପ୍ରତିବନ୍ଧକ ରହିଛି। ଏହାସତ୍ତ୍ୱେ ତରବରିଆ ଭାବେ ଏଭଳି ପ୍ରକଳ୍ପ କରିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# 'ଦିବ୍ୟାଙ୍ଗ କୌଣସି ଗୁଣରେ କମ୍ ନୁହନ୍ତି'

କଣ୍ଟାପଡ଼ା, ୩।୧୨(ଡି.ଏନ୍.ଏ.)

ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ କଟକ ଜିଲା କଣ୍ଟାପଡା ବ୍ଲକ ଓଳଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଏମ୍ସର କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଯୋଗଦେଇ କହିଥିଲେ, ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହନ୍ତି। ଦିବ୍ୟାଙ୍ଗଙ୍କ ସେବାରେ ନିୟୋଜିତ କର୍ମଚାରୀ ନିଜକୁ ଜଣେ ଜଣେ ସେବକ ବୋଲି ଭାବିବା ପାଇଁ ସେ କହିଥିଲେ। ଶିଶୁରୋଗ ବିଶେଷଜ୍ଞ ଡା. କିଶୋର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନିର୍‌ତାର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଯୋଗଦେଇ ବିଶ୍ୱ ଦିବ୍ୟାଙ୍ଗ ଦିବସର ସ୍ୱତନ୍ତ୍ରତା ବିଷୟରେ କହିଥିଲେ। ପ୍ରଶାସନିକ ଉପନିର୍ଦ୍ଦେଶକ ଡ. ପବିତ୍ର ସାହୁ ସ୍ୱାଗତ ଭାଷଣ ଓ ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଭୁବନେଶ୍ୱର ଏମ୍ସ ହସ୍ପିଟାଲର ସୂଚନା ବିଭାଗ ମୁଖ୍ୟ ତଥା ଅତିରିକ୍ତ ପ୍ରଫେସର ଡା. ପ୍ରଭାତ ରଞ୍ଜନ ତ୍ରିପାଠୀ, ରେଜିଷ୍ଟ୍ରାର ବିଧୁଭୂଷଣ ମିଶ୍ର, ସୂଚନା ଅଧିକାରୀ ରାଜକିଶୋର ଦାଶ ଓ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ଦୀପକ ସିଂ, ଚିତ୍ତରଞ୍ଜନ ମିଶ୍ର, ମନୋରଞ୍ଜନ ଶତପଥୀ, ଶ୍ରୀକାନ୍ତ ମହାରଣା, ସଞ୍ଜୀବ ସେଠୀ, ଅଶୋକ ବେହେରା, ଜୟଶଙ୍କର ପଣ୍ଡା, ମୋନାଲିସା ଦାଶ, ରାଜେଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ଅନୁରୂପା ସେନାପତି ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସ କ୍ୟାଡର ଶିକ୍ଷକ ସଂଘର ଦାବିପତ୍ର

ବାଲିପାଟଣା,୩।୧୨(ଡି.ଏନ୍.ଏ.)

ବାଲିପାଟଣା ଏକ୍ସ କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୈଳଧିରାଜ୍ ତନୟା ଶତପଥୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଓଟିଇଟି ଏବଂ ଏକ୍ସ କ୍ୟାଡର ଉଚ୍ଛେଦ କରାଯିବା, ସିଧାସଳଖ ଟ୍ରେଜେରିରୁ ଦରମା ପ୍ରଦାନ, ଇନକ୍ରିମେଣ୍ଟ ଓ ଫେଷ୍ଟିଭାଲ ଅଗ୍ରୀମ, ମେଡିକାଲ କ୍ଲେମ୍ ଆଦି ଦାବି ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ ରେ ସଂଘ ସଭାପତି ସୁରେନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି, ନୟନା କୁମାରୀ ଜେନା, ନରେନ୍ଦ୍ର ଦାସ, ପ୍ରକାଶ ଦାଶ, କୈଳାସ ସାହୁ, ରେଣୁବାଳା ବିଶ୍ୱାଳ, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବୀରେନ୍ଦ୍ର କିଶୋରଙ୍କୁ 'ଧୀରେନ୍ଦ୍ର ଚୂଡ଼ାମଣି ଉପାଧି'

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ରଶ୍ମିତା ପ୍ରକାଶନୀ ଓ ପ୍ରତିଭା ପ୍ରଶସ୍ତି ପରିଷତ୍ ପକ୍ଷରୁ ଶନିବାର ପୋଖରୀପୁଟସ୍ଥିତ ଦକ୍ଷିଣେଶ୍ୱର ହନୁମାନ ମନ୍ଦିରରେ ପୁସ୍ତକ ଉନ୍ମୋଚନ ଓ ଉପାଧି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ସନ୍ଥ ସମିତିର ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ଭଜନ ରଚନାର ସାଂପ୍ରତିକ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପରିଷଦ୍‌ର ସଦସ୍ୟ ନୀଳାଦ୍ରିମୋହନ ଶତପଥୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କବି ଅଶ୍ୱିନୀ କୁମାର ଦାଶଙ୍କ ଦ୍ୱାରା ଭଜନାମୃତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସଂସ୍କୃତି ଓ ସଂସ୍କୃତି ଭାଷାର ପ୍ରଚାର ତଥା ସୁରକ୍ଷା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କିଶୋର ତ୍ରିପାଠୀଙ୍କୁ 'ଧୀରେନ୍ଦ୍ର ଚୂଡ଼ାମଣି ଉପାଧି'ରେ ସମ୍ମାନିତ କରାଯାଇଥିଲା। ଡ. ଉମାକାନ୍ତ ମିଶ୍ର, ଶରତ କୁମାର ପଟ୍ଟନାୟକ, ରଶ୍ମିତା ଶତପଥୀ, ମାନସ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ପୋଖରୀପୁଟସ୍ଥିତ ଦକ୍ଷିଣେଶ୍ୱର ହନୁମାନ ମନ୍ଦିରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପକ୍ଷରୁ ୮ମ ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଉତ୍ସବରେ ଅଭିନେତ୍ରୀ, ଲେଖିକା ତଥା ସମାଜସେବୀ ନନ୍ଦିତା ଦାସ, ଲେଖକ ରବିନ୍ଦର ସିଂ ଏବଂ ଖ୍ୟାତିସମ୍ପନ୍ନ ଲେଖିକା ତଥା ଗାଳ୍ପିକା ଜିଭା ରଘୁନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୁସ୍ତକ ପଢ଼ିବା ଓ ଲେଖିବା ଅଭ୍ୟାସ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ଲେଖିକାଲେଖକ ହେବାରେ ପ୍ରେରଣା ଯୋଗାଇ ଥାଏ ବୋଲି ସେମାନେ କହିଥିଲେ। ସ୍କୁଲ୍ ଚେୟାରପର୍ସନ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଦେଇଥିଲେ। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଉପସ୍ଥିତ ଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଓଡ଼ିଶାର ବିଭିନ୍ନ ସ୍କୁଲ୍‌ର ୮୦୦ରୁ ଊର୍ଦ୍ଧ୍ୱ ଓ ରାଜ୍ୟ ବାହାରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଯୋଗ ଦେଇଛନ୍ତି।



ମହୋତ୍ସବରେ ଅଭିନେତ୍ରୀ ତଥା ସମାଜସେବୀ ନନ୍ଦିତା ଦାସ, ଲେଖକ ରବିନ୍ଦର ସିଂ ଏବଂ ଗାଳ୍ପିକା ଜିଭା ରଘୁନାଥ ଓ ଅନ୍ୟମାନେ।

# ୧୭ରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀଙ୍କ ମହାସମାବେଶ

ଭୁବନେଶ୍ୱର, ୩।୧୨ (ବ୍ୟୁରୋ)

**ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ସମନ୍ୱୟ ସମିତି**

ରାଜ୍ୟ ସରକାର ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜର ସମସ୍ୟାକୁ ଅଣଦେଖା କରିବା ପ୍ରତିବାଦରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଜ୍ୟର ୩୧୪ଟି ବ୍ଲକ୍ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ୟାର ସମାଧାନ ନ କଲେ ସମିତି ରାଜରାସ୍ତାକୁ ଓହ୍ଲାଇବ ବୋଲି ପୂର୍ବରୁ ସରକାରଙ୍କୁ ଚରମ ଚେତାବନୀ ଦେଇଥିଲା। ତେବେ ପ୍ରାରମ୍ଭିକ ଭାବେ ରାଜ୍ୟର ସମସ୍ତ ବ୍ଲକରେ ଶତାଧିକ ସଂଖ୍ୟାରେ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀ ପଟୁଆରରେ ଆସି ବ୍ଲକ୍ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରବିବାର ରାଜ୍ୟର ସମସ୍ତ ଜିଲାର ସଦର ମହକୁମାରେ ସମନ୍ୱୟ ସମିତିର କନ୍‌ଭେନଶନ ଅନୁଷ୍ଠିତ ହେବାସହ ୭ ତାରିଖରେ ଜିଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ସ୍ମାରକପତ୍ର ଉପରୋକ୍ତ ଅଧିକାରୀମାନଙ୍କୁ ପୁଣି ପ୍ରଦାନ କରାଯିବ। ଏହାସତ୍ତ୍ୱେ ସରକାର ଦାବି ପୂରଣ ନ କଲେ ଡିସେମ୍ବର ୧୭ରେ ଭୁବନେଶ୍ୱରଠାରେ ଏକ ରାଜ୍ୟସ୍ତରୀୟ ମହାସମାବେଶ କରିବାକୁ ବାଧହେବେ ବୋଲି ସମିତିର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି ଏବଂ ପବିତ୍ର ମହାଲା ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ୯୧୬ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ୨୬୦୮ ମାଧ୍ୟମିକ ବିଦ୍ୟାଳୟ, ୬୬୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୪୮୮ଟି ମହାବିଦ୍ୟାଳୟ, ମଦ୍ରାଶା ଓ ସଂସ୍କୃତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀ ୧୫ରୁ ୨୦ ବର୍ଷ ଧରି ବିନା ବେତନରେ କାର୍ଯ୍ୟ କରିବା ପରେ ରାଜ୍ୟ ସରକାର ସେମାନଙ୍କୁ ବ୍ଲକ୍‌ଗ୍ରାଣ୍ଟ ଓ ପରେ ନୂତନ ଅନୁଦାନ ପ୍ରଦାନ କରିଛନ୍ତି। ତେବେ ସେଥିରେ ସେମାନଙ୍କ ପାଇଁ ଚାକିରି ସର୍ତ୍ତାବଳୀ ତଥା ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରାଯାଇ ନାହିଁ। ଅପରପକ୍ଷେ ରାଜ୍ୟ ସରକାର ଗତ ୩୧.୧୨.୨୦୨୧ରେ ଏ ସମସ୍ତ ଶିକ୍ଷାନୁଷ୍ଠାନକୁ ସପ୍ତମ ବେତନ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇ କ୍ୟାବିନେଟ୍ ମଞ୍ଜୁର କଲେ। ମାତ୍ର ପ୍ରାୟ ୪୭ହଜାର ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ ପ୍ରତିବାଦ କରାଯାଇଥିବାବେଳେ ଏଯାବତ୍ ୧୧ମାସ ବିତି ଯାଇଥିଲେ ମଧ୍ୟ ପୂର୍ବ ପ୍ରକାଶିତ ମୋଡାଲିଟିରେ କୌଣସି ସଂଶୋଧନ ହୋଇ ପାରିନାହିଁ। ଫଳରେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଯାଉଥିବା ସମିତି ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଘର ତାଲା ଭାଙ୍ଗି ଅଳଙ୍କାର ଓ ସିସି କ୍ୟାମେରା ଚୋରି

ସାଲେପୁର,୩।୧୨(ଡି.ଏନ୍.ଏ.)- ଘର ମାଲିକ ଘରେ ନ ଥିବାବେଳେ କେହି ଦୁର୍ବୃତ ତାଲା ଭାଙ୍ଗି ସୁନାରୁପା ଅଳଙ୍କାର, ସିସି କ୍ୟାମେରା ଓ ନଗଦ ଟଙ୍କା ଲୁଟି ନେଇଥିବା ସାଲେପୁର ଥାନାରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ଜିଲା ବନ୍ତଲା ଗ୍ରାମର ଅମୀୟ ରଞ୍ଜନ ସ୍ୱାଇଁ ନାଳିଆମୁହଁଠାରେ ଏକ ଫର୍ଣ୍ଣିଚର ଦୋକାନ କରିବା ସହ ଘର କରି ରହୁଥିଲେ। ଶୁକ୍ରବାର ରାତିରେ ଘରେ କେହି ନ ଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଗଡ୍‌ରେଜ୍‌ରୁ ସୁନା ଚେନ୍ ଓ ରୁପା ଅଳଙ୍କାର, ସିସିଟିଭି, ହାଡ୍‌ଡିସ୍କ, ନଗଦ ଟଙ୍କା ଚୋରି କରିନେଇଛନ୍ତି। ଘର ମାଲିକ ଶନିବାର ସକାଳେ ଘରେ ପହଞ୍ଚି ତାଲା ଭଙ୍ଗାଯାଇଥିବା ସହ ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୩୫୭/୨୦୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ କହିଛନ୍ତି।

### ଦିବ୍ୟାଙ୍ଗମାନେ ସବୁବେଳେ ସ୍ୱତନ୍ତ୍ର

କଟକ ଅଫିସ, ୩।୧୨: କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସହାୟ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ଦିବ୍ୟାଙ୍ଗମାନେ ସବୁବେଳେ ସ୍ୱତନ୍ତ୍ର। ଏହି ଅବସରରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସେହିପରି ପଦ୍ମିନୀ ରିହାବ କେନ୍ଦ୍ର ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଥିଲା। ଏହି ଉପଲକ୍ଷେ ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନେଇ ଟାଙ୍ଗୀସ୍ଥିତ ଡ୍ରିମ୍ସ ପରିସରରେ ସଚେତନତା ଶୋଭାଯାତ୍ରା ଓ ମାନବଶୃଙ୍ଖଳ ଆୟୋଜିତ ହୋଇଥିଲା। ନିର୍ଦ୍ଦେଶକ ପ୍ରଫେସର ଲୋକନାଥ ବେହେରା ଯୋଗଦେଇ ଭିନ୍ନକ୍ଷମମାନଙ୍କ ଉପଯୁକ୍ତ ଚିକିତ୍ସା ଓ ସେବାଯତ୍ନକୁ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଏ କ୍ଷେତ୍ରରେ ପଦ୍ମିନୀ ରିହାବ କେନ୍ଦ୍ର ଆଶାର ଆଲୋକ ସାଜିଛି ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡା. ମେହେବୁବ୍ ଅଲ୍ଲୀ, ଦୁର୍ଗାପ୍ରସାଦ ମିଶ୍ର, ଦୀପକ ମଲ୍ଲିକ, ଆଶୀର୍ବାଦ ଦାସ, ଅଙ୍କିତା ରାଉତ, ପ୍ରଜ୍ଞାପାରମିତା ପାଇଟାଳ, ଶୁଭସ୍ମିତା ମଲ୍ଲିକ, ଡା. ଶୌଭାଗ୍ୟଲକ୍ଷ୍ମୀ ଧଳ ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଆହାର, ବ୍ୟାୟାମ ଦ୍ୱାରା ଶରୀର ହେବ ରୋଗମୁକ୍ତ

କଟକ ଅଫିସ, ୩।୧୨:ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ବିଜ୍ଞାନ ପ୍ରଚାର ସମିତି ପକ୍ଷରୁ ପ୍ରଫେସର ହରିହର ପଟ୍ଟନାୟକ ସ୍ମାରକୀ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମିତି ସଭାପତି ଡା. ନିତ୍ୟାନନ୍ଦ ସ୍ୱାଇଁ ଯୋଗଦେଇ ନିୟମିତ ସୁଷମ ଆହାର ଓ ବ୍ୟାୟାମ ଦ୍ୱାରା ଶରୀରକୁ ରୋଗମୁକ୍ତ ରଖାଯାଇପାରିବ ବୋଲି କହିଥିଲେ। ଏଥିରେ ସମ୍ମାନିତ ବକ୍ତା ଡ. ଜ୍ୟୋତିଷ ଚନ୍ଦ୍ର ମହାନ୍ତି ,ମହେନ୍ଦ୍ର କୁମାର କାୟସ୍ଥ ଯୋଗଦେଇଥିଲେ।ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ବିଦ୍ୟୁତ୍‌ଲତା ସାହୁ ଧନ୍ୟବାଦ ଦେଇଥିଲେ।

# ହାଣ୍ଡି,ଡେକ୍‌ଚି ଥୋଇ ୨ ଗାଁ ଲୋକଙ୍କ ସତ୍ୟାଗ୍ରହ

ରଘୁନାଥପୁର,୩।୧୨(ଡି.ଏନ୍.ଏ.)

ଚାଷ ସୁରକ୍ଷା ଏବଂ ବନ୍ୟଜନ୍ତୁ ସଂରକ୍ଷଣ ଦାବିରେ ଧଳତଙ୍ଗଗଡ଼ ଜଙ୍ଗଲର ଚତୁଃପାର୍ଶ୍ୱକୁ ଲାଗି ରହିଥିବା ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁର ଓ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଗାଁର ଲୋକେ ଶନିବାର ଦିନିକିଆ ଚୁଲା ବନ୍ଦ କରି ପ୍ରତିକାତ୍ମକ ସତ୍ୟାଗ୍ରହ କରିଛନ୍ତି। ଏହାର ପ୍ରତିକାର ପାଇଁ ବ୍ୟବସ୍ଥା କରା ନ ଗଲେ ଡିସେମ୍ବର ୭ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଗଣ ସତ୍ୟାଗହ ଆରମ୍ଭ ହେବ ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ ଓ ଦେବୀପ୍ରସାଦ ମହାରଣା ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଧଳତଙ୍ଗଗଡ ଜଙ୍ଗଲକୁ ଲାଗି ରହିଥିବା ଗ୍ରାମର ଚାଷଜମି ଗୁଡିକରେ ହୋଇଥିବା ରବି ତଥା ଖରିଫ ଫସଲକୁ ହରିଣପଲ ଉଜାଡ଼ି ଦେଉଛନ୍ତି। ଜଙ୍ଗଲୀ ମାଙ୍କଡ଼ମାନେ ବାଡ଼ିବଗିଚାରେ ପଶି ପନିପରିବା ଖାଇ ନଷ୍ଟ କରିଦେଉଛନ୍ତି। ସେହିପରି ଷଣ୍ଢଙ୍କ ଉପଦ୍ରବରେ ଫସଲ ନଷ୍ଟ ହୋଇଯାଉଛି। ବନ୍ୟଜନ୍ତୁଙ୍କ ଭୟରେ ଚାଷୀମାନେ ଚାଷଜମି ପଡ଼ିଆ ପକେଇବାକୁ ବାଧ ହେଉଛନ୍ତି। ଏନେଇ ସ୍ଥାନୀୟ ଚାଷୀଙ୍କ ଆର୍ଥିକ କ୍ଷତି ଘଟୁଥିବା ବେଳେ ନିଜ ପରିବାର ପ୍ରତିପୋଷଣ ପାଇଁ ସମ୍ବଳର



ପ୍ରତୀକାତ୍ମକ ସତ୍ୟାଗ୍ରହରେ ସାମିଲ ହୋଇଥିବା ଗ୍ରାମବାସୀ।

ଅଭାବ ରହୁଛି ବୋଲି ଅଟଳ ବିହାରୀ ଜେନା ଓ ବସନ୍ତ କୁମାର ସ୍ୱାଇଁ ଅଭିଯୋଗ କରିଛନ୍ତି। ଜଙ୍ଗଲରେ ଥିବା ହରିଣ ପଲ ଖାଦ୍ୟ ଅନ୍ୱେଷଣରେ ବାହାରକୁ ଆସି ନିକଟରେ ଯାଇଥିବା ଟ୍ରେନ ଲାଇନ ପାର ହୋଇ ବିଲବାଡିକୁ ଯିବା ସମୟରେ ଦୁର୍ଘଟଣାରେ ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। ଆଉ କିଛି ହରିଣ ନିଜ ବାସସ୍ଥାନକୁ ଫେରି ନ ପାରି କୁକୁରଙ୍କ ହାବୁଡ଼ରେ ପଡି ଜୀବନ ହାରୁଛନ୍ତି। ଦୀର୍ଘବର୍ଷ ତଳୁ ଚାଷୀଙ୍କ ଫସଲ ସୁରକ୍ଷା ଓ ହରିଣଙ୍କ ସୁରକ୍ଷା ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରିବାକୁ ଦାବି ହୋଇ ଆସୁଛି। ଏଥିସହ ହରିଣଙ୍କ ପାଇଁ ଖାଦ୍ୟ ଓ ଜଳ ବ୍ୟବସ୍ଥା, ମାଙ୍କଡ଼ଙ୍କ ବନ୍ଧ୍ୟାକରଣ କରାଯାଇ ଘଞ୍ଚ ଜଙ୍ଗଲରେ ଛଡ଼ାଯିବା ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସ୍ଥାୟୀ ସୁରକ୍ଷା ସମ୍ପର୍କରେ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତଭାବେ ଅଭିଯୋଗ କରାଯାଇଥିଲା।ଏଥିପ୍ରତି ଦୃଷ୍ଟି ଦିଆଯିବା ପରିବର୍ତ୍ତେ ଫସଲ ଉଜୁଡିଯିବା ବାବଦରେ କିଛି ଚାଷୀଙ୍କୁ ମାମୁଲି କ୍ଷତିପୂରଣ ଦିଆଯାଇ ସରକାର ଭଣ୍ଡେଇ ଚାଲିଛନ୍ତି ବୋଲି କୃଷକ ନେତା ବାସୁଦେବ ଦାସ, ଅଭୟ ସେଣ, ନିଗମାନନ୍ଦ ଦାସ ଓ ମିନତୀ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଆୟୋଜିତ ପ୍ରତିକାତ୍ମକ ସତ୍ୟାଗ୍ରହରେ ନାରାୟଣ ପରିଡା, ସୁରେଶ ସାହୁ, ଶରତ ଚନ୍ଦ୍ର ମହାପାତ୍ର, କୈଳାସ ସେଣ, ସନ୍ତୋଷ ପ୍ରଧାନ, ପିତାମ୍ବର ନାୟକ, କଳ୍ପନା ସେଣ, ପ୍ରତିମା ନାୟକ, ସରିତା ଜେନା, ସୁପ୍ରଭା ଜେନା ପ୍ରମୁଖ ସାମିଲ ହୋଇଥିଲେ।



ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ପଦ୍ମିନୀ ରିହାବ କେନ୍ଦ୍ର ପକ୍ଷରୁ ଡ୍ରିମ୍ସ ପରିସରରେ ଶନିବାର ଅନୁଷ୍ଠିତ ମାନବ ଶୃଙ୍ଖଳ।

# ଜୟରାମପୁର ପଞ୍ଚାୟତରେ ଅନିୟମିତତା

ନିଶ୍ଚିନ୍ତକୋଇଲି, ୩।୧୨(ସ୍ୱ.ପ୍ର):

ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ଗ୍ରାମ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏମ୍‌ଜିଏନ୍‌ଆରଇଜିଏସ୍, ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପରେ ମଧ୍ୟ ଅନିୟମିତତା, ଲୋକମାନଙ୍କ ନିଜସ୍ୱ ଜମିରେ ଚାରା ରୋପଣ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତବାସୀ ସଞ୍ଜୟ କୁମାର ନାୟକ, ପୂର୍ବତନ ସରପଞ୍ଚ ପ୍ରାଣକୃଷ୍ଣ ସେଠୀ, ବନିତା ବେହେରା ପ୍ରମୁଖ କଟକ ଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଓ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଜୟରାମପୁର ସରପଞ୍ଚ ସ୍ୱାତୀ ସୁଚରିତା ରାଉତ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି।

# ଗୁରୁ ବିନା ଦେଶ ଉନ୍ନତି କରିବା ଅସମ୍ଭବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷକ ଓ ଅନ୍ୟମାନେ।

ମାହାଙ୍ଗା, ୩।୧୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଓଷଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଇଁତୁଆ ଗ୍ରାମରେ ଥିବା ଭଗବତୀ ପ୍ରାଥମିକ ଓ ଉପ୍ରାମଇ ବିଦ୍ୟାଳୟ ପରିସରରେ ସିଆରସିସି ନିହାର ରଞ୍ଜନ ସାମଲଙ୍କ ଅଧକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା ଯୋଗଦେଇ ଗୁରୁଙ୍କୁ ଇଶ୍ୱରଙ୍କ ସହ ତୁଳନା କରିଥିଲେ । ଗୁରୁ ବିନା ଦେଶ ଉନ୍ନତି କରିବା ଅସମ୍ଭବ ବୋଲି ସେ କହିଥିଲେ । ସମ୍ମାନିତ ଅତିଥିଭାବେ ଏବିଇଓଙ୍କ ସମେତ ସରପଞ୍ଚ ନିହାରିକା ବିଶ୍ୱାଳ, ସମିତିସଭ୍ୟା କାନନବାଳା ମହାନ୍ତି, ପୂର୍ବତନ ଏବିଇଓ ନାରାୟଣ ରାଉତ, ଲକ୍ଷ୍ମୀଧର ବେହେରା, ନବକିଶୋର ପ୍ରହରାଜ, ବିଆରସିସି ଚୈତନ୍ୟ ଚରଣ ଦାସ , ଅଞ୍ଜନା ମହାପାତ୍ର ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦାୟୀ ଶିକ୍ଷକ ବିକ୍ରମ ମହାନ୍ତି, ଶଶିଲତା ବେହେରା,ଅଜୟ କୁମାର ନାୟକ, ବଂଶୀଧର ଖଣ୍ଡାଇ,ସରୋଜ କୁମାର ସାହୁ, ଶ୍ରୀମତୀ ବେହେରା, ଦୁର୍ଲ୍ଲଭ ଚରଣ ରାଉତ, ହେମନ୍ତ କୁମାର ଦାସ ଓ ବଳାରାମ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିସହ କ୍ଲଷ୍ଟର ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରତାପ ଚନ୍ଦ୍ର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓମ୍ ପ୍ରକାଶ ବାଲିପାଟଣା, ଶୁଭଶ୍ରୀ ପଣ୍ଡା ମହିଳା ଥାନା ଆଇଆଇସି

ଭୁବନେଶ୍ୱର, ୩।୧୨(ବ୍ୟୁରୋ):

### କମିଶନରେଟ୍ ପୋଲିସରେ ଅଦଳବଦଳ

କମିଶନରେଟ ପୋଲିସ୍‌ର ଏସିପି ଓ ଥାନାଧିକାରୀ ସ୍ତରରେ ଶନିବାର ଏକ ବଡ଼ଧରଣର ଅଦଳବଦଳ ହୋଇଛି। ଏହି କ୍ରମରେ ଦୀର୍ଘଦିନ ହେବ କମିଶନରେଟ ପୋଲିସ ମୁଖ୍ୟାଳୟରେ ଥିବା ଅଧିକାଂଶ ଏସିପି ଓ ଥାନାଧିକାରୀଙ୍କୁ ଦ୍ୱୈତନଗରୀର ବିଭିନ୍ନ ଜୋନ ଓ ଥାନାକୁ ବଦଳି କରାଯାଇଛି। ଶହୀଦନଗର ଥାନା ଅଧିକାରୀ ଦାୟିତ୍ୱରେ ଥିବା ହିମାଂଶୁ ସ୍ୱାଇଁଙ୍କୁ ଭୁବନେଶ୍ୱର ସ୍ପେଶାଲ ସ୍କ୍ୱାର୍ଡ ଏସିପି ଭାବେ ବଦଳି କରାଯାଇଛି । ପୋଲିସ ଆୟୁକ୍ତ (ସିପି)ଙ୍କ କାର୍ଯ୍ୟାଳୟରେ ଥିବା ଏସିପି ପ୍ରଦୀପ କୁମାର ରାଉତଙ୍କୁ ଭୁବନେଶ୍ୱର ଆଇଏଏଚ୍‌ଟିୟୁର ଏସିପି, ବିଶ୍ୱରଞ୍ଜନ ସେନାପତିଙ୍କୁ ସ୍ପେଶାଲ କ୍ରାଇମ ୟୁନିଟ ଏସିପି, କେ.ପି.ଦାସଙ୍କୁ କଟକ ଡିଆଇବି ଏସିପି, ଅଞ୍ଜନା ଟୁଡୁଙ୍କୁ ଆଇବି ଏସିପି, ଅମିତାଭ ମହାପାତ୍ରଙ୍କୁ କଟକ ଜୋନ-୨ ଏସିପି, ସୁଶାନ୍ତ କୁମାର ସିଂହଙ୍କୁ କଟକ ଟ୍ରାଫିକ ଏସିପି ଭାବେ ବଦଳି କରାଯାଇଛି। ଅନ୍ୟପଟେ କୃଷ୍ଣଚନ୍ଦ୍ର ସେଠୀଙ୍କୁ କଟକ ଜୋନ-୫ ଏସିପି ଭାବେ ବଦଳି କରାଯାଇଛି। ସେହିପରି ସିପି ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ମନୋଜ କୁମାର ଶତଥୀଙ୍କୁ ଶହୀଦନଗର ଥାନା ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ ପି. ଶ୍ୟାମସୁନ୍ଦର ରାଓଙ୍କୁ ଲକ୍ଷ୍ମୀସାଗର ଥାନାଧିକାରୀ, ଲକ୍ଷ୍ମୀସାଗର ଥାନାର ଆଇଆଇସି ଓମ ପ୍ରକାଶ ମହାନ୍ତିଙ୍କୁ ବାଲିପାଟଣା ଥାନାକୁ ବଦଳି କରାଯାଇଛି। ଏୟାରଫିଲ୍ଡ ଥାନା ଅଧିକାରୀ ରାଧାକାନ୍ତ ସାହୁଙ୍କୁ ଚନ୍ଦକା ଥାନା ଆଇଆଇସି ଏବଂ ସେଠାରେ ଥିବା ସୁରେନ୍ଦ୍ର କୁମାର ବଳଙ୍କୁ ସିପି ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିପରି କଟକ ଦରଘାବଜାର ଥାନାର ଇନ୍ସପେକ୍ଟର ପ୍ରଦୀପ କୁମାର ଜେନାଙ୍କୁ କ୍ୟାଣ୍ଟନମେଣ୍ଟ ଥାନା, ଶହୀଦନଗର ଥାନାର ଅତିରିକ୍ତ ଆଇଆଇସି ଚିନ୍ତେଶ୍ୱର ମୁଣ୍ଡାଙ୍କୁ କଟକ ଦରଘାବଜାର ଥାନା ଆଇଆଇସି ଭାବେ ଅବସ୍ଥାପିତ କରାଯାଇଛି। ସିପି ମୁଖ୍ୟ କାର୍ଯ୍ୟାଳୟରେ ଥିବା ଇନ୍ସପେକ୍ଟର ଅଶୋକ କୁମାର ନାୟକଙ୍କୁ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଆଇଆଇସି, ମହିଳା ଥାନା ଅଧିକାରୀ ସନ୍ତୋଷିନୀ ବେହେରାଙ୍କୁ ବାଲିପାଟଣା ଥାନାର ଅତିରିକ୍ତ ଆଇଆଇସି ଭାବେ ବଦଳି କରାଯାଇଛି । ଭୁବନେଶ୍ୱର ୟୁପିଡି ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଶୁଭଶ୍ରୀ ପଣ୍ଡାଙ୍କୁ ମହିଳା ଥାନା ଆଇଆଇସି ଭାବେ ବଦଳି କରାଯାଇଛି। ବାଲିପାଟଣା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ବରାଡଙ୍କୁ କଟକ ସିଆରଆରଆଇ ବିଭାଗକୁ ବଦଳି କରାଯାଇଛି । ସିପି ମୁଖ୍ୟାଳୟରେ ଥିବା ଏଏସ୍‌ଆଇ ନୃସିଂହନାଥ ଦ୍ୱିବେଦୀଙ୍କୁ ଉକ୍ତ ସ୍ଥାନରେ ପର୍ସନେଲ ସେକ୍ସନକୁ ବଦଳି କରାଯାଇଛି।

### ଧାରଣାରତ ଅଙ୍ଗନୱାଡି କର୍ମୀଙ୍କୁ ଭେଟିଲେ ପୂର୍ବତନ ବିଧାୟକ

ସାଲେପୁର,୩।୧୨(ଡି.ଏନ୍.ଏ.)

ଅଲ୍ ଓଡିଶା ଲେଡିଜ୍ ଅଙ୍ଗନୱାଡ଼ି ୱାର୍କର୍ ଆସୋସିଏଶନ୍ ପକ୍ଷରୁ ଗତ ମାସ ୨୧ତାରିଖଠାରୁ ସାରା ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁରହିଛି। ଏହି ଅବସରରେ ସାଲେପୁର ବ୍ଲକ୍‌ର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଆନ୍ଦୋଳନ କରିବା ସହିତ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୧ଦିନ ଧରି ଧାରଣାରେ ବସିଛନ୍ତି। ଖବର ପାଇ ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ପଚାରି ବୁଝିବା ସହିତ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆନ୍ଦୋଳନକାରୀଙ୍କ ଠାରୁ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ, ବିନିତ ରଞ୍ଜନ ବିଶ୍ୱାଳ, ସନ୍ତୋଷ କୁମାର ଭୂୟାଁ, ଦିଲୀପ କୁମାର ସ୍ୱାଇଁ, ଅଶ୍ୱିନୀ କୁମାର ଦାସ, ସେକ୍ ପିର୍‌ବକ୍ସ, ମହେଶ୍ୱର ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ଦିନ ପରେ ବି ସମାଧାନ ନାହିଁ

ସାଲେପୁର,୩।୧୨(ଡି.ଏନ୍.ଏ.)

### ଶାଶୁଘର ଆଗରେ ବୋହୂଙ୍କ ଧାରଣା

ଶାଶୁଘର ଆଗରେ ଦିଆଯାଇଥିବା ଧାରଣାକୁ ଇତିମଧ୍ୟରେ ୬ ଦିନ ବିତିଥିଲେ ସୁଦ୍ଧା ବୋହୂଙ୍କ ସମସ୍ୟାର ସମାଧାନ ହୋଇନାହିଁ। ସାଲେପୁର ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ସୁଶେନ୍ ମହାରଣାଙ୍କ ଘର ଆଗରେ ସସ୍ମିତା ମହାରଣାଙ୍କ ଏହି ଧାରଣା ଜାରି ରହିଛି। ଖବରପାଇ ବାଲିସାହି(ମାଚ୍ଛୁଆତି) ଗ୍ରାମର ଯୁବ ସାମଜିକ କର୍ମୀ ହରିବନ୍ଧୁ ଶତପଥୀଙ୍କ ସହ ବହୁ ବ୍ୟକ୍ତି ଧାରଣାରତ ସସ୍ମିତାଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସେ ଜିଦ୍‌ରେ ଅଟଳ ରହିଛନ୍ତି। ଢ଼େଙ୍କାନାଳ ଥାନା ରାଧାକୃଷ୍ଣବଜାରର ସସ୍ମିତାଙ୍କ ସହ ବୈଦିକ ରୀତିରେ ସୁଶେନଙ୍କ ବିବାହ ହୋଇଥିଲା। ବିବାହର ୩ ମାସ ପର୍ଯ୍ୟନ୍ତ ଶାଶୁଘରେ ତାଙ୍କ ଦିନ ଭଲରେ କଟିଥିଲା। ଏହାପରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳନ ଆଳରେ ଶାଶୁଘର ଲୋକେ ସସ୍ମିତାଙ୍କୁ ବାପ ଘରକୁ ପଠେଇ ଦେଇଥିଲେ। ମାତ୍ର ସେ ଫେରିବା ପରେ ଶାଶୁଘର ଲୋକେ ଆଉ ଘରେ ପୁରେଇ ଦେଇ ନ ଥିଲେ। ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୩।୧୨(ଡି.ଏନ୍.ଏ.)

ବାରଙ୍ଗ ଥାନା ଅନ୍ତର୍ଗତ ଏକ ହାର୍ଡୱାର ଦୋକାନର ମାଲିକଙ୍କ ଝୁଲନ୍ତା ମୃତଦେହ ଶନିବାର ଅପରାହ୍ନରେ ବାରଙ୍ଗ ପୋଲିସ ଜବତ କରିଛନ୍ତି। ସେ ହେଲେ ଉକ୍ତ ଥାନା ଅଧୀନ ଶ୍ରୀବନ୍ତପୁର ଗ୍ରାମର ସ୍ୱର୍ଗତ ଫକୀର ପ୍ରଧାନଙ୍କ ପୁଅ ଅଜିତ ପ୍ରଧାନ(୩୫) ଓରଫ ଲିପୁ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୨) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ମୁତାବକ, ଅଜିତ୍‌ଙ୍କୁ ଦୋକାନ ଭିତରେ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କ ଘରକୁ ନେଇଯାଇଥିଲେ। ପରେ ଖବରପାଇ ବାରଙ୍ଗ ପୋଲିସ ତାଙ୍କ ଘରେ ପହଞ୍ଚି ଅଜିତ୍‌ଙ୍କୁ କଟକ ବଡ଼ ମେଡ଼ିକାଲକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୧୦ କି.ଗ୍ରା. ଚାଉଳରେ ବିତୁଛି ୩ ଜୀବନ

ନିଶ୍ଚିନ୍ତକୋଇଲି, ୩।୧୨(ସ୍ୱ.ପ୍ର):

### ଦୁଇ ମାନସିକ ବିକାରଗ୍ରସ୍ତ ପୁଅଙ୍କୁ ନେଇ ଚିନ୍ତାରେ ବୃଦ୍ଧ

ସମାଜର ଦଳିତ, ଅବହେଳିତ ତଥା ଗରିବ ଶ୍ରେଣୀର ଲୋକଙ୍କ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା କରିଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ସରପଡ଼ା ଦଳିତସାହିରେ ଏକ ଅସହାୟ ପରିବାର ଅତ୍ୟନ୍ତ ଦୟନୀୟ ଭାବେ ୧୦ କି.ଗ୍ରା. ଚାଉଳ ଓ ୧ହଜାର ଭତ୍ତା ଟଙ୍କାରେ ଜୀବନ ବିତାଉଥିବା ଅଭିଯୋଗ ହୋଇଛି। ଦଳିତସାହିର ଡମେଇ ଭୋଇ(୭୫)ଙ୍କ ଅଣ୍ଟା ନଇଁଗଲାଣି। ଡମେଇ କୌଣସି କାମ ଧନ୍ଦା କରିପାରୁନାହାନ୍ତି। ବହୁ କଷ୍ଟରେ ଭଙ୍ଗା କୁଡିଆ ଘରେ ଗଣ୍ଡେ ରୋଷେଇ କରି ନିଜେ ଖାଉଛନ୍ତି ଓ ନିଜର ଦୁଇ ମାନସିକ ବିକାରଗ୍ରସ୍ତ ପୁତ୍ରଙ୍କୁ ଖାଇବାକୁ ଦେଉଛନ୍ତି। ଡମେଇ ଜଣେ ଭୂମିହୀନ ଓ ଦିନ ମଜୁରିଆ। ଡମେଇଙ୍କ ପରିବାର କହିଲେ ମାନସିକ ବିକାରଗ୍ରସ୍ତ ବଡ଼ପୁତ୍ର ରତ୍ନାକର(୩୫) ଓ ସାନପୁତ୍ର ପଦନ (୨୫)।ପତ୍ନୀ ସୁନା ଭୋଇ ନିକଟରେ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଡମେଇଙ୍କ ପରିବାରକୁ ବ୍ଲକ ପ୍ରଶାସନ ତରଫରୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଇଥିଲା। ଘର ନିର୍ମାଣ କରିବାକୁ ପ୍ରଥମ କିସ୍ତିରେ ମାତ୍ର



ଅଳ୍ପ କିଛି ଟଙ୍କା ଦିଆଯାଇଥିଲା। ଏହି ଟଙ୍କାରେ ସେ ଗୃହ ନିର୍ମାଣ ଆରମ୍ଭ କରିଥିଲା ବେଳେ ପତ୍ନୀ ସୁନା ରୋଗାକ୍ରାନ୍ତ ହୋଇଥିଲେ। ତାଙ୍କୁ ବଞ୍ଚାଇବାକୁ ଆବାସ ଟଙ୍କାକୁ ଖର୍ଚ୍ଚ କରିଦେଇଥିଲେ। ସରକାରଙ୍କ ନିୟମାନୁଯାୟୀ ଗୃହ ନିର୍ମାଣ କରାଯାଇ ନ ଥିବା କାରଣରୁ ପରବର୍ତ୍ତୀ କିସ୍ତି ମିଳିନଥିଲା। ଫଳରେ ତାଙ୍କର ଗୃହ ଏବେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଛି। ମାନସିକ ବିକାରଗ୍ରସ୍ତ ଦୁଇ ପୁତ୍ର ରତ୍ନାକର ଓ ପଦନ ଏବେ ମଧ୍ୟ ଅବିବାହିତ। ଏକ ଭଙ୍ଗା କୁଡ଼ିଆରେ ତିନି ପ୍ରାଣୀ ଅତ୍ୟନ୍ତ ଦୟନୀୟ ଭାବେ ବାସ କରୁଛନ୍ତି। ସେହିପରି ଡମେଇ ଓ ସାନପୁଅ ପଦନ ନାଁରେ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ମାତ୍ର ୧୦ କି.ଗ୍ରା. ଚାଉଳ ଯୋଗାଇ ଦିଆଯାଉଛି। ଉଭୟଙ୍କୁ ମାସକୁ ୫ ଶହ ଟଙ୍କା ଲେଖାଏଁ ଭତ୍ତା ଯୋଗାଇ ଦିଆଯାଉଛି। ମାତ୍ର ବଡ଼ପୁଅ ରତ୍ନାକର ନାଁରେ ଆଧାର କାର୍ଡ କିମ୍ବା ମାନସିକ ବିକାରଗ୍ରସ୍ତ ପ୍ରମାଣପତ୍ର ନ ଥିବା କାରଣରୁ ସରକାରଙ୍କ ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଫଳରେ ଓଳିଏ ଖାଇଲେ ଅନ୍ୟ ଓଳି ଓପାସରେ ରହୁଛନ୍ତି। ଦୁଇ ଭାଇଙ୍କ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟଙ୍କ ପଚାରିବାରୁ କହନ୍ତି, ରତ୍ନାକରଙ୍କ ଆଧାର ନ ଥିବା କାରଣରୁ ରାସନ କିମ୍ବା ଭତ୍ତା ମିଳିପାରୁନାହିଁ। ଡମେଇଙ୍କ ନାମରେ ପୂର୍ବରୁ ଇନ୍ଦିରା ଆବାସ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ଘର ନିର୍ମାଣ କରି ନ ଥିବା କାରଣରୁ ତାଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଇ ପାରୁନାହିଁ ।

# ଦିବ୍ୟାଙ୍ଗଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯାଉ

ନିଶ୍ଚିନ୍ତକୋଇଲି/ମାହାଙ୍ଗା/ ସାଲେପୁର, ୩।୧୨(ସ୍ୱ.ପ୍ର):

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସିଆର୍‌ସିସି ନରହରି ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଜିଲାପରିଷଦ ସଭ୍ୟ ଆର.କେ ବିପ୍ଳବ କେଶରୀ କାପ, ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ପାର୍ବତୀ ନନ୍ଦ, ବିଆର୍‌ପି ଅନିଳା ଷଡଙ୍ଗୀ, ଗାୟତ୍ରୀ ବଳ, ରଞ୍ଜିତ ମଲ୍ଲିକ ପ୍ରମୁଖ ଅତିଥି ରୂପେ ଯୋଗଦାନ କରି ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଗଲେ ସମାଜର ଅଶେଷ କଲ୍ୟାଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ବେହେରା, ଆଦିତ୍ୟ ପୁହାଣ, ନିରୁପମା ମିଶ୍ର, କ୍ଷୀରୋଦ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ମାହାଙ୍ଗା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଇଓ ଚକ୍ରଧର ବେହେରାଙ୍କ



ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ସାଲେପୁର ମଣ୍ଡଳ ସାଧନକେନ୍ଦ୍ରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ।

ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ମୁଖ୍ୟବକ୍ତା ଭାବେ ବିଡିଓ ନିହାର ରଞ୍ଜନ ମଲିକ, ସମ୍ମାନିତ ଅତିଥି ଭାବେ ଏବିଇଓ ସୋମନାଥ ରାମ, ସଂଯୁକ୍ତା ଭୋଇ, ପୂର୍ବତନ ଏବିଇଓ ନାରାୟଣ ରାଉତ, ଲକ୍ଷ୍ମୀଧର ବେହେରା, ବିଆରସିସି ଚୈତନ୍ୟ ଚରଣ ଦାସ, ବିଆରଟି ଆନନ୍ଦମୟୀ ବେହୁରା ପ୍ରମୁଖ ଯୋଗଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ୭୫ ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ତୃତୀୟ ଶ୍ରେଣୀରେ ମେଧାବୃତ୍ତି ପାଇଥିବା ତପସ୍ୱିନୀ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ମନୋଜ କୁମାର ଦାସ ସଭା ପରିଚାଳନା କରିଥିଲେ । ସୁଦର୍ଶନ ଲେଙ୍କା, ବି.ଜିତେନ କୁମାର, ମହମ୍ମଦ ସାଫି, ସୌମ୍ୟ ଷଡଙ୍ଗୀ, ସ୍ମୃତିରେଖା ମହାପାତ୍ର, ଆଇଇଭି ପ୍ରଭାତ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ସଞ୍ଜୟ ମହାନ୍ତି, ସସ୍ମିତା ପୃଷ୍ଟି, ବିନୋଦିନୀ ରାଉତ, ଚନ୍ଦ୍ରଶେଖର ଜେନାଙ୍କ ସମେତ ସମସ୍ତ ସିଆରସିସିମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନା କରିଥିଲେ ।

ଏହି ଅବସରରେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ସେକ୍ସନ୍ ଅଫିସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ମିଠା ବଣ୍ଟନ କରାଯାଇଥିଲା। ବ୍ଲକ୍ ପରିସରରେ ମଧ୍ୟ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଓ ବିଡିଓ ସୂର୍ଯ୍ୟକାନ୍ତ ରାଉତ ବିସ୍କୁଟ ବଣ୍ଟନ କରିଥିଲେ। ସାଧନ କେନ୍ଦ୍ର ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସହକାରୀ ଶିକ୍ଷାଅଧିକାରୀ ରଜନୀକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷା ଅଧିକାରୀ ବିଳାସିନୀ ବାହିନୀପତି, ନିରଞ୍ଜନ ଦାଶ, ଅଶୋକ କୁମାର ପତି ଏବଂ ସମିତିସଭ୍ୟା ଗୌତମୀ ମଲ୍ଲିକ ଯୋଗଦେଇଥିଲେ। ସମସ୍ତ ପିଲାମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସଭାକୁ ଦିପ୍ତୀମୟୀ ରାଉତରାୟ, ଶାରଦା ଦେବୀ, ଦିଲୀପ କୁମାର ମଲ୍ଲିକ, ସିଆରସିସି ସମରେନ୍ଦ୍ର ପଣ୍ଡା, ନିବାରଣ ସ୍ୱାଇଁ, ରଞ୍ଜନ ବେହେରା, ଭରତ ବାରିକ, ରଞ୍ଜନ ମୋହନ ବେହେରା, ପ୍ରଭାତ ବେହେରା, ମାନସ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ଜାତୀୟ ପୁରସ୍କାରପ୍ରାପ୍ତ ତାଳପତ୍ର ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

ପିପିଲି,(ସ୍ୱ.ପ୍ର): ତାଳପତ୍ର ଖୋଦେଇରେ ପିପିଲିର ସ୍ୱପ୍ନା ମଞ୍ଜରୀ ନାୟକ ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇ ଗତ ୨୮ରେ ଦିଲ୍ଲୀଠାରେ ପୁରସ୍କୃତ ହୋଇଥିଲେ। କୃଷ୍ଣ ପୋଥି ଚିତ୍ର କାରିଗରି ଉପସ୍ଥାପନ କରି ସେ ମହିଳା ବର୍ଗରେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ତେବେ ସେ ଶନିବାର ପିପିଲି ଫେରିବା ଅବସରରେ ତାଙ୍କୁ ପିପିଲିବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନ୍ଏସି ଚେୟାରମ୍ୟାନ୍ ସେକ୍ ବାବୁ, ସାମାଜିକ କର୍ମୀ ଅନୁପ ପରିଡ଼ାଙ୍କ ସମେତ ବିଭିନ୍ନ ବ୍ୟକ୍ତି ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱପ୍ନା ୧୯ ବର୍ଷ ଧରି ନିରନ୍ତର ଭାବେ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରିଥିବାରୁ ୨୦୧୯ରେ ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ତେବେ ସ୍ୱପ୍ନାଙ୍କ ଏହି ସଫଳତା ପାଇଁ ତାଙ୍କୁ ସବୁ ମହଲରୁ ସ୍ୱାଗତ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୧୨।୨୦୨୨

| ୪,୧୯,୦୦୭ ଟଙ୍କା | |
|---|---|
| ସୁନା | ୫୪ ଗ୍ରାମ |
| ରୁପା | ୭.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ଆକ୍ରମଣ: ସାନଭାଇ ମୃତ, ବଡ଼ ଗୁରୁତର

ସାକ୍ଷୀଗୋପାଳ, ୩।୧୨ (ଡି.ଏନ୍.ଏ/ସ୍ୱ.ପ୍ର.): ସତ୍ୟବାଦୀ ଥାନା ଅନ୍ତର୍ଗତ ଖୋଳହଳ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶନିବାର ସକାଳେ ଗୋଷ୍ଠୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଇନ୍ଦ୍ରମଣି ପଣ୍ଡା (୪୬)। ଏନେଇ ସତ୍ୟବାଦୀ ପୋଲିସ ଏକ ହତ୍ୟା ମାମଲା (ନଂ.୩୫୫/୨୨)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଇନ୍ଦ୍ରମଣି ଗ୍ରାମ ନିକଟ କେନାଲ ବ୍ରିଜକୁ ଶୌଚ ପାଇଁ ଯାଇଥିଲେ। ସେହି ସମୟରେ ପୂର୍ବରୁ ସେଠାରେ ଛପି ରହିଥିବା ବିଜୟ ପଣ୍ଡା ଓ ଅନ୍ୟମାନେ କଟୁରି, ଶାବଳ, ଠେଙ୍ଗା ଆଦି ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ତାଙ୍କ ସ୍ତ୍ରୀ ଓ ପରିବାର ଲୋକେ ଇନ୍ଦ୍ରମଣିଙ୍କୁ ରକ୍ଷା କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ଏପରିକି ଇନ୍ଦ୍ରମଣି ତଳେ ପଡିଯାଇ ଥିବା ସମୟରେ ତାଙ୍କ ବେକ ଉପରେ ବାଇକ୍ ଚଢ଼ାଇ ଦିଆଯାଇଥିବା ଅଭିଯୋଗକାରୀମାନେ ପୋଲିସକୁ କହିଛନ୍ତି। ଗୁରୁତର ଅବସ୍ଥାରେ ଇନ୍ଦ୍ରମଣି ଓ ଆକ୍ରମଣର ଶିକାର ହୋଇଥିବା ତାଙ୍କ ବଡ଼ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଦୁହିଁଙ୍କୁ ପୁରୀ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଇନ୍ଦ୍ରମଣିଙ୍କ ମୃତ୍ୟୁ ହୋଇଥିବାବେଳେ ବଡ଼ ଭାଇଙ୍କ ଅବସ୍ଥା ଗୁରୁତର ରହିଛି। ଏନେଇ ଇନ୍ଦ୍ରମଣିଙ୍କ ସ୍ତ୍ରୀ ସୁକାନ୍ତି ପଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଥିବା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଏସ୍ପିଙ୍କ ନିର୍ଦ୍ଦେଶରେ ଟିମ୍ ଗ୍ରାମରେ ଚଢ଼ାଉ ଆରମ୍ଭ କରିଥିବା ଜଣାପଡିଛି।

### ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ପରିଦର୍ଶକ ସଂଘର ୫ ଦାବି

ଡେଲାଙ୍ଗ, ୩।୧୨(ଡି.ଏନ୍.ଏ.)- ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ପରିଦର୍ଶକଙ୍କ ଦୀର୍ଘଦିନର ଦାବିକୁ ସରକାର ଅଣଦେଖା କରୁଛନ୍ତି। ଫଳରେ କର୍ମୀମାନେ ଏବେ ଆନ୍ଦୋଳନପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଡେଲାଙ୍ଗ ବ୍ଲକର ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ପରିଦର୍ଶକ ସଂଘ ସଭାପତି ପ୍ରମୋଦିନୀ ବେହେରା ଓ ସମ୍ପାଦକ ରବିନାରାୟଣ ସାହୁଙ୍କ ନେତୃତ୍ୱରେ ୨୫ରୁ ଊର୍ଦ୍ଧ୍ୱ କର୍ମୀ ଶନିବାର ଏକ ପଦଯାତ୍ରାରେ ବାହାରି ରାଜ୍ୟ ସରକାରଙ୍କ ଅବହେଳା ସମ୍ପର୍କରେ ନାରାବାଜି ଦେଇଥିଲେ। ଚାକିରି କାଳରେ ସର୍ବନିମ୍ନ ୪ଟି ପଦୋନ୍ନତି ଦିଆଯାଉ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୦ ନଭେମ୍ବର ୩ରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୪୨୦୦, ୪୬୦୦, ୪୮୦୦ ଆରଏସିପି ଆକାରରେ ପ୍ରଦାନ କରାଯାଉ, ପଦବୀ ୨ଟିର ନାମ ପରିବର୍ତ୍ତନ କରାଯାଉ, ପୋଷାକ ଭତ୍ତା ଆକାରରେ ବାର୍ଷିକ ୫ ହଜାର ଟଙ୍କା ପ୍ରଦାନ କରାଯିବା ଆଦି ୫ ଦାବି ରହିଛି। ଏହି ଦାବିଗୁଡ଼ିକୁ ନେଇ ସଂଘ ପକ୍ଷରୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ତ୍ରିପାଠୀଙ୍କ ଜରିଆରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୋଷାଧ୍ୟକ୍ଷ ସାଧୁଚରଣ, ରାଜ୍ୟ କାର୍ଯ୍ୟକାରିଣୀ କୌଶଲ୍ୟା ଦେଇ, ସୁପରଭାଇଜର କୁନ୍ତଳତା ରାୟ, ନୁର ମହମ୍ମଦ, ବିନୋଦିନୀ ଦାଶ, ସାବିତ୍ରୀ ବିଶ୍ୱାଳ ପ୍ରମୁଖଙ୍କ ସହିତ ସମସ୍ତ କର୍ମୀ ଥିଲେ। ଯଦି ସରକାର ଦାବି ସମ୍ପର୍କରେ ନ ଶୁଣନ୍ତି ତେବେ ଆସନ୍ତା ୭ ତାରିଖଠାରୁ କଳାବ୍ୟାଜ ପରିଧାନ କରି ନୀରବ ପ୍ରତିବାଦ ଓ ୧୪ ତାରିଖଠାରୁ ଅସହଯୋଗ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଦିବ୍ୟାଙ୍ଗଙ୍କ ଦକ୍ଷତା ବୃଦ୍ଧି ପାଇଁ ସ୍ୱତନ୍ତ୍ର ତାଲିମ



ପୁରୀ ବିଶ୍ୱମ୍ବର ବିଦ୍ୟାପୀଠରେ ଦିବ୍ୟାଙ୍ଗ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପୁରୀ ଅଫିସ,୩।୧୨

ଜିଲା ସମଗ୍ର ଶିକ୍ଷା ପରିସରରେ ନିର୍ମିତ ଜିଲା ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର, ପୁରୀ ଓ ୧୧ ବ୍ଲକର ଅନ୍ତର୍ନିବେଶି ଶିକ୍ଷା ସାଧନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ ଜରିଆରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ଅବସରରେ ଶନିବାର ଉତ୍ସର୍ଗୀକୃତ କରିଛନ୍ତି। ଏହି ସାଧନ କେନ୍ଦ୍ର ମାଧ୍ୟମରେ ପ୍ରତ୍ୟେକ ସରକାରୀ ଦିନରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ଭୌତିକ ଚିକିତ୍ସା, ବାକ୍ଶକ୍ତି ତାଲିମ, ସ୍ୱତନ୍ତ୍ର ଶିକ୍ଷା, ଅଭିଭାବକଙ୍କ ତାଲିମ ଇତ୍ୟାଦି ଦିଆଯିବ। ଏହି ଅବସରରେ ବିଶ୍ୱମ୍ବର ବିଦ୍ୟାପୀଠରେ ଜିଲାସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ସମ୍ମାନ ଉତ୍ସବ ୨୦୨୨ ଅନୁଷ୍ଠିତ ହୋଇଛି। ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ କାର୍ତ୍ତିକେଶ୍ୱର

### ଜିଲାସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ସମ୍ମାନ

ପ୍ରଧାନଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗ ବ୍ୟକ୍ତି ରତ୍ନାକର ବେହେରା (ସର୍ବଗିଳା ନାମରେ ପରିଚିତ) ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ। ଦେବୀପ୍ରସାନ ନନ୍ଦ ସଭାପତିତ୍ୱ କରିଥିଲେ। ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଉପରେ ମତ ରଖିଥିଲେ। କ୍ରିଷ୍ଣା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୧ ବ୍ଲକରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଦ୍ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ଓ ଜିଲା ପ୍ରକଳ୍ପ ସଂଯୋଜକ ଡା. ବିଶ୍ୱଜିତ ଘୋଷ ଓ ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ସାମର୍ଥ ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପରାମର୍ଶଦାତା ବିଚିତ୍ରାନନ୍ଦ ଜେନା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ରତ୍ନାକର ବେହେରା, ନିରୂପମା ପ୍ରଧାନଙ୍କୁ ସମ୍ମାନିତ କରଯାଇଥିଲା। ଶିକ୍ଷା ବିଜ୍ଞାନ ସଂଯୋଜକ ରମେଶ ବଲ୍ଲଭ ସାହୁ ଧନ୍ୟବାଦ ଦେଇଥିଲେ।

## ଦିବ୍ୟାଙ୍ଗଙ୍କୁ ଅବହେଳା କରିବା ଅପରାଧ

ସାକ୍ଷୀଗୋପାଳ, ୩।୧୨(ଡି.ଏନ.ଏ/ ସ୍ୱ. ପ୍ର)

ଶ୍ରୀନୃସିଂହ ଦେବ ଆଞ୍ଚଳିକ ଯୁବ ପରିଷଦ ଓ ଟେକ ମହିନ୍ଦ୍ରା ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଦେବରାଜ ମଣ୍ଡପରେ ଶନିବାର ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଦିବ୍ୟାଙ୍ଗ ବାଳିକା ବାଳକ ଓ ସେମାନଙ୍କ ଅଭିଭାବକମାନଙ୍କୁ ସଚେତନତା ଓ ଉତ୍ସାହିତ କରିବା ପାଇଁ ଆୟୋଜିତ ଏହି ଉତ୍ସବର ମୁଖ୍ୟଅତିଥି ଭାବେ ସତ୍ୟବାଦୀ ଏବିଡିଓ ଅରକ୍ଷିତ ପ୍ରଧାନ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ କୌଣସି କ୍ଷେତ୍ରରେ ଅବହେଳା କରିବା ଅପରାଧ ବୋଲି କହିଥିଲେ। ଦିବ୍ୟାଙ୍ଗମାନଙ୍କ ପ୍ରତି ସମସ୍ତଙ୍କର ଆନ୍ତରିକତା ଜରୁରୀ ବୋଲି ସମ୍ମାନିତ ଅତିଥି ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଆଡ୍ଭୋକେଟ ମହାବୀର ରୁଦ୍ର ନାରାୟଣ ସାହୁ କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଯୁବ ପରିଷଦର ଉପ ସଭାପତି ରବୀନ୍ଦ୍ର ତ୍ରିପାଠୀ, ସମ୍ପାଦକ ମମତା ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମୋନିକା ଦାସ, ସହ ଅଧିକାରୀ ରାଜଶ୍ରୀ ମହାନ୍ତି, ଶ୍ରଦ୍ଧା ଫାଉଣ୍ଡେଶନ ସମ୍ପାଦକ ପ୍ରଭାତ ଚନ୍ଦ୍ର ସାମନ୍ତରାୟ ଯୋଗଦେଇଥିଲେ। ଦିବ୍ୟାଙ୍ଗ ବାଳିକାବାଳକଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଦିବ୍ୟାଙ୍ଗମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୋନାଲିସା ମହାପାତ୍ର ଓ ସହକର୍ମୀମାନେ ସହଯୋଗ କରିଥିଲେ। ପରେ ସତ୍ୟବାଦୀ ବ୍ଲକ ଗୋଷ୍ଠୀ ଅନ୍ତର୍ନିବେଶ ଶିକ୍ଷାସାଧନ କେନ୍ଦ୍ର ଉଦ୍ଘାଟନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଡିଓ ଲୋଚନ ଦାସ, ସମ୍ମାନିତ ଅତିଥି ଭାବେ ବିଇଓ ଭମ ପ୍ରଧାନ, ବିଆର୍ସିସି ପ୍ରଭାସ ଚନ୍ଦ୍ର କରଣ ଓ ସିଆର୍ସିସି ଅଜୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସିଆରସିସି ସୁନୀଲ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ଦିବ୍ୟାଙ୍ଗ



ନିମାପଡ଼ାର ପିପିଡବ୍ଲ୍ୟୁଓ ଅନୁଷ୍ଠାନ ପକ୍ଷରୁ ଶନିବାର ଆୟୋଜିତ ଦିବ୍ୟାଙ୍ଗ ଦିବସ ସମାରୋହରେ ଉପସ୍ଥିତ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ନିମାପଡ଼ା/ ଗୋପ, ୩।୧୨ (ଡି.ଏନ୍.ଏ.)

ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଆମ ସମସ୍ତଙ୍କ ଦାୟିତ୍ୱ, କର୍ତ୍ତବ୍ୟ ହେବା ଆବଶ୍ୟକ। ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତି ଓ ଅନୁଷ୍ଠାନ ସାହାଯ୍ୟ ଓ ସହଯୋଗର ହାତ ବଢାଇବା ଉଚିତ୍ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା କହିଛନ୍ତି। ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା, ଭିନ୍ନକ୍ଷମସଶକ୍ତୀକରଣ ବିଭାଗ, ପୁରୀ ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲୁଓ) ପକ୍ଷରୁ ଶନିବାର ଆୟୋଜିତ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ସମାରୋହରେ ମହାରଣା ଅତିଥି ଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗଙ୍କ ଥଇଥାନ, ସୁରକ୍ଷା, ସାମାଜିକ ଅଧିକାର, ସ୍ୱାବଲମ୍ବୀ କରାଯିବା, ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ସମାରୋହରେ ଅତିଥି ଭାବେ ଜାତୀୟ ଦିବ୍ୟାଙ୍ଗ ପୁନର୍ବାସ ବିଶେଷଜ୍ଞ ଆର୍.କେ. ଶର୍ମା, ଶିକ୍ଷାବିତ୍ ଗୋବିନ୍ଦଚନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଆଇଆଇସି ଶଙ୍କର୍ଷଣ ଦଳେଇ, ପିପିଡବ୍ଲୁଓ ସଭାପତି ଗଗନବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି, ଆଜ୍ତକ୍ ଟିଭିର ଓଡ଼ିଶା ମୁଖ୍ୟ ହିମାଂଶୁ ତ୍ରିପାଠୀ, କଟକ ମାରୁଆଡି ଯୁବ ମଞ୍ଚର ମୁଖ୍ୟ ଗୋବିନ୍ଦ ଦରୁଆଲ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ୪୨ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପ୍ରାୟ ୩ଶହ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଏକ ସଚେତନତା ପଦଯାତ୍ରା ସହର ପରିକ୍ରମା କରିଥିଲା। ନିମାପଡ଼ା ରତ୍ନାକର ଦାଶ ଦୃଷ୍ଟିହୀନ ମାଧ୍ୟମିକ ବିଦ୍ୟାଳୟ ଓ ଡେଲାଙ୍ଗର ଆଭା ଅନୁଷ୍ଠାନର ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ସେହିପରି ଗୋପ ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ ବେହେରାଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ଥିତ ଗଣେଶ୍ୱରପୁର ମୁକ୍ତି କିରଣ କେନ୍ଦ୍ରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଦିବ୍ୟାଙ୍ଗ ହେଉଛନ୍ତି ସମାଜ ଲାଗି ଦର୍ପଣ ସଦୃଶ ବୋଲି ମୁକ୍ତି କିରଣ କେନ୍ଦ୍ରର ଅଧ୍ୟକ୍ଷ ପ୍ରମୋଦ ଦାସ କହିଥିଲେ। ପରେ ୩୨ଜଣ ଦିବ୍ୟାଙ୍ଗଙ୍କୁ ନେଇ ଏକ ଶୋଭାଯାତ୍ରା ହୋଇଥିଲା। ବିନିତା ଦାସ, ନିରଞ୍ଜନ ମୁଦୁଲି, ସୁଶ୍ରୀ ସୁନିନ୍ଦା ସ୍ୱାଇଁ, ପ୍ରଭାତୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଝିଅ ସହ ମା'ଙ୍କୁ ଅସଦାଚରଣ

ନିମାପଡ଼ା,୩।୧୨(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା(୧୫)ଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଅସଦାଚରଣ କରିଥିବା ନେଇ ଶୁକ୍ରବାର ରାତିରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଦଫା ୩୪୧, ୨୯୪,୩୨୩,୩୫୪(ବି),୫୦୬,୧୨ ପକ୍ସୋ ଆକ୍ଟରେ ଏକ ମାମଲା (ନଂ. ୩୮୯/୨୨)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, କୁଶଭଦ୍ରା ନଦୀ ବ୍ରିଜ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଯୁବକ ଜଣକ ନାବାଳିକାଙ୍କୁ ଏକୁଟିଆ ଦେଖି ତାଙ୍କୁ ଟଣାଓଟରା କରି ଶାର୍ଟ ଚିରି ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏନେଇ ଉକ୍ତ ଯୁବକଙ୍କୁ ନାବାଳିକାଙ୍କ ମା'ପ୍ରତିବାଦ କରି ସ୍ଥାନୀୟ ଗୋଲେଇ ଛକଠାରେ ପଚରାଉଚରା କରିଥିଲେ। ସେ ସମୟରେ ଯୁବକ କ୍ରୋଧାନ୍ୱିତ ହୋଇ ନାବାଳିକାଙ୍କ ମା'ଙ୍କୁ ଧକ୍କା ମାରି ଅତି ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଦୁହିଁଙ୍କୁ ବିଭିନ୍ନ ଧମକଚମକ ଦେଇଥିଲେ। ଏପରିକି ଯୁବକ ଉକ୍ତ ନାବାଳିକାଙ୍କୁ କିଛି ଦିନ ହେବ ଖରାପ ନଜରରେ ଦେଖି ଆସୁଥିଲେ। ଟଙ୍କା ଦେଇ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାରମ୍ବାର ବାଧ କରୁଥିବାବେଳେ ନାବାଳିକା ଜଣକ ଅମଙ୍ଗ ହେବାରୁ ଯୁବକ ମା' ଏବଂ ନାବାଳିକାଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ତୁରନ୍ତ ଉକ୍ତ ଯୁବକଙ୍କୁ ଗିରଫ କରାଯାଇ ନ୍ୟାୟ ପ୍ରଦାନ କରିବାକୁ ନାବାଳିକାଙ୍କ ମା' ପୋଲିସ ନିକଟରେ ନିବେଦନ କରିଛନ୍ତି।

## ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ



ପୁରୀ ଅଫିସ,୩।୧୨

୫-ଟି ଅନ୍ତର୍ଗତ ଜାଗା ସମ୍ପର୍କ ମାଧ୍ୟମରେ ବସ୍ତିବାସିନ୍ଦାଙ୍କର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ପୁରୀ ପୌରସଂସ୍ଥା ଅନ୍ତର୍ଗତ ୨୩ ନଂ.ୱାର୍ଡରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ ଜାଗା ମିଶନ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୌରସଂସ୍ଥା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ବେହେରା, ପୁରୀ ଏମ୍ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ପୁରୀ ପୌରସଂସ୍ଥାର ସିଇଓ ଅନୁସୂୟା ପଟ୍ଟନାୟକ, ନୋଡାଲ ଅଫିସର ରାଜକିଶୋର ବେହେରା, ରାମଚଣ୍ଡୀ ବାଲିଖଣ୍ଡ ସାହିର ଏସ୍ଡିଏ କମିଟି ସଭାପତି ବିଜୟ ମହାପାତ୍ର, କମିଟି ସମ୍ପାଦକ ବାସୁଦେବ ମହାନ୍ତି ଏବଂ କମିଟିର କୋଷାଧ୍ୟକ୍ଷ ଜଗନ୍ନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ମହାସଂଘର ସଭାନେତ୍ରୀ, ସମ୍ପାଦିକା ଓ ୧୫ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ, ଯୁବକ ଉପସ୍ଥିତ ରହି ଜାଗାର ସୁରକ୍ଷା ଓ ପଟା ବଣ୍ଟନ ନିମନ୍ତେ ଆଲୋଚନା କରିଥିଲେ।

## ରାଜ୍ୟସ୍ତରୀୟ ପର୍ଯ୍ୟଟନ ସାହିତ୍ୟ କର୍ମଶାଳା

କୋଣାର୍କ, ୩।୧୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ଅର୍କଶ୍ରୀ ଶିଳ୍ପୀ ବାଟିକାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ପର୍ଯ୍ୟଟନ ସାହିତ୍ୟ କର୍ମଶାଳା, ଆଲୋଚନା ଚକ୍ର, ପୁସ୍ତକ ଉନ୍ମୋଚନ ସମାରୋହ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଯେ, ପରିଷଦ ସଭାପତି ପ୍ରଦୀପ କୁମାର ଛାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଧୂଭୂଷଣ ନାୟକ, ବରିଷ୍ଠ ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଦାଶ, କୁମାର କବି ପ୍ରଶାନ୍ତ ବାହିନୀପତି, ବ୍ୟଙ୍ଗକବି ସମ୍ପଦ କୁମାର ରଥ, ରାମକୃଷ୍ଣ ମହାନ୍ତି, ସୂର୍ଯ୍ୟ ଖବରର ସମ୍ପାଦକ ଅକ୍ଷୟ ନାୟକ, କବୟିତ୍ରୀ ବିଶ୍ୱଜିତା ବରାଳ, ସସ୍ମିତା ଦାସ, ମାନସୀ ବେଉରା ପ୍ରମୁଖ ଯୋଗଦେଇ ପର୍ଯ୍ୟଟନ କ୍ଷେତ୍ରରେ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କବୟିତ୍ରୀ ବିଶ୍ୱଜିତା ବରାଳଙ୍କ ସ୍ୱରଚିତ ପୁସ୍ତକ ପହିଲି ପୁଲକକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପର୍ଯ୍ୟଟନ ସଂସ୍କୃତି ସମ୍ବନ୍ଧରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ କପ୍ ଓ ମାନପତ୍ର ପ୍ରଦାନ କରାଯାଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସମ୍ପାଦକ ଭାଗୀରଥି ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକ ମହେଶ୍ୱର ସାମଲ, ଅଜିତ ମଲ୍ଲିକ, ସୁକାନ୍ତ ବିଶ୍ୱାଳ, କୁନାଲ ପାତ୍ର, ସଚିନ୍ଦ୍ର ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା କବି, କବୟିତ୍ରୀମାନଙ୍କୁ ନେଇ ସ୍ୱରଚିତ କବିତାମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦ଜଣ କବି ଓ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଶ୍ରୀମନ୍ଦିର ମୁକ୍ତି ମଣ୍ଡପର ରେକର୍ଡ ସମ୍ବନ୍ଧିତ ରେକର୍ଡ ନକଲି ଗେଜେଡ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ରାହ୍ମଣ ସମାଜ ପକ୍ଷରୁ ଶନିବାର ସିଂହଦ୍ୱାର ଥାନାର ଦ୍ୱାରସ୍ଥ।

# ଦଳଗତରେ ପୁରୀ ଚାମ୍ପିୟନ, କଟକ ରନର୍ସ ଅପ୍

ପୁରୀ ଅଫିସ,୩।୧୨

ଓଡ଼ିଶା କୁସ୍ତି ସଂଘ ଓ ପୁରୀ ଜିଲା କ୍ରୀଡ଼ା ସଂସଦ ଏବଂ ପଞ୍ଚମୁଖୀ ଜାଗା ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଓଡ଼ିଶା କୁସ୍ତି ପ୍ରତିଯୋଗିତା ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ରାଜ୍ୟର ୧୨ଟି ଜିଲାର ପ୍ରାୟ ୧୫୦ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ଉଦ୍ଯାପନୀ ଉତ୍ସବରେ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ରାଜ୍ୟ ଦୌଡ଼ କୁଦ ସଂଘ ଓ ଫୁଟବଲ ସଂଘର ସମ୍ପାଦକ ଆଶୀର୍ବାଦ ବେହେରା, ଡ. କୌଶିକ ମିଶ୍ର, ଓଡ଼ିଶା ପୋଷ୍ଟାଲର ଆସିଷ୍ଟାଣ୍ଟ ଡାଇରେକ୍ଟର ଏମ୍ଡି ଆସିଫ୍ ଜାବିର୍, ରାଜ୍ୟ କୁସ୍ତି ସଂଘ ସଭାପତି ରାମଚନ୍ଦ୍ର ପାଢୀ, ସମ୍ପାଦକ କିଶୋର ବେହେରା, ପଞ୍ଚମୁଖୀ ବ୍ୟାୟାମ ବିଦ୍ୟାଳୟ ସଭାପତି ଫକୀର ପଣ୍ଡା, ସମ୍ପାଦକ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ରାମଚନ୍ଦ୍ର ଦାସ ମହାପାତ୍ର, ଓଡ଼ିଶା କୁସ୍ତି ସଂଘର ଯୁଗ୍ମ ସମ୍ପାଦକ ରବି ନାରାୟଣ ଗୁରୁ, ସନ୍ତୋଷ ଦାସ, ରବୀନ୍ଦ୍ର ସେନାପତି, ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ପୁରୀ ଜିଲା ଦଳଗତ ଭାବେ ଚାମ୍ପିୟନ ହୋଇଥିବା ବେଳେ କଟକ ରନ୍ର୍ସ ଅପ୍ ହୋଇଥିଲା। ପ୍ରତିଯୋଗିତାର ସବଜୁନିୟର ପୁରୁଷ ବିଭାଗରେ ୪୧ରୁ ୪୫ କେଜି ବର୍ଗରେ ପୁରୀର ରୋହନ କୁମାର ସାହୁ ପ୍ରଥମ ହୋଇଥିବା ବେଳେ ଗଞ୍ଜାମର ଶୁଭମ ପାତ୍ର ଦ୍ୱିତୀୟ ହୋଇଥିଲେ। ୪୮ ଓଜନ ବର୍ଗରେ ପୁରୀର ରତ୍ନାକର ନାୟକ ପ୍ରଥମ, ସମ୍ବଲପୁରର ଦେବ ଦିବ୍ୟାଂଶୁ ମହାନ୍ତି ଦ୍ୱିତୀୟ ହୋଇଛନ୍ତି। ୫୧ ଓଜନ ବର୍ଗ ପ୍ରତିଯୋଗିତାରେ ପୁରୀର ଦେବାଶିଷ ପାଣିଗ୍ରାହୀ ପ୍ରଥମ ଓ କଟକର ଶିବ ପ୍ରସାଦ ସାମଲ ଦ୍ୱିତୀୟ ହୋଇଥିଲେ। ୫୫ ବର୍ଗରେ କଟକର ଏସ କେ ସହିଦ୍ ସଲିମ ବିଜେତା ହୋଇଛନ୍ତି। ୬୦ ବର୍ଗରେ ପୁରୀର ପ୍ରଭାସ ଚନ୍ଦ୍ର ପ୍ରଧାନ ପ୍ରଥମ, ଗଞ୍ଜାମର କେ. ସଞ୍ଜୀବ କୁମାର ଦ୍ୱିତୀୟ ହୋଇଛନ୍ତି। ୬୫ ବର୍ଗରେ କଟକର ରୁଦ୍ରେଶ ମହାପାତ୍ର ପ୍ରଥମ,ପୁରୀର କୃଷ୍ଣ ଚନ୍ଦ୍ର ପଣ୍ଡା ଦ୍ୱିତୀୟ। ୭୧ ବର୍ଗରେ ପୁରୀର ଚିନ୍ମୟ ମହାସୁଆର ପ୍ରଥମ ଓ ଖୋର୍ଦ୍ଧାର ଆଦିତ୍ୟ ଅମ୍ଳାନ ରାଉତ ଦ୍ୱିତୀୟ। ୮୦ ବର୍ଗରେ ପୁରୀର ଲକ୍ଷ୍ମୀନୃସିଂହ ମହାସୁଆର ପ୍ରଥମ ଓ ସମ୍ବଲପୁରର ଅବଦୁଲ ଅଜିଜ୍ ଦ୍ୱିତୀୟ ହୋଇଛନ୍ତି।

ଅପରପକ୍ଷରେ ସବ୍ ଜୁନିୟର ମହିଳା ବିଭାଗରେ ୩୬ରୁ ୪୦ କେଜି ବର୍ଗରେ କଟକର ଜ୍ୟୋତି ସେଠୀ ପ୍ରଥମ, ଗଞ୍ଜାମର ପି .ଖୁସି ଦ୍ୱିତୀୟ ହୋଇଛନ୍ତି। ୪୩ ବର୍ଗରେ କଟକର ପୂଜା ସେଠୀ ପ୍ରଥମ ଓ ସମ୍ବଲପୁରର ମାନୁ କ୍ଷୋତ ଦ୍ୱିତୀୟ, ୪୬ରେ ସମ୍ବଲପୁରର ଭାରତୀ ଟଣ୍ଡନ ପ୍ରଥମ ଓ କଟକର ଶୁଭଶ୍ରୀ ଶୁଭସ୍ମିତା ପୃଷ୍ଟି ଦ୍ୱିତୀୟ, ୪୯ରେ କଟକର ଏସ୍.ପି. ପ୍ରିୟଙ୍କା ପ୍ରଥମ ଓ ସମ୍ବଲପୁରର ଚଞ୍ଚଳ ଜେନା ଦ୍ୱିତୀୟ, ୫୩ରେ ସମ୍ବଲପୁରର ଅଂଶିକା ଝୁନଝୁନୱାଲା ପ୍ରଥମ ଓ ଗଞ୍ଜାମର ମୀରା ରାଣୀ ଦ୍ୱିତୀୟ। ୫୭ ବର୍ଗରେ ପୁରୀର ଶ୍ରଦ୍ଧାଶ୍ରୀ ଉପାଧ୍ୟାୟ ଏବଂ ୬୫ରେ କଟକର ଜାହ୍ନବୀ ବିଶ୍ୱାଳ ପ୍ରଥମ ହୋଇଛନ୍ତି। ଜୁନିୟର ବାଳକରେ ୫୭ କେଜିରେ ପୁରୀର ଅଜିତ୍ ଭୂଆଁ ପ୍ରଥମ, ୬୧ରେ କଟକର ଅଭିଷେକ ଗୁରୁ, ୬୫ରେ ଗଞ୍ଜାମର ଏ ବଡତିଆ, ୭୦ରେ ପୁରୀର ନରାୟଣ ମେକାପ, ୭୪ରେ ପୁରୀର ପ୍ରଶାନ୍ତ ସାମଲ, ରେ ପୁରୀର ରୁଦ୍ରନାରାୟଣ ମହାସୁଆର, ୮୬ରେ ପୁରୀର ରଶ୍ମିରଞ୍ଜନ ବେହେରା ଏବଂ ୯୭ରେ ପୁରୀର ସତ୍ୟ ନାରାୟଣ ମହାସୁଆର ପ୍ରଥମ ହୋଇଛନ୍ତି। ଜୁନିୟର ବାଳିକା ବିଭାଗର ୫୦ କେଜି ବର୍ଗରେ କଟକର ଶୁଭଶ୍ରୀ ନାୟକ, ୫୩ର ବନିତା ପାତ୍ର, ୫୫ର ପୁରୀର ରୁନାଲି ଗିରି, ୫୯ରେ କଟକର ପ୍ରିୟଙ୍କା ଦାଶ, ୬୨ରେ ପୁରୀର ଦିବ୍ୟାଜ୍ୟୋତି ନାୟକ, ୬୫ରେ କଟକର ଲକ୍ଷ୍ମୀ ସ୍ୱାଇଁ ଏବଂ ୬୮ରେ ଗଞ୍ଜାମର ଜି. ବିଦ୍ୟାଶ୍ରୀ ରେଡି ପ୍ରଥମ ହୋଇଛନ୍ତି। ଅପରପକ୍ଷେ ସିନିୟର ପୁରୁଷ ବିଭାଗ ପ୍ରତିଯୋଗିତାର ୫୭ କେଜିରେ ପୋଷ୍ଟାଲର ପ୍ରଶାନ୍ତ ବିଶ୍ୱାଳ, ୬୧ରେ ପୁରୀର ସଦାଶିବ ବାରିକ, ୬୫ରେ ପୋଷ୍ଟାଲର ପ୍ରଦୀପ ପ୍ରଧାନ, ୭୦ ଓଜନ ବର୍ଗରେ ପୋଷ୍ଟାଲର କେଦାର ଦଳାଇ, ୭୪ରେ ଢେଙ୍କାନାଳର ସାହିଲ ସୁନ୍ଦର ବେହେରା, ୭୯ରେ ପୋଷ୍ଟାଲର ତୁଳସୀ ରାମ ମାଝି, ୮୬ରେ ଲୋକନାଥ ସୁପକାର ପୁରୀ ଏବଂ ୯୨ ରେ ପୁରୀର ସୁର୍ଦଶନ ଦୀକ୍ଷିତ ପ୍ରଥମ ହୋଇଛନ୍ତି। ସିନିୟର ମହିଳାରେ ୫୦ କେଜି ବର୍ଗରେ ସମ୍ବଲପୁରର ସ୍ନିଗ୍ଧା ରାଣୀ ଭାଜି, ୫୩ରେ କଟକର ବନିତା ପାତ୍ର, ୫୫ରେ ପୁରୀର ଆଲୋକ ରଶ୍ମି ଗୁରୁ, ୫୭ରେ ଫିଜା ମହାନ୍ତି, ୫୯ରେ କଟକର ରୋଜାଲିନ୍ ପାଲ, ୬୨ରେ କଟକର ମିତାଲି ନାୟକ, ୬୫ରେ କଟକର ତାହେରା ଖାତୁନ୍ ଏବଂ ୬୮ ବର୍ଗରେ ମାନସୀ ବେହେରା ପ୍ରଥମ ହୋଇଛନ୍ତି। ସେହିପରି ଅଣ୍ଡର ୧୫ ବାଳିକାରେ ୨୯ରୁ ୩୩ ଓଜନରେ କଟକର ବେବି ଅଶ୍ୱରା ରାୟ, ୩୯ରେ କଟକର ଶୁଭଲକ୍ଷ୍ମୀ ପାଲ, ୪୨ରେ ପୁରୀର ରୁପାଲି, ୪୬ରେ କଟକର ଅନ୍ନପୂର୍ଣ୍ଣା , ୫୦ରେ ସମ୍ବଲପୁରର ତନିସା ଓ ୫୪ରେ କଟକର ଟ୍ୱିଙ୍କଲ ନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅଣ୍ଡର ୧୫ ବାଳକର ୩୪ରୁ ୩୮ରେ କଟକର ରୋହିତ ସାମଲ, ୪୧ରେ କଟକର ଦୀପକ, ୪୪ ରେ ପୁରୀର ଶୁଭମ, ୪୮ କିଲୋରେ ସମ୍ବିତ୍, ୫୨ରେ ପୁରୀର ଅମିୟ, ୫୭ରେ ପୁରୀର ସନ୍ଦୀପ, ୬୨ରେ ପୁରୀର ଜଗନ୍ନେଶ୍ୱର, ୬୮ କେଜିରେ ପୁରୀର ବିଶ୍ୱନାଥ ପଣ୍ଡା ପ୍ରଥମ ହୋଇଛନ୍ତି। ପ୍ରତିଯୋଗିତାର ସମସ୍ତ ବର୍ଗର ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।



ପୁରୀରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥିଙ୍କ ସହ ଖେଳାଳିମାନେ।

### ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା ଉଦ୍ଯାପିତ

# ବାହାର ନେତା ନିର୍ବାଚନମଣ୍ଡଳୀ ଛାଡ଼ନ୍ତୁ

ପଦ୍ମପୁର,୩।୧୨(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ୫ ତାରିଖରେ ଭୋଟ୍‌ଗ୍ରହଣ ହେବ। ଏହାକୁ ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ମତଦାନର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ୍ ଶନିବାର ଅପରାହ୍ଣ ୪ଟାରୁ ପ୍ରଚାର ଶେଷ ହୋଇଛି। ପଦ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଓ ଏସ୍‌ପି ପି. ସ୍ମିତ ପରମାର ଖବରଦାତାମାନଙ୍କୁ ଏ ନେଇ ସୂଚନା ଦେଇଛନ୍ତି। ରାଜନୈତିକ ଦଳ ଓ ନେତାଙ୍କ ପାଇଁ ବାହାରୁ ଆସିଥିବା କର୍ମୀ ଓ ନେତାମାନେ ତୁରନ୍ତ ନିର୍ବାଚନ ମଣ୍ଡଳୀ ଛାଡିବାକୁ ଜିଲାପାଳ ଅପିଲ କରିଛନ୍ତି। ସମସ୍ତ ହୋଟେଲ, ଗେଷ୍ଟ ହାଉସ ଓ କଲ୍ୟାଣ ମଣ୍ଡପକୁ ଯାଞ୍ଚ କରିବା ସହିତ ବାହାରୁ ଆସୁଥିବା ଗାଡ଼ି ଓ ଦଳବଦ୍ଧ ଲୋକଙ୍କୁ ଯାଞ୍ଚ କରାଯିବ। ମୋଟ୍ ୩୧୯ଟି ବୁଥ୍‌ରେ ୧୨୭୬ ପୋଲିଂ ଅଧିକାରୀ ଓ ୧୨୮ଜଣ ରିଜର୍ଭ ପୋଲିଂ ଅଧିକାରୀ ରହିବେ। ସେହିପରି ୫୧ଟି ସ୍ଥାନର ୭୯ଟି ବୁଥ୍ ସମ୍ବେଦନଶୀଳ ରହିଛି। ୪୬ଟି ବୁଥ୍ ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବାରୁ ରାତ୍ର ରହଣୀର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମତଦାନ ଦିନ ହିଁ ପୋଲିଂ ପାର୍ଟି ବୁଥ୍‌ରେ ଉପସ୍ଥିତ ରହିବେ ବୋଲି ଜିଲାପାଳ ସୂଚନା ଦେଇଥିଲେ। ନିର୍ବାଚନ ମଣ୍ଡଳୀ ଅଧୀନ ପ୍ରତ୍ୟେକ ବ୍ଲକର ୨ଟି ଲେଖାଏଁ ଏହିପରି ମୋଟ୍ ୬ଟି ପିଙ୍କ୍ ବୁଥ୍ ଓ ୧୫ଟି ଆଦର୍ଶ ଭୋଟ୍‌ଗ୍ରହଣ କେନ୍ଦ୍ର କରାଯାଇଛି। ଏହି ଉପନିର୍ବାଚନରେ ମୋଟ୍ ୬୬୭ଟି ଗାଡି ବ୍ୟବହାର ହେବ। ୩୮ ଜଣ ପୋଲିସ ଅଧିକାରୀ, ୩୪ ସେକ୍ସନ ସିଆର୍‌ପିଏଫ୍, ୩୧୯ ସୁରକ୍ଷା କର୍ମୀ, ୧୨୩ ହୋମ୍‌ଗାର୍ଡଙ୍କୁ ନିଯୁକ୍ତ କରାଯାଇଛି। ଅବାଧ, ମୁକ୍ତ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ କରିବା ପାଇଁ ଜିଲାପାଳ ଓ ଏସ୍‌ପି ପଦ୍ମପୁରବାସୀଙ୍କୁ ନିବେଦନ କରିଛନ୍ତି।


ବରଗଡ ଜିଲାପାଳ ଓ ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।


ପୋଲିଂ ପାର୍ଟି ବୁଥ୍ ଅଭିମୁଖେ ଯାଉଛନ୍ତି।

**ଜିଲାପାଳ ଓ ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ**
- କଟକଣା କଡ଼ାକଡି କଲା ପ୍ରଶାସନ
- ସକାଳ ୭ରୁ ଅପରାହ୍ଣ ୪ ଯାଏ ଭୋଟ୍ ଗ୍ରହଣ
- ମାଓବାଦୀ ପ୍ରବଣ ୪୬ ବୁଥ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା

# ମୁଖ୍ୟମନ୍ତ୍ରୀଙ୍କ ରାଲିରେ ଲୋକଙ୍କ ଉତ୍ସାହ ଦେଖି କେନ୍ଦ୍ରମନ୍ତ୍ରୀ ବିଚଳିତ: ବିଜେଡି

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ପ୍ରଚାର ଶନିବାର ଶେଷ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ ଜନସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ତାଙ୍କ ମନ୍ତବ୍ୟ ଉପରେ ବିଜେଡି ପାଲଟା ଜବାବ ଦେଇଛି। ଧର୍ମେନ୍ଦ୍ର କହିଛନ୍ତି, ଭୋଟ ପାଇଁ ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ଅସତ୍ୟ କଥା କହୁଛନ୍ତି। ପଦ୍ମପୁରକୁ ଜିଲା କରିବାର ମିଛ କଥା କହି କୁମ୍ଭୀର କାନ୍ଦଣା କରୁଛନ୍ତି। ଦୀର୍ଘ ୨୨ ବର୍ଷରେ ପଦ୍ମପୁରକୁ ଜିଲା କରିପାରି ନ ଥିବା ଲୋକେ ୨୦୨୩ରେ ଜିଲା ଗଠନ କରିବା କଥା କହି ପଦ୍ମପୁରବାସୀଙ୍କୁ ଠକୁଛନ୍ତି।

ଶନିବାର ପଦ୍ମପୁର ନିର୍ବାଚନମଣ୍ଡଳୀର ଝାରବନ୍ଧ ବ୍ଲକର ଜଗଦଲପୁର ଓ ପଦ୍ମପୁରଠାରେ ଅନୁଷ୍ଠିତ ଜନସଭା ଓ ରୋଡ୍ ଶୋ'ରେ ସମ୍ବୋଧିତ କରି ଧର୍ମେନ୍ଦ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ଦୀର୍ଘ ୨୨ ବର୍ଷ ହେବ ରାଜ୍ୟର ଶାସନ ଦାୟିତ୍ୱରେ ରହିବା ପରେ ମଧ୍ୟ ଶୁକ୍ରବାର ପଦ୍ମପୁରରେ ମିଛ ପ୍ରତିଶ୍ରୁତି ଦେଇଛନ୍ତି। ୨୦୧୯ରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ପଦ୍ମପୁରକୁ ଜିଲା କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଗତ ୧ ତାରିଖରେ ରାଜସ୍ୱ ମନ୍ତ୍ରୀ ବର୍ତ୍ତମାନ ରାଜ୍ୟରେ ନୂତନ ଜିଲା ଗଠନ କରିବାର ଯୋଜନା ନାହିଁ ବୋଲି ବିଧାନସଭାରେ କହିଥିବାବେଳେ ମୁଖ୍ୟମନ୍ତ୍ରୀ ଅସତ୍ୟ କହିଲେ। ଧର୍ମେନ୍ଦ୍ରଙ୍କ ମନ୍ତବ୍ୟକୁ ନେଇ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ହେଉଛନ୍ତି ଓଡ଼ିଶାର ସବୁଠାରୁ ଲୋକପ୍ରିୟ ନେତା। ଓଡ଼ିଶାର ଜନସାଧାରଣ ତାଙ୍କ ବିରୋଧରେ କୌଣସି ଅସମ୍ମାନସୂଚକ ଆକ୍ରମଣକୁ ପସନ୍ଦ କରିବେ ନାହିଁ କି ବରଦାସ୍ତ କରିବେ ନାହିଁ। ୨୦୧୮ରେ ବିଜେପୁର ଉପନିର୍ବାଚନରେ ଯେତେବେଳେ ଜଣେ ଭାଜପା କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଚପଲ ଫିଙ୍ଗିଥିଲା, ବିଜେପୁରବାସୀ ଏହାକୁ ପସନ୍ଦ କରି ନ ଥିଲେ। ଉପନିର୍ବାଚନରେ ବିଜେଡି ବିପୁଳ ବ୍ୟବଧାନରେ ବିଜୟୀ ହୋଇଥିଲା। ମାତ୍ର ଏଥିରୁ ଶିକ୍ଷାଲାଭ ନ କରି ପଦ୍ମପୁରରେ ନିର୍ବାଚନ ପ୍ରଚାର ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ କରିଛନ୍ତି। ପଦ୍ମପୁରବାସୀ ଏହାକୁ ବରଦାସ୍ତ କରିବେନି ବୋଲି ସେ କହିଛନ୍ତି। ପଦ୍ମପୁରଠାରେ କେନ୍ଦ୍ରମନ୍ତ୍ରୀ ଦେଇଥିବା ବିଭ୍ରାନ୍ତିକର ବୟାନର ଜବାବ ଦେଇ ପାତ୍ର କହିଛନ୍ତି ଯେ ଶୁକ୍ରବାର ପଦ୍ମପୁରରେ ମୁଖ୍ୟମନ୍ତ୍ରୀଙ୍କ ବିଶାଳ ରାଲିରେ ଲୋକଙ୍କ ଉତ୍ସାହ ଦେଖି କେନ୍ଦ୍ରମନ୍ତ୍ରୀ ବିଚଳିତ ଓ ଭୟଭୀତ ହୋଇ ପଡ଼ିଥିବା ଜଣାପଡୁଛି।


ସସ୍ମିତ ପାତ୍ର

# 'ବର୍ଷାଙ୍କୁ ଅପମାନ ନାରୀ ଜାତିକୁ ଅସମ୍ମାନ'

- ବିଜେଡି ପ୍ରାର୍ଥୀଙ୍କ ପ୍ରତି ଭାଜପା ନେତାଙ୍କ ବ୍ୟକ୍ତିଗତ ଆକ୍ଷେପ
- ସିଇଓଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନରେ ସେହି ମାଟିର ଝିଅ ବର୍ଷା ସିଂ ବରିହା ବିଜେଡି ପ୍ରାର୍ଥିନୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ଏହି ନିର୍ବାଚନରେ ପରାଜୟ ନିଶ୍ଚିତ ବୋଲି ଜାଣିବା ପରେ ଭାଜପା ହତାଶ ହୋଇପଡ଼ିଛି। ତେଣୁ ଭାଜପାର କେତେଜଣ ବଡ଼ ବଡ଼ ନେତା ବର୍ଷାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅତି ନିମ୍ନସ୍ତରର କୁତ୍ସାରଟନା କରୁଛନ୍ତି। ସଭାସମିତି ଓ ଗଣମାଧ୍ୟମରେ ଅଶାଳୀନ ମନ୍ତବ୍ୟ ଦେଉଛନ୍ତି। ସେମାନଙ୍କର ଉଦ୍ଦେଶ୍ୟ କେବଳ ବର୍ଷାଙ୍କୁ ଅପମାନିତ କରିବା ନୁହେଁ, ସମଗ୍ର ଓଡ଼ିଶାର ନାରୀ ଜାତିର ସମ୍ମାନକୁ ଭୂଲୁଣ୍ଠିତ କରିବା ବୋଲି ବିଜେଡି ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଅଭିଯୋଗ କରିଛନ୍ତି।

ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁଲତା କହିଛନ୍ତି, ଭାଜପାର କେତେଜଣ ନେତା ଏବେ ନାରୀଙ୍କୁ ସମ୍ମାନ ଦେବା ଦୂରେ ଥାଉ ସେମାନଙ୍କ ପ୍ରତି ଆଚରଣ ଓ ଉଚ୍ଚାରଣରେ ଶାଳୀନତାର ସମସ୍ତ ସୀମା ଟପିଯାଇଛନ୍ତି। ନିର୍ବାଚନ ଏମିତି ଆସୁଥିବ ଏବଂ ଯାଉଥିବ। ରାଜନୀତିରେ ନୀତି ଓ ଆଦର୍ଶକୁ ନେଇ ସମାଲୋଚନା ହେବା କଥା। ଗଠନମୂଳକ ସମାଲୋଚନା ହିଁ ଆମ ଗଣତନ୍ତ୍ରକୁ ବର୍ତ୍ତମାନ ପର୍ଯ୍ୟନ୍ତ ସୁଦୃଢ଼ କରି ରଖିଛି। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହାର ବିଲକ୍ଷଣ ଦେଖିବାକୁ ମିଳୁଛି। ଆଶା କରାଯାଉଥିଲା ପଦ୍ମପୁରରେ ଭାଜପା ନେତାମାନେ ରାଜନେତିକ ମର୍ଯ୍ୟାଦାର ସୀମା ଭିତରେ ରହି ପ୍ରଚାର କରିବେ। ଝିଅ ବୟସର ବର୍ଷାଙ୍କ ସମ୍ପର୍କରେ କିଏ କେତେ ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେଇପାରିବ, ତାକୁ ନେଇ ସେମାନଙ୍କ ମଧ୍ୟରେ ସତେ ଯେମିତି ପ୍ରତିଯୋଗିତା ଚାଲିଛି। ଏହି ଅସୁସ୍ଥ ପ୍ରତିଯୋଗିତାରେ ଏମ୍‌ପି ଜୁଏଲ ଓରାମ, ବିଧାୟକ ଜୟନାରାୟଣ ମିଶ୍ର ଏବଂ ଖୋଦ୍ ପଦ୍ମପୁରର ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ପ୍ରମୁଖ ସାମିଲ ହୋଇଛନ୍ତି। ଏମାନଙ୍କୁ ପଦ୍ମପୁରବାସୀ କଡ଼ା ଜବାବ ଦେବେ ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ବିଜେଡି ନେତ୍ରୀମାନେ ରାସ୍ତାକୁ ଓହ୍ଲାଇ ଭାଜପା ନେତାମାନଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସେହିପରି ବିଜେଡିର ଏକ ମହିଳା ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ମହିଳାଙ୍କ ବିରୋଧରେ ଭାଜପା ନେତାଙ୍କ ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ ଭୁବନେଶ୍ୱର ରାଜମହଲ ଛକରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ବିକ୍ଷୋଭ।

# 'ବିଜେଡି ସରକାରରେ ଚାଷୀକୁଳ ହତାଶ'

## ଜିଲା, ବ୍ଲକ୍‌ସ୍ତରରେ ଆନ୍ଦୋଳନ କରିବ ଭାଜପା

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ବିଜେଡି ସରକାରରେ ଚାଷୀକୁଳ ହତାଶ ହୋଇଛି। ବିଧାନସଭା ଭିତରେ ଓ ବାହାରେ ଚାଷୀ ପ୍ରସଙ୍ଗରେ ଆଲୋଚନାକୁ ନ ଆସି ନିଜକୁ ଚାଷୀ ବିରୋଧୀ ସରକାର ବୋଲି ସେମାନେ ପ୍ରମାଣିତ କରିଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ବିଧାୟକ ମୋହନ ଚରଣ ମାଝି ସମାଲୋଚନା କରିଛନ୍ତି। ଖବରଦାତା ସମ୍ମିଳନୀରେ ମୋହନ କହିଛନ୍ତି, ବିଧାନସଭାରେ ଶୀତ ଅଧିବେଶନ ୩୩ ଦିନ ଧରି ଚାଲିବା ନେଇ ଧାର୍ଯ୍ୟ ହୋଇଥିଲେ ହେଁ ତରବରିଆ ଭାବେ ଶେଷ କରଦିଆଯାଇଛି। ମୁଖ୍ୟମନ୍ତ୍ରୀ ବିଧାନସଭାକୁ ନ ଆସି ଚାଷୀଙ୍କ ସମସ୍ୟାର ସମାଧାନ ରାସ୍ତା ବାହାର କରିବା ପରିବର୍ତ୍ତେ ପଦ୍ମପୁର ଉପନିର୍ବାଚନକୁ ପ୍ରଚାର ପାଇଁ ଚାଲିଗଲେ। ଉପନିର୍ବାଚନ ପରାଜୟ ଭୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୧୬ ମନ୍ତ୍ରୀ ଓ ୬୦ରୁ ଊର୍ଦ୍ଧ୍ୱ ବିଧାୟକ ବିଧାନସଭା ଛାଡ଼ି ପ୍ରଚାରରେ ମାତିଛନ୍ତି। ଭାଜପା ୧୬ଦିନ ଧରି ଲୋୟର ପିଏମ୍‌ଜିରେ ଚାଷୀ ପ୍ରସଙ୍ଗ ନେଇ ଧାରଣାରେ ବସିଛି। ହେଲେ ରାଜ୍ୟ ସରକାରଙ୍କର ମନ୍ତ୍ରୀ କିମ୍ବା କୌଣସି ପ୍ରତିନିଧି ଆଲୋଚନାକୁ ନ ଆସିବା ଦୁର୍ଭାଗ୍ୟଜନକ। ତେଣୁ ଚାଷୀ ଆନ୍ଦୋଳନକୁ ଭାଜପା ରବିବାରଠାରୁ ଆହୁରି ତୀବ୍ରତର କରିବ। ରାଜ୍ୟର ସମସ୍ତ ଜିଲା ବ୍ଲକ, ପଞ୍ଚାୟତ ଓ ତହସିଲ ସ୍ତରରେ ସତ୍ୟାଗ୍ରହ କରି ଚାଷୀଙ୍କ ପାଖକୁ ଯିବ। ଅନ୍ୟପକ୍ଷରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଲୋୟର ପିଏମ୍‌ଜି ଛକରେ ମନ୍ତ୍ରୀ-ବିଧାୟକମାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବହୁ ଆପରାଧିକ ଘଟଣାରେ ସମ୍ପୃକ୍ତ ବିଧାୟକ ଏବଂ ମନ୍ତ୍ରୀମାନେ ପ୍ରଚାରରେ ଲାଗିଛନ୍ତି। ଅଭିଯୁକ୍ତ ନେତାଙ୍କୁ ଏବେ ପଦ୍ମପୁର ବଡ଼ପଣ୍ଡା କରାଯାଇଛି। ମହିଳାମାନେ ଏବେ ଅସୁରକ୍ଷିତ ବୋଲି ଦଳ ସମାଲୋଚନା କରିଛି।

# ଭାଜପା ପ୍ରାର୍ଥୀଙ୍କ ନାଁରେ ଅଭିଯୋଗ

## ଅବଧି ସରିବା ପରେ ପ୍ରଚାର

ପଦ୍ମପୁର,୩।୧୨(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଶନିବାର ପ୍ରଚାରର ଶେଷଦିନ ଥିଲା। ଅପରାହ୍ଣ ୪ଟାରୁ ପ୍ରଚାର ଅବଧି ସରିଯାଇଛି। ମାତ୍ର ସନ୍ଧ୍ୟା ୬ଟାରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏହି ନିର୍ବାଚନ ମଣ୍ଡଳୀର ପଦ୍ମପୁର ଥାନା ଅନ୍ତର୍ଗତ ବରିହାପାଲି ଗ୍ରାମରେ ପ୍ରଚାର କରୁଥିଲେ ବୋଲି ବିଜେଡ଼ି ଅଭିଯୋଗ କରିଛି। ବିଜେଡ଼ି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ନିର୍ବାଚନ ଏଜେଣ୍ଟ ବେଦପ୍ରକାଶ ପ୍ରଧାନ ଏ ନେଇ ରିଟର୍ନିଂ ଅଫିସର ତଥା ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ରଙ୍କ ନିକଟରେ ଲିଖିତ ଅଭିଯୋଗ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ପୁରୋହିତ କହିଛନ୍ତି, ସେ ନିର୍ବାଚନ ଆରମ୍ଭ ହେଉ କିମ୍ବା ପରେ ବରିହାପାଲି ମନ୍ଦିରକୁ ଯାଇ ମା' ଲକ୍ଷ୍ମୀଙ୍କ ଦର୍ଶନ କରିଥାନ୍ତି। ଆଜି ନିର୍ବାଚନ ପ୍ରଚାର ଶେଷ ହେବା ପରେ ସେ ମା' ଲକ୍ଷ୍ମୀଙ୍କ ଦର୍ଶନ ପାଇଁ ସେଠାକୁ ଯାଇଥିବା ପୁରୋହିତ କହିଛନ୍ତି।































# ବ୍ୟାଟିଂ ଲାଇନ୍‌ଅପ୍ ସୁଧାରିବା ଲକ୍ଷ୍ୟରେ ଭାରତ

## ଆଜିଠୁ ବାଂଲାଦେଶ ଦିନିକିଆ ସିରିଜ୍

ମୀରପୁର,୩।୧୨(ପି.ଟି.)

ଭାରତ ଓ ବାଂଲାଦେଶ ମଧ୍ୟରେ ଦିନିକିଆ ସିରିଜ ରବିବାରଠାରୁ ଆରମ୍ଭ ହେବ। ଏହି ସିରିଜ୍‌ରେ ଭାରତୀୟ ଦଳ ନିଜର ବ୍ୟାଟିଂ ଲାଇନ୍‌ଅପ୍ ସୁଧାରିବା ଲକ୍ଷ୍ୟରେ ରହିବ। ଘରୋଇ ପରିବେଶରେ ବାଂଲାଦେଶ ବିଶ୍ୱର ଅନ୍ୟତମ ବିପଜ୍ଜନକ ଦଳ। ରବିବାର ମୀରପୁରରେ ଦିନିକିଆ ସିରିଜ ଆରମ୍ଭ ହେବାକୁ ଯାଉଛି। ୨୦୨୩ ବିଶ୍ୱକପ ପାଇଁ ଉଭୟ ଦଳ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଦଳ ସଜାଡ଼ିବାକୁ ପ୍ରୟାସ କରିବ ରୋହିତ ଶର୍ମାଙ୍କ ଭାରତ। ନ୍ୟୁଜିଲାଣ୍ଡ ସିରିଜରେ ଭାରତୀୟ ଦଳର ବିଫଳତା ପରେ କ୍ରିକେଟ ଫ୍ୟାନଙ୍କ ନଜର ଏହି ସିରିଜ ଉପରେ ରହିଛି। ରୋହିତ ଶର୍ମାଙ୍କ ସହିତ ଦ୍ୱିତୀୟ ଓପନିଂ ସ୍ଥାନ ପାଇଁ ଶିଖର ଧାୱନ ଓ ଲୋକେଶ ରାହୁଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ବିଗତ କିଛି ସିରିଜରେ ଧାୱନ ବଢିଆ ଫର୍ମରେ ରହିଥିବା ବେଳେ ରାହୁଲଙ୍କ ରେକର୍ଡକୁ ଦେଖିଲେ ଭାରତୀୟ ଦଳ ତାଙ୍କୁ ଅଗ୍ରାଧିକାର ଦେଇପାରେ। ସେହିପରି ବିଗତ କିଛି ସିରିଜରେ ରାହୁଲଙ୍କୁ ମଧ୍ୟକ୍ରମରେ ଖେଳାଇଥିଲା ଭାରତୀୟ ମ୍ୟାନେଜମେଣ୍ଟ। ତେଣୁ ମଧ୍ୟକ୍ରମରେ ଭାରତୀୟ ଦଳର ବ୍ୟାଟିଂ ଅର୍ଡରକୁ ନେଇ ମଧ୍ୟ ସଂଶୟ ରହିଛି। ବିରାଟ କୋହଲି ଦଳକୁ ଫେରୁଥିବାରୁ ସେ ୩ ନମ୍ବରରେ ବ୍ୟାଟିଂ କରିବେ। ସୂର୍ଯ୍ୟକୁମାର ଯାଦବଙ୍କୁ ଏହି ସିରିଜରୁ ବିଶ୍ରାମ ଦିଆଯାଇଥିବା ବେଳେ ରିଷଭ ପନ୍ତ ଓ ଶ୍ରେୟାସ ଆୟର ୪ ଓ ୫ ନମ୍ବରରେ ବ୍ୟାଟିଂ କରିପାରନ୍ତି। ହାର୍ଦ୍ଦିକ୍ ପାଣ୍ଡ୍ୟା ୬ ନମ୍ବର ବ୍ୟାଟର ଭାବରେ ଖେଳିବେ। ସେହିପରି ବୋଲିଂ ଅଲରାଉଣ୍ଡର ଭାବରେ ୱାଶିଂଟନ୍ ସୁନ୍ଦର ଓ ଶାହବାଜ ଅହମଦଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ବୋଲରଙ୍କ ମଧ୍ୟରେ ମହମ୍ମଦ ଶାମି ଆହତ ହୋଇଥିବାରୁ ତାଙ୍କ ସ୍ଥାନରେ ଉମ୍ରାନ ମଲିକଙ୍କୁ ଦଳରେ ସାମିଲ କରାଯାଇଛି। ସେହିପରି ଦୀପକ ଚହର ଓ ଶାର୍ଦ୍ଦୂଳ ଠାକୁରଙ୍କ ମଧ୍ୟରୁ ଜଣଙ୍କୁ ଖେଳାଇପାରେ ଭାରତ। ନ୍ୟୁଜିଲାଣ୍ଡ ସିରିଜରେ ବିଫଳତା ସତ୍ତ୍ୱେ ୟୁଜବେନ୍ଦ୍ର ଚହଲଙ୍କୁ ସୁଯୋଗ ଦେଇପାରେ ଭାରତ। ବାଂଲାଦେଶର ପିଚ୍ ସ୍ପିନ୍ ସହାୟକ ଥିବାରୁ କୁଲଦୀପ ଯାଦବଙ୍କୁ ସୁଯୋଗ ଦେଇପାରେ ଭାରତୀୟ ମ୍ୟାନେଜମେଣ୍ଟ।



ଦିନିକିଆ ସିରିଜ୍ ଆରମ୍ଭ ପୂର୍ବରୁ ଟ୍ରଫି ସହ ଭାରତ ଅଧିନାୟକ ରୋହିତ ଶର୍ମା ଓ ବାଂଲାଦେଶ ଅଧିନାୟକ ଲିଟନ ଦାସ।

# ସିବିଏସ୍‌ଇ ଟେନିସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ



ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ)ର ୩ ଦିନିଆ ଟେନିସ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୧୭ ବର୍ଷରୁ କମ୍ ଜୁନିୟର ବାଳକ ବିଭାଗରେ ଓଡ଼ିଶାର ଡିପିଏସ୍ କଳିଙ୍ଗ, ବାଳିକା ବିଭାଗରେ କିଟ୍ ଇଣ୍ଟର ନ୍ୟାଶନାଲ ଜିତିଥିବା ବେଳେ ସିନିୟର ବାଳକ ବିଭାଗରେ ଆସାମର ବିବେକାନନ୍ଦ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ବାଳିକା ବର୍ଗରେ ପଶ୍ଚିମବଙ୍ଗର ସଲ୍ଟଲେକ୍ ଶିକ୍ଷାନିକେତନ ବିଜେତା ହୋଇଛନ୍ତି। ସେହିପରି ୧୭ ବର୍ଷରୁକମ୍ ବାଳକ ବର୍ଗରେ ଆସାମ ଡିପିଏସ୍ ଓ ବାଳିକାରେ ଛତିଶଗଡ଼ ଡିପିଏସ୍ ରନର୍ସଅପ୍ ହୋଇଛନ୍ତି। ୧୯ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶାର ଡିପିଏସ୍ କଳିଙ୍ଗ ରନର୍ସ ଅପ୍ ହୋଇଛନ୍ତି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱରର ସମ୍ଭାଗୀୟ ଅଧିକାରୀ କେ. ଶ୍ରୀନିବାସନ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଓଡିଏମ୍‌ର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ, ଡ. ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ ଏବଂ ଓଡିଏମ୍ ଗେଲାବାଲ ସ୍କୁଲର ପ୍ରାଚାର୍ଯ୍ୟା ଶୈଳେନ୍ଦ୍ର କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ।




## ଏସିଆ ଜୁନିୟର ଚାମ୍ପିୟନଶିପ୍

# ଫାଇନାଲ ପ୍ରବେଶରେ ଉନ୍ନତି ପ୍ରଥମ ଭାରତୀୟ



ନୂଆଦିଲ୍ଲୀ, ୩।୧୨ (ପି.ଟି.)

ଥାଇଲାଣ୍ଡର ନୋଥାବୁରିଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ବିଭାଗରେ ଉନ୍ନତି ହୁଦା ପ୍ରଥମ ଭାରତୀୟ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେମିଫାଇନାଲରେ ସେ ଜାପାନର ମିଅନ ୟୋକୋଉଚିଙ୍କୁ ୨୧-୮, ୨୧-୧୭ରେ ହରାଇ ଦେଇଛନ୍ତି। ରବିବାର ସ୍ୱର୍ଣ୍ଣ ପଦକ ମ୍ୟାଚରେ ସେ ଥାଇଲାଣ୍ଡର ସାରୁନ୍‌ରାକ୍ ଭିଦିତସରନଙ୍କୁ ଭେଟିବେ। ଅନ୍ୟପକ୍ଷରେ ୧୫ ବର୍ଷରୁ କମ୍ ସିଙ୍ଗଲ୍ସ ଖେଳାଳି ଅନିଶ ଥୋପାନି ଏବଂ ୧୭ ବର୍ଷରୁ କମ୍ ପୁରୁଷ ଡବଲ୍ସ ଯୋଡ଼ି ଅର୍ଶ ମହମ୍ମଦ ଓ ସଂସ୍କାର ସାରସ୍ୱତ ସେମାନଙ୍କ ମ୍ୟାଚରେ ଚମତ୍କାର ବିଜୟ ସହ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପୁରୁଷ ଡବଲ୍ସ ଯୋଡ଼ି ଅର୍ଜୁନ ଏମ୍‌ଆର-ଚିରାଗ ଶେଟ୍ଟି (୨୦୧୩) ଏବଂ କ୍ରିଷ୍ଣା ପ୍ରସାଦ ଗାରଗା-ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ (୨୦୧୫) ଟୁର୍ନାମେଣ୍ଟର ୧୭ ବର୍ଷରୁ କମ୍ କାଟେଗୋରିରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିଲେ।

# ଲକ୍ଷ୍ୟ, କୋଚ୍ ବିମଲଙ୍କ ବିରୋଧରେ ଏଫ୍‌ଆଇଆର୍

## ବୟସ ଜାଲିଆତି ଅଭିଯୋଗ

ନୂଆଦିଲ୍ଲୀ, ୩।୧୨ (ପି.ଟି.)

ବୟସ ଜାଲିଆତି ଓ ଠକେଇ ପାଇଁ ଭାରତର ନମ୍ବର ୱାନ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଓ ତାଙ୍କ ପରିବାର ଏବଂ ପୂର୍ବତନ ଜାତୀୟ କୋଚ୍ ବିମଲ କୁମାରଙ୍କ ବିରୋଧରେ ବେଙ୍ଗାଲୁରୁରେ ଏକ ମାମଲା ଦରଜ ହୋଇଛି। ଏଫ୍‌ଆଇଆର ଦରଜ କରିଥିବା ଏମ୍. ଗୋଭିଆପ୍ପା ନାଗରାଜା ଅଭିଯୋଗ କରିଛନ୍ତି, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ଏବଂ ତାଙ୍କ ଭାଇ ଚିରାଗ ବୟସ ଜାଲିଆତି କରି ୨୦୧୦ ଠାରୁ ବୟସବର୍ଗରେ ଟୁର୍ନାମେଣ୍ଟ ଖେଳି ଆସୁଛନ୍ତି। ଅଭିଯୋଗ ପତ୍ରରେ ଲକ୍ଷ୍ୟଙ୍କ ପିତା ଧୀରେନ୍ଦ୍ର, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଜଣେ କୋଚ୍, ମାତା ନିର୍ମଳା, ଦୁଇ ଜଣଙ୍କୁ ୧୦ ବର୍ଷ ହେଲା କୋଚିଂ ଦେଇ ଆସୁଥିବା କୁମାରଙ୍କ ନାମ ଉଲ୍ଲେଖ କରାଯାଇଛି। ସେନ୍ ଭ୍ରାତୃଦ୍ୱୟଙ୍କ ଘର ହେଉଛି ଉତ୍ତରାଖଣ୍ଡରେ। ବେଙ୍ଗାଲୁରୁସ୍ଥିତ ପ୍ରକାଶ ପାଦୁକୋନ୍ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ କୁମାରଙ୍କ ଅଧୀନରେ ଟ୍ରେନିଂ ନେଉଥିଲେ। ଅଭିଯୋଗକାରୀ ଜଣକ ଦର୍ଶାଇଛନ୍ତି ଯେ, ଲକ୍ଷ୍ୟଙ୍କ ମାତାପିତା ସହ କୁମାର ୨୦୧୦ରେ ଜନ୍ମ ପ୍ରମାଣପତ୍ର ଜାଲିଆତି କରିଛନ୍ତି। ଅଭିଯୋଗ ଯଦି ସତ୍ୟ ପ୍ରମାଣିତ ହୁଏ ତେବେ ନିକଟରେ ଅର୍ଜୁନ ପୁରସ୍କାର ପାଇଥିବା ଏହି ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ରେକର୍ଡକୁ ରଦ୍ଦ କରିଦିଆଯିବ।



ଲକ୍ଷ୍ୟ ସେନ୍

# ବାଦ୍ ପଡ଼ିଲେ ଶାମି

ନୂଆଦିଲ୍ଲୀ, ୩।୧୨(ପି.ଟି.)



ଡାହାଣ କାନ୍ଧରେ ଇଞ୍ଜୁରି ଯୋଗୁ ରବିବାରଠାରୁ ଆରମ୍ଭ ହେବାକୁଥିବା ବାଂଲାଦେଶ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରୁ ଭାରତର ସିନିୟର ଫାଷ୍ଟ ବୋଲର ମହମ୍ମଦ ଶାମି ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଉମରାନ ମଲିକଙ୍କୁ ସାମିଲ କରାଯାଇଛି। ଖବର ଅନୁସାରେ ଅଷ୍ଟ୍ରେଲିଆରୁ ଫେରିବା ପରେ ଟ୍ରେନିଂ ସେସନ ବେଳେ ଶାମି ଆଘାତପ୍ରାପ୍ତ ହୋଇଥିଲେ। ସେଠାରେ ଭାରତ ଟି୨୦ ବିଶ୍ୱକପ୍ ସେମିଫାଇନାଲରୁ ବିଦାୟ ନେଇଥିଲା। ଡିସେମ୍ବର ୧୪ରୁ ଚିଟ୍ଟାଗଙ୍ଗଠାରେ ଆରମ୍ଭ ହେବାକୁଥିବା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ମଧ୍ୟ ସେ ଖେଳି ନ ପାରନ୍ତି। ବାଂଲାଦେଶ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ପାଇଁ ଟ୍ରେନିଂ ସେସନ ଚାଲିଥିବା ବେଳେ ଶାମିଙ୍କ କାନ୍ଧରେ ଆଘାତ ଲାଗିଥିଲା। ବର୍ତ୍ତମାନ ସେ ବାଙ୍ଗାଲୋରସ୍ଥିତ ଏନ୍‌ସିଏ (ନ୍ୟାଶନାଲ କ୍ରିକେଟ ଏକାଡେମୀ)ଠାରେ ବିସିସିଆଇ ମେଡିକାଲ ଟିମ୍‌ଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ସର୍ବଭାରତୀୟ ସିନିୟର ସିଲେକ୍ସନ କମିଟି ଶାମିଙ୍କ ସ୍ଥାନରେ ଉମରାନ ମଲିକଙ୍କୁ ମନୋନୀତ କରିଥିବା ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି।

# ଅଲ ଇଣ୍ଡିଆ ଜୋନାଲ କରାଟେ: ଓଡ଼ିଶାକୁ ୨୩ ପଦକ

ଭୁବନେଶ୍ୱର,୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ ଇଣ୍ଡିଆ ଜୋନାଲ କରାଟେ ପ୍ରତିଯୋଗିତାରେ ଓଡିଶା ୨୩ଟି ପଦକ ହାସଲ କରିଛି। ଓଡ଼ିଶାର କରାଟେକାମାନେ ୧୦ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୮ କାଂସ୍ୟ ପଦକ ହାସଲ କରିଛନ୍ତି। ଅନୁପମା ସ୍ୱାଇଁ ମହିଳା ସିନିୟର ୫୫ କିଲୋ କୁମିତେରେ, ସାଲୋନୀ ଲେଙ୍କା ମହିଳା ସିନିୟର ୬୮ କିଲୋ, ରିତେଶ ରାୟ ସିନିୟର ଓ ୨୧ ବର୍ଷରୁ କମ୍ ପୁରୁଷ ୮୪ କିଲୋ ବର୍ଗରେ, ସୁମନ ଶେଖର ଦାସ ସିନିୟର ପୁରୁଷ ୭୫ କିଲୋ, ବ୍ରତତି ବିଶ୍ୱପ୍ରଭା ପତି ୨୧ ବର୍ଷରୁ କମ ମହିଳା ୫୦ କିଲୋ, ମଧୁପ୍ରିୟା ବାଇ କ୍ୟାଡେଟ ମହିଳା କାଟା, ରିତେଶ ମହାନ୍ତି କ୍ୟାଡେଟ ପୁରୁଷ ୫୭ କିଲୋ, ସିନିୟର ମହିଳା ଟିମ୍ କାଟା (ଭାଲେନା ଭାଲେଣ୍ଟିନା, ଶୁରୋମିତା ସିହ୍ନା, ଅଫିଫା ପରୱେଜ) ଓ ପୁରୁଷ ଜୁନିୟର ଟିମ କାଟା (ଜ୍ୟୋତି ରଞ୍ଜନ ରାଉତ, ବେଦାନ୍ତ ଦାସ, ଶୁଭମ ସାମଲ) ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

ସେହିପରି ସିନ୍ଧୁତନୟା ଖୁଣ୍ଟିଆ ମହିଳା ସିନିୟର ୫୦ କିଲୋ କୁମିତେ, ଦେବସ୍ମିତା ଦଳବେହେରା ୨୧ ବର୍ଷରୁ କମ ମହିଳା ୬୮ କିଲୋ, ବେଦାନ୍ତ ଦାସ କ୍ୟାଡେଟ ପୁରୁଷ କାଟା, ଶୁରୋମିତା ସିହ୍ନା କ୍ୟାଡେଟ ମହିଳା କାଟା ଓ ଶୁଭକାନ୍ତ ବିଶାଳ ଜୁନିୟର ପୁରୁଷ ୭୦ କିଲୋ ବିଭାଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

ଭାଲେନା ଭାଲେଣ୍ଟିନା ସିନିୟର ମହିଳା କାଟାରେ, ଡି. ଭଗବାନ ରେଡି ସିନିୟର ପୁରୁଷ ୫୫ କିଲୋ, ବ୍ରତତି ବିଶ୍ୱପ୍ରଭା ପତି ସିନିୟର ମହିଳା ୫୦ କିଲୋ, ଅନୁରାଧା ପାତ୍ର ମହିଳା ୬୮ କିଲୋ, ଦୀପ୍ତି ନାମଦେଓ କ୍ୟାଡେଟ ମହିଳା ୪୦ କିଲୋ କୁମିତେ, ଜ୍ୟୋତି ରଞ୍ଜନ ରାଉତ ପୁରୁଷ ଜୁନିୟର କାଟା, ଅଫିଫା ପରୱେଜ ୨୧ ବର୍ଷରୁ କମ ମହିଳା ଓ ବରିଷ୍ଠ ପୁରୁଷ ଟିମ୍ କାଟା (ମହେଶ ଡୋରା, କ୍ରିଷ୍ଣା ଶିକାରୀ, ତୁଷାର ବିଶାଳ, ରଜନୀ ବିଶି) ପ୍ରମୁଖ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପଦକ ବିଜେତା ପ୍ରତିଯୋଗୀମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, କୋଚ ଡ. ହରି ପ୍ରସାଦ ପଟ୍ଟନାୟକ ଓ ଅନ୍ୟାନ୍ୟ ସଦସ୍ୟ ଧନ୍ୟବାଦ ଜଣାଇଛନ୍ତି।




କର୍ମକର୍ତ୍ତାଙ୍କ ସହ ପଦକ ବିଜେତା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ